

◀ ଭିତର ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-243 •BHUBANESWAR •FRIDAY •28 FEBRUARY 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୪୩ •ଭୁବନେଶ୍ୱର •ଶୁକ୍ରବାର •୨୮ ଫେବୃଆରୀ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦


### ବିଜୁ ପଟ୍ଟନାୟକ ବିମାନବନ୍ଦର ଘରୋଇକରଣ ନକ୍ସା ଚୂଡ଼ାନ୍ତ

# ଓଡ଼ିଆ 'ସ୍ୱାଭିମାନ'କୁ ଧକ୍କା

■ **ଭୁବନେଶ୍ୱର, ୨୭ା୨ (ସମିସ):** ଓଡ଼ିଆ ସ୍ୱାଭିମାନର ପ୍ରତୀକ ପ୍ରବାଦ ପୁରୁଷ ବିଜୁବାବୁଙ୍କ ନାମରେ ନାମିତ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପରିଚାଳନା ଦାୟିତ୍ୱ ନେବ ଘରୋଇ ସଂସ୍ଥା। ଏ କ୍ଷେତ୍ରରେ କେନ୍ଦ୍ରର ନିଷ୍ପତ୍ତି ଓଡ଼ିଆ ସ୍ୱାଭିମାନକୁ ଧକ୍କା ପହଞ୍ଚାଇବ ବୋଲି ଆଲୋଚନା ସହ ବିତର୍କ ସୃଷ୍ଟି କରିଛି।

୨୦୨୨ରୁ ୨୦୨୫ ମଧ୍ୟରେ ଦେଶର ଲାଭକାରୀ ୨୫ଟି ବିମାନବନ୍ଦରର ଘରୋଇକରଣ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏହା ମଧ୍ୟରୁ ୧୨ଟି ବିମାବନ୍ଦରକୁ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇଛି ଏବଂ ଅବଶିଷ୍ଟ ୧୩ଟି ମଧ୍ୟରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଓ ତିରୁପତି ବିମାନବନ୍ଦରର ଘରୋଇକରଣ ପ୍ରସ୍ତୁତି ଆରମ୍ଭ ହୋଇଛି। ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ଏବଂ ୩୫ ବର୍ଷ ପାଇଁ ଘରୋଇ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯିବ। ତେବେ ବିଡ଼ମ୍ବନା ହେଉଛି ଭୁବନେଶ୍ୱର ବିମାନବନ୍ଦର ସହ ତିରୁପତି ବିମାନବନ୍ଦରକୁ ମଧ୍ୟ ଯୋଡ଼ା ଯାଇଛି। କ୍ରମାଗତ କ୍ଷତି କରୁଥିବା ତିରୁପତି ବିମାନବନ୍ଦର ଯିଏ ନେବ, ତାକୁ ଲାଭକାରୀ ଭୁବନେଶ୍ୱର ବିମାନବନ୍ଦର ଦିଆଯିବ ବୋଲି ଚର୍ଚ୍ଚା ହେଉଛି। ଏହାର ଅର୍ଥ ଅନ୍ୟର କ୍ଷତି ଭରଣା ନିମନ୍ତେ ଓଡ଼ିଶାବାସୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ।

ସୂଚନା ଅନୁସାରେ ସମ୍ପ୍ରତି ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ପକ୍ଷରୁ ଘରୋଇକରଣ ହେବାକୁ ଥିବା ବିମାନବନ୍ଦର ଗୁଡିକର ତାଲିକା ଚୂଡ଼ାନ୍ତ ହୋଇ ସାରିଥିବା ବେଳେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ ହୋଇଛି।



**ଅନ୍ୟର କ୍ଷତି ଭରଣା ପାଇଁ ବହୁମୂଲ୍ୟ ଦେବେ ଓଡ଼ିଶାବାସୀ**

**ଘରୋଇ ସଂସ୍ଥା ନେବ ଭୁବନେଶ୍ୱର ଓ ତିରୁପତି ବିମାନବନ୍ଦର**

**ସମ୍ପତ୍ତି ଓ ଆଗାମୀ ପ୍ରକଳ୍ପର ସମୀକ୍ଷା ପରେ ହେବ ଟେଣ୍ଡର**

ପରିଚାଳନା ଭାର ଘରୋଇ ସଂସ୍ଥାକୁ ଦେବା ପାଇଁ ଟେଣ୍ଡର ପ୍ରସ୍ତୁତ ହୋଇଛି। ଭୁବନେଶ୍ୱର ସମେତ ଘରୋଇକରଣ ପାଇଁ ଚୂଡାନ୍ତ ହୋଇଥିବା ୧୩ଟି ବିମାନବନ୍ଦରର ସମ୍ପତ୍ତି ଆକଳନ କରାଯାଉଛି। ଏହି ରିପୋର୍ଟ ଆଧାରରେ ଟେଣ୍ଡର ମୂଲ୍ୟ ନିର୍ଦ୍ଧାରଣ ହେବ। ବିମାନବନ୍ଦରର କେତେ ଜମି ଅଛି, କ'ଣ ସବୁ ଭିତ୍ତିଭୂମି ଅଛି ଏବଂ ଆଗକୁ କ'ଣ ଯୋଜନା ହୋଇଛି, ଆୟ/ବ୍ୟୟ, ବିମାନ ଓ ଯାତ୍ରୀ ସଂଖ୍ୟା, ଭବିଷ୍ୟତ ଯୋଜନା ଆଦିର ତର୍ଜମା କରାଯାଉଛି।

୧୯୬୨ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ବିଜୁ ପଟ୍ଟନାୟକ ବିମାନବନ୍ଦରକୁ କେନ୍ଦ୍ର ସରକାର ୨୦୧୩ ମସିହାରେ ଅନ୍ତର୍ଜାତୀୟ ବିମାନବନ୍ଦର ମାନ୍ୟତା ପ୍ରଦାନ କରିଥିଲେ। ▶ପୃଷ୍ଠା-୭



୨୩ ଡିସେମ୍ବର ୧୯୫୮ -୨୭ ଫେବୃଆରୀ ୨୦୨୫

# ସୁପରଷ୍ଟାର

## ପରଲୋକରେ ଉତ୍ତମ

**ଓଡ଼ିଆ ସିନେଜଗତର ଚିରସବୁଜ ଏହି ଅଭିନେତାଙ୍କ ନାମ ସହିତ ମନରେ ଆଙ୍କି ହୋଇଯାଏ ଏକ ଅଭୁଲା ଅଭିନୟ ଆଉ କନ୍ଦର୍ପକାନ୍ତିର ଜୀବନ୍ତ ପ୍ରତିଛବି। 'ଟକାଭଉଁରୀ' ସ୍ମୃତି ବିଜଡ଼ିତ ଉତ୍ତମଙ୍କ 'ଅଭିମାନ' ଭସାମେଘ ପରି ଚଳଚଞ୍ଚଳ, ପୁଣି ତାଙ୍କ ଅଭିନୟର ଆକର୍ଷଣ ଆଣେ 'ଫୁଲଚନ୍ଦନ' ସମ ସମ୍ମୋହନ। ଅନୀତିକୁ ଦେଖି ସହିପାରୁନଥିବା 'ଦଣ୍ଡାବାଲୁଙ୍ଗା'ଟି ପୁଣି ପାଲଟିଯାଏ 'ଭକ୍ତ ସାଲବେଗ'। ପ୍ରତ୍ୟେକ ଚରିତ୍ରକୁ ଅବିଶ୍ୱସନୀୟକୁ ଜୀବନ୍ତ କରିବାରେ ଧୁରୀଣ ଉତ୍ତମ ଓଲିଉଡ୍‌ର ସର୍ବକାଳୀନ ଅନ୍ୟତମ ଶ୍ରେଷ୍ଠ ଅଭିନେତା ଏକଥା ନିସଙ୍କୋଚରେ ଅନସ୍ୱୀକାର୍ଯ୍ୟ**

■ **ଭୁବନେଶ୍ୱର, ୨୭ା୨ (ସମିସ):** ଓଲିଉଡ୍‌ର ବରିଷ୍ଠ ଅଭିନେତା, ନବେ ଦଶକର ସୁପର ହିରୋ, ପ୍ରଥମ ଓଡ଼ିଆ ସୁପରଷ୍ଟାର ଉତ୍ତମ ମହାନ୍ତି ଆଉ ନାହାନ୍ତି। ଚିକିତ୍ସାଧୀନ ଅବସ୍ଥାରେ ଗୁରୁଗ୍ରାମର ମେଦାନ୍ତ ହସ୍‌ପିଟାଲରେ ତାଙ୍କର ପରଲୋକ ଘଟିଛି। ଉତ୍ତମ ଗତ କିଛିମାସ ହେଲା ଲିଭର ସିରୋସିସ୍‌ରେ ପୀଡ଼ିତ ଥିଲେ ଓ ଗତ ୮ ତାରିଖରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ମେଦାନ୍ତ ହସ୍‌ପିଟାଲକୁ ଏୟାର ଲିଫ୍ଟ କରାଯାଇଥିଲା। ସେଠାରେ ବରିଷ୍ଠ ଡାକ୍ତରଙ୍କ ତତ୍ତ୍ୱାବଧାନରେ ତାଙ୍କୁ ଚିକିତ୍ସା କରାଯାଉଥିଲା। ମାତ୍ର ଗୁରୁବାର ବିଳମ୍ବିତ ରାତ୍ରିରେ ୬୭ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ଏହାସହିତ ଓଡ଼ିଆ ଚଳଚ୍ଚିତ୍ରର ଉତ୍ତମ ଯୁଗର ଅବସାନ ହୋଇଛି।

ବାରିପଦାରେ ଜନ୍ମଗ୍ରହଣ କରିଥିବା ଉତ୍ତମ କଲେଜ ପଢ଼ିବା ସମୟରେ ବିଭିନ୍ନ ମଞ୍ଚ ନାଟକରେ ଅଭିନୟ ଆରମ୍ଭ କରିଥିଲେ। ବାଣିଜ୍ୟରେ ସ୍ନାତକ ପାଠ୍ୟକ୍ରମ ଶେଷପରେ ବଡ଼ ଭାଇ ଅରୁଣ କୁମାର ମହାନ୍ତିଙ୍କ ପାଖରେ କଲିକତାରେ ରହି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପାଠ୍ୟକ୍ରମ ଶେଷ କରିଥିଲେ। ମାତ୍ର ଅଭିନୟ ପ୍ରତି ପ୍ରଗାଢ଼ ମୋହ ତାଙ୍କୁ ସିନେମାକୁ ଟାଣି ଆଣିଥିଲା। ସାଧୁ ମେହେରଙ୍କ ନିର୍ଦ୍ଦେଶିତ 'ଅଭିମାନ'ରୁ ଚଳଚ୍ଚିତ୍ର ଅଭିନୟର ଯାତ୍ରା ଆରମ୍ଭ କରିବା ପରେ ଆଉ ପଛକୁ ଚାହିଁ ନ ଥିଲେ। ଗୋଟିକ ପରେ ଗୋଟିଏ ସୁପରହିଟ୍ ସିନେମାରେ ଅଭିନୟ କରି ଓଲିଉଡ୍‌ର ମେରୁଦଣ୍ଡ ଭାବରେ ଠିଆ ହୋଇଥିଲେ। ନିଖୁଣ ଅଭିନୟ ନିମନ୍ତେ ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ଜୟଦେବ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୧୯୮୭ରେ ସେ ଅଭିନେତ୍ରୀ ଅପରାଜିତାଙ୍କୁ ବିବାହ କରିଥିଲେ।

୧୯୭୮ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ପତିପତ୍ନୀ, ୧୯୭୮ରେ ଶଙ୍ଖ ମହୁରୀ, ସରପଞ୍ଚ ବାବୁ, ୧୯୭୯ରେ ଚିହ୍ନା ଅଚିହ୍ନା, ନିଝୁମ ରାତିର ସାଥୀ, ୧୯୮୦ରେ ରାମାୟଣ, ▶ପୃଷ୍ଠା-୭

**ଓଲିଉଡ୍ ସ୍ତବ୍ଧ**

**ଶୋକ ବ୍ୟକ୍ତକଲେ ମୋହନ, ନବୀନ**

**ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ**

### ପୋଲାଭରମ ବୁଡ଼ାଇବ ମାଲକାନଗିରି

# ଆଜି ମୋଟୁରେ 'ଜନଗର୍ଜନ'

■ **ମାଲକାନଗିରି, ୨୭ା୨ (ସମିସ):** ପୋଲାଭରମ୍ ଷଡ଼ଯନ୍ତ୍ର ବିରୋଧରେ ଆସନ୍ତାକାଲି ଗର୍ଜିବ ଓଡିଶା। ରାଜ୍ୟରୁ ୨୦ ବିଜେପି ସାଂସଦ ନେବା ସତ୍ତ୍ୱେ କାହିଁକି ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଅବିଚାର କରିଛନ୍ତି, ତାହାର ଜବାବ୍ ମାଗିବେ ପୋଲାଭରମ୍ କ୍ରିୟାନୁଷ୍ଠାନ କମିଟି ଏବଂ ବିଜୁ ଜନତା ଦଳ। ଏନେଇ ଶୁକ୍ରବାର ମୋଟୁ ଅଞ୍ଚଳରେ କମିଟି ଓ ବିଜେଡି ତରଫରୁ ଗଣଆନ୍ଦୋଳନ ଡାକରା ଦିଆଯାଇଛି। ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦଳୀୟ ନେତୃମଣ୍ଡଳୀ ଓ ୫୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହେବେ। ରାଜ୍ୟ ଓ ମାଲକାନଗିରିବାସୀଙ୍କ ଅଧିକାର ପାଇଁ ବିଜୁ ଜନତା ଦଳ ସର୍ବଦା ସଂଗ୍ରାମ ଜାରି ରଖିବ ବୋଲି ବିଜେଡି ଚେତାବନୀ ଦେଇଛି।

ଓଡ଼ିଆ ଅସ୍ମିତା କଥା କହୁଥିବା ଡବଲ ଇଞ୍ଜିନ୍ ସରକାରରେ ଓଡ଼ିଶା ଏବେ ବିପଦରେ। ପୋଲାଭରମ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଅଯାଚିତ ସହାୟତା ଓ ଆର୍ଥିକ ଅନୁଦାନ ପ୍ରଦାନ କରୁଥିବା ବେଳେ ଓଡ଼ିଶା ଏଥିରେ କ୍ଷତିଗ୍ରସ୍ତ ହେବ। ଏକାଧିକ ଗାଁ ଜଳମଗ୍ନ ହେବ ଓ ଭିଟାମାଟି ଛାଡିବେ ଆଦିବାସୀ। ଡ୍ୟାମ୍‌ର ପଛୁଆ ଜଳ ପ୍ରବେଶ ଯୋଗୁଁ ପ୍ରଭାବିତ ହେବ ଓଡ଼ିଶାର ବହୁ ଆଦିବାସୀ ଗାଁ। ପରୋକ୍ଷ ଭାବେ ମାଥିଲି ଆଉ କୋରୁକୋଣ୍ଡା ଅଞ୍ଚଳରେ ସୃଷ୍ଟି ହେବ ବନ୍ୟା ପରିସ୍ଥିତି। ତେଣୁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଛତିଶଗଡ଼, ତେଲଙ୍ଗାନା ଓ ଓଡ଼ିଶାର ବହୁ ସାମାଜିକ ସଂଗଠନ ପକ୍ଷରୁ ମିଳିତ କ୍ରିୟାନୁଷ୍ଠାନ କମିଟିର ▶ପୃଷ୍ଠା-୭



**କ୍ରିୟାନୁଷ୍ଠାନ କମିଟି ସହ ସାମିଲ ହେବ ବିଜେଡି**






## ୱାକଫ୍ ବିଲକୁ କ୍ୟାବିନେଟ୍ ମଞ୍ଜୁରୀ

■ **ନୂଆଦିଲ୍ଲୀ, ୨୭ା୨ (ଏଜେନ୍ସି):** ବିବାଦୀୟ ୱାକଫ୍ ସଂଶୋଧନ ବିଲ୍‌କୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଛି। ୱାକଫ୍ ସଂଶୋଧନ ବିଲକୁ ତର୍ଜମା କରି ଯୁଗ୍ମ ସଂସଦୀୟ କମିଟି (ଜେପିସି) ଯେଉଁ ରିପୋର୍ଟ ଦେଇଥିଲା ସେହି ଆଧାରରେ ୱାକଫ୍ ବିଲ୍‌ରେ ସଂଶୋଧନ ଆଣିବାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ସଂସଦର ଚଳିତ ବଜେଟ୍ ଅଧିବେଶନ ବେଳେ ଏହାକୁ ଆଗତ କରାଯିବ ବୋଲି ଜଣାପଡ଼ିଛି। ଗତ ୧୩ ତାରିଖରେ ଜେପିସି ରିପୋର୍ଟ ଉପସ୍ଥାପନ କରିଥିଲା ବେଳେ ଫେବୃଆରୀ ୧୯ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହାକୁ ମଞ୍ଜୁରୀ ଦିଆଯାଇଛି। ଏହି ବିଲ୍‌ରେ ୪୪ଟି ସଂଶୋଧନ ଆଣିବାକୁ ଜେପିସି ବୈଠକରେ ଚର୍ଚ୍ଚା ହୋଇଥିଲେ ହେଁ ଏନ୍‌ଡିଏ ସଦସ୍ୟଙ୍କ ଦ୍ୱାରା ୧୪ଟି ସଂଶୋଧନ ଆଣିବାକୁ ପରାମର୍ଶ ଦିଆଯାଇଥିଲା। ଏହି ୧୪ଟି ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଗ୍ରହଣ କରିନେଇଥିବା ଜଣାପଡ଼ିଛି। ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆଗାମୀ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ରହିଥିଲା ବେଳେ ଏହି ବିଲକୁ ସଂସଦରେ ଉପସ୍ଥାପନ କରିପାରନ୍ତି।










ହୃଦୟସ୍ପର୍ଶୀ ଅଭିନୟ, ଚମତ୍କାର ନୃତ୍ୟ, ଉଚ୍ଚକୋଟୀର ସଂଳାପ ଉଚ୍ଚାରଣ ଶୈଳୀ ସବୁ କିଛି ଥିଲା ସ୍ୱତନ୍ତ୍ର । ଉତ୍ତମଙ୍କ ନିଆରା ଅଭିନୟ ସିନେପ୍ରେମୀଙ୍କୁ ଆକର୍ଷିତ କରିଆଣୁଥିଲା ପ୍ରେକ୍ଷାଳୟକୁ । ଆଜି ମଧ୍ୟ ତାଙ୍କ ଅଭିନୟର ଯାଦୁ ଦର୍ଶକଙ୍କୁ କିମିଆ କରୁଛି । ମହାନ୍ ଅଭିନେତା ଉତ୍ତମ ମହାନ୍ତିଙ୍କୁ 'ସକାଳ'ର ଶ୍ରଦ୍ଧାଞ୍ଜଳି ...

# ସର୍ବୋତ୍ତମ

## ଅଶୀ ଦଶକର ଅପ୍ରତିଦ୍ୱନ୍ଦ୍ୱୀ ଅଭିନେତା

ଅଶୀ ଦଶକରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଅଭିନେତା ଥିଲେ ଉତ୍ତମ ମହାନ୍ତି । ପ୍ରାୟ ତିନି ଦଶନ୍ଧି ଧରି ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଜ ପତିଆରା ଜାହିର କରିଥିଲେ । ଉତ୍ତମଙ୍କ ଅଭିନୟର ଯାଦୁ ଦର୍ଶକଙ୍କୁ ଅଭିଭୂତ କରିଦେଉଥିଲା । ରୋମାଣ୍ଟିକ ହେଉ କି ଆବେଗଭରା ଦୃଶ୍ୟ ସବୁଠି ତାଙ୍କର ଅଭିନୟର ଚମତ୍କାରିତା ଦର୍ଶକଙ୍କୁ ବିଭୋର କରୁଥିଲା । ରୁପେଲି ପରଦାରେ ସେ ଦୀର୍ଘ ଦିନ ଧରି ରାଜ୍ କରିଥିଲେ । ତାଙ୍କ ଅଭିନୟ ଷ୍ଟାଇଲ୍, ଭିନ୍ନ ଅନ୍ଦାଜକୁ ଆଜି ବି ଦର୍ଶକ ଭୁଲି ପାରିନାହାନ୍ତି । ଅଶୀ ଦଶକରେ ଉତ୍ତମଙ୍କ ଅଭିନୀତ ଚଳଚ୍ଚିତ୍ର ଦେଖିବାକୁ ସିନେପ୍ରେମୀ ମତୁଆଲା ହୋଇଉଠୁଥିଲେ ।




## ପ୍ରଥମ ଅଭିନୀତ ଚଳଚ୍ଚିତ୍ର ସୁପରହିଟ୍

ଉତ୍ତମଙ୍କ ଅଭିନୀତ ପ୍ରଥମ ଫିଲ୍ମ 'ଅଭିମାନ'ର ସୁଟିଂ ବାରିପଦା ଅଞ୍ଚଳରେ ହୋଇଥିଲା । ସେତେବେଳେ ବାରିପଦା ଥିଲା ଚଳଚ୍ଚିତ୍ର ସୁଟିଂ ପାଇଁ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ପ୍ରଥମ ପସନ୍ଦ । ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ ସୁପରହିଟ୍ ହୋଇଥିଲା । ତିନି ବର୍ଷର ବିରାମ ପରେ ସେ 'ପତିପତ୍ନୀ' ଫିଲ୍ମ ଜରିଆରେ ପୁଣି ରୁପେଲି ପରଦାକୁ ଫେରିଥିଲେ । ବାସ୍ ତା'ପରେ ତାଙ୍କ ଅଭିନୀତ ଗୋଟିଏ ପରେ ଗୋଟିଏ ଫିଲ୍ମ ସୁପରହିଟ୍ ହେବାରେ ଲାଗିଲା ।



## ଲୋକପ୍ରିୟ ଯୋଡ଼ି ଉତ୍ତମ-ଅପରାଜିତା

ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଯୋଡ଼ି ହେଉଛନ୍ତି ଉତ୍ତମ - ଅପରାଜିତା । ୧୯୮୨ ମସିହାରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଫୁଲ ଚନ୍ଦନ'ରେ ପ୍ରଥମେ ଏହି ଯୋଡ଼ିଙ୍କୁ ସିନେପ୍ରେମୀ ଦେଖିବାକୁ ପାଇଥିଲେ । ଏହି ଫିଲ୍ମଟି ସୁପରହିଟ୍ ମଧ୍ୟ ହୋଇଥିଲା । ପରବର୍ତ୍ତୀ ସମୟରେ 'ଜଗାହାତରେ ପଘା', 'ଜନନୀ', 'ମମତା ମାଗେ ମୂଲ', 'ସହରୀ ବାବୁ' ଆଦି ଅନେକ ସିନେମାରେ ଏହି ହିଟ୍ ଯୋଡ଼ିଙ୍କ ଦମ୍‌ଦାର୍ ଅଭିନୟ ଦର୍ଶକେ ଦେଖିବାକୁ ପାଇଛନ୍ତି । ନୃତ୍ୟ ହେଉ କି ଅଭିନୟ ସବୁଠି ଉତ୍ତମ-ଅପରାଜିତା ଯୋଡ଼ିଙ୍କ କମାଲ ଦେଖିବାକୁ ମିଳୁଥିଲା । ଉତ୍ତମ-ଅପରାଜିତା ଯୋଡ଼ିଙ୍କ ଫିଲ୍ମ ଦେଖିବାକୁ ସିନେପ୍ରେମୀ ଉତ୍କଣ୍ଠାର ସହିତ ଅପେକ୍ଷା କରୁଥିଲେ ।

## ୧୩୫ଟି ଓଡ଼ିଆ ଓ ୩୦ଟି ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ








ବର୍ଷିୟାନ୍ କଳାକାର ଉତ୍ତମ ମହାନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ କିମ୍ବଦନ୍ତୀ ଅଭିନେତା । ୧୯୭୭ ମସିହାରେ 'ଅଭିମାନ' ଚଳଚ୍ଚିତ୍ର ଜରିଆରେ ସେ ବଡ଼ ପରଦାକୁ ଏଣ୍ଟ୍ରି କରିଥିଲେ । ସାଧୁ ମେହେରଙ୍କ ନିର୍ଦ୍ଦେଶିତ 'ଅଭିମାନ' ଚଳଚ୍ଚିତ୍ରରେ ଅଭିନୟ କରି ସେ ନିଜ ପାଇଁ ସୃଷ୍ଟି କରିପାରିଥିଲେ ଏକ ସ୍ୱତନ୍ତ୍ର ପରିଚୟ । ପରବର୍ତ୍ତୀ ସମୟରେ 'ରାମାୟଣ', 'ଫୁଲ ଚନ୍ଦନ', 'ଝିଅଟି ସୀତା ପରି', 'ଦଣ୍ଡା ବାଳୁଙ୍ଗା', 'ସହରୀ ବାଘ', 'ସମୟ ବଡ଼ ବଳବାନ', 'ସତ କେବେ ଲୁଚିରହେନା', 'ପୂଜାଫୁଲ', 'ପାପପୁଣ୍ୟ', 'ପଞ୍ଚୁ ପାଣ୍ଡବ', 'ଏଇ ଆମ ସଂସାର', 'ଭୀଷ୍ମ ପ୍ରତିଜ୍ଞା', 'ଯଶୋଦା', 'ଲକ୍ଷ୍ମଣ ରେଖା', 'ସୁହାଗ ସିନ୍ଦୂର', 'ପୁଅ ମୋର ଭୋଳାଶଙ୍କର', 'ରୂପା ଗାଁର ସୁନାକନିଆଁ', 'କଳ୍କୀ ଅବତାର' ଆଦି ଚଳଚ୍ଚିତ୍ରରେ ମାର୍ମିକ ଅଭିନୟ କରି ସିନେ ଦର୍ଶକଙ୍କ ହୃଦୟରେ ଏକ ଗଭୀର ଛାପ ଛାଡ଼ି ଯାଇଛନ୍ତି । ସେ ୧୩୫ରୁ ଅଧିକ ଓଡ଼ିଆ, ୩୦ଟି ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ସେହିପରି ହିନ୍ଦୀ ଚଳଚ୍ଚିତ୍ର 'ନୟା ଜହର'ରେ ମଧ୍ୟ ସେ ନିଜ ଅଭିନୟର ଚମତ୍କାରିତା ଦେଖାଇ ପାରିଛନ୍ତି ।



## କଳାକାର ପରିବାର

ବର୍ଷିୟାନ୍ ଓଲିଉଡ୍ ଅଭିନେତା ଉତ୍ତମ ମହାନ୍ତିଙ୍କ ପରିବାର ଏକ କଳାକାର ପରିବାର । ତାଙ୍କ ପତ୍ନୀ ଅପରାଜିତା ଜଣେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତ୍ରୀ । ସେହିପରି ପୁଅ ବାବୁସାନ ମହାନ୍ତି ମଧ୍ୟ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ସୁପରଷ୍ଟାର୍ । ବାପା ଉତ୍ତମ ଓ ମାଆ ଅପରାଜିତାଙ୍କ ଅଭିନୟର ପ୍ରଭାବ ବାବୁସାନଙ୍କ ଉପରେ ପଡ଼ିଛି । ତେଣୁ ସେ ମଧ୍ୟ ବାପାମାଆଙ୍କ ପରି ଅଭିନୟ ଜଗତରେ ପାଦ ଦେଇଥିଲେ ।

ଆଉ ଖୁବ୍ କମ୍ ସମୟ ଭିତରେ ଓଲିଉଡ୍‌ର ଜଣେ ସୁପରଷ୍ଟାର୍ ଭାବେ ସଫଳ ମଧ୍ୟ ହୋଇଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଏହି କଳାକାର ପରିବାରର ଅବଦାନ ଅତୁଳନୀୟ ।





## ପୁରସ୍କାର ଓ ସମ୍ମାନ

ଉଚ୍ଚକୋଟୀର ଅଭିନୟ ପାଇଁ ଉତ୍ତମ ମହାନ୍ତି ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି । ଚାରି ଥର ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ । ୧୯୮୨ ମସିହାରେ 'ଫୁଲ ଚନ୍ଦନ' ପାଇଁ ଶ୍ରେଷ୍ଠ ଅଭିନେତା, ୧୯୮୩ ମସିହାରେ 'ଝିଅଟିଏ ସୀତା ପରି' ପାଇଁ ଶ୍ରେଷ୍ଠ ଅଭିନେତା, ୧୯୮୪ ମସିହାରେ 'ଦଣ୍ଡା ବାଳୁଙ୍ଗା' ପାଇଁ ଶ୍ରେଷ୍ଠ ଅଭିନେତା, ୧୯୯୧ ମସିହାରେ 'ତୋ ବିନା ଅନ୍ୟଗତି ନାହିଁ' ପାଇଁ ଶ୍ରେଷ୍ଠ ସହ-ଅଭିନେତାଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି । ସେହିପରି ୧୯୯୯ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଉଲ୍ଲେଖନୀୟ ଅବଦାନ ପାଇଁ ମର୍ଯ୍ୟାଦାଜନକ 'ଜୟଦେବ ପୁରସ୍କାର' ଲାଭ କରିଥିଲେ । ଏହା ସହିତ ଓଡ଼ିଶା ଲିଭିଙ୍ଗ ଲିଜେଣ୍ଡ ପୁରସ୍କାର, ଫିଟ୍‌ଫାଟ୍ ବାଇସ୍କୋପ୍ ପୁରସ୍କାର, ଇନ୍ଦିରା ଗାନ୍ଧୀ ପ୍ରିୟଦର୍ଶିନୀ ପୁରସ୍କାର., ଚିତ୍ରପୁରୀ ପୁରସ୍କାର ଆଦି ବହୁ ପୁରସ୍କାରରେ ପୁରସ୍କୃତ ଓ ସମ୍ମାନିତ ହୋଇଥିଲେ ।

## ଅଭିନେତାରୁ ରାଜନେତା

ଅଭିନୟ ଜଗତରୁ ଉତ୍ତମ ମହାନ୍ତି ରାଜନୀତି ମଇଦାନକୁ ଲମ୍ଫ ପ୍ରଦାନ କରିଥିଲେ । ଛାତ୍ର ଜୀବନରୁ ସେ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । କଲେଜରେ ଅଧ୍ୟୟନ ସମୟରୁ ବିଜୁ ବାବୁଙ୍କୁ ଅନୁସରଣ କରୁଥିଲେ । ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଗଠିତ 'ଉତ୍କଳ କଂଗ୍ରେସ'ର ସେ ଯୁବ ଶାଖାର ସଂପାଦକ ଭାବେ କାର୍ଯ୍ୟ କରିଥିଲେ । ଓଡ଼ିଶାରେ ବିଜେଡି –ବିଜେପି ମେଣ୍ଟ ସମୟରେ ସେ ନିର୍ବାଚନ ପ୍ରଚାର କରୁଥିଲେ । ତେବେ ୨୦୧୭ ମସିହାରେ ସେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଥିଲେ । କିନ୍ତୁ ସେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିନଥିଲେ । ରାଜନୀତିରେ ତାଙ୍କ ଯୋଗଦାନର ମୁଖ୍ୟ ଉଦ୍ଦେଶ୍ୟରେ ଥିଲା ମୟୂରଭଞ୍ଜ ଜିଲ୍ଲାର ବିକାଶ ଓ ବିଭିନ୍ନ ସମସ୍ୟାର ସମାଧାନ କରିବା ।

■ ଦଳୀୟ ନେତାଙ୍କୁ ଭକ୍ତଙ୍କ ତାଗିଦ୍

## ମିଡିଆକୁ ପ୍ରତିକ୍ରିୟା ମନା

ଭୁବନେଶ୍ୱର,୨୭।୨(ସମିସ): ରାଜ୍ୟ କଂଗ୍ରେସର ବହୁ ନେତା ଗଣମାଧ୍ୟମରେ ମନଇଚ୍ଛା ପ୍ରତିକ୍ରିୟା ଦେଉଛନ୍ତି। ଦଳୀୟ ନେତାଙ୍କ ବ୍ୟକ୍ତିଗତ ମତ ଗଣମାଧ୍ୟମରେ ପ୍ରକାଶ ପରେ ଏହା ଦଳ ପାଇଁ ଅନେକ ସମୟରେ କ୍ଷତିକର ସାବ୍ୟସ୍ତ ହେଉଛି। ତେଣୁ ଏଥିରୁ ବିରତ ରହିବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳୀୟ



ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଶ୍ରୀ ଦାସ ଏକ ପ୍ରେସ୍‌ବାର୍ତ୍ତାରେ କହିଛନ୍ତି ଯେ କେତେକ ନେତୃବୃନ୍ଦ ସେମାନଙ୍କର ନିଜସ୍ୱ ମତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ରଖୁଛନ୍ତି, ଯାହାକି କଂଗ୍ରେସ ଦଳର ଆଭିମୁଖ୍ୟଠାରୁ ଭିନ୍ନ। ଏହା ଦଳର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଉଛି। ତେଣୁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ କୌଣସି ଘଟଣା ସମ୍ପର୍କରେ ମତ ଦେବା ପୂର୍ବରୁ ନେତୃବୃନ୍ଦ ପ୍ରଦେଶ କଂଗ୍ରେସ କମିଟି ସଭାପତି ଅଥବା ମିଡିଆ କମିଟି ଅଧ୍ୟକ୍ଷଙ୍କ ସହ ପରାମର୍ଶ କରିବା ଉଚିତ ବୋଲି ଭକ୍ତ କହିଛନ୍ତି। ଏହାସହ କୌଣସି ଘଟଣାରେ ଦଳର ଆଭିମୁଖ୍ୟ ଓ ନିଷ୍ପତ୍ତି କ'ଣ ହେବ; ସେ ସମ୍ପର୍କରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଗଣମାଧ୍ୟମକୁ ଯିବା ପୂର୍ବରୁ ସେମାନଙ୍କ ମତାମତ ପ୍ରଦେଶ କଂଗ୍ରେସ କମିଟି ସଭାପତି ଅଥବା ମିଡିଆ କମିଟି ଅଧ୍ୟକ୍ଷଙ୍କୁ ପ୍ରଦାନ କରିବେ। ଫଳରେ ଉକ୍ତ ଘଟଣାରେ ଦଳର ଆଭିମୁଖ୍ୟ କ'ଣ ହେବ, ତାହା ସ୍ପଷ୍ଟ ହୋଇପାରିବ ଏବଂ ଦଳ ସେଥିରୁ ଲାଭବାନ ହୋଇପାରିବ। ଏହି ନିଷ୍ପତ୍ତିରେ ଦଳର ନେତାଗଣ ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ସହଯୋଗ କରିବେ ଏବଂ ଦଳର ଭାବମୂର୍ତ୍ତି ଅକ୍ଷୁଣ୍ଣ ରହିବା ସହ ଦଳ ସୁଦୃଢ଼ ହୋଇପାରିବ ବୋଲି ଶ୍ରୀ ଦାସ ଆଶାପ୍ରକଟ କରିଛନ୍ତି।

# ବିଦ୍ୟୁତ ଦେୟ ପଇସାଟିଏ ବଢ଼ିଲେ ବି ଆନ୍ଦୋଳନ କରିବ କଂଗ୍ରେସ

■ ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ୩୦୦ ୟୁନିଟ ମାଗଣା ବିଜୁଳି ଦିଅ
■ ଓଇଆରସିଙ୍କ ନିକଟରେ ୟୁନିଟ ପିଛା ୧୨.୪୨ ପଇସା ବୃଦ୍ଧି ପ୍ରସ୍ତାବ

ଭୁବନେଶ୍ୱର,୨୭।୨(ସମିସ): କ୍ଷମତାକୁ ଆସିଲେ ୩୦୦ ୟୁନିଟ ବିଜୁଳି ମାଗଣା ଯୋଗାଇ ଦେବ ବୋଲି ବିଜେପି ନିର୍ବାଚନ ସମୟରେ କହିଥିଲା। ଏମିତି କି 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା'ମାଧ୍ୟମରେ ଲୋକଙ୍କୁ ମାଗଣା ବିଜୁଳି ଯୋଗାଇ ଦିଆଯିବ ବୋଲି କହିଥିଲା। ହେଲେ ସରକାରକୁ ଆସିବାର ୮ ମାସ ପରେ ବି ବିଜେପି ସରକାର ନିଜ ପ୍ରତିଶୃତି ପାଳନ କରିବାରେ ବିଫଳ ହୋଇଛି। ଅନ୍ୟପକ୍ଷରେ ବିଜୁଳି ଶୁଳ୍କ ବଢ଼ାଇବା ପାଇ ଯୋଜନା କରାଯାଉଛି। ମାତ୍ର ବିଜୁଳି ଦେୟ ବଢ଼ାଇବାକୁ ଦିଆଯିବ ନାହିଁ। ଗୋଟିଏ ପଇସା ବିଜୁଳି ଦେୟ ବଢ଼ିଲେ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଧମକ ଦେଇଛି କଂଗ୍ରେସ।

ଆଜି ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ ବିଦ୍ୟୁତ୍ ଦେୟ ବୃଦ୍ଧି ହେଲେ ବଡ଼ ଆନ୍ଦୋଳନ ହେବ ବୋଲି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଶ୍ରୀ କାନୁନଗୋ କହିଛନ୍ତି ଯେ ବିଜେପି ସରକାର ୩୦୦ ୟୁନିଟ ମାଗଣା ବିଜୁଳି ଦେବା ପରିବର୍ତ୍ତେ ଏବେ ବିଜୁଳି ଦେୟ ବୃଦ୍ଧି କରିବାକୁ ଯୋଜନା କରୁଛି। କାରଣ ଇତିମଧ୍ୟରେ ଟିପିସିଓଡିଏଲର ବିଦ୍ୟୁତ୍ ଦେୟ ୟୁନିଟ ପିଛା ୧୨.୪୨ ପଇସା ବୃଦ୍ଧି କରିବା ପାଇଁ ଓଇଆରସିଙ୍କ ପାଖରେ ପ୍ରସ୍ତାବ ଦେଇଛି। ହେଲେ ଏ ବାବଦରେ ରାଜ୍ୟ




ସରକାର ଚୁପ୍ ରହିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଟିପିସିଓଡିଏଲ ଦର୍ଶାଇଥିବା ଯୁକ୍ତିରେ କହିଛି ଯେ ଆସନ୍ତା ବର୍ଷ ପାଇଁ ଗ୍ରୀଡ୍‌କୋଠାରୁ ଅଧିକ ୧୧୩୧୦ ନିୟୁତ ୟୁନିଟ ବିଜୁଳି କ୍ରୟ ହେବ। ସମୁଦାୟ ୧୩୮୨୩ ନିୟୁତ ୟୁନିଟ ବିଜୁଳି କ୍ରୟ କରିବାକୁ ୪୬୮୮.୩୬ କୋଟି ଟଙ୍କା ଖର୍ଚ୍ଚ ହେବ। ବିତରଣ କ୍ଷତି ପରେ ଅବଶିଷ୍ଟ ୧୧୪୪୯ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରୟ କରାଯିବ। ରାଜସ୍ୱ ଆବଶ୍ୟକତା ସମୁଦାୟ ୬୮୬୨.୫୪୭୦ କୋଟି ଟଙ୍କା ଆକଳନ ହୋଇଥିବା ବେଳେ ୬୭୨୦.୩୯ କୋଟି ଟଙ୍କା ଆଦାୟ ହେବ ବୋଲି ଜଣାପଡ଼ିଛି। ସୁତରାଂ ୧୪୨.୧୫ କୋଟି ଟଙ୍କା ରାଜସ୍ୱ ନିଅଣ୍ଟ ହେବା ଦର୍ଶାଇ କ୍ଷତି ଭରଣା ନିମନ୍ତେ ୟୁନିଟ ପିଛା ୧୨.୪୨ ପଇସା ବଢ଼ାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ଟାଟା ପାୱାର ପ୍ରଦାନ କରିଥିବା ତଥ୍ୟ ସମ୍ପର୍କରେ ଶ୍ରୀ କାନୁନଗୋ ଅଭିଯୋଗ କରିଛନ୍ତି ଯେ ୨୦୨୩-୨୪ ପାଇଁ ଆୟୋଗ ନିର୍ଦ୍ଧାରିତ କରିଥିବା ଶୁଳ୍କ ଠାରୁ ଟାଟାପାୱାର ୟୁନିଟ ପିଛା ପ୍ରାୟ ୨୮ ପଇସା ଅଧିକ ଆଦାୟ କରିଛି। ଯାହା ଫଳରେ ୨୪୬.୪୭ ଲକ୍ଷ ଟଙ୍କା ଅଧିକ ପାଇଛି। ତେଣୁ ବିଦ୍ୟୁତ ଆଇନ ୨୦୦୩ ଧାରା ୬୨ (୬) ଅନୁସାରେ ଟାଟା ଉପଭୋକ୍ତାମାନଙ୍କୁ ସୁଧ ସହ ଅର୍ଥ ଫେରସ୍ତ କରିବା ଦରକାର।

ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଥିଲେ ଯେ ବିଦ୍ୟୁତ ଦେୟ କ୍ଷେତ୍ରରେ ଓଡ଼ିଶାରେ ଦୁଇ ଦୁଇଟି ଆଇନ ଚାଲୁଛି। ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ କୋଟି କୋଟି ଟଙ୍କା ବିଦ୍ୟୁତ ଦେୟ ଛାଡ଼ କରାଯାଉଥିବା ବେଳେ ସାଧାରଣ ଉପଭୋକ୍ତାଙ୍କ ତଣ୍ଟିଚିପି ଅର୍ଥ ଆଦାୟ କରାଯାଉଛି। ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କ ଶୋଷଣ କରିବାକୁ ଚକ୍ରାନ୍ତ ଚାଲିଛି। ଯଦି ବିଜେପି ସରକାର ତା'ର ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ ମାଗଣା ବିଜୁଳି ଦେବାର ବ୍ୟବସ୍ଥା ନ କରି ସାଧାରଣ ଉପଭୋକ୍ତାଙ୍କ ଉପରେ ପୁଣି ବିଜୁଳି ଦେୟ ବୃଦ୍ଧି କରିବେ ତେବେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସାରା ରାଜ୍ୟରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି।

**ମହିଳା ଗୃହରକ୍ଷୀଙ୍କୁ ପ୍ରତାରଣା ମାମଲାରେ ନୂଆ ମୋଡ଼**

## ୨୫ ଲକ୍ଷ ନେଇ ମାମଲା ଦଫାରଫା ପାଇଁ ପୀଡ଼ିତାଙ୍କୁ ଚାପ

■ ମହିଳା ଗୃହରକ୍ଷୀଙ୍କ ବିରୋଧରେ ଏତଲା ଦେଲେ ତପନଙ୍କ ସମ୍ପର୍କୀୟ
■ ସମସ୍ତ ଅଭିଯୋଗର ତଦନ୍ତ ଚାଲିଛି କହିଲେ ଏସ୍‌ପି

ଜଗତସିଂହପୁର,୨୭।୨(ସମିସ): ମହିଳା ଗୃହରକ୍ଷୀଙ୍କୁ ଆଇଆଇସିଙ୍କ ପ୍ରେମ-ପ୍ରତାରଣା ମାମଲାରେ ଆଜି ନୂଆ ମୋଡ଼ ଆସିଛି। ଗତକାଲି ଅଭିଯୁକ୍ତ ଆଇଆଇସିଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ତଦନ୍ତ ଚାଲିଥିବା ବେଳେ ଆଜି ପୀଡ଼ିତାଜଣଙ୍କ ବିସ୍ଫୋରକ ବୟାନ ଦେଇଛନ୍ତି। ୨୫ ଲକ୍ଷ ଟଙ୍କା ନେଇ ମାମଲା ରଫାଦଫା କରିବାକୁ ତାଙ୍କ ଉପରେ ଚାପ ପଡୁଛି ବୋଲି ସେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏପରିକି, ମାମଲା ପ୍ରତ୍ୟାହାର ନକଲେ ଚାକିରି ହରାଇବାକୁ ପଡ଼ିବ ବୋଲି ଧମକ ଦିଆଯାଉଛି। ଏହାସହ ବୁଧବାର ଦିନ ଗାଁରେ ରହୁଥିବା ତାଙ୍କ ପିତାମାତାଙ୍କୁ ମଧ୍ୟ ଧମକ ଦିଆଯାଇଛି ବୋଲି ସେ କହିଛନ୍ତି।

ତେବେ ପୀଡ଼ିତାଙ୍କ ଏଭଳି ଅଭିଯୋଗକୁ ପରୋକ୍ଷରେ ଅସ୍ୱୀକାର କରିଛନ୍ତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା। ପୀଡ଼ିତାଙ୍କ ୧୮୩ ବିଏନ୍‌ଏସ୍‌ରେ ବୟାନ ରେକର୍ଡ ପରେ ଅଭିଯୁକ୍ତ ତପନ ନାହାକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଶ୍ରୀ ନାହାକଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତାଙ୍କ କ୍ୱାର୍ଟର୍ସ ଉପରେ ସଦର ଥାନା ତରଫରୁ କଡ଼ା ନଜର ରଖାଯାଇଛି। ପୁଲିସ୍ ତରଫରୁ କୌଣସି ଚାପ ପଡ଼ି ନଥିବା ଏସ୍‌ପି କହିଥିବା ବେଳେ ପୀଡ଼ିତା ଏବଂ ସେ ଯେଉଁମାନଙ୍କ ନାମରେ ଅଭିଯୋଗ କରିଛନ୍ତି, ସମସ୍ତଙ୍କର ମୋବାଇଲ କଲ ରେକର୍ଡ ଯାଞ୍ଚ କରାଯାଉଛି ବୋଲି ସୂଚନା ଦେଇଛନ୍ତି। ସେହିପରି ପୀଡ଼ିତା କୁଜଙ୍ଗ ଏବଂ ପାରାଦୀପ ଯାଇଥିବା ସମ୍ପର୍କରେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ସେ ନିଜେ ଏହି ମାମଲାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଥିବା କହିଛନ୍ତି ଏସ୍‌ପି ଶ୍ରୀ ଉଦ୍‌ଗାତା।

ଅନ୍ୟପକ୍ଷରେ ଗିରଫ ଆଇଆଇସି ତପନ ନାହାକଙ୍କ ଜଣେ ସମ୍ପର୍କୀୟ ଲକ୍ଷ୍ମୀକାନ୍ତ ଦାସ ଗୁରୁବାର ସନ୍ଧ୍ୟାରେ ସମ୍ପୃକ୍ତ ମହିଳା ଗୃହରକ୍ଷୀଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଶ୍ରୀ ଦାସଙ୍କ ଅଭିଯୋଗ ଅନୁସାରେ, ଜଗତସିଂହପୁର ସଦର ଥାନାରେ ଅତିରିକ୍ତ ଆଇଆଇସି ଭାବେ କାର୍ଯ୍ୟ କରୁଥିବା ସମୟରେ ତପନଙ୍କ ସହ ଘନିଷ୍ଠତା ବଢ଼ାଇଥିଲେ ସମ୍ପୃକ୍ତ ମହିଳା ହୋମଗାର୍ଡ। ବିଭିନ୍ନ ଆଳ ଦେଖାଇ ସେ ଶ୍ରୀ ନାହାକଙ୍କଠାରୁ ୫୦ ହଜାର ଟଙ୍କା ଧାର ନେଇଥିଲେ। ଉକ୍ତ ଟଙ୍କା ଫେରସ୍ତ ମାଗିବାରୁ ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଦେଇଛନ୍ତି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଏପରିକି, ଶ୍ରୀ ନାହାକଙ୍କୁ ବ୍ଲାକ୍‌ମେଲ କରିବା ସହ ସେ ୨୫ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ମିଳିବାରୁ ବିଭିନ୍ନ ପ୍ରକାର ଅଭିଯୋଗ ଉଠାଇ ଶ୍ରୀ ନାହାକଙ୍କ ନାମରେ ମିଥ୍ୟା ମାମଲା କରିଥିବା ଏତଲାରେ ଉଲ୍ଲେଖ ରହିଛି।

■ ଧାନକିଣାରେ ଅବ୍ୟବସ୍ଥା

## ଭଦ୍ରକ ଏସିଏସ୍‌ଓ ନିଲମ୍ବିତ

ଭଦ୍ରକ, ୨୭।୨(ସମିସ): ଭଦ୍ରକ ଜିଲ୍ଲା ଯୋଗାଣ ବିଭାଗର ଏସିଏସ୍‌ଓ (ଅତିରିକ୍ତ ଯୋଗାଣ ଅଧିକାରୀ) ଶରତ ଚନ୍ଦ୍ର ବେହେରାଙ୍କୁ ଆଜି ରାଜ୍ୟ ସରକାର



ନିଲମ୍ବିତ କରିଛନ୍ତି। ବିଭାଗୀୟ ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ଆଦେଶାନୁସାରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବିତ ଶ୍ରୀ ବେହେରାଙ୍କୁ ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଆଦେଶ ହୋଇଛି। ଗତ ୨୦୨୦ ନଭେମ୍ବରରେ ସହରାଞ୍ଚଳ ଏସିଏସଓ ଭାବେ ଯୋଗ ଦେଇଥିବା ଶ୍ରୀ ବେହେରା ଧାନକିଣାରେ ସର୍ବେସର୍ବା ହୋଇ ଗତ ୫ ବର୍ଷ ହେବ ଜିଲ୍ଲାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଭିନ୍ନ ଅନିୟମିତତାରେ ସେ ଛନ୍ଦି ହେବା ସହ ନିକଟ ଅତୀତରେ ଜିଲ୍ଲା ପରିଷଦ ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ମଧ୍ୟ ତାଙ୍କୁ କଡ଼ା ଭର୍ତ୍ସନା କରିଥିଲେ।

## ଆଇଓସିଏଲରେ ଶ୍ରମିକ ମୃତ୍ୟୁକୁ ନେଇ ଉତ୍ତେଜନା

ପାରାଦୀପ, ୨୭।୨(ସମିସ): ଆଇଓସିଏଲରେ ଜଣେ ଶ୍ରମିକର ମୃତ୍ୟୁକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ମୃତ ଶ୍ରମିକଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି। ଫଳରେ ଆଇଓସିଏଲକୁ ଯାତାୟାତ ଠପ୍ ହୋଇଯାଇଛି। ମୃତ ଶ୍ରମିକଜଣଙ୍କ ହେଲେ ସ୍ଥାନୀୟ କୁଜଙ୍ଗ ବ୍ଲକ କାଳିପାଟ ଗ୍ରାମର ବିଦ୍ୟାଧର ମାଝୀ। ସେ ଆଇଓସିଏଲର ସୋପାନ ଓ ଆଣ୍ଡ ଏମ୍‌ର ରିଗର ଭାବେ କାମ କରୁଥିଲେ। ଗତକାଲି ସନ୍ଧ୍ୟାରେ ସେ ଆଇଓସିଏଲ ଭିତରେ କାମ ସାରି ଫେରୁଥିବା ବେଳେ ଗେଟ୍ ନିକଟରେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ି ଯାଇଥିଲେ। ସେଠାରେ ଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ସଙ୍ଗେସଙ୍ଗେ କୁଜଙ୍ଗ ମେଡିକାଲ ଓ ପରେ କଟକ ନେଇଥିଲେ। ମାତ୍ର କଟକରେ ତାଙ୍କର ଆଜି ମୃତ୍ୟୁ ହୋଇଥିଲା। ଗେଟ୍ ନିକଟରେ ଜଣେ ଶ୍ରମିକ ଅସୁସ୍ଥ ହୋଇପଡ଼ିଥିବା ବେଳେ ଆଇଓସିଏଲ କର୍ତ୍ତୃପକ୍ଷ ତାଙ୍କୁ ନିଜର ଆଇଓସିଏଲ ମେଡିକାଲ ନନେଇ ଶ୍ରମିକଙ୍କ ହାତରେ ତାଙ୍କୁ ଛାଡ଼ି ଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଓ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ଦାବିରେ ଆଇଓସିଏଲ



■ ଧାରଣାରେ ବସିଲେ ଗ୍ରାମବାସୀ
■ ମୃତକଙ୍କ ପରିବାରକୁ ୬ ଲକ୍ଷ ଓ ପରିବାରରୁ ଜଣଙ୍କୁ ଚାକିରି

ରାସ୍ତାରେ ପାଖାପାଖି ୩ ଘଣ୍ଟା ଧରି ଗ୍ରାମବାସୀ ଓ ପରିବାର ସଦସ୍ୟ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଅଭୟଚାନ୍ଦପୁର ଥାନା ପୁଲିସ ପହଞ୍ଚି ଆଇଓସିଏଲ କର୍ତ୍ତୃପକ୍ଷ ଓ ସୋପାନ ଓ ଆଣ୍ଡ ଏମ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରାଇଛନ୍ତି। ମୃତକଙ୍କ ପରିବାରକୁ ୬ଲକ୍ଷ ଟଙ୍କା ଓ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହାର କରିଛନ୍ତି ଗ୍ରାମବାସୀ ଓ ପରିବାର। ଏହି ଧାରଣା ଯୋଗୁଁ ଆଇଓସିଏଲ ପରିସରକୁ କେହି ଯାଇପାରୁ ନଥିବା ବେଳେ, ଆଇଓସିଏଲ ଭିତରୁ କେହି ବାହାରକୁ ଯାଇପାରୁ ନଥିଲେ।

## ଆର ବାଲକ୍ରିଷ୍ଣନ ଆଇଆଇଟିଏସ୍‌ର ନିର୍ଦ୍ଦେଶକ ନିଯୁକ୍ତ




ଭୁବନେଶ୍ୱର,୨୭।୨(ସମିସ): ପୂର୍ବତନ ଉନ୍ନୟନ କମିଶନର ତଥା ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରମୁଖ ପରାମର୍ଶଦାତା ଆର.ବାଲକ୍ରିଷ୍ଣନଙ୍କୁ ତାମିଲନାଡ଼ୁ ସରକାର ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ତାମିଲ ଷ୍ଟଡିଜ୍ (ଆଇଆଇଟିଏସ୍)ର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛନ୍ତି। ତାମିଲ ଭାଷା ଓ ସଂସ୍କୃତି ସମ୍ପର୍କିତ ଗବେଷଣା ତଥା ପ୍ରଚାର ପ୍ରସାରରେ ତାଙ୍କର ନିଯୁକ୍ତି ଲାଭଦାୟୀ ହେବ ବୋଲି କୁହାଯାଇଛି। ତାମିଲ ସାହିତ୍ୟରେ ସ୍ନାତକୋତ୍ତର ଲାଭ କରିଥିବା ଶ୍ରୀ ବାଲକ୍ରିଷ୍ଣନ୍ ୧୯୮୪ ମସିହାରେ ଓଡିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ଭାବେ ଯୋଗ ଦେଇଥିଲେ। ବେଶ୍ ଦକ୍ଷତାର ସହ ସରକାରୀ କାର୍ଯ୍ୟ ସମ୍ପାଦନ କରି ଥିବା ଶ୍ରୀ ବାଲକ୍ରିଷ୍ଣନ୍‌ଙ୍କ ଓଡିଆ ଭାଷା, ସଂସ୍କୃତି ତଥା ଭାସ୍କର୍ଯ୍ୟ ଉପରେ ପ୍ରଗାଢ଼ ଜ୍ଞାନ ରହିଛି। ସେହିପରି ଜଣେ ଲେଖକ, ଗବେଷକ, କବି ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଦୀର୍ଘ ଦିନ ଧରି ଓଡିଶାରେ କାର୍ଯ୍ୟ କରିବା ଅବସରରେ ଓଡିଆ ସଂସ୍କୃତିର ବହୁତ ନିକଟତର ଥିଲେ।

## ହାତୀ ଆକ୍ରମଣରେ ଯୁବକ ମୃତ

ଅନୁଗୋଳ, ୨୭।୨(ସମିସ): ଅନୁଗୋଳ ଜିଲ୍ଲା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ତରଭା ଗାଁର ଅନୀଲ ଭୋଇ। ସୂଚନା ଅନୁଯାୟୀ, ଗତକାଲି ସଂଧ୍ୟାରେ ଅନିଲ କାମ ସାରି ନିଜ ଗାଁ ତରଭା ଆଡ଼କୁ ଯାଉଥିଲେ। ବାଟରେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଶିବରାତ୍ରି ଥିବାରୁ ସେ କୁଆଡ଼େ ବୁଲିବାକୁ ଯାଇଥିବା ଭାବି ପରିବାରଲୋକେ ଆଉ ଖୋଜାଖୋଜି କରିନଥିଲେ। ଆଜି ସକାଳୁ ଅନୀଲଙ୍କ ମୃତ ଶରୀର ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରେ ଘଟଣା ବିଷୟରେ ବନ ବିଭାଗକୁ ଖବର ଜଣାଇବା ପରେ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ପ୍ରାଥମିକ ଅନୁସନ୍ଧାନରୁ ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡୁଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗର ଅଧିକାରୀ କହିଛନ୍ତି।

## ଜାହାଜରୁ ଖସି ଶ୍ରୀଲଙ୍କା ନାଗରିକ ଗୁରୁତର

ପାରାଦୀପ,୨୭।୨(ସମିସ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଆଜି ଏକ ବଡ଼ ଅଘଟଣ ଘଟିଛି। ଆଇରନ ଓର୍ ନେବା ପାଇଁ ଆସିଥିବା ବାରବାଦୋସର ଏକ ଜାହାଜ ଏମ୍ ଭି ଆଲୋରାର ଚିଫ୍ ଅଫିସର



ଜାହାଜରୁ ଖସି ପଡ଼ି ଗୁରୁତର ଆହତ ହୋଇଛନ୍ତି। ଚିଫ୍ ଅଫିସରଜଣଙ୍କ ଶ୍ରୀଲଙ୍କା ନାଗରିକ ହୋଇଥିବା ବେଳେ ତାଙ୍କ ନାଁ ଆସେଲା ଆସଙ୍କା ମୋହନ ବୋଲି ଜଣାପଡ଼ିଛି। ତାଙ୍କ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିବା ବେଳେ ତାଙ୍କୁ ପ୍ରଥମେ ବନ୍ଦର ଚିକିତ୍ସାଳୟରେ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଜାହାଜଟି ଆଇରନ ଓର୍ ନେବା ପାଇଁ ଏମ୍‌ପିବି ବର୍ଥରେ ଲାଗିଛି। ଏହି ଅଫିସରଜଣଙ୍କ ଜାହାଜର ବିଭିନ୍ନ କାର୍ଯ୍ୟ ତଦାରଖ କରୁଥିବା ବେଳେ ହଠାତ୍ ତଳକୁ ଖସି ପଡ଼ିଥିଲେ। ଅନ୍ୟ ଷ୍ଟାଫ୍‌ଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବନ୍ଦର ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ତାଙ୍କର ଅଣ୍ଟାରେ ଗଭୀର ଆଘାତ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ପଠାଯାଇଥିବା ସୂଚନା ମିଳିଛି।

## ଇନ୍ଦ୍ରାବତୀରେ ବୁଡ଼ି ଜଣେ ନିଖୋଜ

ଥୁଆମୂଳ ରାମପୁର, ୨୭।୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ପାଡ଼େପଦର ପଞ୍ଚାୟତ ବେଣାଖମାର ଗ୍ରାମର ଜଣେ ବ୍ୟକ୍ତି ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ନିଖୋଜ ହୋଇଯାଇଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ ବ୍ରଜ ମାଝୀ (୪୬)। ଗୁରୁବାର ସକାଳ ପ୍ରାୟ ୧୦ଟାରେ ସେ ଜଳଭଣ୍ଡାରକୁ ଗାଧେଇବାକୁ ଯାଇଥିଲେ; ହେଲେ ଘରକୁ ଫେରିନଥିଲେ। ମଧ୍ୟାହ୍ନରେ ସେହି ତୁଠକୁ ତାଙ୍କ ସ୍ତ୍ରୀ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ବ୍ରଜଙ୍କ ଚପଲ ଏବଂ ବସ୍ତ୍ର ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ପାଣିରେ ବୁଡି ଯାଇଥିବା ସନ୍ଦେହ କରି ତୁରନ୍ତ ସେ ପରିବାର ଲୋକଙ୍କୁ ଜଣାଇଲେ। ସ୍ଥାନୀୟ ସମିତିସଭ୍ୟ ମୋହନ ସାଗର ଥୁଆମୂଳ ରାମପୁର ଥାନାଧିକାରୀ ଓ ଅଗ୍ନିଶମ ବାହିନୀର ଅଧିକାରୀଙ୍କୁ ଏ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଜଳଭଣ୍ଡାରରେ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ହେବା ଯୋଗୁଁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ଶୁକ୍ରବାର ପୁଣି ଖୋଜିବା କାର୍ଯ୍ୟ ଜାରି ରହିବ ବୋଲି ଜଣାପଡ଼ିଛି।

**ମହାଶିବରାତ୍ରୀରେ ଅମାନିଆଙ୍କ ରାଜ୍**

# ଲିଙ୍ଗରାଜ ମନ୍ଦିର ଉପରେ ଉଡ଼ିଲା ମାଳ ମାଳ ଡ୍ରୋନ୍

ଭୁବନେଶ୍ୱର, ୨୭।୨(ସମିସ): ଅପରାଧୀଙ୍କୁ ସାବାଡ଼ କରିବାରେ ପୁଲିସ ଫେଲ୍ ମାରିଥିବା ବେଳେ ଏବେ ଆକାଶ ପଥରେ ମଧ୍ୟ ପୁଲିସ ଜୁ ପାଉନି। ଯିଏ ଚାହିଁଲା ମନଇଚ୍ଛା ଆକାଶରେ ଉଡାଇଲା ଡ୍ରୋନ୍। ଏହା ଐତିହାସିକ ଓ ପ୍ରାଚୀନ ମନ୍ଦିର ପ୍ରତି ବିପଦରେ ସୃଷ୍ଟି କରିଛି। ଗତକାଲି ମହାଶିବରାତ୍ରୀ ବେଳେ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଉପରେ ମାଳ ମାଳ ଡ୍ରୋନ୍ ଉଡୁଥିବାର ଦେଖାଯାଇଛି। ଡ୍ରୋନ ଉଡ଼ାଇ ଅମାନିଆ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଇଥିବା ବେଳେ କମିସନରେଟ୍ ପୁଲିସ ଅସହାୟ ଅବସ୍ଥାରେ ଚାହିଁ ରହିଥିଲା।

ମହାଶିବରାତ୍ରୀ ବେଳେ ଶ୍ରୀଲିଙ୍ଗରାଜ ମନ୍ଦିରରେ ବ୍ୟାପକ ଅବ୍ୟବସ୍ଥା ନେଇ ପ୍ରଶାସନ ବିବାଦରେ ଥିବା ବେଳେ ମନ୍ଦିର ଉପରେ ମାଳ ମାଳ ଡ୍ରୋନ ଉଡ଼ିବା ଘଟଣା ପୁଲିସକୁ ହରଡ଼ଘଣାରେ ପକାଇଛି। ନୋ ଫ୍ଲାଇଂ ଜୋନ୍ ସତ୍ତ୍ୱେ ଛତୁ ଫୁଟିଲା ଭଳି ଆକାଶରେ ଉଡୁଥିଲା ଡ୍ରୋନ୍। କିଏ କେତେ ପ୍ରକାରର ଭିଡିଓ ସୁଟ କରି ପାରିବ, ସେନେଇ ଯେମିତି ଏକ ପ୍ରକାରର ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। କିନ୍ତୁ ଏସବୁ ଉପରେ ଯେମିତି ପୁଲିସର ଟିକିଏ ବି ନଜର ନଥିଲା। ଜାଗରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ଜନସମାଗମ ଥିଲା। କିଏ କେଉଁ ଉଦ୍ଦେଶ୍ୟ ରଖି ଏହି ଡ୍ରୋନ ଉଡାଉଥିଲା, ତାହା କାହାକୁ ଜଣାନଥିଲା। କୁହାଯାଉଛି ଯେ ପ୍ରଶାସନ ୨ଟି ଡ୍ରୋନ୍ ଉଡ଼ାଇଥିବା ବେଳେ

**ଅସହାୟ ପୁଲିସ ଚାହିଁ ରହିଲା**

ବାକି ଡ୍ରୋନ୍ ଗୁଡିକ ୟୁ-ଟ୍ୟୁବ୍‌ର ଉଡ଼ାଇଥିଲେ। କିଛି ଟଙ୍କା ପାଇଁ ଲିଙ୍ଗରାଜ ମନ୍ଦିରକୁ ବିପଦକୁ ଠେଲିଦେଲେ ୟୁ-ଟ୍ୟୁବର।

ପୁଲିସ ଆକାଶରେ ଡ୍ରୋନ୍ ଉଡୁଥିବା ଦେଖିଥିଲେ ମଧ୍ୟ ହାତବାନ୍ଧି ବସି ପଡ଼ିଥିଲା। ଏଭଳି ଐତିହାସିକ ଓ ପ୍ରାଚୀନ ମନ୍ଦିର ଉପରେ ମାଳ ମାଳ ଡ୍ରୋନ୍ ଉଡାଇବା ଘଟଣାରେ ମନ୍ଦିର ପ୍ରଶାସନ କାହିଁକି ଚୁପ ରହିଛି? ଅନ୍ତରାଷ୍ଟ୍ରୀୟ ବିମାନବନ୍ଦର ପାଖରେ ରହିଥିବା ବେଳେ, ବିନା ଅନୁମତିରେ କିଏ କେଉଁ ଉଦ୍ଦେଶ୍ୟ ରଖି ଡ୍ରୋନ ଉଡାଇଛି ସେନେଇ ତଦନ୍ତ କରାଯାଉ ବୋଲି କହିଛନ୍ତି ସଂସ୍କୃତି ଗବେଷକ। ଶ୍ରୀମନ୍ଦିରରେ ଡ୍ରୋନ୍ ଉଡିବା ଘଟଣାରେ ପୂର୍ବରୁ ବହୁ ପର୍ଯ୍ୟଟକ ଏବଂ ୟୁ୍ୟଟୁବରଙ୍କୁ ଗିରଫ କରାଯାଇଥିବା ନଜିର ରହିଛି। ଲିଙ୍ଗରାଜ ମନ୍ଦିରରେ ଡ୍ରୋନ୍ ଉଡାଇଥିବା ବ୍ୟକ୍ତି ବିଶେଷଙ୍କୁ କେବେ ଚିହ୍ନଟ କରାଯିବ ସେନେଇ ପ୍ରଶ୍ନ ଉଠିଛି।

ଲିଙ୍ଗରାଜ ମନ୍ଦିର ନୋ ଫ୍ଲାଇଁ ଜୋନ ହୋଇଥିଲେ ବି କିଭଳି ଏତେ ଡ୍ରୋନ୍ ଉଡ଼ିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଯାହା ପୋଲିସ ପ୍ରଶାସନ ଓ ସରକାରଙ୍କ ପାରିବା ପଣିଆକୁ ପଦାରେ ପକାଇଛି। ସନ୍ଧ୍ୟା ହେବା ପରେ ଲିଙ୍ଗରାଜ ମନ୍ଦିର ଉପରେ ଉଡିଥିଲା ୨୦ରୁ ଉର୍ଦ୍ଧ୍ୱ ଡ୍ରୋନ। ସୋସିଆଲ ମିଡ଼ିଆ ଫେସବୁକ, ଏକ୍ସ ଓ ଇନଷ୍ଟାଗ୍ରାମରେ ପୋଷ୍ଟ ଓ ଭିଡିଓ ଅପଲୋଡ଼ ହେଲା। ନୋ ଫ୍ଲାଇଙ୍ଗ ଜୋନ ହୋଇ ବି ବିନା ବାଧାରେ ଡ୍ରୋନରେ ଭିଡିଓ ରେକର୍ଡ କରି ଲୋକେ ସୋସିଆଲ ମିଡିଆରେ ପୋଷ୍ଟ କଲେ। ଆଉ ସରକାର ଏବଂ ପୁଲିସ ପ୍ରଶାସନ ଦେଖଣାହାରି ସାଜିଲା। କିଛିଦିନ ତଳେ ଲିଙ୍ଗରାଜ ମନ୍ଦିର ବେଢାରେ ଅଭିନେତ୍ରୀ ଶିଲ୍ପା ସେଟ୍ଟୀଙ୍କ ଫଟୋ ଉଠାକୁ ନେଇ ତୁମ୍ବି ତୋଫାନ ହୋଇଥିଲା। ସେହିଭଳି ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଇବା ଅଭିଯୋଗରେ ଥାନାରେ ଏତଲା ହେବା ସହ କୋଲକାତାର ଜଣେ ୟୁଟ୍ୟୁବରଙ୍କୁ ଗିରଫ କରାଯାଇଥିଲା। ମନ୍ଦିର ସୁରକ୍ଷା ପ୍ରତି ବିପଦ ଥିବା ଦର୍ଶାଇ ସେତେବେଳେ ଗୁଇନ୍ଦା ପକ୍ଷରୁ ଆଲର୍ଟ କରାଯାଇଥିଲା। ସାଇବର ଏକ୍ସପର୍ଟଙ୍କ କହିବା ମୁତାବକ ନୋ ଫ୍ଲାଇଂ ଜୋନରେ ଯଦି ଡ୍ରୋନ ଉଡୁଛି, ତେବେ ତୁରନ୍ତ ପ୍ରଶାସନ ପକ୍ଷରୁ ଜାମର ଲଗାଯାଇ ଡ୍ରୋନର୍ ମୁଭମେଣ୍ଟକୁ ଜାମ କରାଯାଇପାରିବ। ଅଥବା ଲେଜର ଲାଇଟ ସହାୟତରେ ଡ୍ରୋନ ସେନସରକୁ ଡାଉନ କରାଯାଇପାରିବ। ହେଲେ ପୁଲିସ ଏପରି କିଛି କରି ନକରି କେବଳ ଦେଖଣାହାରି ସାଜିଥିଲା ବୋଲି ଅଭିଯୋଗ ହୋଇଛି।

## ଶିମିଳିପାଳ ବନାଗ୍ନି ନିୟନ୍ତ୍ରଣରେ ଡ୍ରୋନ୍ କ୍ୟାମେରା

ବାରିପଦା,୨୭।୨(ସମିସ): ଶିମିଳିପାଳ ଅଭୟାରଣ୍ୟକୁ ବନାଗ୍ନି ଦାଉରୁ ସୁରକ୍ଷା ଦେବା ନିମନ୍ତେ ବନ ବିଭାଗ ଅଣ୍ଟା ଭିଡ଼ିଛି। ଚଳିତ ବର୍ଷ ଜିରୋ ବନାଗ୍ନି ପଏଣ୍ଟ ଲକ୍ଷ୍ୟ ସାଧିତ କରିବା ପାଇଁ ଡ୍ରୋନ୍ କ୍ୟାମେରାକୁ ଯୋଡ଼ାଯାଇଛି। ଏନେଇ ବନ କର୍ମଚାରୀଙ୍କୁ ତାଲିମ ମଧ୍ୟ ଦିଆଯାଉଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ



ଦକ୍ଷିଣ, ଉତ୍ତର, ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଆଦି ସମସ୍ତ ବନଖଣ୍ଡର କର୍ମଚାରୀଙ୍କୁ ଏ ନେଇ ତାଲିମ ଦିଆଯାଇଛି। ଅଭୟାରଣ୍ୟ କିମ୍ବା ପାଦଦେଶ ଅଞ୍ଚଳରେ ବନାଗ୍ନି ସ୍ଥିତି ଉପୁଜିଲେ, ଡ୍ରୋନ୍ ସହାୟତାରେ ଦୂର ଆକାଶରୁ ଉକ୍ତ ସ୍ଥାନକୁ ଚିହ୍ନଟ କରାଯାଇପାରିବ। ଡ୍ରୋନ୍ କ୍ୟାମେରା ଟିମ ସ୍ଥିତି ନେଇ ଜଣାଇବା ପରେ ବନାଗ୍ନି ନିୟନ୍ତ୍ରଣ ଟିମ୍ ଉକ୍ତ ସ୍ଥାନରେ ଖୁବ କମ ସମୟ ମଧ୍ୟରେ ନିୟୋଜିତ ହୋଇ ବନାଗ୍ନି ନିୟନ୍ତ୍ରଣ କରିପାରିବ।

ଡ୍ରୋନ୍ କ୍ୟାମେରାଗୁଡ଼ିକ ଅଭୟାରଣ୍ୟ ଭିତର ଅପେକ୍ଷା ପାଦଦେଶ ଅଞ୍ଚଳ ଜଙ୍ଗଲରେ ବନାଗ୍ନି ନିୟନ୍ତ୍ରଣରେ ଅଧିକ ସହାୟକ ହେବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୦ଟି ଡ୍ରୋନ୍ କ୍ୟାମେରା ପ୍ରଦାନ କରାଯାଇଛି। ପ୍ରତି ବନଖଣ୍ଡର କର୍ମଚାରୀଙ୍କୁ ଡ୍ରୋନ୍ କ୍ୟାମେରା ପରିଚାଳନା ନେଇ ପର୍ଯ୍ୟାୟକ୍ରମରେ ପ୍ରଶିକ୍ଷଣ ଦିଆଯାଇଛି ଏବଂ ସେମାନଙ୍କୁ ଡ୍ରୋନ୍ କ୍ୟାମେରା ପ୍ରଦାନ କରାଯାଉଛି। ବନାଗ୍ନିକୁ ଆୟତ୍ତ କରିବା ନେଇ ଶିମିଳିପାଳ କର୍ତ୍ତୃପକ୍ଷ ବର୍ତ୍ତମାନ ସବୁଠୁ ଆହ୍ୱାନ ସାଜିଥିବା ବେଳେ ଏ.ଆଇ କ୍ୟାମେରା ଓ ସାଟେଲାଇଟ ମାଧ୍ୟମରେ ଦିନ ବେଳେ ନିଆଁ ଲାଗିଲେ ନିୟନ୍ତ୍ରଣ ସମ୍ଭବ ହେଉଥିଲେ ହେଁ ରାତିରେ ଫେଲ ମାରୁଥିଲେ। ମାତ୍ର ଏବେ ଡ୍ରୋନ ମାଧ୍ୟମରେ ତାହା ଫଳପ୍ରଦ ହେବ ବୋଲି ଡ. ଗୋଗିନେନୀ କହିଛନ୍ତି।

## କଜଳେଇ ମନ୍ଦିରରେ ବିଳମ୍ବିତ ରାତିରେ ଉଠିଲା ମହାଦୀପ

**ସୁକିନ୍ଦା, ୨୭ ।୨(ସମିସ):** ସୁକିନ୍ଦା ଅଞ୍ଚଳର ରାଜାରାଜୁଡ଼ା ସମୟରୁ ନିର୍ମିତ ସୁକିନ୍ଦା କଜଳେଇ ଶିବମନ୍ଦିର ଓ ଡୁବୁରିସ୍ଥ କପିଳେଶ୍ୱର ଶିବ ମନ୍ଦିରରେ ଗତକାଲି ବିଳମ୍ବିତ ରାତିରେ ମହାଦୀପ ଉଠିଛି। ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ଏହି ଦୁଇ ମନ୍ଦିର ବ୍ୟତୀତ ଗରିବେଶ୍ୱର୍ ମନ୍ଦିର, ଓଳିଆ ଶିବ ମନ୍ଦିର, ଝୁମ୍ପାଣ ଶିବମନ୍ଦିର, ବ୍ଲକ କଲୋନୀ ଶିବମନ୍ଦିର, ଆମ୍ପଳବା ମନ୍ଦିର, ଖରଡ଼ି ଆଦି ମନ୍ଦିରରେ ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ରୀତିନୀତି ଅନୁଯାୟୀ ସୁକିନ୍ଦା ଜଗନ୍ନାଥ ମନ୍ଦିରରୁ ପ୍ରଭୁ ହରିଙ୍କୁ ସୁସଜ୍ଜିତ ବିମାନରେ ଭକ୍ତମାନେ ଭଜନ କୀର୍ତ୍ତନ କରି ଶୋଭାଯାତ୍ରାରେ କଜଳେଇ ଶିବ ମନ୍ଦିରରେ ପହଞ୍ଚିବା ପରେ ହରିହର ଭେଟ ହୋଇଥିଲା। ମହାଦେବଙ୍କୁ କେତକୀ ଫୁଲ ଅର୍ପଣ ପରେ ବିଧି ଅନୁଯାୟୀ ମହାଶିବରାତ୍ରିର ବିଳମ୍ବିତ ରାତିରେ ମନ୍ଦିର ଉପରକୁ ମହାଦୀପ ଉଠିଥିଲା।

## ଦୋକାନ ଉପରେ ଓଲଟିଲା ଟ୍ରକ୍

**ପାଣିକୋଇଲି, ୨୭ ।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମଣିପୁର ନିକଟରେ ବାଲେଶ୍ୱରରୁ ପ୍ଲାଇ ନେଇ କଟକ ଯାଉଥିବା ଏକ ଟ୍ରକ୍ କୁହୁଡ଼ି ଯୋଗୁଁ ରାସ୍ତା ଦେଖି ନ ପାରି ଭାରସାମ୍ୟ ହରାଇ ଡିଭାଇଡ଼ରରେ ପିଟି ହୋଇ ରାଜପଥର ବାମ ପାର୍ଶ୍ୱରେ ଥିବା ଏକ ଦୋକାନ ଉପରେ ଓଲଟି ପଡ଼ିଛି। ଫଳରେ ଟ୍ରକ୍ ଚାପାରେ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ସୌଭାଗ୍ୟବଶତଃ ଚାଳକ କିମ୍ବା ଦୋକାନ ମାଲିକଙ୍କ କିଛି କ୍ଷତି ହୋଇନାହିଁ। ଖବର ପାଇ ପାଣିକୋଇଲି ପୁଲିସ ପହଞ୍ଚି ତଦନ୍ତ ଚାଲୁ ରଖିଛି।

## ଖାଲରେ ପଡ଼ି ଓଲଟିପଡ଼ିଲା କାର୍

**ପାଣିକୋଇଲି, ୨୭ ।୨(ସମିସ):** ୨୦ ନମ୍ବର ଜାତୀୟ ରାଜପଥର ଧନେଶ୍ୱର ଛକ ନିକଟରେ ରାଜପଥରେ ଥିବା ଖାଲରେ କେନ୍ଦୁଝରରୁ ଭୁବନେଶ୍ୱର ଯାଉଥିବା ଏକ କାର୍‌ର ଚକ ପଡ଼ିଯିବାରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ତେବେ କାହାର କିଛି କ୍ଷତି ଘଟିନାହିଁ। ଖବର ପାଇ ଆମେ ଆପଣଙ୍କ ପାଇଁ ହେଲଫିଂ ଗ୍ରୁପର ସଦସ୍ୟ ପହଞ୍ଚି କାର୍‌ରେ ଥିବା ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ।

## ଥାନା ଅଧିକାରୀଙ୍କ ଅସ୍ଥାୟୀ ଡାଇଭର୍ସନ ପରିଦର୍ଶନ

**ପାଣିକୋଇଲି, ୨୭ ।୨(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ତ୍ରୁଟିପୂର୍ଣ୍ଣ ଅସ୍ଥାୟୀ ଡାଇଭର୍ସନ ଯୋଗୁଁ ବହୁ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ କ୍ଷତିଗ୍ରସ୍ତ ହେଉଛି। ଏ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ



ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ କୁମାର ମହାନ୍ତି ରାଜପଥ ବିଭାଗ ଅଧିକାରୀଙ୍କୁ ନେଇ ବ୍ରଜନଗରଠାରୁ ସାହାପୁର ପର୍ଯ୍ୟନ୍ତ ଅସ୍ଥାୟୀ ଡାଇଭର୍ସନ ପରିଦର୍ଶନ କରିଛନ୍ତି। ଏଥିସହିତ ଯେଉଁ ଡାଇଭର୍ସନ ବ୍ୟବହାର ହେଉନାହିଁ, ସେଗୁଡ଼ିକୁ ବନ୍ଦ କରିବା ଲାଗି ରାଜପଥ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଥିବା ଡାଇଭର୍ସନଠାରେ ବିଭାଗ ପକ୍ଷରୁ ଚାଳକଙ୍କ ଅବଗତି ନିମନ୍ତେ ସତର୍କ ଆଲୋକ ଲଗାଇବା ଲାଗି ପରାମର୍ଶ ଦେଇଥିବା ଜଣାପଡ଼ିଛି।

## କୋରେଇ ପଞ୍ଚାୟତ ସମିତି ବୈଠକରେ ହଙ୍ଗାମା ▸ ବିଡିଓଙ୍କ ମନମାନିକୁ ବିରୋଧ

**କୋରେଇ/ରଗଡ଼ି, ୨୭ ।୨(ସମିସ)**




କୋରେଇ ବ୍ଲକ ପଞ୍ଚାୟତ ସମିତି ବୈଠକରେ ଆଜି ପ୍ରବଳ ହୋହାଲ୍ଲା ସହିତ ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ କକ୍ଷତ୍ୟାଗ କରିବା ଫଳରେ ବୈଠକ ଅଧାରୁ ବନ୍ଦ ହୋଇଯାଇଥିଲା। ଗତ ବୈଠକରେ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ନ ହେବା ଓ ବିଡିଓଙ୍କ ମନମାନିକୁ ବିଜେଡି ସମର୍ଥିତ ପିଆରଆଇ ସଦସ୍ୟ ବିରୋଧ କରିଥିଲେ। ନୂତନ ସରକାର ଆସିବାର ପ୍ରଥମ ପଞ୍ଚାୟତ ସମିତି ବୈଠକରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଉପରେ ସପ୍ତାହକ ମଧ୍ୟରେ ପଦକ୍ଷେପ ନେବାକୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ଆଜି ପର୍ଯ୍ୟନ୍ତ କାହିଁକି ପୂରଣ ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ।

ଆଜି ବୈଠକ ଆରମ୍ଭ ହେଲା ମାତ୍ରେ ବିଡିଓଙ୍କ ପୂର୍ବ ବିବରଣୀ ପାଠ ଉପରେ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ପ୍ରତିକ୍ରିୟା ରଖି ଏତେଦିନ ବିତିଯାଇଥିଲେ ମଧ୍ୟ ପୂର୍ବ ବୈଠକର ପ୍ରସ୍ତାବ ଉପରେ ଏପର୍ଯ୍ୟନ୍ତ କାହିଁକି କିଛି ପଦକ୍ଷେପ ନିଆଯାଇନାହିଁ କହି ଉତକ୍ଷିପ୍ତ ହୋଇ ବିଡିଓଙ୍କୁ ଦଲାଲ ସମ୍ବୋଧନ କରିଥିଲେ। ତାଙ୍କ ସହିତ ଉପସ୍ଥିତ ଥିବା ବିଜେଡି ସମର୍ଥିତ ପିଆରଆଇ ମେମ୍ବର ମଧ୍ୟ ସ୍ୱର ମିଳାଇ ପାଟିତୁଣ୍ଡ କରିବା ସହ ହଙ୍ଗାମା ସୃଷ୍ଟି କରିଥିଲେ। ଫଳରେ ହେବାକୁ ଥିବା ପଞ୍ଚାୟତ ସମିତି ବୈଠକ ବନ୍ଦ ହୋଇଯାଇଥିଲା। କେବଳ ବିଜେପି ସମର୍ଥିତ ହାତଗଣତି ପିଆରଆଇ ମେମ୍ବର ସଭା ଗୃହରେ ନିରବରେ ବସି ରହିଥିଲେ। ସାଦକପୁର ସରପଞ୍ଚ ରବୀନ୍ଦ୍ର କୁମାର ବେହେରା ଭତ୍ତା ମଞ୍ଜୁର ହୋଇଥିଲେ ମଧ୍ୟ ଏହା ବୃଦ୍ଧବୃଦ୍ଧାଙ୍କୁ ପ୍ରଦାନ କରାଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ବାରମ୍ବାର ସେମାନେ ଆମକୁ ଭେଟିବା ଫଳରେ ଆମେ ଅସହାୟ ହୋଇପଡୁଛୁ। ଯଦି ସପ୍ତାହକ ମଧ୍ୟରେ ଏହାର ସମାଧାନ ନ ହୁଏ, ତେବେ ବ୍ଲକରେ ତାଲା ପକାଯିବ ବୋଲି ଧମକ ଦେଇଥିଲେ।

- **ବିଜେଡି ସମର୍ଥିତ ପିଆର୍‌ଆଇ ସଦସ୍ୟଙ୍କ କକ୍ଷତ୍ୟାଗ**
- **ଅଧାରୁ ବନ୍ଦ ହେଲା ବୈଠକ**

ମୂଳାପାଳ ପଞ୍ଚାୟତର ସାଳବା ଗ୍ରାମରେ ଅଙ୍ଗନବାଡି ଗୃହ ନାହିଁ। ଅସ୍ଥାୟୀ ଭାବେ ଚାଲୁଥିବା ଏକ ଗୃହର ଛାତରୁ ଆଜି ପ୍ଲାଷ୍ଟର ଖସି ଜଣେ ଶିଶୁ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ସମିତି ସଭ୍ୟ ଜୟନ୍ତ କୁମାର ନାୟକ ଉଦ୍‌ବେଗ ପ୍ରକାଶ କରି ଅଙ୍ଗନବାଡି ଗୃହ ନିର୍ମାଣ ଦାବି କରିଥିଲେ। ପରେ ସମସ୍ତ ବିଜେଡି ସମର୍ଥିତ ପିଆରଆଇ ମେମ୍ବର ସଭା ସ୍ଥଳ ଛାଡ଼ି ଚାଲିଯାଇଥିଲେ। ପୂର୍ବ ବିଜେଡି ସରକାର ସମୟରେ କୋରେଇ ବ୍ଲକରେ ବିଭିନ୍ନ ଯୋଜନାରେ ହୋଇଥିବା ଶତାଧିକ ଉନ୍ନୟନମୂଳକ କାମର ବିଲ ଦୀର୍ଘଦିନ ହେଲା ହେଉ ନ ଥିବାରୁ ଏହାର ପ୍ରତିବାଦରେ ସାଦକପୁର ସରପଞ୍ଚଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଗତ ଜାନୁଆରୀ ୨୯ ତାରିଖରେ ବ୍ଲକ ଘେରଉ ସହ ଧାରଣାରେ ବସିଥିଲେ। କୋରେଇ ଥାନା ଅଧିକାରୀଙ୍କ ଉପସ୍ଥିତରେ ବିଡିଓ ଅବନୀକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ୧୫ଦିନ ମଧ୍ୟରେ ବାକି ଥିବା ସମସ୍ତ ବିଲ୍ କରିବେ ବୋଲି ଘୋଷଣା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୁଲିସ ପକ୍ଷରୁ ମଧ୍ୟ ଏ ନେଇ ଧାରଣାକାରୀଙ୍କୁ ଆଶ୍ୱାସନା ଦିଆଯାଇଥିଲା। ଇତିମଧ୍ୟରେ ଏକମାସ ସମୟ ହୋଇଥିଲେ ହେଁ ପ୍ରତିଶ୍ରୁତି ଅନୁଯାୟୀ ବିଲ୍ ହୋଇ ନ ଥିବାରୁ ବୈଠକରେ ହୋଇଥିବା ହଙ୍ଗାମାର ଏହା ପ୍ରମୁଖ କାରଣ ବୋଲି କୁହାଯାଉଛି। ଉକ୍ତ ବକେୟା ବିଲ୍ ପାସ କରିବା ପାଇଁ ବ୍ଲକର କର୍ମଚାରୀ ମୋଟା ଅଙ୍କର ପିସି ମାଗୁଥିବା ଭଳି ମଧ୍ୟ ସଙ୍ଗିନ ଅଭିଯୋଗ ହୋଇଥିଲା। ଆଜିର ବୈଠକରେ ବିଡିଓ ଅବନୀକାନ୍ତ ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ୧ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ତରାଇ ଓ ୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ବୈଠକରେ ସାଂସଦ ଓ ବିଧାୟକ ଉପସ୍ଥିତ ଥିବାବେଳେ ଆଜି ବୈଠକରେ ଅନୁପସ୍ଥିତ ଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ଲକ ପରିସରରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

## ଭତ୍ତା ଟଙ୍କା ପାଇଁ ଅଢ଼େଇ ଘଣ୍ଟା ଖରାରେ ବସିଲେ ବୃଦ୍ଧବୃଦ୍ଧା

**କବାଟବନ୍ଧ, ୨୭ ।୨ (ସମିସ):** ଭତ୍ତା ଟଙ୍କା ପାଇଁ ପଞ୍ଚାୟତ ଅଫିସ୍ ଆସି ପ୍ରାୟ ଅଢେଇ ଘଣ୍ଟା ଖରାରେ ବସିଥିବା ଭଳି ଅଭାବନୀୟ ଦୃଶ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ଏଭଳି ଘଟଣା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଦେଖିବାକୁ ମିଳିଛି।



ମଧୁସୂଦନପୁର ପଞ୍ଚାୟତର ସମସ୍ତ ୧୪ଟି ୱାର୍ଡ଼ର ଭତ୍ତା ହିତାଧିକାରୀ ଭତ୍ତା ଟଙ୍କା ପାଇବାକୁ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ସକାଳ ୧୦ଟା ପୂର୍ବରୁ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ହିତାଧିକାରୀ ପ୍ରାୟ ଅଢେଇ ଘଣ୍ଟାରୁ ଅଧିକ ସମୟ ଗେଟ ବାହାରେ ଅପେକ୍ଷା କରିଥିଲେ ମଧ୍ୟ ଗେଟ୍‌ରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ରାସ୍ତା କଡ଼ରେ ବସିବା ପରେ ଅପରାହ୍ନ ପ୍ରାୟ ୧୨.୩୦ ମିନିଟ ପରେ କାର୍ଯ୍ୟାଳୟ ଖୋଲିଥିଲା। ଦୀର୍ଘ ସମୟ ଖରାରେ ବସି ଅପେକ୍ଷା କରି କରି ବୟସାଧିକ ବ୍ୟକ୍ତି ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାସ୍ତା କଡ଼ରେ କିଏ ଗାଡ଼ି ଚକ ପାଖରେ ତ କିଏ ଗାଡ଼ିର ପଛ ପଟେ ଗାଡ଼ି ତଳେ ଅସୁରକ୍ଷିତ ଅବସ୍ଥାରେ ବସି ରହିଥିଲେ। ଆଉ କେହି ପଞ୍ଚାୟତ ଅଫିସ ଗେଟ୍ ଛାଇରେ ବସିଥିଲେ। ତାପମାତ୍ରା ବୃଦ୍ଧି ପାଇଥିଲେ ମଧ୍ୟ ପିଇବା ପାଣି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇ ନ ଥିଲା। ପରେ ଏ କଥା ଚର୍ଚ୍ଚାକୁ ଆସିବା ପରେ ପଞ୍ଚାୟତ କାର୍ଯ୍ୟାଳୟ ଗେଟ୍ ଖୋଲିଥିଲା। ପରେ ହିତାଧିକାରୀ କାର୍ଯ୍ୟାଳୟ ଭିତରେ ବସିଥିଲେ। ତେବେ ଗେଟ୍ ଖୋଲିଲା ବେଳକୁ ମଧ୍ୟ କୌଣସି ଅଧିକାରୀଙ୍କ ଦେଖା ନ ଥିଲା। କିଛି ସମୟ ପରେ ଅଧିକାରୀ ପହଞ୍ଚି ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ତେବେ ଭତ୍ତା ପାଇଁ ଏତେ ଅବ୍ୟବସ୍ଥାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଭତ୍ତା ଟଙ୍କା ତଥା ହିତାଧିକାରୀଙ୍କ ପାଇଁ ସୁବ୍ୟବସ୍ଥା କରାଇଲେ ସୁରୁଖୁରୁରେ ଭତ୍ତା ଟଙ୍କା ପାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ହୋଲି ଜେସସ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ବଡ଼ଚଣା, ୨୭ ।୨(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥ ହୋଲି ଜେସସ୍ ପବ୍ଲିକ୍ ସ୍କୁଲର ୩୪ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷା କାମିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦିଆଗଲେ ଆମେ ଏକ ଶୃଙ୍ଖଳିତ ସମାଜକୁ ଦେଖିପାରିବା ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ଅମର କୁମାର ନାୟକ କଠିନ ପରିଶ୍ରମ ମଣିଷକୁ ଉଚ୍ଚତର ସୋପାନରେ ପହଞ୍ଚାଇଥାଏ। ପିଲାଙ୍କୁ ଭଲ ମଣିଷ ଭାବେ ତିଆରି କରିପାରିଲେ ସମାଜର ପ୍ରଭୂତ ମଙ୍ଗଳ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀ, ବୈଜ୍ଞାନିକ ଡଃ ଦୀପକ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ଭୂମିକା ଅବର୍ଣ୍ଣନୀୟ ବୋଲି କହିଥିଲେ। ଏ ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଉପରେଜିଷ୍ଟ୍ରାର ଦେଶପ୍ରିୟ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶୁଭାସିନୀ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟତ୍ରୀ ଶୀତଲ ପାଟୋଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଗରିକା ଶର୍ମା, ପୁନମ ଭାରତୀ, ନନ୍ଦିତା ଦାସ, କିରଣ ଯାଦବ, ଲକ୍ଷ୍ମୀଧର ମଲ୍ଲିକ, ଦେବାଶିଷ ନାୟକ, ଚନ୍ଦନ ନାୟକ ଓ ଶୁଭଶ୍ରୀ ବେହେରାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଅଧାପନ୍ତରିଆ ସୁକିନ୍ଦା ଜଗନ୍ନାଥ ମନ୍ଦିର ଉନ୍ନତିକରଣ କାମ



**ସୁକିନ୍ଦା, ୨୭।୨(ସମିସ)**

ସୁକିନ୍ଦା ଜଗନ୍ନାଥ ମନ୍ଦିର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାମ ପାଇଁ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ପ୍ରକଳ୍ପ କାର୍ଯ୍ୟାଦେଶ ଦେବୀପ୍ରସାଦ ନନ୍ଦଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟର ଅବଧି ଗତ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଥିଲା ଓ କାର୍ଯ୍ୟଭାର ସରକାରଙ୍କ (ରାସ୍ତା ଓ ଗୃହ) ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ପ୍ରକଳ୍ପ କାମ ଶେଷ ହେବାର ଅବଧି ତିନିମାସ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ମାତ୍ର ୨୦ ପ୍ରତିଶତ ଆରମ୍ଭ କରି ସମ୍ପୃକ୍ତ ଠିକାଦାର କାର୍ଯ୍ୟ କରୁ ନ ଥିବା ଦେଖିବାକୁ ମିଳିଛି। ଠିକାଦାରଙ୍କୁ ଏ ସମ୍ପର୍କରେ ପଚାରିବାରୁ ପ୍ରକଳ୍ପର ବିଭିନ୍ନ ଅଂଶ ନିର୍ମାଣ ପାଇଁ ଆବଶ୍ୟକୀୟ ସ୍ଥାନ ନିରୂପଣ ଦେବୋତ୍ତର ବିଭାଗ ତଥା ତହସିଲ ପ୍ରଶାସନ ପକ୍ଷରୁ କରାଯାଉ ନ ଥିବା କହିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସୁକିନ୍ଦା ତହସିଲଦାରଙ୍କୁ ବାରମ୍ବାର ଅବଗତ କରାଇବା ସହ ପ୍ରକଳ୍ପ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ ଦାବି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରଥଯାତ୍ରାକୁ ଆଉ ମାତ୍ର କିଛିମାସ ବାକିଥିବାବେଳେ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଘଟଣା ତହସିଲ ପ୍ରଶାସନର ଚରମ ଅବହେଳାକୁ ଆଙ୍ଗୁଳି ନିର୍ଦ୍ଦେଶ କରିଛି। ଯାଜପୁର ଜିଲ୍ଲାର ସର୍ବପୁରାତନ କୁହାଯାଉଥିବା ଏହି ଜଗନ୍ନାଥ ମନ୍ଦିରର ପରିଚାଳନା ଦାୟିତ୍ୱ ସରକାରଙ୍କ ଦେବୋତ୍ତର ବିଭାଗ ହାତରେ ଥିବାବେଳେ ମନ୍ଦିରର ପରିଚାଳନା ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ବିଭାଗର ଅବହେଳା ସାଧାରଣରେ ଅସନ୍ତୋଷର କାରଣ ହୋଇଛି। ସ୍ଥାନୀୟ ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହି ଘଟଣାରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଭୂମିହୀନ ପରିବାରକୁ ଜବରଦସ୍ତ ଉଚ୍ଛେଦ ଘଟଣା ▸ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା

**ଯାଜପୁର, ୨୭ ।୨(ସମିସ):** ସରକାରୀ ଜମିରୁ ଭୂମିହୀନ ପରିବାରକୁ ଜୋରଜବରଦସ୍ତ ଉଚ୍ଛେଦ ଘଟଣାରେ ଦାନଗଦି ତହସିଲଦାରଙ୍କ ବିରୋଧରେ ଓଡ଼ିଶା ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଛି। ଦାନଗଦି ତହସିଲଦାରଙ୍କ ମନମୁଖି ନୀତି ବନ୍ଦ କରି ତାଙ୍କୁ ଚାକିରିରୁ ନିଲମ୍ବନ କରିବାକୁ ଓଏଚଆରସିଙ୍କ ନିକଟରେ ଦାବି ହୋଇଛି।

ସୂଚନା ମୁତାବକ, ଯାଜପୁର ଜିଲ୍ଲା ଦାନଗଦି ତହସିଲର ଉଚ୍ଚବାଲି ମୌଜାରେ ଶହ ଶହ ଏକର ଅନାବାଦୀ ଗୋଚର ଜମି ରହିଛି। ଉକ୍ତ ଜମିରେ ଶତାଧିକ ଲୋକ ଘର କରି ରହିବା ସହ ଚାଷ କରୁଛନ୍ତି। ସରକାରଙ୍କ ପକ୍ଷରୁ ଭୂମିହୀନଙ୍କୁ ଚିହ୍ନଟ କରି ଘରଡିହ ପଟ୍ଟା ସହ ଚାଷ ଜମି ଯୋଗାଇ ଦେବାକୁ ନିୟମ ରହିଛି। ପଟ୍ଟା ପାଇଁ ତହସିଲଦାରଙ୍କ ସହ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଦାନଗଦି ତହସିଲ ପକ୍ଷରୁ ଭୂମିହୀନ ଚିହ୍ନଟ କରି ପଟ୍ଟା ପ୍ରଦାନ କରିବାରେ ଆଶାତୀତ ସଫଳତା ପାଇପାରି ନ ଥିବା ଦେଖିବାକୁ ମିଳିଛି। କିନ୍ତୁ ଦାନଗଦି ତହସିଲଦାର ସ୍ଥାନୀୟ ଆରଆଇ, ଟମକା ଥାନା ଆଇଆଇସିଙ୍କୁ ଧରି ବିନା ସୂଚନାରେ ଗତ ୨୫ ତାରିଖ ଦିନ ଉଚ୍ଚବାଲି ଗ୍ରାମର ବିଳାସିନୀ ଅମାନ୍ତଙ୍କ ଫସଲ ସହ ଗଛକୁ ମେସିନ ଲଗାଇ ଭାଙ୍ଗି ଚୁର୍‌ମାର କରିବା ସହ ବାପଅଜା ଚଉଦ ପୁରୁଷ ଧରି ଜିଇଁବାର ରାହା ଯୋଗାଇଥିବା ଭିଟାମାଟିରୁ ବଳ ପୂର୍ବକ ଉଚ୍ଛେଦ କରିଥିବା ନେଇ ରାଜ୍ୟ ମାନବାଧିକାର କମିଶନରେ ମାମଲା ରୁଜୁ କରାଯାଇଛି। ଓଏଚଆରସିର ଅଧ୍ୟକ୍ଷ ଏହାକୁ ଗୁରୁତର ସହ ନେଇ ଅଭିଯୋଗକୁ ଗ୍ରହଣ କରିଥିବା ସୂଚନା ମିଳିଛି। ଜମି ଅଧିଗ୍ରହଣ ଆଇନ କହୁଛି ଅନାବାଦୀ ହେଉ ବା ସରକାରୀ ଜମି ଉପରେ କୌଣସି ପ୍ରକଳ୍ପ କଲେ ଉଚ୍ଛେଦ କରିବା ପୂର୍ବରୁ ପ୍ରଥମେ ଉପଯୁକ୍ତ ଥଇଥାନ ସହ କ୍ଷତିପୂରଣ ରାଶି ଦେବା କଥା। ଏପଟେ ଓଜିଏଲଏସ ଆକ୍ଟରେ ଭୂମିହୀନଙ୍କୁ ପଟ୍ଟା ଦେବାର ପ୍ରବିଧାନ ରହିଛି। ସରକାର ମଧ୍ୟ ଭୂମିହୀନଙ୍କ ପାଇଁ ବସୁନ୍ଧରା ଭଳି ଏକାଧିକ ଯୋଜନା କରିଛନ୍ତି। ଏହା ସତ୍ତ୍ୱେ ଦାନଗଦି ତହସିଲଦାର ଅନଭିଜ୍ଞ ଭଳି ସୁପରିକଳ୍ପିତ ଷଡ଼ଯନ୍ତ୍ର କରି ଜମି ଛଡ଼ାଇ ନେବାକୁ ମସୁଧା କରିଥିବା ନେଇ ଅଭିଯୋଗ ହୋଇଛି। ଏ ଅଞ୍ଚଳର ଶହ ଶହ ଏକର ଜମି ମାଡ଼ିବସିଥିବା ଲୋକଙ୍କ ପାଇଁ ତହସିଲଦାର ଆଖିବୁଜି ଦେଇ ଜଣେ ଗରିବ ଅସହାୟ ଆଦିବାସୀ ବର୍ଗର ୧୫ ଡିସିମିଲ ଜାଗାକୁ ଛଡ଼ାଇ ନେବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ଛୋଟରାୟପୁର ଗ୍ରାମରେ ଚୋରି

**ପାଣିକୋଇଲି, ୨୭ ।୨ (ସମିସ):** ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଛୋଟରାୟପୁର ଗ୍ରାମରେ ଏକ ଘରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଛୋଟରାୟପୁର ଗ୍ରାମର ସୌମ୍ୟରଞ୍ଜନ ପଟ୍ଟନାୟକ ମହାଶିବରାତ୍ରି ଉପଲକ୍ଷେ ଜାଗର ଦୀପ ଜାଳିବା ଲାଗି ସପରିବାରେ ଅପରାହ୍ନ ୩ଟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ଘରେ ଅନୁପସ୍ଥିତ ଥିଲେ। ଏହାର ସୂଚନା ପାଇ କେହି ଦୁର୍ବୃତ୍ତ ଘରର ଚାବି ଭାଙ୍ଗି ନଗଦ ୪୦ ହଜାର ଟଙ୍କା ସମେତ ସୁନା ଅଳଙ୍କାର ଚୋରି କରିନେଇଛି। ତେବେ ସୌମ୍ୟ ଘରକୁ ଫେରିବା ପରେ ଘରର ମୁଖ୍ୟ ଗେଟ୍‌ର ତାଲା କଟାଯାଇଥିବା ସହିତ ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପାଣିକୋଇଲି ଥାନାରେ ଏକ ମାମଲା ରୁଜୁ ହେବା ସହିତ ପୁଲିସ ତଦନ୍ତ କରୁଛି।










## ପୋଲ ତଳକୁ ଖସିଲା ବାଇକ୍; ୨ ମୃତ

ନନ୍ଦପୁର, ୨୭।୨(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଡୁରୁବା ବ୍ରିଜ୍‌ରେ ଏକ ବାଇକ୍ ତଳକୁ ଖସି ପଡ଼ିବାରୁ ୨ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ଗଙ୍ଗାଧର ଖରା ଓ କୃଷ୍ଣଚନ୍ଦ୍ର ଗେମେଲ୍। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଗବନ୍ଧୁ କିଚଇଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ଗଙ୍ଗାଧର, କୃଷ୍ଣଚନ୍ଦ୍ର ଓ ଜଗବନ୍ଧୁ ଏକ ବାଇକ୍‌ରେ ଚାଟୁଆ ଅଞ୍ଚଳର ଏକ ଶୈବପୀଠକୁ ଯାଇଥିଲେ। ଭୋର୍ ସମୟରେ ସେଠାରୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ବାଇକ୍‌ଟି ଡୁରୁବା ବ୍ରିଜ୍ ତଳକୁ ଖସି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ଗଙ୍ଗାଧର ଓ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଜଗବନ୍ଧୁ ସେମିତି ବ୍ରିଜ୍ ତଳେ ରାତିତମାମ ଛଟପଟ ହୋଇ ପଡ଼ି ରହିଥିଲେ। ତେବେ ଆଜି ସକାଳୁ ଗ୍ରାମର କିଛି ଲୋକେ ଏହା ଦେଖି ଗୁରୁତର ଜଗବନ୍ଧୁଙ୍କୁ ମେଡିକାଲ ପଠାଇଥିଲେ। ଖବର ପାଇ ପାଡୁଆ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଡୁଆ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଭ୍ୟାନ୍ ଧକ୍କାରେ ନାବାଳକ ମୃତ

ହାଟଡ଼ିହୀ/ସୋସୋ,୨୭।୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ଛେନାପଦି ହଦଗଡ଼ ରାସ୍ତାର ଚେତନା କେନ୍ଦ୍ର ଛକ ନିକଟରେ ଆଜି ସକାଳେ ଛତୁଆ ବୋଝେଇ ଏକ ଭ୍ୟାନ୍ ଧକ୍କାରେ ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତକ ହେଲା, ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଦୋଳପଦି ଗ୍ରାମର କାଳିଆ ମୁଣ୍ଡା ଓ ମୁକ୍ତା ମୁଣ୍ଡାଙ୍କ ପୁଅ ଆକାଶ (୫)। ଆକାଶ ମା'-ବାପାଙ୍କ ସହ ସଂକଟପାଲିଆ ଗାଁରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲା। ଗାଧୋଇ ସାରି ରାସ୍ତା ପାର୍ ହେଉଥିବା ବେଳେ ଭ୍ୟାନ୍‌ଟି ତାକୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଆକାଶର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଫଳରେ ହଦଗଡ଼କୁ ଯାତାୟାତ ବନ୍ଦ ହୋଇଯାଇଥିଲା। ଖବର ପାଇ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ହାଟଡ଼ିହୀ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ, ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ, ସୋସୋ ଥାନାଧିକାରୀ ବିଜୟ କୁମାର ବିହାରୀ, ନନ୍ଦିପଦା ଅତିରିକ୍ତ ଥାନାଧିକାରୀ ରବୀନ୍ଦ୍ର କୁମାର ପାତ୍ର ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଗାଡ଼ି ମାଲିକ ମୃତ ନାବାଳକର ପରିବାରକୁ ଦେଢ଼ ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ରେଡ୍‌କ୍ରସ୍ ପକ୍ଷରୁ ୨୦,୦୦୦ ଟଙ୍କା ସହାୟତା ଯୋଗାଇ ଦିଆଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

**କ୍ଷତିପୂରଣ ଦାବିରେ ରାସ୍ତାରୋକ**

## ବ୍ରାଉନସୁଗର ମାଫିଆ ବିଭୂତିକୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, ୨୭ ।୨(ସମିସ): ଭୁବନେଶ୍ୱର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ସ୍ୱତନ୍ତ୍ର ବିଚାରପତି-୨ ଆଜି ଜଣେ ନିଶା ମାଫିଆକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀଜଣଙ୍କ ହେଲା, ବେଗୁନିଆର ବିଭୂତି ଭୂଷଣ ଜେନା। ୧୨ଜଣ ସାକ୍ଷୀ ଓ ୨୦ଟି ଦସ୍ତାବିଜ୍ ଆଧାରରେ କୋର୍ଟ ବିଭୂତିକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ନିଶାମାଫିଆକୁ ୨୦ବର୍ଷ ଜେଲ ଦଣ୍ଡାଦେଶ ହେବାରେ ଓଡ଼ିଶା ଇତିହାସରେ ଏହା ତୃତୀୟ ଘଟଣା।

୨୦୨୦ ମସିହା ଜୁନ୍ ୧ରେ ତମାଣ୍ଡୋ ଥାନା ଅଧୀନ ଏନ୍‌ଏଚ୍-୧୬ କଳିଙ୍ଗବିହାର ଅଞ୍ଚଳରେ କିଛି ସହଯୋଗୀଙ୍କ ସହ ବିଭୂତି ବ୍ରାଉନସୁଗର ଧରି ଗ୍ରାହକଙ୍କ ଅପେକ୍ଷାରେ ରହିଥିଲା। ଖବର ପାଇ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)ର ଟିମ୍ ସେଠାରେ ଚଢ଼ଉ କରି ବିଭୂତିକୁ କାବୁ କରିଥିଲା। ତେବେ ତା'ର ସହଯୋଗୀମାନେ ଫେରାର୍ ହୋଇଯାଇଥିଲେ। ତା' ନିକଟରେ ଥିବା ବାଇକ୍‌କୁ ଯାଞ୍ଚ କରିବା ପରେ ସେଥିରୁ ୧କେଜି ବ୍ରାଉନସୁଗର ମିଳିଥିଲା। ବିଭୂତି ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା ଏସ୍‌ଟିଏଫ୍। ଅପରପକ୍ଷେ, ବିଭୂତିଠାରୁ ଜବତ କରାଯାଇଥିବା ବ୍ରାଉନସୁଗରକୁ କୋର୍ଟଙ୍କ ଅନୁମତି ପରେ ପୋଡ଼ି ନଷ୍ଟ କରି ଦିଆଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଏସ୍‌ଟିଏଫ୍‌ର ଇନ୍ସପେକ୍ଟର୍ ସୁନିତା ପ୍ରଧାନ ଥିବା ବେଳେ ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ରଶ୍ମିରଞ୍ଜନ ବ୍ରହ୍ମା ପରିଚାଳନା କରୁଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର,୨୭।୨(ସମିସ): କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ମୋନାଲିସା ମହାନ୍ତି ଗୁରୁବାର ଏକ ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍ ଓ ୩ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସେ ହେଲା, ଝୁମ୍ପୁରା ଥାନା ଅଞ୍ଚଳର ଗୁଲସନ୍ ମହାକୁଡ଼(୨୨)। ୨୩ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନାନୁଯାୟୀ, ଗୁଲସନ୍ ୨୦୨୦ମସିହାରେ ସ୍ଥାନୀୟ ଅଞ୍ଚଳର ଜଣେ ଶିଶୁକନ୍ୟାକୁ ଦୁଷ୍କର୍ମ କରିବା ସହ ତାଙ୍କ ପରିବାରକୁ ମାଡ଼ ମାରିଥିଲା। ଏନେଇ ଅଭିଯୋଗ ହେବା ପରେ ଝୁମ୍ପୁରା ପୁଲିସ୍ ଏକ ମାମଲା ରୁଜୁ କରି ଗୁଲସନ୍‌କୁ କୋର୍ଟଚାଲାଣ କରିଥିଲା। ସ୍ୱତନ୍ତ୍ର ପିପି ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

### ସାଇବର ଠକଙ୍କ କରାମତି

# ଦୁଇଜଣଙ୍କଠାରୁ ଲୁଟିଲେ ଦୁଇ କୋଟି

## ବାବୁଙ୍କୁ ମହଙ୍ଗା ପଡ଼ିଲା ବିଦେଶିନୀଙ୍କୁ ପ୍ରେମ

ଭୁବନେଶ୍ୱର,୨୭ ।୨(ସମିସ): ବିଦେଶିନୀଙ୍କ ପ୍ରେମରେ ପଡ଼ି ଜଣେ ସରକାରୀ ବାବୁ ୧ କୋଟି ଟଙ୍କା ହରାଇଛନ୍ତି। ଠକେଇର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଭୁବନେଶ୍ୱରର ରାଜେନ୍ଦ୍ର ବେହେରା। ଏ ସଂପର୍କରେ ସେ ସାଇବର୍ ଥାନା ଏବଂ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। ଠକେଇ ଟଙ୍କା ଯାଇଥିବା ଆକାଉଣ୍ଟକୁ କ୍ରାଇମ୍‌ବ୍ରାଞ୍ଚ ଅଚଳ କରିଥିଲେ ହେଁ ସେଥିରେ ୧୦ ହଜାରରୁ କମ୍ ଟଙ୍କା ଥିବା ଜଣାପଡ଼ିଛି।

- ବିବାହର ପ୍ରଲୋଭନ ଦେଖାଇଥିଲେ ଯୁବତୀ
- ଲଣ୍ଡନରୁ ସୁନା ପାର୍ସଲ ପଠାଉଥିବା କହିଥିଲେ
- କଷ୍ଟମ ଅଧିକାରୀ, ଇଡି ଆଦି ଅଫିସର କହି ଟଙ୍କା ମାଗିଲେ

ଠକେଇ ଟଙ୍କା ପଶ୍ଚିମବଙ୍ଗ ଏବଂ ବିହାରର ଏକାଧିକ ଆକାଉଣ୍ଟକୁ ଟ୍ରାଞ୍ଜାକ୍ସନ୍ ହୋଇଥିବା ତଦନ୍ତରୁ ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ରାଜେନ୍ଦ୍ରଙ୍କ ଫେସ୍‌ବୁକ୍‌କୁ ଗତ ୧୩ ତାରିଖରେ ଏଲିନା ବ୍ରେଥ୍ ନାମକ ଜଣେ ବିଦେଶିନୀ ଏକ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ରାଜେନ୍ଦ୍ର ତାହାକୁ ସ୍ୱୀକାର କରିବା ପରେ ଯୁବତୀଜଣଙ୍କ ତାଙ୍କ ସହ ଚାଟିଂ କରିଥିଲେ। ଯୁବତୀଜଣଙ୍କ ଲଣ୍ଡନର ବାସିନ୍ଦା ଓ ପେସାରେ ଜଣେ ଡାକ୍ତର ଏବଂ ଓଡ଼ିଶାରେ ରହୁଥିବା ଗରିବ ଲୋକଙ୍କ ସେ ସେବା କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ। ତେବେ ଏହି କଥାବାର୍ତ୍ତାରୁ ଦୁହିଁଙ୍କ ମଧ୍ୟରେ ସଂପର୍କ ବଢ଼ିଥିଲା ଏବଂ ଯୁବତୀଜଣଙ୍କ ତାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ଏପରିକି, ବିବାହ କଲେ ଓଡ଼ିଶାରେ ରହି ଗରିବ ଲୋକଙ୍କ ସେବା କରିବେ ବୋଲି କହିଥିଲେ। ରାଜେନ୍ଦ୍ର ଆଗ ପଛ ବିଚାର ନ କରି ଏଥିରେ ରାଜି ହୋଇଯାଇଥିଲେ। ୨୦୨୫ ଜୁଲାଇରେ ବିବାହ ପାଇଁ ସ୍ଥିର ହୋଇଥିଲା। ତେବେ କିଛି ଦିନ ତଳେ ଯୁବତୀଜଣଙ୍କ ତାଙ୍କୁ ଏକ ଗିଫ୍ଟ ପଠାଇଛନ୍ତି ବୋଲି କହିଥିଲେ। ଏହାର ୧୦ ଦିନ ପରେ ରାଜେନ୍ଦ୍ରଙ୍କୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଉକ୍ତ ବ୍ୟକ୍ତିଜଣଙ୍କ ନିଜକୁ ଦିଲ୍ଲୀ ବିମାନବନ୍ଦରର କଷ୍ଟମ ବିଭାଗ ଅଧିକାରୀ ପରିଚୟ ଦେଇଥିଲା। ଲଣ୍ଡନରୁ ତାଙ୍କ ନାମରେ ଆସିଥିବା ପାର୍ସଲରେ କୋଟି କୋଟି ଟଙ୍କାର ସୁନା ଏବଂ ବିଦେଶୀ ଟଙ୍କା ରହିଛି। କିନ୍ତୁ ପାର୍ସଲଟି ବିଦେଶରୁ ଆସିଥିବାରୁ କଷ୍ଟମ ଫି' ବାବଦକୁ ୫ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କିହଥିଲେ। ରାଜେନ୍ଦ୍ର ତୁରନ୍ତ ଯୁବତୀଙ୍କୁ ଫୋନ୍ କରି ପଚାରିବାରୁ ସେ ୫ଲକ୍ଷ ଦେଇ ଉକ୍ତ ପାର୍ସଲରେ ଥିବା ସୁନାକୁ ରଖିଦେବା ପାଇଁ କହିଥିଲା। ସୁନା ଲୋଭରେ ପଡ଼ି ରାଜେନ୍ଦ୍ର ୫ ଲକ୍ଷ ଦେଇ ଦେଇଥିଲେ। କିନ୍ତୁ ଟଙ୍କା ଦେବାର କିଛି ସମୟ ପରେ ପୁଣି ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରି ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀ କହି ଧମକାଇଥିଲା। ମନି ଲଣ୍ଡରିଂ ମାଧ୍ୟମରେ ବିଦେଶରୁ ସୁନା ଓ ଟଙ୍କା ଆସିଥିବାରୁ ତାଙ୍କ ନାଁରେ ମାମଲା କରାଯିବ ବୋଲି ଧମକ ଦେଇଥିଲା। ତେଣୁ ମାମଲା ରଫାଦଫା ପାଇଁ ସେ ୨୦ଲକ୍ଷ ଟଙ୍କା ମାଗିଥିଲା। ବାଧ୍ୟ ହୋଇ ରାଜେନ୍ଦ୍ର ୨୦ ଲକ୍ଷ ଦେଇଥିଲେ। ଏହାପରେ ପୁଣି ଲିଗାଲ୍ ଫି' ଓ ବିଭିନ୍ନ ଆଳରେ ତାଙ୍କଠାରୁ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ଶେଷରେ ସେ ଠକାମିର ଶିକାର ହୋଇଥିବା ଜାଣିବା ପରେ କ୍ରାଇମ୍‌ବ୍ରାଞ୍ଚର ଦ୍ୱାରସ୍ଥ ହୋଇଥିଲେ।

## ପୂର୍ବତନ ନୌସେନା ଅଧିକାରୀଙ୍କୁ ଡିଜିଟାଲ ଆରେଷ୍ଟ

ଭୁବନେଶ୍ୱର, ୨୭ ।୨(ସମିସ): ସାଇବର୍ ଠକ ପୁଣି ଏକ ବଡ଼ ହାତ ମାରିଛନ୍ତି। ଡିଜିଟାଲ ଆରେଷ୍ଟ କରି ଜଣେ ପୂର୍ବତନ ନୌସେନା ଅଧିକାରୀଙ୍କଠାରୁ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଠକେଇର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଇ. ଯୁଧିଷ୍ଠିର। ତାଙ୍କ ଘର ଗଞ୍ଜାମ ଜିଲ୍ଲା ବେଲଗାଁ ଥାନା ଅନ୍ତର୍ଗତ ସୂର୍ଯ୍ୟନାରାୟଣପୁରରେ। ଏ ସଂପର୍କରେ ସେ

- ମନି ଲଣ୍ଡରିଂ ମାମଲା ଅଛି ବୋଲି କହି ଡରାଇଥିଲେ
- ମିଛ ଇଡି ଅଧିକାରୀ ହୋଇ ହ୍ୱାଟ୍ସଆପ୍ କଲରେ କଥା ହୋଇଥିଲେ
- ବ୍ୟକ୍ତିଗତ ତଥ୍ୟ ନେଇ ଲୁଟି ନେଲେ ୧କୋଟି ଟଙ୍କା

ସାଇବର୍ ଥାନା ଏବଂ ପରେ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିବା ଜଣାଯାଇଛି। କ୍ରାଇମ୍‌ବ୍ରାଞ୍ଚ ଏକ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଯୁଧିଷ୍ଠିରଙ୍କ ପାଖକୁ ଏକ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀ ପରିଚୟ ଦେଇ ତାଙ୍କର ସମସ୍ତ ବ୍ୟକ୍ତିଗତ ତଥ୍ୟ ମାଗିଥିଲା। ଏହାର କିଛି ସମୟ ପରେ ହ୍ୱାଟସ୍‌ଆପ୍‌ରେ ଜଣେ ବ୍ୟକ୍ତି ତାଙ୍କୁ ଭିଡିଓ କଲ୍ କରିଥିଲା। ଉକ୍ତ ବ୍ୟକ୍ତିଜଣଙ୍କ ନିଜକୁ ଦିଲ୍ଲୀ ପୁଲିସ୍‌ର ଜଣେ ଅଧିକାରୀ ପରିଚୟ ଦେଇ ଯୁଧିଷ୍ଠିରଙ୍କ ନାଁରେ ମନି ଲଣ୍ଡରିଂ ମାମଲା ଅଛି ବୋଲି କହିଥିଲା। ଏଥିଯୋଗୁଁ ତାଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଛି ବୋଲି କହିଥିଲା। ତେବେ ମାମଲା ରଫାଦଫା କରିବା ପାଇଁ ଠକମାନେ ତାଙ୍କ ପାଖରୁ ପାଖାପାଖି ୧କୋଟି ୮ ଲକ୍ଷ ଟଙ୍କା ଠକି ନେଇଥିଲା। ଯୁଧିଷ୍ଠିର ନିଜର ଇପିଏଫ୍ ଓ ସେୟାର ମାର୍କେଟ୍ ନିବେଶରୁ ଏହି ଟଙ୍କା ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ସାଇବର୍ ଠକଙ୍କ ଦ୍ୱାରା ଶିକାର ହୋଇଥିବା ଜାଣିବା ପରେ କଟକ କ୍ରାଇମ୍‌ବ୍ରାଞ୍ଚ ଓ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

ପୁଲିସ୍‌ଠାରୁ ଆରମ୍ଭ କରି ପ୍ରଶାସନ ଲୋକଙ୍କୁ ସାଇବର ଠକେଇରୁ ବର୍ତ୍ତିବା ପାଇଁ ସଚେତନ କରୁଛନ୍ତି। ବିଶେଷକରି ଡିଜିଟାଲ ଆରେଷ୍ଟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ନିଜ ବକ୍ତବ୍ୟରେ ଚିନ୍ତା ପ୍ରକଟ କରିଥିଲେ। ଠକାମି ରୋକିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏବେ ଫୋନ୍ କଲ୍ ସମୟରେ ଏନେଇ ସଚେତନତା କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ଲୋକେ ଠକଙ୍କ ଶିକାର ହେଉଛନ୍ତି। ବଡ଼ କଥା ହେଲା, ଶିକ୍ଷିତ ଗୋଷ୍ଠୀର ଲୋକେ ବେଶି ଶିକାର ହେଉଛନ୍ତି। କିଛି ଦିନ ତଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଡିଜିଟାଲ ଆରେଷ୍ଟର ଶିକାର ହୋଇଥିଲେ। ଏହା ପୂର୍ବରୁ ମଧ୍ୟ କିଛି ବଡ଼ ସରକାରୀ ଅଧିକାରୀ ମଧ୍ୟ ଠକେଇର ଶିକାର ହେବାର ନଜିର ରହିଛି।

## ୪ ଲାଞ୍ଚଖୋର୍‌ଙ୍କୁ ଜେଲ୍

- ପୂର୍ବତନ ଜେଇ ଏବଂ ପତ୍ନୀଙ୍କୁ ୨ବର୍ଷ ସଜା
- ଲାଞ୍ଚ ମାମଲାରେ ଦୁଇ ସରକାରୀ କର୍ମଚାରୀ ଦଣ୍ଡିତ

ଭୁବନେଶ୍ୱର/ଭଦ୍ରକ,୨୭ ।୨(ସମିସ): ଆଜି ଦିନକରେ ୪ ଲାଞ୍ଚଖୋର୍ ବାବୁ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଏକ ଦମ୍ପତିଙ୍କୁ ଜେଲ୍ ଦଣ୍ଡ ହୋଇଥିବା ବେଳେ ଅନ୍ୟ ଦୁଇ ଲାଞ୍ଚ ମାମଲାରେ ସରକାରୀ କର୍ମଚାରୀଙ୍କୁ ସଜା ଶୁଣାଯାଇଛି। ଯାଜପୁର ଜଳସେଚନ ଡିଭିଜନ୍ ଅଧୀନରେ ଥିବା ଧୁସୁରୀ ଜଳସେଚନ ବିଭାଗର ପୂର୍ବତନ କନିଷ୍ଠ ଯନ୍ତ୍ରୀ ବ୍ୟୋମକେଶ ଦାଶ ଏବଂ ତାଙ୍କ ପତ୍ନୀ ବିଜୟାଲକ୍ଷ୍ମୀ ଦାଶଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୨ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ବିଜୟାଲକ୍ଷ୍ମୀ କୋର୍ଟରେ ଆଜି ହାଜର ହୋଇ ନଥିବାରୁ ତାଙ୍କ ନାମରେ କୋର୍ଟରେ ଜାମିନ୍ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି। ଏଥିସହ ବ୍ୟୋମକେଶଙ୍କ ପେନ୍‌ସନ୍‌କୁ ବନ୍ଦ କରିବା ପାଇଁ କମ୍ପିଟାଣ୍ଟ ଅଥରିଟିଙ୍କୁ ଚିଠି ଲେଖିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସଂପତ୍ତି ଠୁଳ ନେଇ ବ୍ୟୋମକେଶଙ୍କ ନାମରେ ଏକାଧିକ ଅଭିଯୋଗ ଆସିବାରୁ ଭିଜିଲାନ୍ସ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିବା ସହ ତାଙ୍କୁ ଗିରଫ କରିଥିଲା।

ସେହିପରି ଭବାନୀପାଟଣା ପ୍ରାଣୀଧନ ନିରୀକ୍ଷକ (ଏସ୍‌ଡିଭିଓ) ଦୈତାରୀ ଚରଣ ନାହାକଙ୍କୁ ଲାଞ୍ଚ ମାମଲାରେ ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅଗ୍ରୋ ଏଣ୍ଟରପ୍ରାଇଜ୍ କ୍ୟାପିଟାଲ ପ୍ରଦାନ ପାଇଁ ତାଙ୍କ ଡାଏରୀ ଫାର୍ମର ମୂଲ୍ୟାଙ୍କନ ରିପୋର୍ଟ ପ୍ରଦାନ କରିବା ଏବଂ ଫାଇଲ୍ ପ୍ରକ୍ରିୟାକରଣ କରିବା ପାଇଁ ସେ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ମାଗୁଥିଲେ। ଏନେଇ ସେ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ଲାଞ୍ଚ ନେବା ସମୟରେ ମାଡ଼ି ବସିଥିଲେ। ସେ ଧର୍ମଗଡ଼ ଏସ୍‌ଡିଭିଓ ଅଫିସରେ ପ୍ରାଣୀଧନ ନିରୀକ୍ଷକ ଥିବାରୁ ତାଙ୍କୁ ଚାକିରିରୁ ବିଦା କରିବା ପାଇଁ କମ୍ପିଟାଣ୍ଟ ଅଥରିଟିଙ୍କୁ ଚିଠି ଲେଖିଛି ଭିଜିଲାନ୍ସ। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ପଞ୍ଚାୟତର ପୂର୍ବତନ ଜିଆରଏସ୍ ଲଳିତ ବସନ୍ତ ଘଡ଼େଇଙ୍କୁ ଜେଲ୍ ଦଣ୍ଡ ମିଳିଛି। କଟକ ଭିଜିଲାନ୍ସ କୋର୍ଟ ଲାଞ୍ଚ ମାମଲାର ଶୁଣାଣି ତାଙ୍କୁ ୪ ବର୍ଷ ଜେଲ୍ ଦଣ୍ଡ ସହ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ରାୟ ଆସିବା ପରେ ଭିଜିଲାନ୍ସ କୋର୍ଟ ତାଙ୍କୁ ଜେଲ ପଠାଇ ଦେଇଛନ୍ତି। ପଞ୍ଚାୟତରେ କାମ ହୋଇଥିବା ସିମେଣ୍ଟ କଂକ୍ରିଟ୍ ରୋଡ କରିଥିବା ଠିକାଦାରଙ୍କ ସିକ୍ୟୁରିଟ୍ ଟଙ୍କା ମଞ୍ଜୁର କରିବା ପାଇଁ ଲାଞ୍ଚ ମାଗିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ତାଙ୍କୁ ମାଡ଼ ବସିଥିଲେ ଭିଜିଲାନ୍ସ ଟିମ୍।

## ମହିଳାଙ୍କୁ ହାଣି ଲୁଟିଲେ ୨୦ ଲକ୍ଷର ଅଳଙ୍କାର

ଭଦ୍ରକ/ବାସୁଦେବପୁର, ୨୭ ।୨(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍, ନାୟକାଣୀଡିହି ଥାନାଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ସିରିଜ୍ ଲୁଟ୍ ହୋଇଛି। ଲୁଟେରାମାନେ ତିନୋଟି ଘରର ତାଲା ଭାଙ୍ଗି ୨୦ଲକ୍ଷରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏପରିକି, ସେମାନଙ୍କୁ ବାଧା ଦେବାରୁ ଦୁର୍ବୃତ୍ତମାନେ ଲକ୍ଷ୍ମୀପ୍ରିୟା ସାହୁ ନାମକ ଜଣେ ମହିଳାଙ୍କୁ ହାଣି ପକାଇଛନ୍ତି। ଗୁରୁତର ଲକ୍ଷ୍ମୀପ୍ରିୟାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଆଜି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଥାନାଠାରୁ ମାତ୍ର କେଇ ମିଟର ଦୂରରେ ଏପରି ସିରିଜ୍ ଚୋରି କରି ଲୁଟେରାମାନେ ପୁଲିସ୍‌କୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଇଥିବା କୁହାଯାଉଛି।



ସୂଚନାନୁଯାୟୀ, ଗତକାଲି ଶିବରାତ୍ରି ଥିବାରୁ ଘରଲୋକ ଜାଗରଦୀପ ଜାଳିବାକୁ ଯାଇଥିବା ବେଳେ ଏହାକୁ ସୁଯୋଗ ଭାବି ଲୁଟେରମାନେ କଳାକନା ବୁଲାଇଥିଲେ। ମୁହଁରେ କଳାମୁଖା ପିନ୍ଧି ଲୁଟେରାମାନେ ଗୋଟିଏ ପରେ ଗୋଟିଏ ଘରୁ ଲୁଟ୍ କରିଥିଲେ।

ଲୁଟେରାମାନେ ପ୍ରଥମେ ନାୟକାଣୀଡିହି ଗାଁର କମଳାକାନ୍ତ ସାହୁଙ୍କ ଘରକୁ ଟାର୍ଗେଟ୍ କରିଥିଲେ। କବାଟ ଭାଙ୍ଗି ଘରେ ପଶି ଲୁଟ୍ କରିଥିଲେ।

**ନାୟକାଣୀଡିହି ଥାନାଞ୍ଚଳରେ ସିରିଜ୍ ଚୋରି**

ତେବେ ବୋହୂ ଲକ୍ଷ୍ମୀପ୍ରିୟା ସେମାନଙ୍କୁ ବାଧା ଦେବାରୁ ସେମାନେ ତାଙ୍କ ମୁଣ୍ଡ ଓ ହାତକୁ ହାଣି ଦେଇଥିଲେ। ପରେ ସେହି ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ଘରେ ପଶି ସୁନା ଅଳଙ୍କାର ଲୁଟିଥିଲେ। ସେହିପରି କରଞ୍ଜଆଡ଼ିଆ ପଞ୍ଚାୟତର ରହିମ ବ୍ରହ୍ମାନନ୍ଦ ଦାସଙ୍କ ଘରୁ ସୁନା ଅଳଙ୍କାର ଲୁଟ କରି ଲୁଗାପଟା ଓ ଆଟାଚ୍ ଫିଙ୍ଗି ଦେଇ ପଳାଇଥିଲେ। ଲୁଟ୍ ଅଳଙ୍କାରର ମୂଲ୍ୟ ୨୦ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗ ହୋଇଛି। ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଲୁଟ୍‌ତରାଜ ହେଉଥିଲେ ମଧ୍ୟ ପୁଲିସ ଏସବୁ ଘଟଣାରେ କୌଣସି ସଫଳତା ପାଉ ନଥିବାରୁ ଲୋକେ ଅସୁରକ୍ଷିତ ହୋଇପଡ଼ିଛନ୍ତି।

## ପୁଣି ବିଦ୍ୟୁତ୍ ତାର ନେଲା ଦନ୍ତାର ଜୀବନ

ଆଠଗଡ଼,୨୭ ।୨(ସମିସ): ଆଠଗଡ଼ ବନଖଣ୍ଡ ସଦର ବନାଞ୍ଚଳର କୁଲାଇଲୋ ବିରିବୋଲୁଅ କ୍ରସର ପଡ଼ିଆରେ ବୁଧବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଦନ୍ତାହାତୀର ମୃତ୍ୟୁ ହୋଇଛି। ମୃତ ହାତୀର ବୟସ ୩୨ରୁ ୩୫ବର୍ଷ ହେବ ବୋଲି ବନବିଭାଗ କହିଛି। ତେବେ ହାତୀର ମୃତ୍ୟୁ ପାଇଁ ଉଭୟ ବନବିଭାଗ ଓ ବିଦ୍ୟୁତ୍ ବିଭାଗ ଦାୟୀ ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ହାତୀର ଗଳିତ ଶବ ପଡ଼ିଥିବା ସ୍ଥାନରୁ ପ୍ରାୟ ୫ଶହ ମିଟର ଦୂରରେ ଥିବା ଏକ କ୍ରସରକୁ ଆଠଗଡ଼-ଖୁଣ୍ଟୁଣି ୩୩ କେଭି ଲାଇନରୁ ବିଦ୍ୟୁତ ଯୋଗାଣ ପାଇଁ ୧୧ କେଭି ଲାଇନ ତାର ଟଣାଯାଇଥିଲା। ଗତ ୪ ବର୍ଷ ହେବ କ୍ରସରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବେଳେ ୧୧କେଭି ଲାଇନକୁ କଟାଯାଇନଥିଲା। କେବଳ ୧୧ କେଭି ଲାଇନରୁ ବିଚ୍ଛିନ୍ନ କରି ଆଠଗଡ଼ ଟାଟା ପାୱାର ୪ ବର୍ଷ ଧରି ନିରବରେ ବସି ରହିଥିବାରୁ ଏପରି ଅଘଟଣ ଘଟିଲା ବୋଲି କୁହାଯାଉଛି। ଗୁରୁବାର ସକାଳେ ହାତୀମୃତ୍ୟୁ ଖବର ପାଇ ଟାଟା ପାୱାରର ଉଚ୍ଚପଦସ୍ଥ ଅଧିକାରୀ, ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ଆଠଗଡ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାୟକଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଆଠଗଡ଼ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ମୃତହାତୀର ଶବ ବ୍ୟବଚ୍ଛେଦ କରାଯାଇ ହାତୀକୁ ଜଙ୍ଗଲ ମଧ୍ୟରେ ପୋତି ଦିଆଯାଇଛି।

- ଆଠଗଡ଼ ବନଖଣ୍ଡରେ ବଢ଼ିଚାଲିଛି ହାତୀମୃତ୍ୟୁ
- ଚିନ୍ତା ପ୍ରକଟ କଲେ ବନ୍ୟପ୍ରାଣୀ ବିଶେଷଜ୍ଞ

ଆଠଗଡ଼ ବନଖଣ୍ଡ ଏବେ ହାତୀ ମୃତ୍ୟୁର ହବ୍ ପାଲଟିଛି। ନିରବଚ୍ଛିନ୍ନ ଭାବେ ବିଭିନ୍ନ କାରଣରୁ ଆଠଗଡ଼ ବନାଞ୍ଚଳରେ ହାତୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ବନ ବିଭାଗ ଅଧିକାରୀମାନଙ୍କ ବିରୋଧରେ ସରକାରୀସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ବାରମ୍ବାର ଏପରି ଅଘଟଣ ଘଟୁଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଅଭିଯୋଗ କରିଛନ୍ତି।

### ବଢୁଛି ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଚିନ୍ତା

# ଶିକ୍ଷାନୁଷ୍ଠାନରେ ଗଠନ ହେଉନି ଆଇସିସି

ଭୁବନେଶ୍ୱର,୨୭ ।୨(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ବଢୁଛି ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଚିନ୍ତା। କ୍ୟାମ୍ପସ୍‌ରେ ଅସୁରକ୍ଷିତ ଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ଖୋଦ୍ ଅଧ୍ୟାପକମାନେ ନିର୍ଯାତନା ଦେବା ଖବର ଚିନ୍ତା ବଢ଼ାଉଛି। ହେଲେ ଛାତ୍ରୀ ଓ ମହିଳାଙ୍କ ସୁରକ୍ଷାକୁ ନେଇ ସମସ୍ତେ ବେଫିକର୍। ସମସ୍ତ ଶିକ୍ଷାନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବା ବାଧ୍ୟତାମୂଳକ ହୋଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗ କେବଳ ନିର୍ଦ୍ଦେଶ ଦେଇ ଚୁପ୍ ବସିପଡ଼ିଛି। ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ ହେଁ ବିଭାଗ ଏଯାଏ ଏହାର ତଦାରଖ ମଧ୍ୟ କରିନାହିଁ। ଫଳରେ ରାଜ୍ୟର ଅଧାରୁ ଅଧିକ ଶିକ୍ଷାନୁଷ୍ଠାନରେ ଆଇସିସି ଗଠନ ହୋଇନାହିଁ।

ଗତବର୍ଷ ସେପ୍ଟେମ୍ବର ୨୩ ତାରିଖରେ ଆଇସିସି ଗଠନ କରିବା ବାଧ୍ୟତାମୂଳକ ବୋଲି ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲା। ୭ ଦିନ ମଧ୍ୟରେ କାର୍ଯକାରୀ ନହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲା। ହେଲେ ଏହାକୁ ୫ମାସ ପୂରିବାକୁ ଯାଉଥିଲେ ବି ଏହାର ଅଗ୍ରଗତି ସମ୍ପର୍କରେ ବିଭାଗ ତଦାରଖ କରି ନଥିବା ଜଣାଯାଇଛି। ଏପରିକି, ଛାତ୍ରୀ ନିର୍ଯାତନା ଅଭିଯୋଗ ବିଭାଗ ପାଖରେ ପହଞ୍ଚିବା ପରେ ତନାଘନା ହେଉଛି। ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ଆଇସିସି ନଥିବା ଜଣାପଡ଼ିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଅନୁଗୋଳ ଜିଲ୍ଲା ଆଠମଲ୍ଲିକ କଲେଜରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ତଦନ୍ତ ସମୟରେ ଆଇସିସି ନଥିବା ଜଣାପଡ଼ିଥିଲା। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସେହିପରି ଅନେକ ଶିକ୍ଷାନୁଷ୍ଠାନ ବିଭାଗ ନିର୍ଦ୍ଦେଶକୁ ଫୁଁ' କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମହିଳା ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ଆଇସିସି ଗଠନକୁ

- ଉଚ୍ଚଶିକ୍ଷା ବିଭାଗର ୭ ଦିନିଆ କଣ୍ଟକୁ ୫ ମାସ ପୂରିବ
- ରମାଦେବୀ ବିଶ୍ୱବିଦ୍ୟାଳୟର ୨୪ କଲେଜରେ ଗଠନ ହୋଇନି
- ଖିଲାପି ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?

ଗୁରୁତ୍ୱ ଦିଆଯାଉନାହିଁ। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମୋଟ୍ ୪୮ ରୁ ୨୪ଟି ମହାବିଦ୍ୟାଳୟରେ ଆଇସିସି ନାହିଁ। ଗତ ଡିସେମ୍ବର ୨୦ରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଇସିସି ଗଠନ କରିବାକୁ ଆଉ ଏକ ଚିଠି କରାଯାଇଛି। ସୂଚନାଧିକାର ଆଇନ (ଆର୍‌ଟିଆଇ) ବଳରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ତଥ୍ୟ ପଦାକୁ ଆସିଛି। ହେଲେ ଖିଲାପିଙ୍କ ବିରୋଧରେ ବିଭାଗ କିମ୍ବା ବିଶ୍ୱବିଦ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ବିଭିନ୍ନ ମହଲରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ପ୍ରାୟ ୩୮ ପ୍ରତିଶତ ଶିକ୍ଷାନୁଷ୍ଠାନ ଏ ପର୍ଯ୍ୟନ୍ତ ଆଇସିସି ସମ୍ପର୍କିତ ରିପୋର୍ଟ ଦାଖଲ କରିନାହାନ୍ତି। ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ପୁଣିଥରେ ଏନେଇ ନିର୍ଦ୍ଦେଶ ଦିଆଯିବ। ଶିକ୍ଷାବିତ୍‌ଙ୍କ କହିବା କଥା, ଚିଠି ଲେଖି ଦେଇ ଚୁପ୍ ବସିଲେ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ନାହିଁ। ନିର୍ଦ୍ଦେଶ ପାଳନ କରିନଥିବା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି ହେଉଛି।

## ବଣାଇଁ ବନ ବିଭାଗର ଚଢ଼ଉ: ୬ ଶିକାରୀ ଗିରଫ; ୫ ବନ୍ଧୁକ ଜବତ





ବଣାଇଁ, ୨୭।୨(ସମିସ): ବନ୍ୟପ୍ରାଣୀ ଶିକାର ବିରୋଧରେ ବଣାଇଁ ବନଖଣ୍ଡକୁ ଆଜି ବଡ଼ ସଫଳତା ମିଳିଛି। ପାଟ୍ରୋଲିଂ ଅଭିଯାନକୁ କଡ଼ାକଡ଼ି କରି ଗୁରୁବାର ସକାଳୁ ବଣାଇଁ ବନଖଣ୍ଡ ଅନ୍ତର୍ଗତ ଜର୍ଡା ରେଞ୍ଜ କେଲୋ ସଂରକ୍ଷିତ ଜଙ୍ଗଲରୁ ୬ ଜଣ ଶିକାରୀକୁ ଧରିବାରେ ସଫଳ ହୋଇଛି ବନ ବିଭାଗ। ଅଭିଯୁକ୍ତମାନେ ହେଲେ, ବିଶ୍ୱନାଥ ହସ୍ତୀ (୫୫), ରମଣୀ ରଞ୍ଜନ ପାତ୍ର (୨୮), ନାରାୟଣ ହସ୍ତୀ (୪୨), ସୁରତ ନାଏକ (୫୦), ଭୀମ କିସାନ (୨୩), ରାଜକୁମାର ପ୍ରଧାନ(୩୫)। ୬ଅଭିଯୁକ୍ତଙ୍କ ମଧ୍ୟରୁ ୪ଜଣ ଜର୍ଡା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଦୁଇଜଣ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳର ବୋଲି ଜଣାପଡ଼ିଛି। ଏମାନଙ୍କ ନିକଟରୁ ୫ଟି ଦେଶୀ ବନ୍ଧୁକ, ଅଫୁଟା ଗୁଳି, ବାରୁଦ, ମାଙ୍କଡ଼ ଚମଡ଼ା, କୁଟୁରା ଶିଙ୍ଗ, ଫାଶ, ବାଟୁଳି, ଧନୁ ଏବଂ ତୀର, ମୟୂର ପର, ଝିଙ୍କ କାଠି, ଗୋଟିଏ ବାଇକ୍ ଏବଂ ୨ ଟି ମୋବାଇଲ୍ ଫୋନ୍ ଜବତ ହୋଇଛି। ଏନେଇ ଆଜି ଅପରାହ୍ନରେ ଏକ ପ୍ରେସ୍ ବିବୃତି ମାଧ୍ୟମରେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ସମ୍ପୃକ୍ତ ଶିକାରୀ ଆନ୍ତଃଜିଲ୍ଲା ଅପରାଧୀ ହୋଇଥିବା ବେଳେ ଆଗକୁ ବନ ବିଭାଗକୁ ବଡ଼ ସଫଳତା ମିଳିପାରେ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ଏହି ଅଭିଯାନରେ ବଣାଇଁ ବନ ବିଭାଗ ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଷୋୟୀ, ତାମଡ଼ା ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ଜର୍ଡା ରେଞ୍ଜ ଅଧିକାରୀ କୈଳାସ କିସାନଙ୍କ ନେତୃତ୍ୱରେ ମଜୁରଡିମା ଫରେଷ୍ଟର୍ ପ୍ରତାପ ସାହୁ, ଜର୍ଡା ଫରେଷ୍ଟର୍ ମନେଶ କୁମାର ସାହୁଙ୍କ ସମେତ ଦୁଇଟି ଟିମ୍‌ରେ ୩୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ସାମିଲ ହୋଇଥିଲେ। ଗିରଫ ପରେ ଏମାନଙ୍କୁ ଅଧିକ ପଚରାଉଚରା କରାଯିବା ପରେ ଅନ୍ୟାନ୍ୟ ବନ୍ୟପ୍ରାଣୀ ଶିକାରରେ ଜଡ଼ିତ ଥିବା ତଥ୍ୟ ସଂଗ୍ରହ କରାଯାଇଥିଲା। ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଦୁର୍ଘଟଣାରେ ପୂର୍ବତନ ଖବରକାଗଜ ବିତରକଙ୍କ ମୃତ୍ୟୁ



**କବାଟବନ୍ଧ, ୨୭।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ ମଣ୍ଡପ ସାହିର ପୂର୍ବତନ ଖବରକାଗଜ ବିତରକ ମାଧବାନନ୍ଦ ବେଜ (ମାଧବ)ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମାଧବ ତାଙ୍କର ଜଣେ ସମ୍ପର୍କୀୟ ରୋଗୀଙ୍କୁ ନେଇ କଟକରୁ ଘରକୁ ଫେରୁଥିବା ସମୟରେ ବଡ଼ଚଣା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଉପରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ପଡ଼ିଥିଲେ। ସ୍ଥାନୀୟ ପୁଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମାଧବ ଜଣେ ଶାନ୍ତ, ସରଳ ଓ ମେଳାପୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ସେ ୧୯୯୮ ରୁ ଦୀର୍ଘବର୍ଷ ଧରି ଖବରକାଗଜ ବିତରକ ଭାବେ କାର୍ଯ୍ୟ କରି ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ। କିଛି ବର୍ଷ ହେବ ସେ ଉକ୍ତ ବୃତ୍ତିରୁ ନିବୃତ୍ତ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦେଶୀମଦ ଜବତ; ୨ ଗିରଫ



**ରଗଡ଼ି, ୨୭।୨(ସମିସ):** ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ ବୁଧବାର ସକାଳେ କୋରେଇ ଥାନା ଅନ୍ତର୍ଗତ ରଗଡ଼ି ଛକରେ ଚଢ଼ଉ କରାଯାଇ ପ୍ରେସ ଲେଖାଥିବା ଗାଡ଼ିରୁ ୫୨୦ ଲିଟର ଦେଶୀମଦ ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧିକ୍ଷକ ଦିବ୍ୟକିଶୋର ତଣ୍ଡେଲ ଓ ଉପଅଧିକ୍ଷିକା ଅନୀତା ଓଝାଙ୍କ ନିର୍ଦ୍ଦେଶ କ୍ରମେ ଡୋଲିପୁର ଅବକାରୀ ବିଭାଗ ଅଧିକାରୀ ଶ୍ରୀକାନ୍ତ ପଣ୍ଡା ସଦଳବଳେ ରଗଡ଼ି ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ଦୁଇଜଣ ବ୍ୟକ୍ତି କେନ୍ଦୁଝରର ଆଡୁ ଏକ କାର୍‌ରେ ଦେଶୀମଦ ନେଇ ଦ୍ରୁତ ଗତିରେ ପଳାଇ ଯାଉଥିବାବେଳେ ପିଛା କରି କାବୁ କରିଥିଲେ। ସେମାନଙ୍କ ନିକଟରୁ ସାତଟି ବସ୍ତାରେ ଥିବା ୫୨୦ ଲିଟର ଦେଶୀମଦ ଓ ଗାଡ଼ି ଜବତ ହୋଇଛି। ଗିରଫ ବ୍ୟକ୍ତି ଯାଜପୁରରୋଡ୍ ଥାନା ମୁଣ୍ଡମାଳ ଅଞ୍ଚଳର ସନ୍ତୋଷ ସାହୁ (୪୦) ଓ ଲକ୍ଷ୍ମୀନଗର ଅଞ୍ଚଳର ଜ୍ୟୋତିର୍ମୟୀ ରଥ (୫୧)। ସେମାନଙ୍କ ବିରୋଧରେ ଅବକାରୀ ଆଇନରେ ୨୭୦/୨୪-୨୫ରେ ଏକ ମାମଲା ରୁଜୁ ହୋଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ରଶ୍ମୀରେଖା ଜେନା, ସୁଚିତ୍ରା ନାୟକ, ମାଳତୀ ମାଝୀ ଓ ଚଗୁଲୁ ମଲ୍ଲିକ ସାମିଲ ଥିଲେ।

## ଦୀର୍ଘବର୍ଷ ପରେ ପୁଣି ଅନୁଷ୍ଠିତ ହେବ ବରୁଣେଶ୍ୱର ମେଳଣ

**ବିଞ୍ଝାରପୁର, ୨୭।୨(ସମିସ):** ବରୁଣେଶ୍ୱର କ୍ଷେତ୍ରରେ ଦୀର୍ଘବର୍ଷ ହେବ ମେଳଣ ବନ୍ଦ ହୋଇଥିଲା। ଚଳିତ ବର୍ଷ ମେଳଣ କରିବା ପାଇଁ ଯୁବ ଗୋଷ୍ଠୀ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ବରୁଣେଶ୍ୱର ଛକ ନିକଟ ବଜରଙ୍ଗ ଦଳ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ହେବ ବୁଡ଼ିଯାଉଥିବା ପରମ୍ପରା ବଞ୍ଚାଇ ରଖିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ନିକଟବର୍ତ୍ତୀ ତିନୋଟି ପଞ୍ଚାୟତର ସରପଞ୍ଚ, ଜନସାଧାରଣ ଓ ପାଞ୍ଚଟି ଯାତ୍ରା କମିଟି ସହଯୋଗ ନେଇ ଏହି ମେଳଣ ଆରମ୍ଭ କରିବା ପାଇଁ ସ୍ଥିର ହୋଇଛି। ଆସନ୍ତା ଶୁକ୍ରବାରଠାରୁ ସମସ୍ତ ଜନସାଧାରଣଙ୍କୁ ଭେଟିବେ ମେଳଣ କମିଟିର ସଭ୍ୟ। ଏଥିସହ ମେଳଣ କମିଟି ସଭ୍ୟ ସଂଗ୍ରହ ମଧ୍ୟ ଏହି



ବୈଠକରେ କରାଯିବା ସହ ନୂତନ ସଭ୍ୟଙ୍କୁ କମିଟିରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସ୍ଥିର ହୋଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ରାଜେନ୍ଦ୍ର ପ୍ରଧାନ, ଗୌରାଙ୍ଗ ପରିଡ଼ା, ଶ୍ରୀଧର ନାୟକ, ପ୍ରକାଶ ମିଶ୍ର, ସତ୍ୟରଞ୍ଜନ ମଲ୍ଲିକ, ସରୋଜ ନାୟକ, ଶ୍ରୀକାନ୍ତ ପଣ୍ଡା, ରଜନୀକାନ୍ତ ଜେନା, ରଶ୍ମିରଞ୍ଜନ ଓଝା, ବିରଞ୍ଚି ଜେନା, ଧର୍ମେନ୍ଦ୍ର ନାୟକ, ସଞ୍ଜୟ ପଣ୍ଡା, ପ୍ରତାପ ଦାସ, ସୁବ୍ରତ ଜେନା, ଦେବଦତ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶୂନ୍ୟବ୍ରହ୍ମ ଅବିନାଶୀଙ୍କ ନାମ ସଂକୀର୍ତ୍ତନ

**ପାଣିକୋଇଲି, ୨୭।୨(ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ବାଲିଦାଣ୍ଡି ସାହିରେ ୨୭ତମ ଶୁନ୍ୟବ୍ରହ୍ମ ଅବିନାଶୀଙ୍କ ନାମ ସଂକୀର୍ତ୍ତନ ମହାସମାରୋହରେ ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ଉକ୍ତ ନାମ ସଂକୀର୍ତ୍ତନ ପବିତ୍ର ମହାଶିବରାତ୍ରିଠାରୁ ଆରମ୍ଭ ହୋଇ ଦୁଇଦିନ ଧରି ଚାଲିଥାଏ। କମିଟିର ସଭାପତି ଶଙ୍କର୍ଷଣ ମଲିକ, ଉପସଭାପତି ଯେଗେନ୍ଦ୍ର ମଲିକ, ସମ୍ପାଦକ ରାଜକିଶୋର ମଲିକଙ୍କ ସମେତ କମିଟିର ଯୁବକଙ୍କ ସହଯୋଗରେ ଚଳିତବର୍ଷ ନାମଯଜ୍ଞର ଆୟୋଜନ କରାଯାଇଥିଲା।

### ଦଶରଥପୁର ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

# ସାଂସଦଙ୍କ ଖାମଖିଆଲି ମନ୍ତବ୍ୟ ଯୋଗୁଁ ହେଲେ ହଟହଟା

ଦଶରଥପୁର, ୨୭।୨(ସମିସ)



ଗ୍ରାମାଞ୍ଚଳର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ସବୁଠୁ ଗୁରୁତ୍ୱ ବହନ କରୁଥିବା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରୀ ନିମନ୍ତେ ଦଶରଥପୁର ପଞ୍ଚାୟତ ସମିତି ପକ୍ଷରୁ ସମିତି ସଭାଗୃହରେ ସ୍ୱତନ୍ତ୍ର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିବେଶନରେ ସାଂସଦଙ୍କ ଖାମଖିଆଲି ମନ୍ତବ୍ୟ ଯୋଗୁଁ ହଟ୍ଟଗୋଳ ହୋଇଥିଲା। ତେବେ ସେ କ୍ଷମା ମାଗିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡ଼ିଛି।

ସମିତି ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ସମିତି ଉପାଧ୍ୟକ୍ଷା ଝିଲ୍ଲି ମଲ୍ଲିକ, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ୍ୟ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରି ଅନୁଷ୍ଠିତ ହେଉଥିବା ଅଧିବେଶନ ଉପରେ ସମସ୍ତଙ୍କ ମତାମତ ଲୋଡ଼ିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ଗମନାଗମନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍, ଖାଉଟି ଓ ଯୋଗାଣ ଭଳି ସରକାରୀ ଯୋଜନାର ସଫଳ ରୂପାୟନ ଓ ସମସ୍ୟା ଉପରେ ସମସ୍ତ ଜନପ୍ରତିନିଧି ଓ ପ୍ରଶାସନର ସହଯୋଗିତାକୁ ନେଇ ସରଗରମ ଆଲୋଚନା ହୋଇଥିଲା। ସାଂସଦ ଡଃ ବେହେରା ନିଜ ବକ୍ତବ୍ୟରେ ନିଜ ଗାଁର ବିକାଶ ଚିତ୍ର ନିଜେ ଆଙ୍କିବା ପାଇଁ ଗ୍ରାମବାସୀ ଗ୍ରାମସଭା ମାଧ୍ୟମରେ ଯେଉଁ ପ୍ରକଳ୍ପ ଉପସ୍ଥାପନ କରିଛନ୍ତି, ସେଥିପାଇଁ ସରକାର ପଞ୍ଚାୟତକୁ ଅର୍ଥ ଆବଣ୍ଟନ କରିଥିବାବେଳେ ଉକ୍ତ ଅର୍ଥରେ ଗ୍ରାମରେ ଥିବା ଧାର୍ମିକ ପୀଠର ବିକାଶ, ଭାଗବତ ଟୁଙ୍ଗୀ, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ପୋଖରୀ କୂଳରେ ଚେଞ୍ଜିଂ ରୁମ୍ ସମେତ ଗମନାଗମନ ପାଇଁ ଉଚ୍ଚମାନର ରାସ୍ତା ନିର୍ମାଣକୁ ଫୋକସ କରାଯିବାକୁ ପରାମର୍ଶ ଦେଇଥିଲେ।

ଯାହାକୁ ଅଧିବେଶନରେ ଉପସ୍ଥିତ ଥିବା ସରପଞ୍ଚ ନିରାକାର ସାହୁ, କାଞ୍ଚନବାଳା ପରିଡ଼ା, ରାଜଶ୍ରୀ ସାମଲ, ଲିପିକା ମଲ୍ଲିକ, କୁଞ୍ଜବିହାରୀ ଦାସ, ସୁବାସ ଦେବତା, ଏସ୍‌କେ ନାଦର, ହିମାଂଶୁ ନାୟକ, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ରମାକାନ୍ତ ସେଠୀ, ବୁଲୁ ଦାସ, ବିଶ୍ୱଜିତ ରାୟ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ନିନାରାଣୀ ସାମଲ ପ୍ରମୁଖ ଘୋର ବିରୋଧ କରିବା ସହିତ ପୂର୍ବ ସରକାର ସମୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଅର୍ଥ ଆବଣ୍ଟିତ କରାଯାଇଥିବା ସ୍ଥଳେ ରାଜ୍ୟ ସରକାରଙ୍କ ପରିବର୍ତ୍ତିତ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଆବଣ୍ଟିତ ଅର୍ଥ ପରିମାଣ ୮ରୁ ୧୧ ଲକ୍ଷ ମଧ୍ୟରେ ରହିଥିବାରୁ ଆବଣ୍ଟିତ ଅର୍ଥରେ ଯୋଜନାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠାଇ ଥିଲେ।

ସେହିପରି ରାସନ କାର୍ଡରେ ଦୀର୍ଘଦିନ ହେବ ନୂତନ ନାମ ସଂଯୋଗଠାରୁ ଆରମ୍ଭ କରି ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ଭାବେ ଯୋଜନାରେ ସାମିଲ କରାଯାଉ ନ ଥିବାରୁ ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଉଦ୍‌ବେଗ ପ୍ରକାଶ କରିଥିଲେ। ପାନୀୟଜଳ ଯୋଗାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋଜ ବେହେରାଙ୍କ ଦାୟିତ୍ୱହୀନତା ଯୋଗୁଁ ଦଶରଥପୁର ବ୍ଲକରେ ସରକାରଙ୍କ ନୂତନ ନଳକୂପ ଖନନ, ଅଚଳ ନଳକୂପର ମରାମତି ସମେତ ଓଭରହେଡ୍ ପାଣି ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଥିବା ନେଇ ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ବିରଜାପୁର ସରପଞ୍ଚ ନିରକାର ସାହୁ, ଇଜାପୁର ସରପଞ୍ଚ ରାଜଶ୍ରୀ ସାମଲ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ନୀନାରାଣୀ ସାମଲ, ଚିତାଳୋ ସମିତିସଭ୍ୟ ବିଶ୍ୱଜିତ ରାୟ, ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ ପ୍ରମୁଖ ସମ୍ପୃକ୍ତ ଯନ୍ତ୍ରୀଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସବୁଠୁ ସରଗରମ କରିଥିଲା ଚଳିତ ବର୍ଷର ଧାନକିଣାରେ ହେଉଥିବା ଅବ୍ୟବସ୍ଥାକୁ ନେଇ ଆଲୋଚନା। ଅଧିବେଶନରେ ଉପସ୍ଥିତ ଏକାଧିକ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଧାନମଣ୍ଡିରେ ମିଲରଙ୍କ ମନମାନୀକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ମଣ୍ଡିରେ ଚାଷୀଙ୍କଠାରୁ କ୍ୱିଣ୍ଟାଲ ପିଛା ୫ରୁ ୭ କିଗ୍ରା ଜୋରଜବରଦସ୍ତ କଟନୀ ଛଟନୀ କରାଯାଇ ଧାନ କିଣାଯାଉଥିବା ଅଭିଯୋଗ କରିଥିଲେ। ମିଲରଙ୍କୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଫେଲ ମାରିଥିବା ବହୁ ଜନପ୍ରତିନିଧି ଅଭିଯୋଗ କରି ଅଧିବେଶନରେ ଉପସ୍ଥିତ ଥିବା ମୁଖ୍ୟଅତିଥି ସାଂସଦ ଡଃ ବେହେରାଙ୍କ ହସ୍ତକ୍ଷେପ ଦାବି କରିଥିଲେ। ଏହି ସମୟରେ ସାଂସଦ ଡଃ ବେହେରାଙ୍କ ଦ୍ୱାରା ରଖାଯାଇଥିବା ବିବାଦୀୟ ମନ୍ତବ୍ୟକୁ ସଭାଗୃହରେ ଉପସ୍ଥିତ ଯାଜପୁର ବିଧାୟିକା ସୁଜାତା ସାହୁ, ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ତୀବ୍ର ବିରୋଧ କରିଥିଲେ। ଯାହାକୁ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟା ସମର୍ଥନ କରି ହଟଗୋଳ କରିଥିଲେ। ଏପରିକି ସାଂସଦ ଓ ୨ ବିଧାୟିକାଙ୍କ ମଧ୍ୟରେ ଜୋରଦାର କଥା କଟାକଟି ହୋଇଥିଲା। ଏଥିରେ ବିଜେଡି ସମର୍ଥିତ ଜନପ୍ରତିନିଧି ୨ ବିଧାୟିକାଙ୍କୁ ସମର୍ଥନ କରିବାରୁ ଅଧିବେଶନରେ ଦୀର୍ଘ ସମୟ ଧରି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଏଥିପାଇଁ ସାଂସଦ ଦୁଃଖପ୍ରକାଶ କରିବା ସହିତ ଅଧ୍ୟକ୍ଷତା କରୁଥିବା ସମିତି ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ ଓ ବିଡିଓ ଆକାଶ ପଟ୍ଟନାୟକ ସମସ୍ତଙ୍କୁ ଶାନ୍ତ ରହିବାକୁ ନିବେଦନ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଆଜି ଅନୁଷ୍ଠିତ ସମିତିର ଏହି ସ୍ୱତନ୍ତ୍ର ସାଧାରଣ ଅଧିବେଶନରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ତ୍ରିଲୋଚନ ସେଠୀ, ଯୋଗାଣ ଅଧିକାରିଣୀ ତପସ୍ୱିନୀ ରାୟ, ସିଡିପିଓ ଶାନ୍ତିଲତା ସେଠୀଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ୍ ବିଭାଗ ଭଳି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**କ୍ଷମା ମାଗିବା ପରେ ଶାନ୍ତପଡ଼ିଲା ପରିବେଶ**

### ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ରୌପ୍ୟ ଜୟନ୍ତୀ ସମାରୋହ

## 'ଓକିଲାତିକୁ ବୃତ୍ତି ଭାବେ ଗ୍ରହଣ କରାଯିବା ଉଚିତ'



**ଯାଜପୁର, ୨୭।୨(ସମିସ):** ଯାଜପୁର ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ରୌପ୍ୟ ଜୟନ୍ତୀ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ସଭାପତି ପ୍ରବୀର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ଉତ୍ସବରେ ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଶଶୀକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରୌପ୍ୟ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଓକିଲାତି ଏକ ବ୍ୟବସାୟୀ ନୁହେଁ, ଏହାଏକ ଜୀବନର ଜୀବିକା ବା ବୃତ୍ତି ହୋଇଥାଏ ବୋଲି ପ୍ରକାଶ କରିଥିଲେ। ମଣିଷ ଭିତରେ ଥିବା ସମ୍ପର୍କ ଆଇନ ଦ୍ୱାରା ସ୍ଥିରୀକୃତ ହୋଇଥାଏ ବୋଲି ବର୍ଣ୍ଣନା କରିଥିଲେ। ତେଣୁ ଯୁବ ଓକିଲଙ୍କୁ ପରାମର୍ଶ ଦେଇ ଓକିଲାତିକୁ ବ୍ୟବସାୟୀ ଭାବେ ଗ୍ରହଣ ନ କରି ବୃତ୍ତି ଭାବେ ଗ୍ରହଣ କରାଯିବା ଉଚିତ୍ ବୋଲି କହିଥିଲେ।

ଏହି ରୌପ୍ୟ ଜୟନ୍ତୀ ସମାରୋହରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଷ୍ଟେଟ୍ ବାର୍ ଆସୋସିଏସନ୍‌ର ପୂର୍ବତନ ସଭାପତି ତଥା ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ଧରଣୀଧର ନାୟକ ଯୋଗଦେଇ ଓକିଲଙ୍କ ବିଭିନ୍ନ ଦାବି ବିଭିନ୍ନ ସମୟରେ ସରକାରଙ୍କ ପାଖରେ ଉପସ୍ଥାପନା କରି ସମାଧାନର ମାର୍ଗ ବାହାର କରିଥା'ନ୍ତି। ଓକିଲମାନେ ସ୍ୱାଭିମାନୀ ହୋଇ ନ୍ୟାୟ ପ୍ରତି ଯତ୍ନବାନ ପୂର୍ବକ ଓକିଲାତି ବୃତ୍ତି କରିବା ଉଚିତ୍ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ, ବରେଣ୍ୟ ଅତିଥି ଭାବେ ଓଡ଼ିଶା ଆଇନ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଉଚ୍ଚ ନ୍ୟାୟାଳୟ ବାର୍ ଆସୋସିଏସନ ସଭାପତି ବିଜୟ ଦାସ, ଆଇନ ପରିଷଦ ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ରୌପ୍ୟ ଜୟନ୍ତୀ ସମାରୋହରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ପକ୍ଷରୁ ସୋଭେନିୟର ଉନ୍ମୋଚନ କରାଯାଇଥିଲା। ଏହି ରୌପ୍ୟ ଜୟନ୍ତୀ ସମାରୋହରେ ସଭାପତି ଶ୍ରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ସମ୍ପାଦକ ଅନନ୍ତ ବାସୁଦେବ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ରୌପ୍ୟ ଜୟନ୍ତୀ ଉତ୍ସବରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ପକ୍ଷରୁ ସେବା କ୍ଷେତ୍ରରେ ଅତୁଳନୀୟ ତ୍ୟାଗ କରିଥିବା ବରିଷ୍ଠ ଡାକ୍ତର ନନ୍ଦକିଶୋର ମହାନ୍ତିଙ୍କୁ ଜଷ୍ଟିସ୍ ଶଶୀକାନ୍ତ ମିଶ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ଦାସ, ସୀତାକାନ୍ତ ମହାନ୍ତି ଓ ଅନ୍ୟ ବହୁ ପ୍ରତିଭାଙ୍କୁ ଆଜିର ଏହି ଉତ୍ସବରେ ଜଷ୍ଟିସ୍ ଶଶୀକାନ୍ତ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଏହି ରୌପ୍ୟ ଜୟନ୍ତୀ ଉତ୍ସବରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ସଦସ୍ୟ/ସଦସ୍ୟା, ବରିଷ୍ଠ ଆଇନଜୀବୀ, ବିଚାରପତି, ବରିଷ୍ଠ ନାଗରିକ ଓ ଯାଜପୁରର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଚିନ୍ମୟ ଚେତନାର ସାରସ୍ୱତ ସମାବେଶ



**ଧର୍ମଶାଳା, ୨୭।୨(ସମିସ):** ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତର ନୀଳକଣ୍ଠପୁର ଗ୍ରାମରେ ଚିନ୍ମୟ ଚେତନା ଅନୁଷ୍ଠାନ ପକ୍ଷରୁ ସାରସ୍ୱତ ସମ୍ବର୍ଦ୍ଧନା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ କଥାଶିଳ୍ପୀ ତଥା କବି ପବିତ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରବଚକ କାମଦେବ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୁଝାମଣା ଭିତ୍ତିରେ ସମ୍ପର୍କକୁ ଆଗକୁ ବଢ଼ାଇବାକୁ ପଡ଼ିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କବି ତଥା ଅନୁବାଦକ ବିଦ୍ୟୁତଲତା ଦାସ ଓ ପ୍ରାବନ୍ଧିକ ବାମଦେବ ପାଢ଼ୀ ଯୋଗଦେଇ ସମାଜ, ସମ୍ପର୍କ ଓ ସ୍ୱାଧୀନତା ଉପରେ ଆଲୋଚନା କରିଥିଲେ। ଏ ଅବସରରେ ଚିନ୍ମୟ ଚେତନା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶିଷ୍ଟ ଲେଖକ ପବିତ୍ର ପାଣିଗ୍ରାହୀ, କବି ବିଦ୍ୟୁତଲତା ଦାସ, ଡାକ୍ତର ନିର୍ମଳ ଚନ୍ଦ୍ର ରଥ, ଡକ୍ଟର ପ୍ରୀତିସ୍ନିଧା ସେଠୀ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା।

ଏ ଅବସରରେ ୩୮ ଜଣ ସ୍ୱେଚ୍ଛାସେବୀଙ୍କୁ ଅନୁଷ୍ଠାନର ମୁଖ୍ୟ ଅବସରପ୍ରାପ୍ତ ଅଧ୍ୟକ୍ଷ ବେଣୁଧର ଶରଣ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଇନରହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ସମାଜସେବୀ କାହ୍ନୁଚରଣ ଦାଶ, ସାହିତ୍ୟ ଦର୍ପଣର ସମ୍ପାଦକ ବିମଳ ପତି, କଥାକାର ଅର୍ଜ୍ଜୁନ ପୃଷ୍ଟି, କବି ବିଜୟ ଦେବତା, ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, କବି ସୁଚିତ୍ରା ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ସେନା ଅଧିକାରୀ ଧରଣୀଧର ଦାଶ ଓ ଅଧ୍ୟାପକ ପ୍ରଶାନ୍ତ ସାହୁ ପ୍ରମୁଖ ଚିନ୍ମୟ ଚେତନା ଅନୁଷ୍ଠାନ ଉପରେ ଆଲୋକପାତ କରିଥିଲେ। କର୍ମକର୍ତ୍ତା ଜଗବନ୍ଧୁ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ଶରଣ ଧନ୍ୟବାଦ ଦେଇଥିଲେ।

# ଇଡ୍‌କୋ ରାସ୍ତା କାମରେ ବ୍ୟବହାର ହେଉଛି କଳା ପାଉଁଶ



ଯାଜପୁର/ଯଖପୁରା, ୨୭।୨(ସମିସ)

ଶିଳ୍ପାଞ୍ଚଳରେ ମୌଳିକ ଭିତ୍ତିଭୂମି ବିକାଶ କରିବା ଇଡ୍‌କୋର ଲକ୍ଷ୍ୟ ହେବା ଉଚିତ। ଶିଳ୍ପାଞ୍ଚଳରେ ବିଦ୍ୟୁତିକରଣ, ସଡ଼କ ପଥ, ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖିବା, ପାର୍କିଂର ସୁବ୍ୟବସ୍ଥା କରିବା, ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଯୋଗାଇବା, ଶିଳ୍ପସଂସ୍ଥାକୁ ପାଣି ଯୋଗାଇବା ପ୍ରଭୃତି ଉପରେ ଇଡ୍‌କୋ କାର୍ଯ୍ୟ କରିଥାଏ। ବର୍ତ୍ତମାନ ସ୍ଥିତିରେ ଇଡ୍‌କୋ ଏହାକୁ ଗୁରୁତ୍ୱ ନ ଦେଇ ଓଲଟି ଦୁର୍ନୀତିଗ୍ରସ୍ତ ଠିକାସଂସ୍ଥା ସହିତ ହାତ ମିଳାଉଥିବା ଭଳି ମନେ ହେଉଛି। ଠିକା କାମରେ ଦୁର୍ନୀତି ଦେଖି ଚେଇଁ ଶୋଇବାର ଅଭିନୟ କରିବାର ଯଥେଷ୍ଟ ପ୍ରମାଣ ଦେଖିବାକୁ ମିଳେ। ଅନେକ ସମୟରେ ଇଡ୍‌କୋର କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଇଡ୍‌କୋ କାର୍ଯ୍ୟ କରିବାର କାର୍ଯ୍ୟାଦେଶ ଠିକାଦାରଙ୍କୁ ଦେଉଛି। ମାତ୍ର କାର୍ଯ୍ୟ କିପରି ହେଉଛି ତାହା ତଦାରଖ କରିବାକୁ ଆସେନାହିଁ। ଠିକାଦାର ଓ ଇଡ୍‌କୋର ଉଚ୍ଚପଦସ୍ଥ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ପାଇଁ ତାହା ହୋଇପାରିନାହିଁ ବୋଲି ଅଭିଯୋଗ ହେଉଛି।

ଦଶମାଣିଆ ଚାରି ଛକଠାରୁ ବିଆରପିଏଲ ଛକ କମନ୍ କରିଡର ରାସ୍ତାଠାରୁ ଆରମ୍ଭ ହୋଇ ଭିସିଆଇ କେମିକାଲ କାରଖାନା ଦେଇ ଜଟିଆ ଷ୍ଟିଲ କାରଖାନା ପର୍ଯ୍ୟନ୍ତ ନୂତନ ଭାବେ ନିର୍ମାଣ ହେଉଛି। ଯାହାର କାର୍ଯ୍ୟାଦେଶ ବଂଶୀଧର ପଣ୍ଡା ନାମକ ଠିକାଦାରଙ୍କୁ ଦିଆଯାଇଛି। ବଂଶୀଧର ପଣ୍ଡାଙ୍କୁ କାର୍ଯ୍ୟାଦେଶ ମିଳିଛି ସତ, ମାତ୍ର ସେ ଏହି କାର୍ଯ୍ୟକୁ ସ୍ଥାନୀୟ ଠିକାଦାରଙ୍କୁ ଦାୟିତ୍ୱ ଦେଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଠିକାଦାର ଜଣେ ପ୍ରଭାବଶାଳୀ ବ୍ୟକ୍ତି। ତାହା ପୁଣି ସରକାରୀ ଦଳର ଆଗଧାଡିର ହୋଇଥିବାରୁ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟକୁ ମେରି ରାୟ ନୀତିରେ କରିବା ପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ୩୦୦ ମିଟର ରାସ୍ତାକୁ ୫ କୋଟି ୭୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ କାର୍ଯ୍ୟାଦେଶ ପାଇଥିବା ସତ୍ତ୍ୱେ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଛି। ରାସ୍ତା କାର୍ଯ୍ୟରେ କାରଖାନାରୁ ବାହାରୁଥିବା ପ୍ରଦୂଷଣଯୁକ୍ତ ପରିତ୍ୟକ୍ତ ପାଉଁଶ ଅଥବା କଳା ପାଉଁଶ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଛି। ଯାହା ସ୍ଥାନୀୟ ଅଞ୍ଚଳବାସୀସଙ୍କ ପାଇଁ ବିପଦ ସୃଷ୍ଟି କରିଛି। କଳା ପାଉଁଶକୁ ଲୁଚାଇବା ପାଇଁ ଠିକାଦାର ତାହା ଉପରେ କିଛି ମୋରମ ପକାଇ ଢାଙ୍କିବାକୁ ଉଦ୍ୟମ କରୁଛନ୍ତି। ଯାହା ଉପରକୁ ଜଳ ଜଳ ଦେଖାଯାଉଛି। କଥା ଉଠୁଛି ମୋରମ ଆସୁଛି କେଉଁଠୁ ? ସ୍ଥାନୀୟ ଅଞ୍ଚଳରେ ମୋରମ ପାଇଁ ପରିବେଶ ମଞ୍ଜୁରି ନ ଥିବା ସତ୍ତ୍ୱେ ମୋରମ ଆସୁଛି କେଉଁଠୁ ? ପୁଣି ନିର୍ମାଣ ହେଉଥିବା ରାସ୍ତାଟି ହେଉଥିବା ମଧ୍ୟରେ ଏକ ସ୍ୱତଃ ପ୍ରବାହିତ ଜଳଧାରା ନାଳ ପଡୁଛି। ସାଧାରଣ ଲୋକ ଗାଧୋଇବାଠାରୁ ରୋଷେଇ କରିବା ପର୍ଯ୍ୟନ୍ତ ଏହି ନାଳର ପାଣି ଉପରେ ନିର୍ଭର କରନ୍ତି। ଚାଷୀ ଏହି ନାଳ ପାଣି ଉପରେ ନିର୍ଭର କରନ୍ତି। ଠିକାଦାର ଏହି ନାଳ ଉପରେ କଳା ପାଉଁଶ ପକାଇ ନାଳର ପାଣି ଅବରୋଧ କରୁଥିବାର ଦେଖିବାକୁ ମିଳୁଛି। ନାଳ ପାଣିରେ କଳା ପାଉଁଶ ପଡ଼ିଥିବାରୁ ପାଣି ଦୂଷିତ ହୋଇଛି। ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ପାଣି ବ୍ୟବହାର କରି ସାଧାରଣ ଲୋକେ ବିଭିନ୍ନ ରୋଗରେ ପଡ଼ିଛନ୍ତି। ରାସ୍ତା ନିର୍ମାଣ ପାଇଁ କେଉଁ ଆଧାରରେ ଚିରସ୍ରୋତା ନାଳ ପାଣି ଧାରକୁ ଅବରୋଧ କରାଯାଇଛି। ପାଣି ଅବରୋଧ କରିବା ପାଇଁ ଠିକାଦାରଙ୍କୁ କିଏ ଅନୁମତି ଦେଇଛି, ଯାହା ସାଧାରଣରେ ପ୍ରଶ୍ନ ଉଠିଛି। ବାରମ୍ବାର ଇଡ୍‌କୋ କର୍ତ୍ତୃପକ୍ଷଙ୍କ ବିରୋଧରେ ଏଭଳି ଅଭିଯୋଗ ଆସୁଥିଲେ ମଧ୍ୟ ଇଡ୍‌କୋ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି କିମ୍ବା ମୁହଁ ଖୋଲୁନାହାଁନ୍ତି।

## ଓଁକାର ପକ୍ଷରୁ ଈଶାଣେଶ୍ୱର ମନ୍ଦିରରେ ଭଜନ ସନ୍ଧ୍ୟା



**ବରୀ, ୨୭।୨(ସମିସ):** ଓଡ଼ିଶାର ପ୍ରତିଷ୍ଠିତ ସାଂସ୍କୃତିକ ସଂଗଠନ ଓଁକାର ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ପ୍ରତିବର୍ଷ ଭଳି ଏବର୍ଷ ଜାଗର ଯାତ୍ରା ଅବସରରେ ବରୀ ବ୍ଲକ ଅନ୍ତର୍ଗତ ଈଶାଣପୁରସ୍ଥ ଈଶାଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋନାଲି ମଧୁସ୍ମିତା, ଅଞ୍ଜଳି ମିଶ୍ର, ରାନୁ, ବିଜୟ କୁମାର ପ୍ରଭୃତି ବିଶିଷ୍ଟ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିବାବେଳେ ଉଦଘୋଷକ, କଣ୍ଠଶିଳ୍ପୀ ତଥା ହାସ୍ୟ ଅଭିନେତା ବିଭୁ ମିଶ୍ରଙ୍କ ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ଥିଲା। ଓଁକାର ସୋସିଆଲ ଅର୍ଗାନାଇଜେସନର ପ୍ରତିଷ୍ଠାତା ଦିଲ୍ଲୀପ କୁମାର ଜେନା ପ୍ରତିବର୍ଷ ବରୀ ଅଞ୍ଚଳର ଭିନ୍ନ ଭିନ୍ନ ଶିବାଳୟ ପରିସରରେ ଭଜନ ପରିବେଷଣ କରିଥା'ନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଓଁକାର ସଂଗଠନର କର୍ମକର୍ତ୍ତା ଅକ୍ଷୟ ଜେନା, ବସନ୍ତ ଭୂୟାଁ, କିଶୋର ଦାସ, ସୁରେଶ ମଲ୍ଲିକ ଓ ମନ୍ଦିର କମିଟି ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

■ ଗୋଟିଏ ଦିନରେ ୪ ନିଯୁକ୍ତି ପରୀକ୍ଷା

## ଦୋଛକିରେ ପରୀକ୍ଷାର୍ଥୀ

**ଭୁବନେଶ୍ୱର, ୨୭ ।୨(ସମିସ):** ଗୋଟିଏ ଦିନରେ ରହିଛି ଏକାଧିକ ନିଯୁକ୍ତି ପରୀକ୍ଷା । ପରୀକ୍ଷାର୍ଥୀ କେଉଁ ପରୀକ୍ଷା ଦେବେ ସେନେଇ ସନ୍ଦିହାନ ଅଛନ୍ତି । ଦୀର୍ଘ ଦିନରୁ ଅନବରତ ପରିଶ୍ରମ କରୁଥିଲେ ବି ସବୁ ପାଣିରେ ପଡ଼ିଛି । ଫଳରେ ଚାକିରି ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏପରି ସ୍ଥିତି ଉପୁଜିଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, ଆସନ୍ତା ୮ ଓ ୯ ତାରିଖରେ ପ୍ରାୟ ୪ଟି ନିଯୁକ୍ତି ପରୀକ୍ଷା ରହିଛି । ତନ୍ମଧ୍ୟରେ ଆର୍‌ପିଏଫ୍ କନେଷ୍ଟବଲ୍ ନିଯୁକ୍ତି ପାଇଁ ୨ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ । ଏନେଇ ଗତ ୨୬ ତାରିଖରେ ଆଡମିଟ୍

### ପୁଲିସ୍ ଏସ୍‌ଆଇ ପରୀକ୍ଷା ଘୁଞ୍ଚାଇବାକୁ ଦାବି

କାର୍ଡ ମଧ୍ୟ ପ୍ରକାଶ ପାଇସାରିଛି । ସେହିପରି ଷ୍ଟେଟ୍ ବ୍ୟାଙ୍କ ପିଇଓ ପରୀକ୍ଷା ମଧ୍ୟ ଆସନ୍ତା ୮ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହାର ଆଡମିଟ୍ କାର୍ଡ ମଧ୍ୟ ଗୁରୁବାର ପ୍ରକାଶ ପାଇଛି । ଅନୁରୂପ ଭାବେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଆସିଷ୍ଟାଣ୍ଟ ଏଗ୍ରିକଲଚର୍ ଅଫିସର୍ (ଏଏଓ) ପରୀକ୍ଷା ମଧ୍ୟ ଆସନ୍ତା ୯ ତାରିଖରେ ରହିଛି । ଏହି ତିନୋଟି ପରୀକ୍ଷା ବ୍ୟତୀତ ଓଡ଼ିଶା ପୁଲିସ୍ ସବ୍-ଇନିସ୍‌ପେକ୍ଟର (ଏସ୍‌ଆଇ) ପରୀକ୍ଷା ମଧ୍ୟ ସମାନ ସମୟରେ କରିବାକୁ ନିର୍ଦ୍ଧାରିତ ହୋଇଛି । ଗତ ୨୫ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୮ ଓ ୯ ତାରିଖରେ ପରୀକ୍ଷା କରିବାକୁ ଦର୍ଶାଯାଇଛି । ଯେଉଁ ପିଲା ଶାରୀରିକ ପ୍ରସ୍ତୁତି କରୁଛି ସେହି ପିଲା ଆର୍‌ପିଏଫ୍ ବା ଏସ୍‌ଆଇ ପରୀକ୍ଷା ମଧ୍ୟରୁ ଗୋଟିଏ ଦେବ ଓ ଆଉ ଗୋଟିଏ ପରୀକ୍ଷାରୁ ବଞ୍ଚିତ ହେବ । ସେହିପରି ଏଏଓ ପରୀକ୍ଷା ପରି ଏସ୍‌ଆଇ ପରୀକ୍ଷା ପାଇଁ ଯୋଗ୍ୟତା ଓ ଅନ୍ୟ ମାନଦଣ୍ଡ ପ୍ରାୟ ସମାନ ଥିବାରୁ ପ୍ରାୟ ସମାନ ପିଲା ଉଭୟ ପଦ ପାଇଁ ଆବେଦନ କରିଛନ୍ତି । ଏପରପକ୍ଷରେ ଏସ୍‌ଆଇ ଆଡମିଟ୍ କାର୍ଡ ପ୍ରକାଶ ପାଇ ନଥିବାରୁ ଏହାକୁ ଘୁଞ୍ଚାଇବାକୁ ଆଶାୟୀମାନେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦାବି କରିଛନ୍ତି ।

---

**ବିଶ୍ୱର ସବୁଠାରୁ ଗରିବ ଦେଶ ସୂଚୀ**

# ୭୨ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି):** ଭାରତ ସରକାର ପାଞ୍ଚ ଟ୍ରିଲିୟନ ଅର୍ଥନୀତିର ସ୍ୱପ୍ନ ଦେଖୁଛନ୍ତି । ବର୍ତ୍ତମାନ ବିକାଶଶୀଳ ରାଷ୍ଟ୍ର ଶ୍ରେଣୀରେ ଥିବା ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ସହ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି କେନ୍ଦ୍ର ସରକାର ଦେଶବାସୀଙ୍କୁ ସ୍ୱପ୍ନ ଦେଖାଇଛନ୍ତି । ଦେଶରେ ଯେତେବେଳେ କୋଟି କୋଟି ଲୋକ ଦିନକୁ ଦୁଇ ଓଳି ଭଲ ଭାବେ ଖାଇବାକୁ ପାଉନାହାନ୍ତି ଓ ଖାଦ୍ୟ ନିରାପତ୍ତା ଯୋଜନାରେ ସେମାନଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି, ସେତେବେଳେ ବିକଶିତ ଭାରତ ଗଠନ ସ୍ୱପ୍ନ କିପରି ପୂରଣ ହେବ ବୋଲି ପ୍ରଶ୍ନ ଉଠିଛି । ଏହି କ୍ରମରେ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଗରିବ ଦେଶ ସୂଚୀରେ ଭାରତର ସ୍ଥାନ ୭୨ତମ ସ୍ଥାନରେ ରହିବା ଦେଶର ଆର୍ଥିକ ସ୍ଥିତି ଓ ବିକାଶର ଧାରାକୁ ସ୍ୱତଃ କାଠଗଡ଼ାରେ ଠିଆ କରିଛି ।

ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଦୁନିଆର ସବୁଠୁ ଧନୀ ଓ ସବୁଠୁ ଗରିବ ଦେଶଙ୍କ ତାଲିକା ଜାରି କରାଯାଇଥାଏ । ଚଳିତ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷର ଏହି ତାଲିକାରେ ପାକିସ୍ତାନ ୫୦ତମ ସ୍ଥାନରେ ଥିବାବେଳେ ଭାରତର ସ୍ଥାନ ରହିଛି ୭୨ । ମୋଟ ଘରୋଇ ଉତ୍ପାଦ (ଜିଡିପି) ଆଧାରରେ ବିଶ୍ୱବ୍ୟାଙ୍କ ବିଶ୍ୱର ସବୁଠୁ ଗରିବ ଓ ସବୁଠୁ ଧନୀ ଦେଶଙ୍କ ତାଲିକା ଜାରି କରିଛି । ମୁଣ୍ଡପିଛା ଜିଡିପି ଆଧାରରେ ଏଥିରେ ଦେଶଗୁଡିକର ମାନ୍ୟତା ସ୍ଥିର କରାଯାଇଛି । ଯେଉଁ ଦେଶର ମୁଣ୍ଡପିଛା ଜିଡିପି ଯେତେ କମ୍, ସେହି



ଦେଶ ସେତେ ଗରିବ ବୋଲି ବିବେଚନା କରାଯାଇଛି । ମୁଣ୍ଡପିଛା ୧୦,୧୨୩ ଡଲାର ଜିଡ଼ିପି ସହ ଏହି ସୂଚୀରେ ଭାରତ ୭୨ ତମ ସ୍ଥାନରେ ରହିଥିବାବେଳେ ପାକିସ୍ତାନ ୫୦ତମ ସ୍ଥାନରେ ଅଛି । ପାକିସ୍ତାନର ମୁଣ୍ଡପିଛା ଜିଡିପି ଆକାର ୬,୯୫୫ ଡଲାର ରହିଛି ।

ଗରିବ ଦେଶଙ୍କ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛି ଦକ୍ଷିଣ ସୁଦାନ । ଏହି ଦେଶର ମୁଣ୍ଡପିଛା ଜିଡିପି ମାତ୍ର ୪୫୫ ଡଲାର । ସେହିପରି ତାଲିକାର ଶ୍ରେଷ୍ଠ ୧୦ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ବୁରୁଣ୍ଡି ରହିଛି । ଏହାର ମୁଣ୍ଡପିଛା ଜିଡିପି ୯୧୬ ଡଲାର । ଏହି ତାଲିକାରେ ୧,୧୨୩ ଜିଡିପି ସହିତ ମଧ୍ୟ ଆଫ୍ରିକୀୟ ଗଣରାଜ୍ୟ (ସିଏଆର) ତୃତୀୟ ସ୍ଥାନରେ ରହିଛି । ଏହା ପଛକୁ ଚତୁର୍ଥ ସ୍ଥାନରେ କଙ୍ଗୋ ରିପବ୍ଲିକ ଡେମୋକ୍ରାଟିକ (ଡିଆରସି) । କଙ୍ଗୋର ଜିଡିପି

**ମୁଣ୍ଡପିଛା ଜିଡିପି ୧୦,୧୨୩ ଡଲାର**

୧,୧୫୨ ଡଲାର । ତାଲିକାର ପଞ୍ଚମ ସ୍ଥାନରେ ମୋଜାମ୍ବିକ୍, ଯାହାର ଜିଡିପି ୧,୬୪୯ ଡଲାର । ଏହି ସୂଚୀରେ ନାଇଜର ବି ରହିଛି ।

ସମ୍ପ୍ରତି ବିଶ୍ୱର ଗରିବ ଦେଶମାନଙ୍କୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି, ଯେଉଁଥିରେ ବୈଶ୍ୱିକ ସଂଘର୍ଷଠାରୁ ଆରମ୍ଭ କରି ଦୁର୍ନୀତି ଓ ଆର୍ଥିକ ଅସ୍ଥିରତା ଯାଏ । ଯେପରି ବିଶ୍ୱର ସବୁଠୁ ଧନୀ ଦେଶର ତାଲିକା ଦେଖିବା ପାଇଁ ସମସ୍ତଙ୍କ ମନରେ ଆଗ୍ରହ ଥାଏ ଠିକ୍ ସେହିପରି ଗରିବ ଦେଶଙ୍କ ତାଲିକାକୁ ମଧ୍ୟ ସମସ୍ତେ ଅପେକ୍ଷା କରିଥାନ୍ତି । ବର୍ତ୍ତମାନ ବିଶ୍ୱ ବ୍ୟାଙ୍କ ଦୁନିଆର ଗରିବ ଦେଶ ସୂଚୀ ପ୍ରକାଶ ପାଇବା ପରେ ଭାରତର ଆର୍ଥିକ ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

---

## ଶ୍ରୀଜଗନ୍ନାଥଙ୍କ ପାଟବସ୍ତ୍ର ସେବିକାଙ୍କ ପରଲୋକ

**ଖୋର୍ଦ୍ଧା,୨୭।୨(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପାଟବସ୍ତ୍ର ଲାଗି ଦୀର୍ଘ ବର୍ଷ ଧରି ସୂତା ବୁଣିଥିବା ଖୋର୍ଦ୍ଧା ରାଉତପଡ଼ା ଗ୍ରାମର ଆସେଲି ଦାସଙ୍କ ଗୁରୁବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୯୭ବର୍ଷ ବୟସ ହୋଇଥିଲା । ସେ ନିଜ ଗ୍ରାମ ରାଉତପଡ଼ାରେ ମୃତ୍ୟୁବରଣ କରିଛନ୍ତି । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବସ୍ତ୍ର ପ୍ରସ୍ତୁତି ସେବାରେ ସେ ନିଜକୁ ସମର୍ପିତ କରିଥିଲେ । ପ୍ରତିବର୍ଷ ରଥଯାତ୍ରା ଆସିଲେ ନୀତିନିଷ୍ଠ ସହକାରେ ଶ୍ରୀପଞ୍ଚମୀ ଦିନଠାରୁ ସେ ସୂତାବୁଣା ଆରମ୍ଭ କରନ୍ତି । ସେ ନିଜ ହାତରେ ଅରଟ/ଚରଖାରେ ସୂତା କାଟିବାରେ ଲାଗି ପଡ଼ିଥାନ୍ତି । ଆଉ ସେଇ ସୂତାରେ



ମହାପ୍ରଭୁଙ୍କ ପାଟବସ୍ତ୍ର ପ୍ରସ୍ତୁତ ହୋଇଥାଏ । ବୁଣାକାର ଆସେଲି ଜଗନ୍ନାଥଙ୍କ ଛଡ଼ା ଆଉ କାହା ପାଇଁ ସୂତା ବୁଣିନଥାନ୍ତି । ନବକଳେବର ସମୟରେ ମଧ୍ୟ ଆସେଲିଙ୍କ ହାତରେ ବୁଣା ସୂତାରେ ପାଟବସ୍ତ୍ର ପ୍ରସ୍ତୁତ ହୋଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ତାଙ୍କ ପରିବାରକୁ ମଧ୍ୟ ଏଥିରେ ନିୟୋଜିତ କରିଥାଆନ୍ତି । ଆସେଲିଙ୍କ ପୁଅ ଗୋପୀନାଥ ଦାସଙ୍କ ସମେତ ଆହୁରି ୨୪ ବୁଣାକାର ପରିବାର ମହାପ୍ରଭୁଙ୍କ ପାଟବସ୍ତ୍ର ବୁଣି ଆସୁଛନ୍ତି । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

---

## ମହିଳାଙ୍କ ପାଇଁ ପବିତ୍ରତା ଏକ ଅମୂଲ୍ୟ ମର୍ଯ୍ୟାଦା : ହାଇକୋର୍ଟ

କଟକ, ୨୭ ।୨(ସମିସ): ଜଣେ ମହିଳାଙ୍କ ପାଇଁ ପବିତ୍ରତା ହେଉଛି ଏକ ଅମୂଲ୍ୟ ମର୍ଯ୍ୟାଦା । ଏଣୁ ପତ୍ନୀଙ୍କ ବିରୋଧରେ ଯଦି ସ୍ୱାମୀ ବିନା ପ୍ରାମାଣିକ ତଥ୍ୟରେ ତାଙ୍କ ପବିତ୍ରତା ଉପରେ ଆପତ୍ତି ଉଠାଏ ଓ ବ୍ୟଭିଚାର ଅଭିଯୋଗ ଆଣେ; ସେଭଳି ସ୍ୱାମୀଙ୍କ ସହିତ ରହିବା ପାଇଁ ପତ୍ନୀ ମନା କରିବା ସ୍ୱାଭାବିକ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ପରିବାର ଅଦାଲତର ଭରଣପୋଷଣ ନିର୍ଦ୍ଦେଶ ବିରୋଧରେ ଦାୟର ଏକ ମାମଲାର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି । ପ୍ରକାଶ ଯେ ପତ୍ନୀଙ୍କୁ ମାସିକ ୪ ହଜାର ଟଙ୍କା ଭରଣପୋଷଣ ଦେବାକୁ ନୟାଗଡ଼ ପରିବାର ଅଦାଲତ ପ୍ରଦାନ କରିଥିବା ୨୦୨୪, ସେପ୍ଟେମ୍ବର ୪ର ନିର୍ଦ୍ଦେଶକୁ ଚାଲେଞ୍ଜ କରି ସ୍ୱାମୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ପତ୍ନୀଙ୍କ ବିରୋଧରେ ଚରିତ୍ରକୁ ନେଇ କୁତ୍ସାରଟନା ଅଭିଯୋଗକୁ ସ୍ୱାମୀ ପ୍ରମାଣିତ କରି ନ ପାରିବା କାରଣ ହିଁ ପତ୍ନୀଙ୍କୁ ଅଲଗା ରହିବା ଯଥେଷ୍ଟ ବୋଲି ହାଇକୋର୍ଟ କହିଛନ୍ତି । ପତ୍ନୀଙ୍କ କିଛି ଆୟ ନାହିଁ ଓ ସେ ନିଜ ଭରଣପୋଷଣ କରିବାରେ ଅସମର୍ଥ ବୋଲି ପ୍ରମାଣିତ ହେବା ପରେ ତାଙ୍କ ଭାରଣପୋଷଣ ଦାୟିତ୍ୱ ସ୍ୱାମୀଙ୍କ କର୍ତ୍ତବ୍ୟ । ଏଭଳି ସ୍ଥିତିରେ ସ୍ୱାମୀଙ୍କ ମାସିକ ଆୟ ପ୍ରାୟ ୧୫ ହଜାର ଟଙ୍କା ହୋଇଥିବା ବେଳେ ପତ୍ନୀଙ୍କୁ ମାସିକ ୪ ହଜାର ଟଙ୍କା ପ୍ରଦାନ ପାଇଁ ପରିବାର ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ପରିବାର ଅଦାଲତଙ୍କ ନିର୍ଦ୍ଦେଶ ବିରୋଧରେ ସ୍ୱାମୀ ଦାୟର କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି ।

---

## ବିଳମ୍ବିତ ଆବେଦନ ପାଇଁ ଚାକିରି ନିୟମିତକରଣ ଦାବି ଅଗ୍ରାହ୍ୟ କରାଯାଇପାରିବ : ହାଇକୋର୍ଟ

**କଟକ, ୨୭।୨(ସମିସ):** ଚାକିରି ନିୟମିତିକରଣ ପାଇଁ ଦାବି ଉପସ୍ଥାପନରେ ବିଳମ୍ବ କାରଣରୁ ଦାବି ଅଗ୍ରାହ୍ୟ କରାଯାଇପାରିବ ବୋଲି କହିଛନ୍ତି ଓଡିଶା ହାଇକୋର୍ଟ । ଏଥିସହ ଆବେଦନକାରୀ ମଧ୍ୟ ଅନ୍ୟ ସଂସ୍ଥାନରେ ଚାକିରି କରୁଥିବାହେତୁ ପୂର୍ବ ଚାକିରି ନିୟମିତ ପାଇଁ ଦାବି କରିବା ପ୍ରସଂଗରେ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି । ତପସ୍ୱିନୀ ଆଚାର୍ଯ୍ୟଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅଖୁଆ ଓଡ଼ଗାଁ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ୧୯୯୧ ଜୁଲାଇ ୩୧ର ନିଷ୍ପତ୍ତି କ୍ରମେ ଆବେଦନକାରୀଙ୍କୁ ଶିକ୍ଷକ ନିଯୁକ୍ତି ମିଳିଥିଲା । ତାଙ୍କ ନିଯୁକ୍ତିକୁ ଅନୁମୋଦନ ପାଇଁ ୧୯୯୬ରେ ସୁପାରିଶ କରାଯାଇଥିଲା । ତେବେ ଆବେଦନକାରୀ ଚାକିରି କରିବା ସମୟରେ ଇନ୍-ସର୍ଭିସ୍ ପ୍ରାର୍ଥୀ ଭାବେ ବିଏଡ କରିଥିବା ସ୍ପଷ୍ଟ ହୋଇଥିବା ବେଳେ ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିନଥିଲେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ । ଅନ୍ୟପଟରେ ୧୯୯୪ ଏପ୍ରିଲ ୭ସୁଦ୍ଧା ଯେଉଁମାନେ ବିଏଡ୍ କରିନଥିବେ, ସେମାନଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବିଭାଗ ୨୦୦୦ମସିହା ଏପ୍ରିଲ୨୪ରେ ଚିଠି କରିଥିଲା । ଏହି ଚିଠକୁ ଚାଲେଞ୍ଜ କରି ସେ ସମୟରେ ଅନେକ ଅତିରିକ୍ତ ସେକ୍ସନ ଶିକ୍ଷକ ଟ୍ରିବ୍ୟୁନାଲରେ ମାମଲା କରିଥିଲେ । ଟ୍ରିବ୍ୟୁନାଲ ଏହି ଚିଠିକୁ ରଦ୍ଦ କରିଦେଇଥିଲେ । ଫଳରେ ଅତିରିକ୍ତ ସେକ୍ସନ ଶିକ୍ଷକଙ୍କ ନିଯୁକ୍ତି ଅନୁମୋଦନ ଲାଭ କରିଥିଲା । ଆବେଦନକାରୀଙ୍କ ଚାକିରି ଅନୁମୋଦନ ନହେବାରୁ ସେ ଦୀର୍ଘ ୧୫ ବର୍ଷ ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଇତିମଧ୍ୟରେ ସେ ଅନ୍ୟ ଏକ ବିଦ୍ୟାଳୟରେ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ଭାବେ ନିଯୁକ୍ତ ହୋଇସାରିଥିଲେ ମଧ୍ୟ ପୂର୍ବ ଚାକିରି ନିୟମିତିକରଣ ପାଇଁ ଦାବି କରିଥିବା ସ୍ପଷ୍ଟ ହୋଇଥିଲା । ଏଭଳି କ୍ଷେତ୍ରରେ ହାଇକୋର୍ଟ ଉପରୋକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି ।

---


**AFFIDAVIT**

By virtue of an Affidavit sworn before the Executive Magistrate, Khordha, on dated 14.10.2024, I Sushama Rani Mahalik, W/o Subash Chandra Mahalik, At-Barapurikia, Po/Ps- Daspalla, Dist- Nayagarh, Odisha: 752084 declare Sushama Rani Mahalik, W/o Subash Chandra Mahalik & Susama Rani Mahalik,W/o Subash Chandra Mahalik is one and same a person. Henceforth, I shall be known as **Sushama Rani Mahalik** for all future purposes.

Sd- SUSHAMA RANI MAHALIK

**AFFIDAVIT**

By virtue of an affidavit sworn before Notary Public Koraput dated 25-02-2025.I, Guru Badanayak, Badalipandi, Malibelgaon, Koraput declare that I have changed my son's name from Nandini Badanayak to Nabin Badanayak Henceforth, he shall be known as Nabin Badanayak for all purposes.

**AFFIDAVIT**

By virtue of an affidavit sworn before P.K. Mishra (O.R.S) (Executive Magistrate, Balasore) on dated 25-02-2025, I Ramchandra Nayak, S/o Late Maheswar Nayak, At-Tinidesh, Po- Narasingpur, Ps-Nilgiri, Dist- Balasore, Pin-756020, declare that I have Changed my Daughter's name from Machhina Naik to Masina Naik. Henceforth, She shall be known as Masina Naik for all Purposes.

Sd/- Ramchandra Nayak

**AFFIDAVIT**

I, Ajit Kumar Biswal, S/o-Bata Krushna Biswal, resident of At- Mathasahi, Nayabazar, Ps-Chauliaganj, Dist-Cuttack, Pin Code-753004, Odisha declared by the affidavit No. 492, dated- 27/02/2025 that now onwards I shall be known as **AJEET KUMAR BISWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar CF No. 83, dated 27/02/2025, I, **Gundicha Gouda,** S/o Mochiram Gouda, Resident of IRC Village, Nayapalli , Bhubaneswar, District Khordha, do hereby declare that I have changed my daughter's name from **Lipisa Gouda to Lipsa Gouda.** Henceforth, she shall be known as Lipsa Gouda for all purposes.

**Gundicha Gouda**


---

**ବିଭାଗୱାରୀ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

# ମାର୍ଚ୍ଚ ସୁଦ୍ଧା ଅନ୍ୟୁନ ୮୫% ବଜେଟ ଖର୍ଚ୍ଚ କର

**ଭୁବନେଶ୍ୱର,୨୭।୨(ସମିସ):** ଚଳିତ ଆର୍ଥିକ ବର୍ଷରେ ବଜେଟ ବ୍ୟୟ ଆଶାନୁରୂପ ହୋଇନଥିବା ବେଳେ ଏହାକୁ ନେଇ ସରକାର ଚିନ୍ତାରେ ଅଛନ୍ତି । ଏହି ପ୍ରସଙ୍ଗରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗୱାରୀ ସମୀକ୍ଷା କରିବା ସହ ଧାର୍ଯ୍ୟ ସମୟ ଭିତରେ ଅନ୍ୟୁନ ୮୫% ବଜେଟ ପାଣ୍ଠି ବ୍ୟୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷ ନିର୍ବାଚନ, ନୂଆ ସରକାରଙ୍କ ଦାୟିତ୍ୱ ଗ୍ରହଣ ଏବଂ ସଂପୂର୍ଣ୍ଣ ବଜେଟ ସେପ୍ଟେମ୍ବର ମାସରେ ହୋଇଥିବାରୁ ଖର୍ଚ୍ଚ ହେବାରେ ସମସ୍ୟା ରହିଥିଲା । ସେ ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ଅନେକ ବିଭାଗର ଖର୍ଚ୍ଚ ପରିମାଣ ସନ୍ତୋଷଜନକ ରହିଛି । ତେବେ ଆଉ ଯେଉଁ ଗୋଟିଏ ମାସ ସମୟ ରହିଲା, ତାକୁ ସଂପୂର୍ଣ୍ଣ ଉପଯୋଗ କରି ବଜେଟର ଅନ୍ୟୁନ ୮୫ ପ୍ରତିଶତ ଖର୍ଚ୍ଚ କରିବାକୁ ସେ କହିଥିଲେ । ମନ୍ତ୍ରୀ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବିଭାଗୀୟ ମନ୍ତ୍ରୀ ମାନେ ଯେଉଁସବୁ ଖର୍ଚ୍ଚ ପ୍ରସ୍ତାବ ଅଛି, ତାକୁ ତୁରନ୍ତ ଅନୁଧ୍ୟାନ କରି ଆବଶ୍ୟକ ଅନୁମୋଦନ କରିବା ଉଚିତ । ବିଭିନ୍ନ କଲ୍ୟାଣ ଯୋଜନାରେ ଯେଉଁସବୁ ଦେୟ ପ୍ରଦାନ ବାକି ରହିଛି, ସେଗୁଡିକୁ ମଧ୍ୟ ନିୟମାନୁଯାୟୀ ତୁରନ୍ତ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ବ୍ୟୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ରୋଜଗାର ସୃଷ୍ଟି ହୁଏ ଓ ଅଭିବୃଦ୍ଧିରେ ଉନ୍ନତି ଆସେ । ଓଡିଶା ନିଜ ଘରୋଇ ଉତ୍ପାଦର ୬.୧ ପ୍ରତିଶତ ପୁଞ୍ଜି ବ୍ୟୟ ବରାଦ କରିଛି । ସାରା ଦେଶରେ ଏହା ସବୁଠାରୁ ଅଧିକ । ଆମର ଲକ୍ଷ୍ୟ ହେଉଛି, କୃଷିଭିତ୍ତିକ ଅର୍ଥନୀତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବା । ଏଥିପାଇଁ ଭିତ୍ତିଭୂମିର ବ୍ୟାପକ ବିକାଶ ଆବଶ୍ୟକ । ତେଣୁ ଏ କ୍ଷେତ୍ରରେ ମଧ୍ୟ ବ୍ୟାପକ ବିନିଯୋଗ ହେବା ଜରୁରୀ ।

ବୈଠକରୁ ଜଣାଯାଇଥିଲା ଯେ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ, ସ୍ୱାସ୍ଥ୍ୟ, ଜଳସଂପଦ, ପୂର୍ତ୍ତ, ଭିନ୍ନକ୍ଷମ ଓ ସାମାଜିକ ନ୍ୟାୟ ବିଭାଗ, ଯୋଗାଣ ବିଭାଗ ଏବଂ ସମବାୟ ବିଭାଗ ଆଦି ବିଭାଗ ଗୁଡିକର ଖର୍ଚ୍ଚ ଅପେକ୍ଷାକୃତ ଭଲ ରହିଛି । ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ସଚିବ ମନୋଜ ଆହୁଜା ଏବଂ ବରିଷ୍ଠ ଅଧିକାରୀମାନେ ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ ।

---

## ଶିବରାତ୍ରିରେ ଚାଲିଗଲା ଶିବ

**ପିପିଲି, ୨୭।୨(ସମିସ):** ପିପିଲି ବ୍ଲକ୍ ଚନ୍ଦ୍ରାଦେଇପୁର ଗାଁର ବଳରାମ ବିଶ୍ୱାଳ ଓ ସତ୍ୟଭାମା ବିଶ୍ୱାଳଙ୍କ ମାନସିକ ବିକୃତ ନାବାଳକ ପୁଅ ଶିବ ଗତକାଲିଠାରୁ ନିଖୋଜ ହୋଇଥିବା ବେଳେ ଗୁରୁବାର ସକାଳ ୧୦ଟାରେ ଗାଁ ନିକଟ ଭାର୍ଗବୀ ନଦୀରେ ଭାସୁଥିବାର କିଛି ସ୍ଥାନୀୟ ଲୋକେ ଦେଖି ଖବର ଦେଇଥିଲେ । ପରିବାରଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଉଦ୍ଧାର କରିଥିଲେ । ପ୍ରକାଶଥାଉକି ଗତକାଲି ଶିବ ବାରଣ୍ଡାରେ ବସିଥିବା ତାଙ୍କ ମା' ଦେଖିଥିଲେ । ହେଲେ କିଛି ସମୟ ପରେ ଘର ଭିତରୁ ଆସି ଦେଖନ୍ତି ତ ତାଙ୍କ ପୁଅ ସେଠାରେ ନ ଥିଲା । ଫଳରେ ସେ ସାହି ପଡିଶା ତଥା ବିଭିନ୍ନ ସ୍ଥାନ ଖୋଜାଖୋଜି କରି ନିରାଶ ହେବାରେ ସତ୍ୟଭାମା ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ ।

---

# ଅବଶିଷ୍ଟାଂଶ

### ସୁପରଷ୍ଟାର୍...

୧୯୮୨ରେ ଫୁଲ ଚନ୍ଦନ, ୧୯୮୩ରେ ଝିଅଟି ସୀତା ପରି, ୧୯୮୪ରେ ଦଣ୍ଡା ବାଳୁଙ୍ଗା, ୧୯୮୫ରେ ସହରୀ ବାଘ, ସମୟ ବଡ଼ ବଳବାନ, ପୂଜାଫୁଲ, ସତ କେବେ ଲୁଚି ରହେନା, ୧୯୮୬ରେ ଯୋର୍ ଯାର୍ ମୁଲକ ତାର, ୧୯୮୮ରେ ପାପ ପୁଣ୍ୟ, ୧୯୮୯ରେ ହସଲୁହ ଭରା ଦୁନିଆ, ଦଇବ ଦଉଡ଼ି, ରଜନୀଗନ୍ଧା ଆଦି ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଥିଲେ । ତେବେ ୮୦ ଓ ୯୦ଦଶକରେ ଉତ୍ତମ ମହାନ୍ତି ଥିଲେ ଓଡ଼ିଆ ସିନେ ଜଗତରେ ସବୁଠାରୁ ଅଧିକ ସିନେମା କରିଥିବା ଅଭିନେତା । ତାଙ୍କ ଅଭିନୀତ ପ୍ରତିଟି ଚଳଚ୍ଚିତ୍ର ଆଜି ବି ଘରେ ଘରେ ବେଶ୍ ପରିଚିତ । ୯୦ଦଶକରେ 'ଟୋପାଏ ସିନ୍ଦୂର ଦି ଟୋପା ଲୁହ', 'ଶାସ୍ତି', 'ଯା ଦେବୀ ସର୍ବ ଭୂତେଷୁ', ଗୋପରେ ବଢୁଛି କଳା କହ୍ନେଇ, ରାଜାରାଣୀ, କଣ୍ଢେଇ, ନୂଆ ଭାଉଜ, ବିଧିର ବିଧାନ, ଦଇବ ଦଉଡ଼ି ଆଦି ସୁପରହିଟ୍ ଚଳଚ୍ଚିତ୍ରରେ ତାଙ୍କର ଜୀବନ୍ତ ଅଭିନୟ ଆଜି ବି ଦର୍ଶକଙ୍କୁ ସେ ସମୟକୁ ଫେରାଇ ନିଏ । ସେହିପରି ୧୯୯୧ ମସିହାରେ ହିନ୍ଦୀ ଚଳଚ୍ଚିତ୍ର 'ନୟା ଜହେର୍' ରେ ମଧ୍ୟ ସେ ଅଭିନୟ କରିଥିଲେ ।

ସୁପରହିଟ୍ ଚଳଚ୍ଚିତ୍ର ମଧ୍ୟରେ ଲକ୍ଷ୍ମଣରେଖା, ରୂପା ଗାଁର ସୁନା କନିଆଁ, ଲଖେ ଶିବ ପୂଜି ପାଇଛି ପୁଅ, ସହର ଜଳୁଛି, ମା' ପରି କିଏ ହେବ, ସମୟ ଖେଳୁଛି ଚକା ଭଉଁରୀ, ସୁନା ସଂସାର, ଅଗ୍ନି ପରୀକ୍ଷା, ଏ ଯୁଗର କୃଷ୍ଣ ସୁଦାମା, ରୋମିଓ ଦ ଲଭର୍ ବଏ ଆଦି ଭଳି ଅନେକ ଚଳଚ୍ଚିତ୍ର ରହିଛି । ୨୦୦୯ ମସିହାରେ ଶେଷ ଚଳଚ୍ଚିତ୍ର 'ପାଗଳ କରିଛି ପାଉଁଜି ତୋର'ରେ ଶ୍ରୀ ମହାନ୍ତି ଅଭିନୟ କରିଛନ୍ତି । ଏହା ବ୍ୟତୀତ ସେ 'କଥା କହୁଥିଲେ ସରିବନି, ପଣତକାନି, ସାରା ଆକାଶ, ଉତ୍ତରଦାୟୀ ଧାରାବାହିକରେ ଅଭିନୟ କରିଥିଲେ ।

ଓଡ଼ିଆ ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ପାଇଁ ତାଙ୍କୁ ୪ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ପୁରସ୍କୃତ କରାଯାଇଛି । ୧୯୮୨ରେ ଫୁଲ ଚନ୍ଦନରେ ତାଙ୍କ ଅଭିନୟ ପାଇଁ 'ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର' ପ୍ରଦାନ କରାଯାଇଥିଲା । ସେହିପରି 'ଫୁଲ ଚନ୍ଦନ', 'ଝିଅଟି ସୀତା ପରି', 'ଦଣ୍ଡା ବାଳୁଙ୍ଗା' ଓ 'ସୁନା ଚଢ଼େଇ' ଚଳଚ୍ଚିତ୍ର ପାଇଁ ପୁରସ୍କୃତ ହେବା ସହ ଶ୍ରେଷ୍ଠ ସହଯୋଗୀ ଅଭିନେତା ଭାବେ 'ତୋ ବିନୁ ଅନ୍ୟ ଗତି ନାହିଁ' ଚଳଚ୍ଚିତ୍ର ପାଇଁ ସେ ପୁରସ୍କୃତ ହୋଇଛନ୍ତି । ଏହାସହିତ ୨୦୧୨ ମସିହାରେ ଓଡ଼ିଶା ଲିଭିଂ ଲିଜେଣ୍ଡ ଆୱାର୍ଡ, ୧୯୯୯ ମସିହାରେ 'ଜୟଦେବ ପୁରସ୍କାର' ସମେତ ୨୦୦୮ ମସିହାରେ '୫ମ ଫିଟ୍‌ଫାଟ୍ ବାଇସ୍କୋପ ଆୱାର୍ଡ', 'ସିନେ କ୍ରିଟିକ୍ ଆୱାଡ', 'ଛତ୍ରପୁରୀ', 'ବାଣୀଚିତ୍ର' ଓ ଚଳଚ୍ଚିତ୍ର ଜଗତ ସମ୍ମାନ ଭଳି ଅନେକ ସମ୍ମାନ ଗ୍ରହଣ କରିଛନ୍ତି । ଦୁଇ ବର୍ଷ ତଳେ ତାଙ୍କୁ 'ସକାଳ' ପକ୍ଷରୁ ମଧ୍ୟ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଓଡ଼ିଆ ସିନେମା ଜଗତର ଏକମାତ୍ର ଅଭିନେତା ଯିଏ କି ୧୯୮୨,୧୯୮୩ ଓ ୧୯୮୪ ମସିହାରେ କ୍ରମାଗତ ୩ ବର୍ଷ ଧରି ରାଜ୍ୟ ସରକାରଙ୍କ ଠାରୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ଗ୍ରହଣ କରିଛନ୍ତି ।

ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ଉତ୍ତମଙ୍କ ମୃତ୍ୟୁରେ ଓଡ଼ିଆ ସିନେମା ଜଗତରେ ଅପୂରଣୀୟ କ୍ଷତି ଘଟିଛି ବୋଲି ସେମାନେ କହିଛନ୍ତି ।

### ଓଡ଼ିଆ 'ସ୍ୱାଭିମାନ'କୁ..

ଏଠାରେ ଏବେ ଦୈନିକ ବିମାନ ସଂଖ୍ୟା ୧୦୦ରେ ପହଞ୍ଚି ଥିବା ବେଳେ ବାର୍ଷିକ ଯାତ୍ରୀ ସଂଖ୍ୟା ୫୦ ଲକ୍ଷରେ ପହଞ୍ଚିଛି । ଆଗକୁ ଏଠାରେ ତୃତୀୟ ଟର୍ମିନାଲ ନିର୍ମାଣ କରାଯିବା ସହିତ ଯାତ୍ରୀ ସୁବିଧା ପାଇଁ ବ୍ୟବସାୟ କେନ୍ଦ୍ର ଖୋଲିବାକୁ ଯୋଜନା ହୋଇଛି; କିନ୍ତୁ ଏହାର ଘରୋଇକରଣ ହେଲେ ଏସବୁ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ରହିଛି । ସେହିପରି ଯାତ୍ରୀ ସେବା ଶୁଳ୍କରେ ବଡ଼ ପରିବର୍ତ୍ତନ ହେବ । ଯାତ୍ରୀମାନେ ଅଧିକ ଖର୍ଚ୍ଚାନ୍ତ ହେବେ ବୋଲି ଅଭିଯୋଗ ହୋଇଛି । ଯେଉଁ ବିମାନବନ୍ଦରର ଭିତ୍ତିଭୂମିକୁ ଉନ୍ନତ କରାଯାଉଛି ଏବଂ ତାହା ଲାଭରେ ଚାଲିଛି ତାକୁ କର୍ପୋରେଟ୍ ସଂସ୍ଥା ହାତକୁ ଟେକି ଦେବାର ଯଥାର୍ଥତା କ'ଣ ରହିଛି ବୋଲି ପ୍ରଶ୍ନ ଉଠିଛି ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ୍ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାବନନ୍ଦରର ଘରୋଇକରଣ ବିରୋଧରେ ରାଜ୍ୟ ସରକାର ସ୍ୱର ଉଠାଇବା ଆବଶ୍ୟକ । ରାଜ୍ୟ ସରକାର ଏକ ଓଡିଶା ରାଜ୍ୟ ବିମାନ ନିଗମ ଗଠନ କରି କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପୂର୍ବକ ଏହାର ପରିଚାଳନା ଦାୟିତ୍ୱ ନିଜ ହାତରେ ରଖିବା ଆବଶ୍ୟକ । ଏପରି ହେଲେ ଆଗାମୀ ୪/୫ ବର୍ଷ ଭିତରେ ଓଡିଶା ସରକାର ଅନ୍ୟୁନ ୫୦୦ କୋଟି ଟଙ୍କା ଲାଭ କରିପାରିବେ । ସେହିପରି ବେସାମରିକ ବିମାନ ଚଳାଚଳ ବିଶେଷଜ୍ଞ କହିଛନ୍ତି, କେନ୍ଦ୍ର ସରକାର ନିଜର ଲାଭକୁ ଦେଖୁଛନ୍ତି । କେନ୍ଦ୍ର ସରକାର ନିଜ ସମ୍ପତ୍ତିରୁ ରୟାଲ୍ଟି ପାଇବା ଲୋଭରେ ଘରୋଇକରଣ ପଛରେ ପଡିଛନ୍ତି । କର୍ପୋରେଟ୍ ସଂସ୍ଥା ହାତରେ ବିମାନବନ୍ଦର ପରିଚାଳନା ଦାୟିତ୍ୱ ଟେକି ଦେଲେ ସାଧାରଣ ଲୋକଙ୍କର କିଛି ଲାଭ ହେବ ନାହିଁ । ଯେଉଁ ବିମାନବନ୍ଦର କ୍ଷତିରେ ଚାଲୁଛି ତାହାର ଦାୟିତ୍ୱ ଘରୋଇ ସଂସ୍ଥାକୁ ଦେଲେ ସମସ୍ୟା ନାହିଁ; ବରଂ ଏଠାରୁ କିପରି ଅଧିକରୁ ଅଧିକ ଆୟ ହେବ ଏବଂ ଅଧିକ ସ୍ଥାନକୁ ବିମାନ ଚଳାଚଳ ଆରମ୍ଭ ହେବ ତାହା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।

କ୍ରମାଗତ ଭାବେ ସଫଳତା ପାଉଥିବା ଏବଂ ଲାଭକାରୀ ସରକାରୀ ସଂସ୍ଥା ଭାବେ ଜଣାଶୁଣା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଚାଲଯିବ ଘରୋଇ ସଂସ୍ଥା ହାତକୁ । ଏଥିପାଇଁ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଯୋରଦାର ଉଦ୍ୟମ ଚଳାଇଛି ।

### ଆଜି ମୋଟୁରେ...

ସମାବେଶ ଅନୁଷ୍ଠିତ ହେବ । ପୋଲାଭରମ ପ୍ରକଳ୍ପକୁ ଜାତୀୟ ମାନ୍ୟତା ସହିତ ପ୍ରକଳ୍ପ ଲାଗି ୧୫ ହଜାର କୋଟି ଅନୁଦାନ ଦେଇଛନ୍ତି କେନ୍ଦ୍ର ସରକାର । ଆହୁରି ଆର୍ଥିକ ସହାୟତା ନେଇ ଶୀଘ୍ର ପ୍ରକଳ୍ପ ସାରିବା ପାଇଁ ଯୋଜନା କରିଛନ୍ତି । ରାଜ୍ୟ ସରକାର ଓଡିଶାର ସ୍ୱାର୍ଥ ପାଇଁ ପୋଲାଭରମ୍‌କୁ ବିରୋଧ କରିବେ କ'ଣ ଓଲଟା ପ୍ରକଳ୍ପକୁ ସମର୍ଥନ କରୁଛନ୍ତି । ବିଜେପିରୁ ୨୦ ସାଂସଦ ଥିଲେ ମଧ୍ୟ କେହି ସ୍ୱର ଉତ୍ତୋଳନ କରୁନାହାନ୍ତି । ପ୍ରକଳ୍ପକୁ ବନ୍ଦ କରିବାକୁ ବିକ୍ଷୋଭ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାମନ୍ତ୍ରୀଙ୍କୁ ଚିଠି ଲେଖି ଆପତ୍ତି ଜଣାଇଥିଲେ ମଧ୍ୟ ଏହାପ୍ରତି କର୍ଣ୍ଣପାତ କରାଯାଉ ନାହିଁ ।

ବର୍ତ୍ତମାନ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରରେ ଏନ୍‌ଡିଏ ସରକାର ରହିଥିବାବେଳେ ଚଳିତ ବଜେଟରେ ପୋଲାଭରମ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ସହ କାମ ଶେଷ କରିବାକୁ କହିଛି କେନ୍ଦ୍ର । ପ୍ରକଳ୍ପ ଶେଷ ହେଲେ କ'ଣ ସ୍ଥିତି ହେବ ତାହାକୁ ନେଇ ସନ୍ଦେହରେ ଅଛନ୍ତି ମୋଟୁ ଅଞ୍ଚଳବାସୀ । ଆନ୍ଧ୍ର ସରକାରଙ୍କ ପାଇଁ ଏହା ବହୁ ପ୍ରତୀକ୍ଷିତ ପ୍ରକଳ୍ପ ହୋଇଥିବାବେଳେ କେନ୍ଦ୍ରରେ କଂଗ୍ରେସ ସରକାର ଥିବା ସମୟରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହା ଏକ ଜାତୀୟ ପ୍ରକଳ୍ପ ଭାବେ ମାନ୍ୟତା ପାଇବା ପରେ ଯଥାଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଲାଗି ଆନ୍ଧ୍ରପ୍ରଦେଶ ସରକାର ଅଣ୍ଟା ଭିଡିଛନ୍ତି । ଆନ୍ଧ୍ର ସରକାରଙ୍କ ଏହି ପ୍ରକଳ୍ପକୁ ଛତିଶଗଡ଼ ସରକାର ମଧ୍ୟ ବିରୋଧ କରୁଛନ୍ତି । ସେପଟେ ଏନେଇ ଓଡ଼ିଶାରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଏର୍ଯ୍ୟନ୍ତ ଗ୍ରାମସଭା ହୋଇନାହିଁ କି ଉଚିତ ସର୍ଭେ ହୋଇନାହିଁ । ଯାହା ବର୍ତ୍ତମାନ ଆକଳନ କରାଯାଉଛି ତାହା ଯଦି ସତ ହୁଏ, ଆଗକୁ ମୋଟୁ ମାଲକାନଗିରି ମାନଚିତ୍ରରୁ ଲିଭିଯିବା ଥୟ । ଏହାପରେ ମୋଟୁ ଅଞ୍ଚଳବାସୀଙ୍କୁ କିଏ ଉଚିତ ଥଇଥାନ କରିବ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି ।

୨୦୨୨ ମସିହାରେ ମାଲକାନଗିରିରେ ସ୍ଥିତି ଅଣାୟତ ହେବା ସହ ୧୫୯ ଫୁଟ ଉଚ୍ଚର ଜଳ ଆସିଥିବା ନେଇ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ବିଜୁ ଜନତା ଦଳ ପକ୍ଷରୁ ଏହି ପ୍ରକଳ୍ପକୁ ନେଇ ବିରୋଧ କରିବା ସହ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ଦାବି ହେଉଥିବା ବେଳେ ବିଗତ ଦିନରେ ବିଜୁ ଜନତା ଦଳ ପକ୍ଷରୁ ମୋଟୁ ଅଞ୍ଚଳରେ ଜନସଭା ମଧ୍ୟ କରାଯାଇଥିଲା । ତେବେ ଏସବୁ ମଧ୍ୟରେ କିନ୍ତୁ କେନ୍ଦ୍ର ଓ ବର୍ତ୍ତମାନର ରାଜ୍ୟ ସରକାର ସ୍ଥାଣୁ ପାଲଟି ଯାଇଥିବା ପରିଲକ୍ଷିତ ହୋଇଛି । ରାଜ୍ୟବାସୀଙ୍କ ବୃହତ୍ ସ୍ୱାର୍ଥକୁ ବାଜିରେ ଲଗାଇ ବର୍ତ୍ତମାନର ବିଜେପି ସରକାର ନୀରବ ରହିଥିବାବେଳେ ବିଜୁ ଜନତା ଦଳ କିନ୍ତୁ ଏହି ପ୍ରକଳ୍ପକୁ ବିରୋଧ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସ୍ୱର ଉଠାଇବା ସହ ଆସନ୍ତାକାଲି ଜିଲ୍ଲାର ମୋଟୁଠାରେ ହେବାକୁ ଥିବା ପୋଲାଭରମ ବିରୋଧୀ ସଂଗ୍ରାମକୁ ସମର୍ଥନ ଜଣାଇଛି । ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ଏହା ଏକ ଜନ ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି ।

---


Phone-0680-2404096
E-Mail: eerwgmt@yahoo.co.in

O-1545

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR

Government of Odisha e-Procurement Notice
Bid Identification No. Online Tender/18/SERWD-II/2024-25
Memo No. 1955 / RWD-IIGB, Date: 24.02.2025

| | | | |
|---|---|---|---|
| 1 | Name of the Work | :: | Building Works |
| 2 | Estimated Cost | :: | Rs.0.85lakhs to Rs.26.55 lakhs |
| 3 | Period of Completion | :: | 3 (Three) Months & 10 (Ten) Days as per Annexure |
| 4 | Date & Time of availability of Bid documents in the Portal | :: | 1.03.2025 at 10.00 AM to 11.03.2025 up to 4.00 P.M |
| 5 | Last Date/ Time for receipt of Bids in the Portal | :: | 11.03.2025 up to 4.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Executive Engineer
R.W Division-II, Ganjam
Berhampur

OIPR-25073/11/0016/2425

# ସମ୍ପାଦକୀୟ



ଜଳ ମୋ ଜୀବନ, ମୋ ଖୁସି ଓ ମୋ ଶିକ୍ଷକ।
-ରାଜେନ୍ଦ୍ର ସିଂହ(ଭାରତର ଜଳପୁରୁଷ)

ସକାଳ
THE SAKALA

## ମହାକୁମ୍ଭରୁ ଶିକ୍ଷା

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଦୀର୍ଘ ୪୫ ଦିନ ବ୍ୟାପୀ ଚାଲିଥିବା ମହାକୁମ୍ଭ ଅନେକ ଦୃଷ୍ଟିରୁ ସ୍ମରଣୀୟ ହୋଇରହିବ। ଧର୍ମ, ବିଶ୍ୱାସ ଓ ଆସ୍ଥାକୁ ନେଇ ୧୪୪ ବର୍ଷ ପରେ ଅନୁଷ୍ଠିତ ମହାକୁମ୍ଭ ବିଶ୍ୱର ସବୁ ରେକର୍ଡ ଅତିକ୍ରମ କରିଛି। ୪୫ କୋଟି ଶ୍ରଦ୍ଧାଳୁଙ୍କ ଆଗମନ ହେବ ବୋଲି ଅନୁମାନ କରାଯାଇଥିଲା ବେଳେ ମେଳା ଶେଷ ସୁଦ୍ଧା ଦେଶବିଦେଶର ୬୫ କୋଟିରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ଜାତି, ଧର୍ମ ଓ ସମ୍ପ୍ରଦାୟ ନିର୍ବିଶେଷରେ ତ୍ରିବେଣୀ ସଂଗମ ଓ ଗଙ୍ଗାଘାଟରେ ବୁଡ଼ ପକାଇ ମହାରେକର୍ଡ ସୃଷ୍ଟି କରିଛନ୍ତି। ଏହି ମେଳା ପାଇଁ ମଧ୍ୟ ରେକର୍ଡ ସଂଖ୍ୟକ ଟ୍ରେନ ଚଳାଚଳର ବ୍ୟବସ୍ଥା କରାଯାଇଥିଲା। ୭୩ଟି ରାଷ୍ଟ୍ରର ରାଷ୍ଟ୍ରଦୂତ, ଦୂତାବାସ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟ, ୧୧୮ ଜଣିଆ ବିଦେଶୀ ପ୍ରତିନିଧି ମଣ୍ଡଳୀ ମହାକୁମ୍ଭ ମେଳା ପରିଦର୍ଶନ କରିଥିବା ବେଳେ ଭୁଟାନ ରାଜା ସଙ୍ଗମରେ ବୁଡ଼ ପକାଇଥିଲେ।

ପ୍ରଥମ ଥର ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଜରିଆରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିବା ବେଳେ ଆୟୋଜନକାରୀ ପ୍ରାଧିକରଣ ଓ ଉତ୍ତରପ୍ରଦେଶ ସରକାରଙ୍କ ସଫଳ ପରିଚାଳନା ବ୍ୟବସ୍ଥା ସମସ୍ତଙ୍କୁ ଚକିତ କରିଛି। ୬୫ କୋଟି ଲୋକଙ୍କ ଯୋଗଦାନ ଏବଂ ଏହାକୁ ନିୟନ୍ତ୍ରଣ ଓ ପରିଚାଳନା କରିବା କ୍ଷେତ୍ରରେ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଯେଉଁଳି ରଣନୀତି ପ୍ରୟୋଗ କରାଯାଇଥିଲା, ତାହାକୁ ନେଇ ଏବେ ସବୁ ଆଡ଼େ ଚର୍ଚ୍ଚା ଚାଲିଛି। ଦଳାଚକଟା ଭଳି କେତେକ ଅବାଞ୍ଛନୀୟ ଘଟଣା ସତ୍ତ୍ୱେ ଏତେସଂଖ୍ୟାରେ ଭିଡ଼ ନିୟନ୍ତ୍ରଣ ଓ ପରିଚାଳନା ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭର ଅଭୂତପୂର୍ବ ପରିଚାଳନା ବ୍ୟବସ୍ଥାକୁ ନେଇ ଏବେ ବିଶ୍ୱବ୍ୟାପୀ ଗବେଷଣା ଆରମ୍ଭ ହୋଇଛି। ବିଶେଷକରି ଭିଡ଼ ପରିଚାଳନା, ପରିବେଶ ସନ୍ତୁଳନ ରକ୍ଷା, ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି। ଏହା ମଧ୍ୟ କେତେକ ଶିକ୍ଷାନୁଷ୍ଠାନରେ ବିଷୟ ଭାବେ ଗ୍ରହଣ କରାଯାଇଛି। ହାର୍ଭାର୍ଡ, କଲମ୍ବିଆ ବିଶ୍ୱବିଦ୍ୟାଳୟ, ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ, କ୍ୟାଟୋ ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଗବେଷକ ଓ ଶିକ୍ଷାବିତ୍‌ମାନେ ଏହା ଉପରେ ଗବେଷଣା ଆରମ୍ଭ କରିବେ ବୋଲି ସୂଚନା ମିଳିଛି।

ଏଥିପାଇଁ ଦୁଇବର୍ଷ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା। ପ୍ରୟାଗରାଜ ସହର ଓ କୁମ୍ଭକ୍ଷେତ୍ରର ୪୦ କିମି ପରିବ୍ୟାପ୍ତ ଅଞ୍ଚଳକୁ ୨୫ଟି ସେକ୍ଟରରେ ବିଭକ୍ତ କରାଯାଇଥିଲା। ପ୍ରତିଟି ସଡ଼କ, ସ୍ନାନଘାଟ, ଅସ୍ଥାୟୀ ପୋଲ, ମୁଖ୍ୟ ଓଭରବ୍ରିଜ୍ ଆଦିର ସୁରକ୍ଷାରେ ୨୭୦୦ରୁ ଅଧିକ ସିସିଟିଭି କ୍ୟାମେରା, ଏଆଇ ସଞ୍ଚାଳିତ ଉଚ୍ଚଶକ୍ତି ସମ୍ପନ୍ନ କ୍ୟାମେରା ନିୟୋଜିତ କରାଯାଇଥିଲା। ମହାକୁମ୍ଭ ପରିସରରେ ସମନ୍ୱିତ କଣ୍ଟ୍ରୋଲ ଓ କମାଣ୍ଡ ସେଣ୍ଟର ଦ୍ୱାରା ୧୭ଟି ଡ୍ରୋନ ସେଣ୍ଟର ପରିଚାଳନା କରାଯାଇଥିଲା। ସେଥିମଧ୍ୟରୁ ତିନୋଟି କେନ୍ଦ୍ରରେ ଏଆଇ ବ୍ୟବସ୍ଥାରେ ମିଳୁଥିବା ତଥ୍ୟ ଏବଂ ସୂଚନାକୁ ଆଧାର କରି ତ୍ୱରିତ ପଦକ୍ଷେପ ନିଆଯାଉଥିଲା। ଏହି କେନ୍ଦ୍ରୀୟ କକ୍ଷରେ ମେଳାକୁ ଆସୁଥିବା ଲୋକଙ୍କ ମୁଖ ଚିହ୍ନଟ(ଫେସ୍ ରିକଗନାଇଜେସନ) ପ୍ରକ୍ରିୟାରେ ଗଣତି ମଧ୍ୟ କରାଯାଉଥିଲା। ଏହାବ୍ୟତୀତ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ମେଳା ପ୍ରାଧିକରଣ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ, ଆଇସିୟୁ ଏବଂ ପ୍ରସବ ପାଇଁ ମଧ୍ୟ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା କରାଯାଇଥିଲା। ଯଦି ଭିଡ଼ରେ କେହି ହଜିଯାଏ ତେବେ ତାଙ୍କୁ ପାଇବା ଲାଗି ମେଳା ଆୟୋଜନକାରୀଙ୍କ ପକ୍ଷରୁ 'ବୁଲା ଭଟକା କେନ୍ଦ୍ର' ନାମରେ ଏକ ସ୍ୱତନ୍ତ୍ର କେନ୍ଦ୍ର କାର୍ଯ୍ୟକାରୀ କରାଯାଇଥିଲା। ଡିଜିଟାଲ ଉପାୟରେ କାର୍ଯ୍ୟ କରୁଥିବା ଏହି କେନ୍ଦ୍ର ଉପାଦେୟ ସାବ୍ୟସ୍ତ ହୋଇଥିଲା। ମେଳାରେ ହଜିଯାଇଥିବା ପ୍ରାୟ ୨୦ ହଜାର ଲୋକଙ୍କୁ ସେମାନଙ୍କ ପରିବାର ଲୋକ ପାଇଥିବା କୁହାଯାଇଛି। ପରିଷ୍କାର ପରିଚ୍ଛନ୍ନତା ପାଇଁ ୧୫ହଜାର ସ୍ୱେଚ୍ଛାସେବୀ କର୍ମୀ ନିୟୋଜିତ ହୋଇଥିଲେ, ଯାହା ପରିମଳ ପରିଚାଳନାରେ ଏକ ବିଶ୍ୱରେକର୍ଡ ସୃଷ୍ଟି କରିଛି।

ଏହି ବୈଶ୍ୱିକ ମେଳା ପାଇଁ ପ୍ରାୟ ୧.୫ ଲକ୍ଷ ତମ୍ବୁ ଘର, ୪୫୦ କିମି ଅସ୍ଥାୟୀ ସଡ଼କ ପଥ, ୧୨ କିମି ବ୍ୟାପୀ ସ୍ନାନଘାଟ ନିର୍ମାଣ କରାଯାଇଥିଲା। ୧୮ ବର୍ଗ କିଲୋମିଟର ଅଞ୍ଚଳରେ ଗାଡ଼ି ରଖିବା ବ୍ୟବସ୍ଥା ହୋଇଥିଲା। ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ୫୬ ଅସ୍ଥାୟୀ ପୁଲିସ୍ ଥାନାରେ ଉତ୍ତରପ୍ରଦେଶର ୪୦ ହଜାର ପୁଲିସ କର୍ମଚାରୀ, ୫୦ ଅଗ୍ନିଶମ ଥାନା ଓ ୯୦ ଅଗ୍ନିଶମ ପୋଷ୍ଟରେ ୨ ହଜାରରୁ ଅଧିକ ଅଗ୍ନିଶମ କର୍ମଚାରୀ, ୧୪ ବାଟାଲିୟନ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ନିୟୋଜିତ ହୋଇଥିଲେ। ଭିଡ଼ ସହିତ ଟ୍ରାଫିକ୍ ପରିଚାଳନା ମଧ୍ୟ ପ୍ରଶଂସନୀୟ ଥିଲା।

ମହାକୁମ୍ଭ କେବଳ ଧର୍ମବିଶ୍ୱାସ ନୁହେଁ, ବ୍ୟବସାୟ ଓ ରୋଜଗାରର ମହାପନ୍ଥା ପାଲଟିଥିଲା। ବୁଲାବିକାଳିଙ୍କଠାରୁ ଆରମ୍ଭ କରି ଟେଣ୍ଟ ହାଉସ୍, ଫୁଡ୍ ଷ୍ଟଲ୍ ଇତ୍ୟାଦିରେ ବହୁଦେଶୀୟ କମ୍ପାନୀମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଏହି ୪୫ ଦିନ ଗଙ୍ଗା କୂଳ ଏକ ରିୟଲ୍ ଇଷ୍ଟେଟ୍ ଏବଂ ହୋଟେଲ ବିପଣିରେ ପରିଣତ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାତ୍ରୀଙ୍କ ଗମନାଗମନ ପାଇଁ ନିୟୋଜିତ ମୋଟରସାଇକଲ୍ ଆରୋହୀଙ୍କ ଆୟ ପନ୍ଥା ମଧ୍ୟ ଆଖିଦୃଶିଆ ଥିଲା। ପ୍ରାୟ ୭, ୪୦୦ କୋଟି ଟଙ୍କା ଖର୍ଚ୍ଚରେ ଆୟୋଜିତ ଏହି ମହାକୁମ୍ଭ ମେଳାରେ ୨ ଲକ୍ଷ କୋଟିରୁ ଅଧିକ ସରକାରୀ ଆୟ ହୋଇଥିବା ବେଳେ ବେସରକାରୀ ଆୟ ମିଶିଲେ ପ୍ରାୟ ୪ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି।

ମୋଟ ଉପରେ କହିବାକୁ ଗଲେ କିଛିଟା ରାଜନୈତିକ ବିବାଦ, ଦଳାଚକଟା ଜନିତ ଅଘଟଣ, ଅଗ୍ନିକାଣ୍ଡ ସତ୍ତ୍ୱେ ୧୪୪ ବର୍ଷରେ ଆୟୋଜିତ ଏହି କୁମ୍ଭମେଳା ଧର୍ମବିଶ୍ୱାସ, ଆଧ୍ୟାତ୍ମିକତା, ଜାତୀୟତାବୋଧର ଏକ ମହାସଙ୍ଗମ ସ୍ଥଳ ଥିଲା। ଶ୍ରଦ୍ଧାଳୁମାନେ କଷ୍ଟଭୁଲି ପୁଣ୍ୟ ଅର୍ଜନ ଓ ଅଭିଜ୍ଞତା ସାଉଁଟିଥିଲେ। ବିପୁଳ ସଂଖ୍ୟକ ଜନସମାଗମ ପରେ ଗଙ୍ଗା ଜଳ ପ୍ରଦୂଷଣକୁ ନେଇ ଯେଉଁ ବିବାଦ ଓ ରାଜନୀତି ସୃଷ୍ଟି ହୋଇଥିଲା ତାହା ଧର୍ମୀୟ ବିଶ୍ୱାସ ଓ ଆସ୍ଥା ଆଗରେ ମଳିନ ପଡ଼ିଯାଇଥିଲା। ପରିଚାଳନା, ଧର୍ମୀୟ ଭାବନା, ସାଂସ୍କୃତିକ ଉତ୍ତରଣ, ରାଜନୈତିକ ସମୀକରଣ ଦୃଷ୍ଟିରୁ ପ୍ରୟାଗରାଜ ମହାକୁମ୍ଭ ମେଳା ଯେ ନିଶ୍ଚିତ ଭାବେ ବିକଶିତ ଭାରତର ପ୍ରତିନିଧିତ୍ୱ କଲା ଏହା ନିଃସନ୍ଦେହ। ସାମାଜିକ-ଅର୍ଥନୈତିକ ସହବନ୍ଧନ, ଗୋଷ୍ଠୀଗତ ଓ ଐକ୍ୟ ଭାବନା ଦୃଷ୍ଟିରୁ ଭାରତ ଇତିହାସରେ ଏହା ଏକ ଅବିସ୍ମରଣୀୟ ଓ ଶିକ୍ଷଣୀୟ ଉଦାହରଣ ହୋଇ ରହିଯିବ।

# ଏକତାର ମହାକୁମ୍ଭ - ନୂଆ ଯୁଗର ଆରମ୍ଭ

**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ପବିତ୍ର ସହର ପ୍ରୟାଗରାଜରେ ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଂଚାର ହୋଇଥାଏ। ଏହାର ପରିଣାମ ଜାନୁଆରୀ ୧୩ ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା 'ଏକତା କା ମହାକୁମ୍ଭ' (ଏକତାର ମହାକୁମ୍ଭ) ରେ ଦେଖିବାକୁ ମିଳିଥିଲା।

୨୨ ଜାନୁଆରୀ ୨୦୨୪ରେ, ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଓ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଏକ ସ୍ଥାନରେ ଏକତ୍ରିତ ହୋଇଥିଲା। ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର। ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି। ୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା।

ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ। ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନଥିଲା। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ-ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ। ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। ପ୍ରୟାଗରାଜରେ ପହଞ୍ଚି ପାରୁନଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷଲକ୍ଷ ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ ଓ ସମ୍ମାନିତ କରାଯାଇଥିଲା।



ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି। ଆଧ୍ୟାତ୍ମିକ ବିଦ୍ୱାନମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢ଼ୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି।

ହଜାର ହଜାର ବର୍ଷ ଧରି, ମହାକୁମ୍ଭ ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣ କୁମ୍ଭରେ ସନ୍ଥ, ବିଦ୍ୱାନ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ ଅର୍ଦ୍ଧକୁମ୍ଭ ସମୟରେ ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଇଥିଲା। ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା। ୧୪୪ ବର୍ଷ ପରେ ଏହି ମହାକୁମ୍ଭରେ ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି। ସେହି ବାର୍ତ୍ତା ହେଉଛି - ବିକଶିତ ଭାରତ।

ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟିକୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା' ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି। ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ।

ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ଶ୍ରୀଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରିକି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥା'ନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇଥା'ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥା'ନ୍ତା। ଦୁର୍ଭାଗ୍ୟବଶତଃ, ପୂର୍ବରୁ ଏହା କରାଯାଇ ନଥିଲା। କିନ୍ତୁ ବର୍ତ୍ତମାନ ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ।

ବେଦ ଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି। ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା। ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା। ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା।

କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, 'ମା' ଗଙ୍ଗା ମୋତେ ଡାକିଛନ୍ତି।' ଏହା ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା' ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି।

ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା' ଗଙ୍ଗା, ମା' ଯମୁନା ଏବଂ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି। ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି।

ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା, ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଉତ୍ତର ପ୍ରଦେଶର ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର ଶାସକ ଓ ପ୍ରଶାସକମାନେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୁଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ- ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଉଁଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି।

୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧ୍ୟାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ।

# 'ସଉକି'-ବିବଶ ମଣିଷ

**ଧ୍ରୁବ ଚରଣ ଘିବେଲା**

ଆଜିକାଲି ହାପି(ଖୁସି) ଥାଆନ୍ତୁ ନ ଥାନ୍ତୁ 'ହାପି' କହିବାରେ ପ୍ରାବଲ୍ୟତା କାହିଁରେ କ'ଣ। ଏହା ଅବଶ୍ୟ ସତ ଯେ ସଭିଏଁ ଖୁସି ରହିବା ଆଜିର ଦିନରେ ଜରୁରୀ ଏବଂ ହସଖୁସି ରହିବା ବର୍ତ୍ତମାନ ସମୟର ସବୁଠୁ ବଡ଼ ଆବଶ୍ୟକତା। ହସ ଖୁସି ରହିବା ସମୟର ଆହ୍ୱାନ ମଧ୍ୟ। ଯିଏ ଯେତେ ହସଖୁସିରେ ରହିପାରନ୍ତି, ସିଏ ସେତେ ଚାପମୁକ୍ତ ହୁଅନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖାଯାଏ ଅନେକ ଲୋକ ନାନା କାରଣରୁ ଚାପମୁକ୍ତ ନଥା'ନ୍ତି, ଯଦ୍ୱାରା ଚାପ ଭାରରେ ମାନସିକ ବିଷାଦଗ୍ରସ୍ତ ରହନ୍ତି। ତା'ର ସ୍ପଷ୍ଟ ଚିତ୍ର ମୁଖମଣ୍ଡଳରେ ଦୃଶ୍ୟମାନ ହୁଏ। ମୁହଁରେ ମନ ଭାବାବେଗର ପରିପ୍ରକାଶ ଘଟେ। ଯିଏ ଦୁଃସ୍ଥିତି ଭିତରେ ଥାଇ ମଧ୍ୟ ଚାପକୁ ଏଡ଼ାଇ ପାରେ ଏବଂ ଚାପକୁ ଭ୍ରୂକ୍ଷେପ ନ କରି ସଦାସର୍ବଦା ହସଖୁସିରେ ରହିପାରେ ସେ ହିଁ ବାସ୍ତବ ସୁଖୀ। 'ଡୋଣ୍ଟ ଓରି ବି ହାପି' ତତ୍ତ୍ୱକୁ ଯିଏ ଯେତେ ଆପଣେଇ ପାରନ୍ତି, ତାଙ୍କ ଜୀବନରେ ଦୁଃଖର ପ୍ରବେଶ କେବେ ନଥାଏ। ଯାହା ଯେତେ ଅଘଟଣ ଆସେ, ସେସବୁରେ ଆଦୌ ବ୍ୟସ୍ତବିବ୍ରତ ନ ହୋଇ ବିଭିନ୍ନ ସମସ୍ୟା /ବିପଦ ରୂପକ ଜୁଆରକୁ ମୁକାବିଲା କରିବାରେ ପ୍ରକାଶ ପାଏ ପୁରୁଷାର୍ଥ ବା ପୁରୁଷପଣିଆ।

ତଥାପି ଦେଖାଯାଏ ହସଖୁସିରେ ଆଦୌ ରହିପାରୁ ନଥିବା ଲୋକ ବି ଏଠି କହେ ଅନ୍ୟ ଉଦ୍ଦେଶ୍ୟରେ ହାପି ସନ୍‌ଡେ, ହାପି ମନ୍‌ଡେ, ହାପି ଫ୍ରାଇଡେ ଆଦି। ସେସବୁ କହିବାକୁ ବି ସଙ୍କୋଚବୋଧ କରେନି। କାରଣ ସମସ୍ତଙ୍କ ପାଇଁ ଆଜି ଯେମିତି ହୋଇଯାଇଛି ଏକ ସହଜ ସର୍ବଗ୍ରହଣୀୟ ଶବ୍ଦ 'ହାପି'। 'ହାପି ବାର୍ଥ ଡେ ', 'ହାପି ମ୍ୟାରେଜ ଆନିଭରସାରୀ', ହାପି ଅମୁକ ଡେ, ହାପି ସମୁକ ଡେ ଇତ୍ୟାଦି ଇତ୍ୟାଦି କହିବାର ଓ ସେମ୍ ଟୁ ୟୁ କହିବାର ଏକ ଅଲିଖିତ ଔପଚାରିକତା ଏବେ ସମାଜର ଅଙ୍ଗ ହୋଇଗଲାଣି, ଯାହାକୁ ଏଡ଼ାଇବା ପ୍ରାୟତଃ ସମ୍ଭବ ହେଉନାହିଁ। ତେବେ 'ହାପି' କହିବା ଯେମିତି ସହଜ ହୋଇଛି/ହେଉଛି, 'ହାପି' ରହିବା ସେତିକି ସହଜ ହେଉନାହିଁ ବା ହେଇପାରୁନାହିଁ। କିଏ ସମସ୍ୟା ଘେରରେ ଘେରାବନ୍ଦୀ ତ କିଏ କେଉଁ ଚାପରେ ଆକ୍ରାମାକ୍ରା। କିଏ ଧନ ନଥାଇ ଦୁଃଖୀ, କିଏ ରୋଗୀ ହୋଇ ଦୁଃଖୀ। କିଏ ସମ୍ପର୍କହାନି ଯୋଗୁଁ ଦୁଃଖୀ, ଆଉ କିଏ ଧନ ଥାଇ ଏଠି ଦୁଃଖୀ।

ଦୁଃଖରେ ଏମିତି ବିବିଧତା ଅନେକ। ଦୁଃଖରେ ନିତି ସନ୍ତୁଳି ହୁଏ ଜୀବନ। ଜୀବନରେ ନାହିଁ ଯେମିତି କାହାର ସନ୍ତୁଷ୍ଟି। ମଣିଷର ଦୁଃଖ ଭିତରୁ ଅନେକ ଥାଏ ଅର୍ଜିତ। ଦୁଃଖ ନ ଥାଏ ବିଶେଷ ବହିରାଗତ। ନିଜେ ନିଜ ଦୁଃଖର କାରଣ ସାଜି ନିଜ ଭିତରେ ସୁଖ ହଜାଇ ବାହାରେ ପୁଣି ଖୋଜିବସନ୍ତି ସେଇ ସୁଖକୁ ଅସହାୟ ହୋଇ। ସଭିଏଁ ଚାହିଁଲେ ହାପି ହୋଇପାରିବେ। ଚାପକୁ ଚାପ ମନେ ନ କଲେ, ନିଜ ଚାହିଦା କମ ରଖିଲେ, ସବୁ କଥା-କାମରୁ ଖୁସି ଓ ସୁଖ ସାଉଁଟିଲେ, ସନ୍ତୋଷ ଅନୁଭବ କଲେ 'ହାପି' ରହିପାରିବେ। ସବୁ ଥାଇ 'ନାହିଁ ନାହିଁ' ହେଲେ 'ହାପି' ହେବେ କେମିତି? ଯାହାର ଯେତିକି ରହିଛି, ସେତିକିରେ ସନ୍ତୋଷ ଭାବ ରହିଲେ ଆପେ 'ହାପି' ରହିବେ।

ଆଜିକାଲି ଦେଖାଶିଖାରେ, ଅନେକ କଥା ପ୍ରସଙ୍ଗରେ ସଉକି ପରିଲକ୍ଷିତ ହେଉଛି। ମର୍ଣ୍ଣିଙ୍ଗ ୱାକ, ଇଭିନିଙ୍ଗ ୱାକ ଫେସନ ପାଲଟିଛି। ଚାଲିବା ଛାଡ଼ି କିଛି ଲୋକ ଏବେ ଦୌଡ଼ିଲେଣି। ଏଥିରେ କାମ କରୁଛି 'ସେ ଯାଉଛି, ମୁଁ ବି ଯିବି' ମନୋଭାବ। ଫଟା ପିନ୍ଧିବା ଏବର ସଉକି ସାଜିଛି। ପୋଡ଼ା ରନ୍ଧା ଖାଦ୍ୟରେ ଅନେକ ରଖିଲେଣି ରୁଚି। ସମୟ ଥିଲା, ପଖାଳ ଖାଇବା ରୁଚି ଅନେକଙ୍କ ନ ଥିଲା। ଏବେ ହୋଟେଲ, ଢାବାରେ ପଖାଳର ଚାହିଦା ଅଧିକ। 'ମାଟିହାଣ୍ଡି ମଟନ'ର ସୁଆଦ କିମିଆଁ କରୁଛି ଅନେକଙ୍କୁ। ଖାଇବା, ପିନ୍ଧିବା, ବୁଲିବା ସବୁକଥାରେ ଆଜିକାଲି ଲୋକଙ୍କ ଅଜବ ଅସମ୍ଭବ ସଉକି। ସଉକିରେ ବି ଲୋକେ ଏଠି ଧର୍ମ କଲେଣି। ସଉକିର ପୂର୍ତ୍ତି ପାଇଁ ବଣଭୋଜିକୁ ଗଲେଣି। ଗାଆଁଗହଳରୁ ଲୋକେ ଗଲେଣି ପ୍ରୟାଗରାଜ ମହାକୁମ୍ଭମେଳାକୁ। ଗଙ୍ଗାରେ ବୁଡ଼ ପକାଇବାକୁ ଏବଂ ପୁଣ୍ୟ ଧର୍ମ ଅର୍ଜିବାକୁ।

ସେଇ ସଉକିରେ ଓ ଧର୍ମମାର୍ଗ ଧାରା ଧରିଲେଣି ବି ଆଜିକାଲି ଅନେକ। ସବୁଠି ଲୋକଙ୍କ ନାହିଁ ନଥିବା ଗହଳଚହଳ। ସକାଳ ହେଲେ ଗହଳ ଜମେ ସକାଳବୁଲା ରାସ୍ତାରେ ଓ ପାର୍କରେ। ବଜାରରେ ମଲରେ ନିତି ଗହଳି। ସଞ୍ଜ ହେଲେ ପାର୍କରେ ଗହଳି। କେଉଁଠି ଭୋଜି ହେଲେ ସେଠି ଗହଳି। ସବୁଠି ଉପସ୍ଥାନ ପକାଇବାରେ ଲୋକଙ୍କର ବି ରହିଥାଏ ସଉକି। ବିବାହ ଠାରୁ ନିର୍ବନ୍ଧ ପର୍ଯ୍ୟନ୍ତ ଆଗରୁ ଗହଳି ହେଉଥିଲା। ଏବେ 'ପ୍ରି ୱେଡିଙ୍ଗ', 'ମେହେନ୍ଦି' ପରି ନୂଆ ପ୍ରଥା ଆରମ୍ଭ ହୋଇଛି। ସବୁ ସେଇ ସଉକି ଆଧାରରେ। ସଉକି ଲୋକଙ୍କୁ କରୁଛି ବସଉଠ। ସଉକି ନାଆଁରେ ଲୋକଙ୍କ ବ୍ୟସ୍ତତା ବ୍ୟଗ୍ରତା ବେଶ ବଢ଼ିବାରେ ଲାଗିଛି ଦିନକୁ ଦିନ।

ବଉଦରାଜ(ବୌଦ୍ଧ),
ମୋ: ୯୪୩୭୪୭୮୪୬୬

# କାହିଁକି ରଖାଯାଏ ଶିଖା

**ଓଜସ୍ୱିନୀ**

## ବେଦ-ବିଜ୍ଞାନ

ସନାତନ ଧର୍ମ ଓ ପରମ୍ପରା ଅନୁସାରେ ବ୍ରାହ୍ମଣ ଓ ଶାସ୍ତ୍ରଜ୍ଞର ପ୍ରତୀକ ଭାବେ ଉପବୀତ ଓ ଶିଖା ଧାରଣ କରିବାର ବିଧି ରହିଛି। ଶିଖାର ହେଉଛି ଏକ କେଶଗୁଚ୍ଛ, ଯାହାକି ମୁଣ୍ଡର ପଶ୍ଚାତ ଭାଗରେ ରହିଥାଏ। ହିନ୍ଦୁଧର୍ମର ୧୬ ସଂସ୍କାର ମଧ୍ୟରୁ ପ୍ରଥମ ସଂସ୍କାର ଭାବେ ଶିଶୁର ମୁଣ୍ଡନ ବା ଚୁଡ଼ାକର୍ମ କରାଯାଏ। ଏଥିରେ ମୁଣ୍ଡର ପଛ ଭାଗରେ ଏକ କେଶଗୁଚ୍ଛ ବା ଶିଖା ଛାଡ଼ି ଦିଆଯାଏ। ଆଞ୍ଚଳିକତା ଭିତ୍ତିରେ ଶିଖାର ବିଭିନ୍ନ ନାମ ରହିଛି। ଯଥା - ମାଲାୟାଲାମ୍ ଏବଂ ତାମିଲରେ କୁସୁମି, କନ୍ନଡ଼ରେ ଜୁଉ, ରାଜସ୍ଥାନରେ ଚୋଟି ବା ଟିକି, ଭୋଜପୁରୀରେ ଚୁରକି, ମରାଠୀରେ ଶୋଇ, ନେପାଳୀରେ ଟୁପ୍ପୀ, ଓଡ଼ିଶାରେ ଚଇଁ ଓ ତେଲୁଗୁରେ ପିଲିକା।

ଆଧ୍ୟାତ୍ମିକ ଦୃଷ୍ଟିରେ ଶିଖା ଧାରଣ କରିବା ଦ୍ୱାରା ଭଗବତ କୃପା ପ୍ରାପ୍ତିର ମାର୍ଗ ଉନ୍ମୁକ୍ତ ହୋଇଥାଏ। ବେଦ ଓ ପୁରାଣରେ ଉଲ୍ଲେଖ ରହିଛି ଯେ ଶିଖା ଧାରଣ କରିଥିବା ବ୍ୟକ୍ତିଙ୍କୁ ଧାର୍ମିକ ଅନୁଷ୍ଠାନ ଏବଂ ହୋମ ଯଜ୍ଞର ପୁଣ୍ୟଫଳ ପ୍ରାପ୍ତି ହୋଇଥାଏ। ହୋମଯଜ୍ଞାଦି ସମୟରେ ମନ୍ତ୍ରଧ୍ୱନି ଦ୍ୱାରା ସୃଷ୍ଟି ହେଉଥିବା ଈଶ୍ୱରୀୟ ଶକ୍ତି ଶିଖା ଯୋଗୁଁ ଅନ୍ତଃମୁଖୀ ହୋଇ ସାଧନା ବା ଯଜ୍ଞାନୁଷ୍ଠାନକୁ ସିଦ୍ଧ କରିଥାଏ। ଶିଖା ଓ ଉପବୀତ ଧାରଣ ନକରି କୌଣସି ଯଜ୍ଞାନୁଷ୍ଠାନ କିମ୍ବା ଧାର୍ମିକ ଅନୁଷ୍ଠାନ କରିବା ଦ୍ୱାରା ଭଗବତ କୃପା ପ୍ରାପ୍ତ ହୁଏ ନାହିଁ। ଏହାବ୍ୟତୀତ ଶିଖାକୁ ମୁଣ୍ଡର ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଏ, ତାହାକୁ ବ୍ରହ୍ମରନ୍ଧ୍ର କୁହାଯାଏ। ବିଶ୍ୱାସ ରହିଛି ଯେ, ଏଠାରେ ସ୍ୱୟଂ ବ୍ରହ୍ମା ବାସ କରିଥା'ନ୍ତି ଏବଂ ଏହି ରନ୍ଧ୍ର ଦ୍ୱାରା ହିଁ ପ୍ରାଣ ଶରୀରକୁ ପ୍ରବେଶ ହୋଇ ଶିଶୁର ଜନ୍ମ ହୋଇଥାଏ ଏବଂ ମୃତ୍ୟୁ ସମୟରେ ଏହି ସ୍ଥାନ ଦେଇ ପ୍ରାଣବାୟୁ ବାହାରିଥାଏ। ତେଣୁ ବ୍ରହ୍ମରନ୍ଧ୍ରରେ ଥିବା ଶିଖା ଆତ୍ମାର କେନ୍ଦ୍ରବିନ୍ଦୁ ବୋଲି ଶାସ୍ତ୍ରାଦିରେ ବର୍ଣ୍ଣିତ। ଏହି ସ୍ଥାନ ବ୍ରହ୍ମାଙ୍କର ନିବାସ ହୋଇଥିବାରୁ ସଦାସର୍ବଦା ଏକ ଦୈବୀ ତେଜୋପୁଞ୍ଜ ବା ଆଲୋକପୁଞ୍ଜ ପ୍ରକାଶିତ ହୋଇଥାଏ ଏବଂ ଶିଖା ଉକ୍ତ ଦିବ୍ୟାଲୋକ ବା ଜ୍ଞାନାଲୋକର ପ୍ରତିନିଧିତ୍ୱ କରେ। ତେଣୁ ଶିଶୁର ବ୍ରତୋପନୟନ ପରେ ବିଦ୍ୟାରମ୍ଭ କରିବା ପାଇଁ ଶିଖା ଧାରଣ କରିବାର ବିଧି ରହିଛି। ଅଙ୍ଗନ୍ୟାସରେ ମଧ୍ୟ 'ଶିଖାୟ ବୌଷଟ୍' ଉଚ୍ଚାରଣ କରାଯାଏ। କାରଣ ଏହି ଶିଖା ବେଦ, ପୁରାଣ, ଶାସ୍ତ୍ର ଜ୍ଞାନ ଆହରଣର ମାର୍ଗ ପ୍ରଶସ୍ତ କରିଥାଏ। ଋଷି ଯାଜ୍ଞବଲକ୍ୟସ୍ମୃତି ଅନୁସାରେ ଗୋତ୍ର ଅନୁସାରେ ଶିଖା କିପରି ହେବା ଉଚିତ, ସେ ବିଷୟରେ ଉଲ୍ଲେଖ କରାଯାଇଛି। ଯଦି କେହି ବ୍ରାହ୍ମଣ ବା ବିଜ୍ଞ ବିଦ୍‌ବତ୍ତା ଶିଖା ରଖିବାକୁ ଚାହୁଁ ନଥିବେ, ତେବେ ତାଙ୍କୁ ପ୍ରାୟଶ୍ଚିତ ଭାବେ 'ତପ୍ତକୃଚ୍ଛ୍ର' ନାମରେ ଘୋର ତପସ୍ୟା କରିବାକୁ ହେବ ବୋଲି ଶାସ୍ତ୍ର ନିର୍ଦ୍ଧାରିତ। ଶିଖାର ଲମ୍ବ ଓ ଆକାର କିଭଳି ରହିବା ଉଚିତ ଏବଂ ଶିଖା ଧାରଣ କରିଥିବା ବ୍ୟକ୍ତି କେଉଁସବୁ ନିୟମ ମାନିବାକୁ ହେବ, ସେ ସମ୍ପର୍କରେ ମଧ୍ୟ ଅନେକ ଶ୍ଳୋକରେ ବର୍ଣ୍ଣନା କରାଯାଇଛି।

ବୈଜ୍ଞାନିକ କାରଣ ଅନୁଯାୟୀ, ମୁଣ୍ଡର ଯେଉଁ ଅଂଶରେ ଶିଖା ରଖାଯାଏ, ତାହା ସମ୍ପୂର୍ଣ୍ଣ ଶରୀରର ଶିରାପ୍ରସିରା, ଧମନୀ, ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ିର ସମଷ୍ଟି। ଏହି ସ୍ଥାନକୁ ଅଧଃପତିମର୍ମ ବା ମେରୁଶୀର୍ଷ କୁହାଯାଏ। ମେରୁଦଣ୍ଡର ସର୍ବୋଚ୍ଚ ସ୍ଥାନରେ ଥିବା ଏହି ଶିଖା ନ ରଖାଯାଇ ସମ୍ପୂର୍ଣ୍ଣ ମୁଣ୍ଡନ କରାଯାଏ, ତା'ହେଲେ ଶରୀରର ଚୁମ୍ବକୀୟ ଶକ୍ତି ପ୍ରକୃତି ବା ବାହ୍ୟ ଚୁମ୍ବକୀୟ ଶକ୍ତି ଦ୍ୱାରା ପ୍ରଭାବିତ ହୁଏ। ଏହି ଚୁମ୍ବକୀୟ ପ୍ରଭାବ ଯୋଗୁଁ ମସ୍ତିଷ୍କ ଓ ସମ୍ପୂର୍ଣ୍ଣ ଶରୀରର ତାପମାତ୍ରାରେ ଅସନ୍ତୁଳନ ଦେଖାଦିଏ। ଶରୀରର ଓ ମସ୍ତିଷ୍କର ତାପମାତ୍ରାରେ ଅସନ୍ତୁଳନ ହେଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଓ ମାନସିକ ଅସନ୍ତୁଳନ ସୃଷ୍ଟି ହୁଏ। ସାଧାରଣ ଭାବେ ମସ୍ତିଷ୍କର ତାପମାତ୍ରା ୩୮.୫ ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ, ଯାହାକି ଶରୀରର ତାପମାତ୍ରାଠାରୁ ୨ ଡିଗ୍ରୀ ଅଧିକ। ଶିଖା ରଖିବା ଦ୍ୱାରା ଶରୀର ଓ ମସ୍ତିଷ୍କର ତାପମାତ୍ରା ସ୍ଥିର ହୋଇ ରହିଥାଏ। ମୋଟ ଉପରେ କହିବାକୁ ଗଲେ ଶିଖା ଶରୀରର ରକ୍ଷାକବଚ ଭାବେ କାର୍ଯ୍ୟ କରିଥାଏ। ମସ୍ତିଷ୍କର ତାପମାତ୍ରା ସ୍ଥିର ରହିଲେ ସ୍ମୃତିଶକ୍ତି ସୁଦୃଢ଼ ହୋଇଥାଏ ଏବଂ ମସ୍ତିଷ୍କ ସହିତ ଜଡ଼ିତ ପାଞ୍ଚଟି ଇନ୍ଦ୍ରିୟର ଶକ୍ତି ମଧ୍ୟ ବୃଦ୍ଧି ହୋଇଥାଏ। ଏହାଦ୍ୱାରା ଜଣେ ବ୍ୟକ୍ତି ନିରାମୟ ଜୀବନଯାପନ କରିପାରେ। ତେଣୁ ହିନ୍ଦୁତ୍ୱର ପ୍ରତୀକ ଶିଖା ଉଭୟ ଆଧ୍ୟାତ୍ମିକ ଏବଂ ବିଜ୍ଞାନ ଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ।

ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହାଇୱାକୁ ପିଟିଲା କାର୍



**ବନ୍ତ/ଆଗରପଡ଼ା, ୨୭।୨(ସମିସ):** ପହୁନା ନିକଟରେ ଏକ କାର ଆଗରେ ଯାଉଥିବା ହାଇୱାକୁ ଅତିକ୍ରମ କରୁଥିବାବେଳେ ଧକ୍କା ହୋଇଥିବା ଜଣାପଡ଼ିଛି। ଆଗରପଡ଼ା ଆଡୁ ଏକ ହାଇୱା କୁପାରୀ ଆଡ଼କୁ ଯାଉଥିଲା। ପହୁନା ନିକଟସ୍ଥ ବାଙ୍କ ରାସ୍ତାରେ ପଛରୁ ଯାଉଥିବା କାର୍‌ଟି ହାଇୱାକୁ ଅତିକ୍ରମ କରୁଥିବାବେଳେ ହାଇୱାରେ ପିଟି ହେବାରୁ ସମ୍ମୁଖ ପାର୍ଶ୍ୱ ଭାଙ୍ଗିରୁଜି ଯାଇଛି। କୌଣସି ଯାତ୍ରୀଙ୍କ କିଛି କ୍ଷୟକ୍ଷତି ହୋଇ ନଥିବାର ଜଣାପଡ଼ିଛି।

## ଆଇନଜୀବୀଙ୍କ ପରଲୋକ



ଭଦ୍ରକ, ୨୭।୨(ସମିସ): ଭଦ୍ରକ ଜିଲ୍ଲା ତିହିଡି ଅଞ୍ଚଳର ଜଣେ ଜଣାଶୁଣା ଆଇନଜୀବୀ ମହେଶଚନ୍ଦ୍ର ପାଟ (ଦୋଳ ଭାଇ)ଙ୍କ ହୃଦଘାତରେ ପରଲୋକ ହୋଇଛି। ଗତକାଲି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭଦ୍ରକ ଏବଂ ସେଠାରୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୨ଟା ବେଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ଜିଲ୍ଲାରେ ଅଚଳ ହେବ ତହସିଲ କାର୍ଯ୍ୟ

# କର୍ମଚାରୀ ଅଭାବକୁ କାମ ଅଧିକ

■ ଖାଲି ପଡ଼ିଛି ୨୮ ଆର୍‌ଆଇ, ୫୮ ଏଆର୍‌ଆଇ ଓ ୪୫ ଅମିନ ପଦ
■ ଭଗବାନ ଭରସାରେ ମୃତକଙ୍କ ପଟ୍ଟା ସଂଶୋଧନ ଅଭିଯାନ

ଭଦ୍ରକ, ୨୭ ।୨(ସମିସ)

ଭଦ୍ରକ ଜିଲ୍ଲାରେ ଏବେ ଅଚଳ ହେବାକୁ ବସିଛି ତହସିଲ କାର୍ଯ୍ୟ। କେମିତି ଚାଲିବ ତହସିଲ କାମ? କର୍ମଚାରୀ ଅଭାବ ଚିନ୍ତାର କାରଣ ପାଲଟିଥିଲା ବେଳେ ଦୀର୍ଘଦିନ ହେଲା ବିଭିନ୍ନ କର୍ମଚାରୀଙ୍କ ନିଯୁକ୍ତି ହେଉ ନଥିବାରୁ ତହସିଲ କାର୍ଯ୍ୟ ପ୍ରାୟ ଅଚଳାବସ୍ଥାକୁ ଆଡ଼କୁ ଗତି କରୁଛି।

ସୂଚନା ଅନୁସାରେ, ଜିଲ୍ଲାର ୭ଟି ତହସିଲ ଭଦ୍ରକ, ବନ୍ତ, ଭଣ୍ଡାରିପୋଖରୀ, ଧାମନଗର, ଚାନ୍ଦବାଲି, ତିହିଡି ଓ ବାସୁଦେବପୁରରେ ଖାଲିପଡ଼ିଛି ୧୩୧ଟି ଗୁରୁତ୍ୱପୂର୍ଣ୍ଣ ଆର୍‌ଆଇ(ରାଜସ୍ୱ ନିରୀକ୍ଷକ), ଏଆର୍‌ଆଇ ଓ ଅମିନ ପଦ। ଏସବୁ ତହସିଲ କାର୍ଯ୍ୟାଳୟଗୁଡ଼ିକରେ ଖାଲିଥିବା ପଦ ମଧ୍ୟରୁ ୨୮ ରାଜସ୍ୱ ନିରୀକ୍ଷକ (ଆର୍.ଆଇ), ୫୮ ସହକାରୀ ରାଜସ୍ୱ ନିରୀକ୍ଷକ(ଏଆର୍‌ଆଇ) ଓ ୪୫ ଅମିନ ପଦ ଧାର୍ଯ୍ୟ ରହିଛି। ବିଶେଷ କରି ଜମି ପଟ୍ଟା ହେବାଠୁ ଆରମ୍ଭ କରି ଜାତି ପ୍ରମାଣପତ୍ର, ଆୟକର ପ୍ରମାଣପତ୍ର, ଚାଷ କ୍ଷୟକ୍ଷତି ରିପୋର୍ଟ, ଘରପୋଡି ରିପୋର୍ଟ, ଜମି ଚିହ୍ନଟ(ଉଭୟ ସରକାରୀ, ବେସରକାରୀ), ଉଚ୍ଛେଦଠାରୁ ଆରମ୍ଭ କରି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବାରେ ରାଜସ୍ୱ ଅଧିକାରୀଙ୍କ ଭୂମିକା ରହିଛି। ହେଲେ ଦୀର୍ଘ ଦିନ ହେବ ଏହି ପଦ ପୂରଣ ନ ହୋଇ ଖାଲିପଡ଼ିଛି। ୭ଟି ତହସିଲରେ ମଞ୍ଜୁର ହୋଇଥିବା ଆର୍.ଆଇ ପଦ ସଂଖ୍ୟା ୧୦୨ରୁ ନାହାନ୍ତି ୨୮, ଅଛନ୍ତି ୭୪ଜଣ। ସେହିପରି ମଞ୍ଜୁର ୮୭ ଏଆରଆଇ ପଦରୁ ନାହାନ୍ତି ୫୮, ଅଛନ୍ତି ୨୯ଜଣ। ୬୨ଟି ମଞ୍ଜୁର ଅମିନ ପଦରୁ ନାହାନ୍ତି ୪୫ଜଣ, ଅଛନ୍ତି ମାତ୍ର ୧୭ଜଣ। ଫଳରେ ନିୟମିତ କାର୍ଯ୍ୟ କରିବା ମଧ୍ୟ ସମ୍ଭବ ହେଉନାହିଁ।

ଏବେ ପୁଣି ରାଜସ୍ୱ ବିଭାଗ ପକ୍ଷରୁ ଚିଠି ନଂ-୬୫୬୨, ୧୮.୨.୨୫ରେ ସବୁ ଜିଲ୍ଲାପାଳଙ୍କୁ ଏକ ରାଜସ୍ୱ କର୍ମଚାରୀଙ୍କୁ ସ୍ପେସାଲ ଡ୍ରାଇଭରେ ମୃତ ଜମି ମାଲିକଙ୍କ ପଟ୍ଟା ସଂଶୋଧନ କାର୍ଯ୍ୟ କ୍ୟାମ୍ପ ଜରିଆରେ କରିବାକୁ ଆଦେଶ ଦେଇଛନ୍ତି। ଏହି ଆଦେଶ ଅନୁସାରେ, ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୮୦୯, ୨୭.୨.୨୫ରେ ସବୁ ତହସିଲଦାର, ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହ ଏଥିଲାଗି ସବୁ ଆର୍‌ଆଇ, ଏଆର୍‌ଆଇଙ୍କୁ ଟ୍ରେନିଂ ଦେଇ କ୍ୟାମ୍ପ ଖୋଲି ମୃତ ଜମିମାଲିକଙ୍କ ପଟ୍ଟା ସଂଶୋଧନ କାର୍ଯ୍ୟ କରିବାକୁ ଆଦେଶ କରିଛନ୍ତି। ଏଥିରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ମଧ୍ୟ ଚେତାବନୀ ଦେଇଛନ୍ତି। ସାଧାରଣ କାର୍ଯ୍ୟ ତୁଲାଇବାକୁ ଜିଲ୍ଲାର ୭ ତହସିଲରେ ମଞ୍ଜୁର ହୋଇଥିବା ପଦରୁ ବହୁ ଆର୍‌ଆଇ ଓ ଏଆର୍‌ଆଇଙ୍କ ପଦ ଖାଲି ପଡିଥିବାରୁ ଅଡୁଆ ହେଉଛି। ଏହା ଉପରେ ରାଜସ୍ୱ ବିଭାଗର ଏହି ନୂତନ କାର୍ଯ୍ୟ ନେଇ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ନିରୀକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କେବଳ ଭଦ୍ରକ ଜିଲ୍ଲା ନୁହେଁ ଏହି ସମସ୍ୟା ରାଜ୍ୟର ୩୧୭ଟି ତହସିଲରେ ୨୭୧୧ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଲାଗି ରହିଛି। ଫଳରେ ଆଗକୁ ରାଜସ୍ୱ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ଏଥିନେଇ ସ୍ୱତଃ ସନ୍ଦେହ ଜାତ ହୋଇଛି।

## ପାର୍କ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ





**ଧାମନଗର, ୨୭ ।୨(ସମିସ):** ଧାମନଗର ଏନଏସି ଅନ୍ତର୍ଗତ ଶାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତୋରଣ ନିକଟରେ ବିନା ସୂଚନାଫଳକ, ବିନା ଫିଜିବିଲିଟି ରିପୋର୍ଟରେ ପାର୍କ ନିର୍ମାଣ କାର୍ଯ୍ୟ ଚାଲିଛି। କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ନିଜ ମନମୁଖୀ ଭାବେ ନିମ୍ନମାନର କାର୍ଯ୍ୟ କରିଚାଲିଛନ୍ତି ବୋଲି ଅଭିଯୋଗ ହୋଇଆସୁଛି। ଆନୁଷଙ୍ଗିକ କାର୍ଯ୍ୟଗୁଡିକ ଅତ୍ୟନ୍ତ ନିମ୍ନମାନର ବ୍ୟବହାର କରାଯାଉଛି। ଗୋଟିଏ ପବନରେ ସବୁ ଓଲଟି ପଡ଼ି ସବୁ ନଷ୍ଟ ହୋଇଯିବ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ନାୟକ କୌଣସି ଉତ୍ତର ରଖୁ ନଥିଲା ବେଳେ ଏନଏସି ଅଧିକାରୀ ସନ୍ତୋଷ ନାୟକ ଫାଇଲ ଦେଖିବା ପରେ କହିବି ବୋଲି ପ୍ରତିକ୍ରିୟା ଦେଇଛନ୍ତି। ଏଭଳି ସ୍ଥିତିରେ ଏନଏସି କାର୍ଯ୍ୟାଳୟର ସହକାରୀ ଓ କନିଷ୍ଠ ଯନ୍ତ୍ରୀ ଏବଂ ଠିକାଦାର ମିଳିମିଶି ବିଭିନ୍ନ ୱାର୍ଡରେ ଅନିୟମିତତା କାର୍ଯ୍ୟ କରି ସରକାରୀ ଅର୍ଥକୁ ଲୁଟ୍ କରୁଥିବା ବେଶ୍ ଚର୍ଚ୍ଚାର ବିଷୟ ରହିଛି। ସ୍ଥାନୀୟ ବିଧାୟକ-ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ହୁଏତ ସରକାରୀ ଅର୍ଥ ବାଟମାରଣା ନହୋଇ କିଛିଟା କାର୍ଯ୍ୟରେ ଲାଗିପାରେ ବୋଲି ସାଧାରଣ ଜନତା ଦାବି କରିଛନ୍ତି। ପ୍ରକାଶ ଥାଉକି, ସ୍ଥାନୀୟ ନେତୃମଣ୍ଡଳୀଙ୍କ କଥାରେ ସହରାଞ୍ଚଳରେ ଏନଏସି ଅଧିକାରୀ ସରକାରୀ ନିୟମକୁ ଉଲଙ୍ଘନ କରି କାର୍ଯ୍ୟ କରୁଥିବାରୁ ଅଧକ୍ଷା ନିବେଦିତା ଜେନା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଅସନ୍ତୋଷ ବୃଦ୍ଧି ପାଉଛି। ସରକାରୀ ନିୟମ ଉଲ୍ଲଂଘନ ଏବଂ ଅନିୟମିତତାକୁ ନେଇ ଅଧକ୍ଷା ବାଧ୍ୟ ହୋଇ କୋର୍ଟର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।

## ବାଲୁକା ଅଞ୍ଚଳ ସୁରକ୍ଷା ସଚେତନତା ପ୍ରହସନ

**ଦୋବଲ, ୨୭ ।୨(ସମିସ):** ଖଣି ବିଭାଗ ପକ୍ଷରୁ ବାଲି ଚୋରି ପ୍ରବଣତାକୁ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ବାଲୁକା ଅଞ୍ଚଳ ସୁରକ୍ଷା ସଚେତନତା ସଭା ସମ୍ପନ୍ନ ହୋଇଛି। ତେବେ, ଏହାକୁ ବିଭିନ୍ନ ମହଲରେ କେବଳ ପ୍ରହସନ ବୋଲାଇ କୁହାଯାଉଛି। ଅଭିଯୋଗ ହେଉଛି ଯେ ଏହି ସଭାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଯୋଗ ଦେଇ ନଥିଲେ। ଲଘୁ ଖଣିଜ ବିଭାଗ ଏହି ସଚେତନ ସଭା ପରିଚାଳନା ପାଇଁ ବାଲି ମାଫିଆଙ୍କୁ ଦାୟିତ୍ୱ ନ୍ୟସ୍ତ କରିଥିଲା ବୋଲି ଅଭିଯୋଗ ହେଉଛି। ବାଲିମାଫିଆଙ୍କ ସହ ସଦାସର୍ବଦା ଯୋଗସୂତ୍ର ରଖୁଥିବା ଲଘୁଖଣିଜ ବିଭାଗର କେତେକ କର୍ମଚାରୀମାନେ ସଭାକୁ ନାମମାତ୍ର ଆୟୋଜନ କରିଥିଲେ। ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ମାନଲାପୁରସ୍ଥିତ ବାଲିଯାତ୍ରା ପଡିଆରେ ଏହି ସଚେତନତା ସଭାରେ ବାଲି ଚୋରିକୁ ବିରୋଧ କରିବା ଓ ଅଧିକାରୀମାନଙ୍କୁ ସୂଚନା ଦେବାପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅନୁରୋଧ କରାଯାଇଥଇଲା। ପ୍ରଶାସନ ପକ୍ଷରୁ ଏଥିନେଇ ସୂଚନା ଫଳକ ଲଗାଯାଇଥିଲା। ଅନ୍ୟପଟେ, ଆନନ୍ଦପୁର ଅଞ୍ଚଳର ବୈତରଣୀ ନଦୀରୁ ବିଭିନ୍ନ ବେଆଇନ ଘାଟ କରାଯାଇ ମାଫିଆମାନେ ଅହରହ ବାଲି ଚୋରି କରୁଛନ୍ତି। ସେହିମାନଙ୍କୁ ନେଇ ଖଣି ବିଭାଗ ସଚେତନ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଯେପରି ଖଣି ବିଭାଗ ଓ ବାଲି ମାଫିଆଙ୍କ ବନ୍ଧୁ ମିଳନ ପରି ସଭାଟି ଦେଖାଯାଉଥିଲା। ପ୍ରଚାର ପ୍ରସାର କରାଯାଇ ନଥିବାରୁ ସେପରି ଲୋକ ଆସି ନଥିଲେ।

## ବୃତ୍ତି ପରୀକ୍ଷାରେ ଶ୍ରୀବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା



**ଅସୁରାଳି, ୨୭ ।୨(ସମିସ):** ଅସୁରାଳିସ୍ଥିତ ଶ୍ରୀବୈରାଗୀସରସ୍ୱତୀଶିଶୁବିଦ୍ୟାମନ୍ଦିରର ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ଶିକ୍ଷାବର୍ଷ ୨୦୨୩-୨୦୨୪ରେ ଧାମନଗର ବ୍ଲକ ସ୍ତରରେ ସ୍ନେହା ସାମନ୍ତ, ରୀତିକ୍ରିଷ୍ଟା ପଣ୍ଡା, ସୁକାନ୍ତି ଖଟୁଆ, ସ୍ୱାତିସ୍ୱାଗତିକା ସାହୁ ସଫଳତା ପାଇଥିବାବେଳେ, ତୃତୀୟ ଶ୍ରେଣୀ ସରକାରୀ ବୃତ୍ତିରେ ଧାମନଗର ବ୍ଲକ ସ୍ତରରେ ହିମାଂଶୁ ସାହୁ, ସତ୍ୟଜିତ ରାଉତ, ସାଇସ୍ମୃତି ଦାସ, ଚିନ୍ମୟ କୁମାର ସାହୁ ସଫଳତା ପାଇଛନ୍ତି। ସେମାନଙ୍କୁ ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ, ସମସ୍ତ ଆଚାର୍ଯ୍ୟ୦ଆଚାର୍ଯ୍ୟା ତଥା ପରିଚାଳନା କମିଟିର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ମା’ ବାଗେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ବନ୍ତ/ଆଗରପଡ଼ା,୨୭।୨(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଆରାଧ୍ୟ ଦେବୀ ମା’ ବାଗେଶ୍ୱରୀ ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ପୁଷ୍କରିଣୀରୁ ୩୧ଟି କଳସ ଘଟୋତ୍ତଳନ କରାଯାଇ ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜାରୀ ପାରା ପଣ୍ଡା, ରାମ ପଣ୍ଡା, ରଙ୍ଗିଆ ପଣ୍ଡା, ବିଜୟ ପଣ୍ଡା, ପୀତବାସ ଶତପଥୀ ପ୍ରମୁଖଙ୍କ ଦ୍ୱାରା ପୂଜାନୀତି ସମ୍ପାଦିତ ହୋଇଥିବା ବେଳେ ଅନାଦି ପୃଷ୍ଟି, ପ୍ରଭାସିନୀ ପୃଷ୍ଟି କର୍ତ୍ତା ରହିଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଧ୍ୟାତ୍ମିକ କୁଇଜ ପ୍ରତିଯୋଗିତା, ରଙ୍ଗୋଲି, ନାଚଗୀତ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଶିକ୍ଷାବିତ୍ ଅନିଲ ନାୟକ, ରବୀନ୍ଦ୍ର ଜେନା, ସମିତିସଭ୍ୟ ମନୋରଞ୍ଜନ ସେଠୀ, ସେବାସମବାୟ ସମିତି ସଭାପତି ରଞ୍ଜନ ସାହୁ ପ୍ରମୁଖ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଶ୍ରୀକାନ୍ତ ସାହୁ, ରଘୁ ବେହେରା, ନିତ୍ୟାନନ୍ଦ ମଣ୍ଡଳ, ରାଜେନ୍ଦ୍ର ବେହେରା, ବୈକୁଣ୍ଠ ବେହେରା, କପିଳେଶ୍ୱର ନାଥ, ଅପର୍ତିମଣ୍ଡଳ, ମିଥୁନ ପୃଷ୍ଟି, ଅଭିମନ୍ୟୁ ବେହେରା ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ଶିବରାତ୍ରୀ ପାଇଁ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ପାତାଳେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ବନ୍ତ/ଆଗରପଡ଼ା,୨୭।୨(ସମିସ):** ବନ୍ତ ବ୍ଲକ ଆଳମଙ୍ଗା ଗ୍ରାମର ଆରାଧ୍ୟଦେବ ପାତାଳେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗ୍ରାମ୍ୟ ପୁଷ୍କରିଣୀରୁ ଏଗାରଟି କଳସ ଘଟୋତ୍ତଳନ କରାଯାଇ ଗ୍ରାମ ବଜାର ପରିକ୍ରମା ପୂର୍ବକ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜକ ସହଦେବ ପଣ୍ଡା, ମଣିଭଦ୍ର ପଣ୍ଡା, ରମାକାନ୍ତ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ବିଦ୍ୟାଧର ଜେନା ଓ ଶାନ୍ତିଲତା ଜେନା କର୍ତ୍ତା ଥିଲେ। ପୂର୍ଣ୍ଣାହୁତିରେ ଛୟାଳସିଂହ, ସେଣ୍ଡତିରା, ଗଣିଜାଙ୍ଗ, ନିଳକ, ଗୋବିନ୍ଦପୁର ପଞ୍ଚାୟତର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଉକ୍ତ ଦୁଇଦିନିଆ କାର୍ଯ୍ୟକ୍ରମକୁ ଆଳମଙ୍ଗା ଗ୍ରାମବାସୀ ସହଯୋଗ କରିଥିଲେ।

■ ଚାଳଛପର ଘରେ, ଡିବିରି, ଲଣ୍ଠନରେ ଜୀବନ

# ଲକ୍ଷ୍ମୀପ୍ରିୟାଙ୍କୁ କେବେ ମିଳିବ ବିଜୁଳି ଓ ବାସଗୃହ

ଅସୁରାଳି, ୨୭।୨(ସମିସ)



ଧୂଷୁରୀ ଥାନା ଅନ୍ତର୍ଗତ କୋଠାର ପଞ୍ଚାୟତର କୋଠାର ଗାଆଁରେ ବାସ କରୁଥିବା ଏକ ଗରିବ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଖୋଦ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଅଧୀନ କୋଠାର ଗାଆଁର ୪୨ ବର୍ଷୀୟା ଲକ୍ଷ୍ମୀପ୍ରିୟା ଜେନାଙ୍କ ଦୁର୍ବିସହ ଜୀବନର ବାସ୍ତବ ଚିତ୍ର ସାମନାକୁ ଆସିଲା ପରେ ସରକାର ଯୋଜନା କାହା ପାଇଁ ବୋଲି ସ୍ୱତଃ ପ୍ରଶ୍ନ ଉଠିଛି। ୪ ବର୍ଷ ହେଲା ଗାଁରୁ ଉଠି ଆସି କୋଠାର ଉଚ୍ଚବିଦ୍ୟାଳୟର ପୋଖରୀ ଆଡ଼ିରେ ଚାଳଛପର କରି ଦିନ କାଟୁଛନ୍ତି। ଲକ୍ଷ୍ମୀପ୍ରିୟାଙ୍କ ସହ ତାଙ୍କ ସ୍ୱାମୀ ପ୍ରତାପ ଜେନା (୪୫), ବଡ଼ପୁଅ ସାଗର ଜେନା(୧୪), ସାନଝିଅ କ୍ରିଷ୍ଣା ଜେନା (୧୧)। ଆବାସ ତ ମିଳୁନି, ପିଲାମାନଙ୍କ ପାଠପଢାରେ ପଡୁଛି ଡୋରି। ରାତିରେ ବିଦ୍ୟୁତ ଆଲୁଅରୁ ମଧ୍ୟ ବଞ୍ଚିତ ଥିବା ଏହି ପରିବାରର ପିଲାଛୁଆ ଲଣ୍ଠନ, ଡିବିରି ଆଲୁଅରେ ଭରସା କରି ପାଠ ପଢୁଛନ୍ତି।

ଏହି ସମସ୍ୟା ନେଇ ପଞ୍ଚାୟତଠୁ ନେଇ ବ୍ଲକ ପ୍ରଶାସନ ଯାଏଁ ଦୃଷ୍ଟିଗୋଚର କରିଥିଲେ ମଧ୍ୟ ଏଯାଏଁ ସୁଫଳ ମିଳି ପାରିନି। ରାତିରେ ପରିବାର ଲୋକଙ୍କ ସହ ଶୋଉଛନ୍ତି ବୁଲା କୁକୁର, ଷଣ୍ଢ ଓ ଓ ବିଲେଇ। ଏମିତି ଅବସ୍ଥା ଦେଖି ଗାଆଁ ଲୋକ ଏହି ପରିବାରକୁ ଘର ଯୋଗାଇବାକୁ ଦାବି କରିଛନ୍ତି। ବିଜୁଳି ସଂଯୋଗ ନଥିବାରୁ ୪ ବର୍ଷ ହେଲା ଏହି ପରିବାର ଦୟନୀୟ ଜୀବନଯାପନ କରୁଛନ୍ତି। ଦିନରେ ସୂର୍ଯ୍ୟ ଆଲୋକରେ ଆଲୋକିତ ହେଉଛି ଲକ୍ଷ୍ମୀପ୍ରିୟାଙ୍କ ଘର, ସନ୍ଧ୍ୟା ନଇଁଲେ ସତେ କି ଯେମିତି ଅନ୍ଧାର ରୂପକ ରାକ୍ଷସ ଘରକୁ ଧସେଇ ପଶୁଛି। ଡିବିରି ଆଉ ଲଣ୍ଠନ ସାଜିଛି ରାତିର ଆଲୋକର ଉତ୍ସ। ପୁଣି ପିଲାମାନେ ମଧ୍ୟ ଷ୍ଟାଇପେଣ୍ଡରୁ ହେଉଛନ୍ତି ବଞ୍ଚିତ। ଏତେ ସବୁ ବାଧାବିଘ୍ନକୁ ଏଡାଇ ମଧ୍ୟ ଚାଲିଛି ଜୀବନର ନୌକା। ସରକାରଙ୍କ ତରଫରୁ ତାଙ୍କ ପରିବାରକୁ ଖୁବ୍ ଶୀଘ୍ର ବାସଗୃହ ସହ ବିଜୁଳି ଯୋଗାଇ ଦିଆଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ପିଇଓ ସରୋଜିନୀ ବେହେରା କହିଲେ, ଆମେ ପ୍ରତି ୱାର୍ଡରେ ଘର ଘର ବୁଲି ସର୍ଭେ କରି ଅନଲାଇନ କରୁଛୁ, ଯାହାର ଚାଳଘର ନିହାତି ଭାବେ ସରକାରୀ ସୁବିଧା ପାଇବେ।

## ମହାଶିବରାତ୍ରୀରେ ସାମ୍ବାଦିକ ସଂଘର ଦହି ସର୍ବତ ବଣ୍ଟନ




**ଅସୁରାଳି/ଆରଡ଼ି, ୨୭ ।୨(ସମିସ):** ଚଳିତବର୍ଷ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ଅବସରରେ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଅନୁବନ୍ଧିତ ଭଦ୍ରକ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ଶିବ ଭକ୍ତଙ୍କୁ ଦହି ସର୍ବତ ବିତରଣ କରାଯାଇଛି। ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ଉପସଭାପତି ଦୀପ୍ତିରଞ୍ଜନ ନାୟକ, ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ଜିଲ୍ଲା କୋଷାଧ୍ୟକ୍ଷ ଆଶିଷ ମହାନ୍ତି, ନିୟୁଜ ୱାର୍ଲଡ ଓଡିଶା ୨୪ର ସମ୍ପାଦକ ଲତିବ ଓଝା, ରୂପାରାଣୀ ପାଢ଼ୀ, ସ୍ୱପ୍ନାରାଣୀ ମଲ୍ଲିକ, ସାବିତ୍ରୀ ରାଉତ, ତଅପୋଇ ମଲ୍ଲିକ, ଇତିଶ୍ରୀ ସାହୁ, ଧୂଷୁରୀ ପ୍ରେସ ୟୁନିୟନର କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପଦେଷ୍ଟା ପଂଚାନନ ମିଶ୍ର, ଅନିଲ ଦାସ, ସଂଘ ସଦସ୍ୟ ସଂଜୀବ ନାୟକ, ଅମର ନାୟକ, ମୁକ୍ତିକାନ୍ତ, ନାୟକ, ପ୍ରଶାନ୍ତ ସାହୁ, ଆଲୋକ ନାୟକ, ରମେଶ ପୃଷ୍ଟି, ସିଦ୍ଧାର୍ଥ ଶଙ୍କର ମିଶ୍ର, ସୁଶାନ୍ତ ରାଉତ, ବିବେକାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

**ଆଖୁ କିଆରିରେ ଲୁଚିଛି ଅଭିଯୁକ୍ତ**

# ଖୋଜିବା ପାଇଁ ଡ୍ରୋନ, ସନ୍ଧାନୀ କୁକୁର ମୁତୟନ

ମୁମ୍ବାଇ, ୨୭।୨ (ଏଜେନ୍ସି):

ପୁନେର ସରକାରୀ ସ୍ୱାରଗେଟ ବସ୍ ଡିପୋରେ ମହିଳା (୨୬) ଙ୍କୁ ଦୁଷ୍କର୍ମକୁ ନେଇ ମହାରାଷ୍ଟ୍ରରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଗତ ୨୫ ତାରିଖରେ ଏହି ଘଟଣା ଘଟିଥିବାବେଳେ ଏ ପର୍ଯ୍ୟନ୍ତ ଅଭିଯୁକ୍ତକୁ ଗିରଫ କରାଯାଇପାରି ନାହିଁ। ପୁଲିସ ତାକୁ ଧରିବାକୁ ୧୩ଟି ଟିମ୍ ଗଠନ କରିଛି। ଅଭିଯୁକ୍ତର ଫଟୋ ଜାରି କରି ଏହାର ସୂଚନା ଦେବା ପାଇଁ ଲକ୍ଷେ ଟଙ୍କା ପୁରସ୍କାର ଘୋଷଣା କରିଛି। ଏହି ଘଟଣାକୁ ନେଇ ବିରୋଧୀ କ୍ଷମତାସୀନ ମହାଯୁତି ମେଣ୍ଟକୁ ନିଶାଣ କରିଛନ୍ତି। ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଉଥିବାବେଳେ ଅଭିଯୁକ୍ତ ଦତ୍ତାତ୍ରେୟ ରାମଦାସ ଗଡ଼େ ନିଜ ଗାଁରେ ଲୁଚି ରହିଥିବା ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ ସେ ପୁନେରୁ ପରିବା ଟ୍ରକରେ ଲୁଚି ଗାଁକୁ ପଳାଇ ଆସିଥିଲା। ଘରେ ପହଞ୍ଚି ପୋଷାକ ଏବଂ ଜୋତା ବଦଳାଇବା ପରେ ସେ ବାହାରକୁ ପଳାଇ ଥିଲା। ଗାଁର ଆଖୁ କିଆରିରେ ସେ ଲୁଚିଥିବା ଆଶଙ୍କା କରାଯାଉଛି। ତା'କୁ ଖୋଜିବା ପାଇଁ ଡ୍ରୋନ ଏବଂ ସନ୍ଧାନୀ କୁକୁର ଲଗାଯାଇଛି। ଆଖୁ କିଆରି ଉଚ୍ଚ ଏବଂ ଘନ ହୋଇଥିବାରୁ ଭିତରକୁ ଯାଇ ତଲାସୀ ଅଭିଯାନ ଚଳାଇବା ପୁଲିସ ପକ୍ଷେ ସମ୍ଭବ ହୋଇନାହିଁ।



ଅନ୍ୟପକ୍ଷରେ ପରିବହନ ମନ୍ତ୍ରୀ ପ୍ରତାପ ସରନାଇକ ଆସିଷ୍ଟାଣ୍ଟ ଟ୍ରାନ୍ସପୋର୍ଟ ସୁପରିଟେଣ୍ଡେଣ୍ଟ ଏବଂ ବସ୍ ଡିପୋର ମ୍ୟାନେଜର ବିରୋଧରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହେବେ ଉଭୟଙ୍କୁ ନିଲମ୍ବନ କରାଯିବ ବୋଲି କହିଛନ୍ତି। ଏହା ସହିତ ସେ ବସ୍ ଡିପୋରେ ନିଯୁକ୍ତ ପୁରୁଣା ସୁରକ୍ଷାକର୍ମୀଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସିଟି ପୁଲିସ ପକ୍ଷରୁ କୁହାଯାଇଛି ଯେ କ୍ରାଇମବ୍ରାଞ୍ଚ ୟୁନିଟର ୮ ଟିମ୍ ଏବଂ ସ୍ୱାରଗେଟ ଥାନାର ୫ ଟିମ୍ ଅଭିଯୁକ୍ତର ସନ୍ଧାନ କରୁଛି। ଏହି ଟିମ୍‌କୁ ଜିଲ୍ଲା ବାହାରକୁ ପଠାଯାଇଛି। ଏହା ମଧ୍ୟରେ ରାଜ୍ୟ ମହିଳା କମିଶନ ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହିଛନ୍ତି। ଏହି ଘଟଣାକୁ ନେଇ ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ୨୦୧୨ର ନିର୍ଭୟା ମାମଲା ପରେ ମହିଳା ସୁରକ୍ଷାକୁ ନେଇ ଆଇନରେ ପରିବର୍ତ୍ତନ କରାଯାଇଥିଲା। କେବଳ ଆଇନ ଦ୍ୱାରା ଏପରି ଘଟଣାକୁ ଅଟକା ଯାଇପାରିବ ନାହିଁ। ମହିଳାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଉଚିତ। ଏହି ଘଟଣାକୁ ନେଇ ପୁନେର ଡେପୁଟି କମିଶନର ସ୍ମାର୍ତନା ପାଟିଲ କହିଛନ୍ତି ଯେ ଘରୋଇ ସହାୟିକା ଭାବେ କାମ କରୁଥିବା ପୀଡ଼ିତା ୨୫ ତାରିଖ ସକାଳ ୫ଟାରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଦିଦି କୁଆଡ଼େ ଯିବେ ବୋଲି ଅଭିଯୁକ୍ତ ପଚାରି ଥିଲା। ଏହାର ଉତ୍ତରରେ ପୀଡ଼ିତା ଗାଁକୁ ଯିବେ ବୋଲି କହିଥିଲେ। ପରେ ଅଭିଯୁକ୍ତ ବସ୍ ଅନ୍ୟ ସ୍ଥାନରେ ଥିବା କହି ତାଙ୍କୁ ଭୁଆଁ ବୁଲାଇ ବସ୍ ପାର୍କିଂ ଅଞ୍ଚଳକୁ ନେଇ ଯାଇଥିଲା। ମହିଳା ବସ୍‌ରେ ଚଢ଼ିବା ପରେ କବାଟ ବନ୍ଦ କରି ସେ ଦୁଷ୍କର୍ମ କରିଥିଲା। ଏହି ଘଟଣାକୁ ନେଇ ବିରୋଧୀ ଶିବସେନା (ୟୁବିଟି) ଏବଂ କଂଗ୍ରେସ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛି।

## ହଲିଉଡ ଅଭିନେତା ଜେନେ ହ୍ୟାକମାନ, ପତ୍ନୀଙ୍କ ସନ୍ଦେହଜନକ ମୃତ୍ୟୁ

ୱାଶିଂଟନ, ୨୭।୨ (ଏଜେନ୍ସି): ସୁପ୍ରସିଦ୍ଧ ହଲିଉଡ ଅଭିନେତା ଜେନେ ହ୍ୟାକମାନ (୯୫)ଙ୍କ ସନ୍ଦେହଜନକ ମୃତ୍ୟୁ ଖବର ସାମ୍ନାକୁ ଆସିଛି। ବୁଧବାର ଅପରାହ୍ଣରେ ପତ୍ନୀ ବେଟ୍ସି ଆରାକାୱା (୬୩) ଏବଂ ପୋଷା କୁକୁର ସହିତ ଅଭିନେତାଙ୍କ ମୃତଦେହକୁ ତାଙ୍କ ନ୍ୟୁ ମେକ୍ସିକୋ ସ୍ଥିତ ସାଣ୍ଟା ଫିର 'ସନ୍‌ସେଟ ଟ୍ରେଲ' ଘରୁ ଠାବ କରାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ମାମଲାର ତଦନ୍ତ ଜାରି ରହିଛି। ଏହା ଶେଷ ହେବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଏବେ ତଲାସୀ ୱାରଣ୍ଟ ପାଇଁ ଅପେକ୍ଷା କରାଯାଇଛି ବୋଲି ସାଣ୍ଟା ଫି କାଉଣ୍ଟି ସେରିଫ ଆଦାନ ମେନ୍‌ଡୋଜା କହିଛନ୍ତି। ଏବେ ତଲାସୀ ପରୱାନାକୁ ଅପେକ୍ଷା କରାଯାଇଛି। ୧୯୩୦ରେ ଜନ୍ମିତ ହ୍ୟାକମାନ ଶହେରୁ ଅଧିକ ଭୂମିକାରେ ଅଭିନୟ କରିଥିଲେ। ସେ ୬୦ ବର୍ଷର କ୍ୟାରିୟର ମଧ୍ୟରେ ଦୁଇ ଥର ଓସ୍କାର, ଦୁଇଥର ଏକାଡେମି, ଦୁଇଟି ବାଫ୍ଟା, ଚାରୋଟି ଗୋଲ୍ଡେନ ଗ୍ଲୋବ ଏବଂ ଗୋଟିଏ ସ୍କ୍ରିନ୍ ଆକ୍ଟର୍ସ ଗିଲ୍ଡ ଆୱାର୍ଡ ପୁରସ୍କାର ଜିତି ଥିଲେ।



## ବିହାରକୁ ସମାଲୋଚନା କରି ଶିକ୍ଷୟିତ୍ରୀ ନିଲମ୍ବିତ

ପାଟନା, ୨୭।୨ (ଏଜେନ୍ସି): ବିହାର ଏବଂ ଏଠାକାର ଲୋକଙ୍କୁ ସମାଲୋଚନା କରିବା କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ର ଜଣେ ଶିକ୍ଷୟିତ୍ରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ହେବା ପରେ ଶିକ୍ଷା ବିଭାଗ ତାଙ୍କୁ ନିଲମ୍ବନ କରିଦେଇଛି। ତେବେ ବିହାର ଜାହାନବାଦ ସ୍ଥିତ କେଭିରେ ମୁତୟନ ଏହି ଶିକ୍ଷୟିତ୍ରୀ ଦୀପାଳି (ପଶ୍ଚିମବଙ୍ଗର ବାସିନ୍ଦା) କ୍ଷମା ମାଗିବା ପରିବର୍ତ୍ତେ କାର୍ଯ୍ୟାନୁଷ୍ଠାନ ପାଇଁ ଧନ୍ୟବାଦ ଦେଇଛନ୍ତି। ସୂଚନା ଅନୁଯାୟୀ ଏହି ମହିଳା ବିହାରରେ ନିଜ ମୁତୟନକୁ ନେଇ ଚିନ୍ତିତ ଥିଲେ। କିଛି ଦିନ ତଳେ ଦୀପାଳିଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସେ କହୁଛନ୍ତି ଯେ କେଉଁ ଭୁଲ୍ କରିଥିଲେ ଯେ ମୋତେ ବିହାରରେ ମୁତୟନ କରାଗଲା। କୋଲକାତା, ଓଡ଼ିଶା, ହିମାଚଳ ପ୍ରଦେଶ ଏବଂ ଲଦାଖ ଭଳି ସ୍ଥାନକୁ ଯିବାକୁ ପ୍ରସ୍ତୁତ ଅଛି, କିନ୍ତୁ ବିହାର ଯିବି ନାହିଁ। ଏହି ରାଜ୍ୟ ଦେଶର ସବୁଠୁ ଖରାପ କ୍ଷେତ୍ର। ଏଠାକାର ଲୋକଙ୍କ ସାଧାରଣ ଜ୍ଞାନ ନାହିଁ। ବିହାର ପାଇଁ ଭାରତ ଆଜି ପର୍ଯ୍ୟନ୍ତ ବିକାଶଶୀଳ ରାଷ୍ଟ୍ର ହୋଇ ରହିଛି ବୋଲି ସେ କହିଥିଲେ। ଏହାକୁ ନେଇ ଅଭିଯୋଗ ହେବା ପରେ କେଭି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।



## ଭାରତର ପ୍ରଥମ: ପୋଷା ବିଲେଇକୁ ବାର୍ଡଫ୍ଲୁ

ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ଭାରତରେ ଆଭିଆନ ଇନଫ୍ଲୁଏଞ୍ଜା ଭାଇରସ (ଏଚ୍‌୫ଏନ୍‌୧) ତଥା ବାର୍ଡଫ୍ଲୁର ଭୟ ବଢ଼ିବାରେ ଲାଗିଛି। ଦେଶରେ ପ୍ରଥମ ଥର ପାଇଁ ଏକ ପୋଷା ବିଲେଇ ଏହି ଭୂତାଣୁରେ ସଂକ୍ରମିତ ହୋଇଛି। ମଧ୍ୟପ୍ରଦେଶ ଛିନ୍ଦୱାରାର ଏହି ମାମଲା ବାର୍ଡଫ୍ଲୁର ରୂପ ପରିବର୍ତ୍ତନକୁ ସଙ୍କେତ ଦେଉଛି। ଏହା ମଣିଷକୁ ବ୍ୟାପିପାରେ ବୋଲି ଆଶଙ୍କା ଅଛି। ଜଣେ ବୈଜ୍ଞାନିକ କହିଛନ୍ତି, କିଛି ନିର୍ଦ୍ଦିଷ୍ଟ ପରିବର୍ତ୍ତନ ହେଲେ ବାର୍ଡଫ୍ଲୁ ଭୂତାଣୁ ସ୍ତନ୍ୟପାୟୀଙ୍କୁ ସଂକ୍ରମିତ କରିପାରିବ। କରୋନା ମଧ୍ୟ ଏଭଳି ଭାବେ ମନୁଷ୍ୟକୁ ବ୍ୟାପିଥିଲା। ତେଣୁ ଏହି ମାମଲା ନୂଆ ମହାମାରୀକୁ ନେଇ ଚିନ୍ତା ବୃଦ୍ଧି କରିଛି। ଗତ ଜାନୁଆରୀରେ ନାଗପୁରକୁ ଲାଗିଥିବା ଛିନ୍ଦୱାରା କ୍ଷେତ୍ରରେ ଏହି ବିଲେଇ ବାର୍ଡଫ୍ଲୁରେ ସଂକ୍ରମିତ ହୋଇଥିଲା। ଗତ ବର୍ଷ ଡିସେମ୍ବରରେ ବାର୍ଡଫ୍ଲୁରେ ସଂକ୍ରମିତ ହୋଇ ଏହି କ୍ଷେତ୍ରରେ କିଛି ବାଘଙ୍କ ମୃତ୍ୟୁ ହୋଇଥିଲା।



■ ମହାକୁମ୍ଭ ବେଳେ ୧୫ ହଜାରରୁ ଅଧିକ ଟ୍ରେନ୍ ପରିଚାଳନା କରି ରେଳବାଇର ରେକର୍ଡ

## ପୂର୍ବତଟ ରେଳପଥ ପକ୍ଷରୁ ୬୦ଟି ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୨୭।୨(ସମିସ): ମହାକୁମ୍ଭ ବେଳେ ମାତ୍ର ୪୨ଦିନରେ ୧୫ ହଜାରରୁ ଅଧିକ ଟ୍ରେନ୍ ପରିଚାଳନା କରି ଭାରତୀୟ ରେଳବାଇ ଉଲ୍ଲେଖନୀୟ ରେକର୍ଡ ସୃଷ୍ଟି କରିଛି । ମହାକୁମ୍ଭରେ ତୀର୍ଥଯାତ୍ରୀଙ୍କୁ ସୁବିଧା ସୁଯୋଗ ଦେବା ଲକ୍ଷ୍ୟରେ ବହୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଇଥିଲା ଯେଉଁଥିରେ ପୂର୍ବତଟ ରେଳପଥର ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାର ୨୫ଟି ପ୍ରମୁଖ ସହରରୁ ୬୦ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରଯାଇ ତୀର୍ଥଯାତ୍ରୀଙ୍କ ଯାତ୍ରାକୁ ସହଜ କରାଯାଇପାରିଥିବା କୁହାଯାଇଛି। ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବାଲୁଗାଁ, ଯାଜପୁର କେଉଁଝର ରୋଡ୍, ଯଖପୁରା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝରଗଡ଼, ଢେଙ୍କାନାଳ, ସମ୍ବଲପୁର, ରାୟଗଡ଼ା, ଟିଟିଲାଗଡ଼, ବଲାଙ୍ଗୀର ଏବଂ ଅନ୍ୟାନ୍ୟ ସହରଗୁଡ଼ିକୁ ସମର୍ପିତ ସ୍ୱତନ୍ତ୍ର ଟ୍ରେନ୍ ମାଧ୍ୟମରେ ପ୍ରୟାଗରାଜ ସହିତ ସଂଯୋଗ କରାଯାଇଥିଲା।ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଅତିରିକ୍ତ ବ୍ୟବସ୍ଥା ମଧ୍ୟ କରିଥିଲା ଯେଉଁଥିରେ ପ୍ରୟାଗରାଜ ନିକଟରେ ଅତିରିକ୍ତ ରେକ୍ ବ୍ୟବସ୍ଥା କରାଯାଇଥିଲା। କୁମ୍ଭ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ନାନ ତାରିଖ ମଧ୍ୟରୁ ମହା ଶିବରାତ୍ରି ସ୍ନାନ ପରେ ବିଶେଷ ବ୍ୟବସ୍ଥା କରାଯାଇଥିଲା ଯାହା ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ସୁଗମ ଯାତ୍ରାକୁ ସୁନିଶ୍ଚିତ କରିଥିଲା। ସ୍ୱତନ୍ତ୍ର ସେବା ସମେତ ୧୫୦୦୦ରୁ ଅଧିକ ଟ୍ରେନର ପରିଚାଳନା ଭାରତୀୟ ରେଳବାଇର ଏକ ଅନନ୍ୟ ପ୍ରୟାସ ହୋଇଥିଲା ବେଳେ ଏହାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଜେ ତଦାରଖ କରୁଥିଲେ । ରେଳବାଇ ବୋର୍ଡର ଅଧ୍ୟକ୍ଷ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତୀଶ କୁମାର ମଧ୍ୟ ଏହି କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନକୁ ସକ୍ରିୟ ଭାବରେ ତଦାରଖ କରୁଥିଲେ।

# ଅନଶନ ପାଇଁ ମମତାଙ୍କ ଧମକ

କୋଲକାତା, ୨୭।୨(ଏଜେନ୍ସି):

ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଭୋଟର ଜାଲିଆତି ଅଭିଯୋଗ ଆଣି ବିଜେପି ଏବଂ ନିର୍ବାଚନ କମିସନ ଉପରେ ବର୍ଷିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଭୋଟର ଜାଲିଆତି କରି ବିଜେପି ଦିଲ୍ଲୀ ଏବଂ ମହାରାଷ୍ଟ୍ର ନିର୍ବାଚନ ଜିତିଛି। ଗୁଜରାଟ ଏବଂ ହରିଆଣାରୁ ଭୋଟର ଆଣି ସେମାନଙ୍କ ନାମକୁ ମହାରାଷ୍ଟ୍ର ଓ ଦିଲ୍ଲୀ ଭୋଟର ତାଲିକାରେ ସାମିଲ କରାଯାଇଥିଲା। ପଶ୍ଚିମ ବଙ୍ଗରେ ମଧ୍ୟ ସମାନ ଢଙ୍ଗରେ ବାହାର ଲୋକଙ୍କୁ ଆଣି ଭୋଟର କରାଯାଉଛି ବୋଲି ଅଭିଯୋଗ କରିବା ସହିତ ଏଥିରେ ନିର୍ବାଚନ କମିସନଙ୍କ ଭୂମିକାକୁ ମମତା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ କମିସନ ଏଥିରୁ ବିରତ ନରହିଲେ ଅନଶନ କରିବାକୁ ବାଧ୍ୟ ହେବେ। ମହାରାଷ୍ଟ୍ର ଓ ଦିଲ୍ଲୀ ଫର୍ମୁଲା ପଶ୍ଚିମ ବଙ୍ଗରେ ପ୍ରୟୋଗ ପାଇଁ ବିଜେପି ଏବଂ ନିର୍ବାଚନ କମିସନଙ୍କ ଷଡ଼ଯନ୍ତ୍ରକୁ ସଫଳ ହେବାକୁ ଦିଆଯିବ ନାହିଁ।

ଆଜି ଏଠାରେ ଟିଏମ୍‌ସି କର୍ମକର୍ତ୍ତାଙ୍କ ବୈଠକରେ ଏଭଳି ଗୁରୁତର ଅଭିଯୋଗ ଆଣି ମମତା କହିଛନ୍ତି ଯେ ନିର୍ବାଚନ କମିସନ ନିରପେକ୍ଷ ନରହିଲେ ସ୍ୱଚ୍ଛ ନିର୍ବାଚନ ସମ୍ଭବ ନୁହେଁ। ଜ୍ଞାନେଶ କୁମାରଙ୍କୁ ତରବରିଆ ଭାବେ ମୁଖ୍ୟ ନିର୍ବାଚନ କମିସନର ଭାବେ ନିଯୁକ୍ତ କରି ବିଜେପି ନିର୍ବାଚନ ପ୍ରକ୍ରିୟାକୁ ନିଜ ସପକ୍ଷରେ ପ୍ରଭାବିତ କରିବାକୁ ସୁଚିନ୍ତିତ ଯୋଜନା ଚଳାଇଛି। କମିସନଙ୍କ ସହାୟତାରେ ବିଜେପି ଯେଭଳି ନିର୍ବାଚନରେ ଜାଲିଆତି କରିବାରେ ଲାଗି ପଡ଼ିଛି ତାହାକୁ ଆଦୌ ବରଦାସ୍ତ କରାଯିବ ନାହିଁ। କମିସନ ଏଥିରୁ ବିରତ ନରହିଲେ କମିସନ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। '୨୦୦୬ରେ ଜମି ଅଧିଗ୍ରହଣ ବିରୋଧରେ ମୁଁ ୨୬ ଦିନ ପର୍ଯ୍ୟନ୍ତ ଯଦି ଅନଶନ କରିପାରିଲି, ତାହାହେଲେ ନିର୍ବାଚନ କମିସନ ବିରୋଧରେ ମଧ୍ୟ ଆନ୍ଦୋଳନ କରାଯାଇପାରିବ। ଆବଶ୍ୟକ ପଡ଼ିଲେ କମିସନ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ କରିପାରିବି।'

**ପଶ୍ଚିମ ବଙ୍ଗରେ ଭୋଟର ଜାଲିଆତି ପାଇଁ ଷଡ଼ଯନ୍ତ୍ର!**

**ନିର୍ବାଚନ କମିସନ, ବିଜେପି ଉପରେ ବର୍ଷିଲେ**



ମମତା କହିଲେ, ବିଜେପି ସହାୟତାରେ ରାଜ୍ୟରେ ତାଲିକାଭୁକ୍ତ ହୋଇଥିବା ଜାଲ ଭୋଟରଙ୍କୁ ଚିହ୍ନଟ କରିବୁ। ବାହାର ଲୋକଙ୍କୁ ପଶ୍ଚିମ ବଙ୍ଗରେ କ୍ଷମତା ଦଖଲ କରିବାକୁ ଦେବୁନାହିଁ। ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ତୃଣମୂଳ ସ୍ତରରୁ ଟିଏମସି କର୍ମୀ ଓ ନେତାମାନଙ୍କୁ ବିଜେପି ପ୍ରତି ସତର୍କ ରହିବାକୁ ପଡ଼ିବ। ନିର୍ବାଚନ ବେଳେ ବିଜେପି ଯେଭଳି କୌଣସି ଜାଲିଆତି ନ କରେ ଏବଂ ନିଜ ଲକ୍ଷ୍ୟସାଧନ ଦିଗରେ ସଫଳ ନ ହୁଏ ତାହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପଡ଼ିବ। ଦିଲ୍ଲୀ ଏବଂ ମହାରାଷ୍ଟ୍ର ନିର୍ବାଚନ ବେଳେ ବିଜେପି ହରିୟାଣା ଓ ଗୁଜରାଟରୁ ନକଲି ଭୋଟରଙ୍କୁ ଆଣି ମତଦାନ କରାଇ ବିଜୟୀ ହୋଇଥିଲା। ପଶ୍ଚିମବଙ୍ଗରେ ମଧ୍ୟ ଏଭଳି ଜାଲିଆତି କରିବାକୁ ବିଜେପି ପଛାଇବ ନାହିଁ। କିନ୍ତୁ ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ। ୨୦୨୬ରେ ହେବାକୁ ରାଜ୍ୟ ବିଧାନସଭା ନିର୍ବଚନ ପୂର୍ବରୁ ଟିଏମ୍‌ସି ଏବଂ ବିଜେପି ମୁହାଁମୁହିଁ ହୋଇଥିବା ବେଳେ ମମତାଙ୍କ ଏଭଳି ଧମକ ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଛି।

## ଆପ୍ ବିଧାୟକମାନଙ୍କୁ ଅଟକାଇଲା ପୁଲିସ

ନୂଆଦିଲ୍ଲୀ,୨୭।୨(ଏଜେନ୍ସି): ତିନି ଦିନ ପାଇଁ ନିଲମ୍ବିତ ହୋଇଥିବା ୨୧ ଆପ୍ ବିଧାୟକମାନଙ୍କୁ ଗୁରୁବାର ଦିଲ୍ଲୀ ବିଧାନସଭା ପରିସରକୁ ଯିବାକୁ ଅନୁମତି ଦିଆଯାଇ ନଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ନେତ୍ରୀ ଆତିଶୀ ମାର୍ଲେନା ବିଜେପି ବିରୋଧରେ ହୁଙ୍କାର ଦେଇଛନ୍ତି। ବିଜେପି ଏକଛତ୍ରବାଦର ସବୁ ସୀମା ଟପିଛି ଏବଂ ଦିଲ୍ଲୀ ବିଧାନସଭା ଇତିହାସରେ ଯାହା କେବେ ବି ଘଟି ନଥିଲା ତାହା ଏବେ ଘଟିଛି ବୋଲି ସେ କହିଛନ୍ତି। ଆତିଶୀ କହିଛନ୍ତି ଯେ, ସଂସଦରେ ଯଦି କୌଣସି ସଦସ୍ୟଙ୍କୁ ନିଲମ୍ବନ କରାଯାଏ ତେବେ ତାଙ୍କୁ ସଂସଦ ପରିସର ମଧ୍ୟରେ ଧାରଣା ଦେବାକୁ ଅନୁମତି ମିଳୁଛି। ପୂର୍ବରୁ ଅନେକଥର ନିଲମ୍ବିତ ସାଂସଦମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣ କିମ୍ବା ବିକ୍ଷୋଭ କରିବାର ନଜିର ରହିଛି। ହେଲେ ଦିଲ୍ଲୀର ଏକଛତ୍ରବାଦୀ ବିଜେପି ସରକାର ଏଠାରେ ସବୁ ସରହଦ ଟପିଛନ୍ତି। ନିଲମ୍ବିତ ସାଂସଦମାନଙ୍କୁ ବିଧାନସଭା ପରିସରକୁ ମଧ୍ୟ ଯିବାକୁ ଦେଉ ନାହାନ୍ତି। ଏଭଳି ଘଟଣା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ବିରୋଧୀ ବୋଲି ଆତିଶୀ କହିଛନ୍ତି। ତାଙ୍କ ଦଳର ସଦସ୍ୟମାନେ ଗୃହ ବାହାରେ ଧାରଣା ଦେବାକୁ ଚାହୁଁଥିଲେ ବି ଏହାକୁ କରିବାକୁ ଦିଆଯାଇ ନାହିଁ।

ଉଲ୍ଲେଖଯୋଗ୍ୟ ଯେ ଗତ ମଙ୍ଗଳବାର ବିଧାନସଭା କାର୍ଯ୍ୟ ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ବାବା ସାହେବ ଆମ୍ବେଦକରଙ୍କ ଫଟୋ ହଟାଯିବା ବିଷୟକୁ ନେଇ ଆତିଶୀଙ୍କ ସମେତ ଅନ୍ୟ ବିଧାୟକମାନେ ଗୃହରେ ସରକାରଙ୍କ ବିରୋଧରେ ପ୍ରବଳ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସେମାନଙ୍କୁ ଏଥିରୁ ବିରତ ରହିବାକୁ କହିଥିଲେ ହେଁ ଆପ୍ ବିଧାୟକମାନେ ହଙ୍ଗାମା କରିବାରୁ ସେମାନଙ୍କୁ ଦିନକ ପାଇଁ ନିଲମ୍ବନ କରାଯାଇଥିଲା। ଏହାପରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯିବା ପରେ ଉଭୟ ଶାସକ ବିରୋଧୀ ଦଳ ମୁହାଁମୁହିଁ ହୋଇଥିଲେ। ଦିଲ୍ଲୀ ସରକାରଙ୍କ ଆଭିମୁଖ୍ୟକୁ ବିରୋଧୀ ଆପ୍ ସଦସ୍ୟମାନେ ବିରୋଧ କରି ଗୃହରେ ହୋହଲ୍ଲା କରିବା ପରେ ବାଚସ୍ପତି ଆପ୍‌ର ୨୨ ବିଧାୟକମାନଙ୍କ ମଧ୍ୟରୁ ଆତିଶୀଙ୍କ ସମେତ ୨୧ ବିଧାୟକଙ୍କୁ ତିନି ଦିନ ପାଇଁ ନିଲମ୍ବିତ କରିଥିଲେ। ଆଜି ସେମାନେ ବିଧାନସଭା ପରିସରକୁ ଯିବାଲାଗି ଉଦ୍ୟମ କରିବା ବେଳେ ପୁଲିସ ସେମାନଙ୍କୁ ଛାଡ଼ିନଥିଲା। ବିଧାନସଭା ବାହାରେ ବାରିକେଡ୍ ଲଗାଇ ସେମାନଙ୍କୁ ଅଟକାଇଥିଲା ପୁଲିସ।




**ବିଧାନସଭା ପରିସରକୁ ଯିବାକୁ ମିଳିଲାନି ଅନୁମତି**

## ୨୫ଟି ଭାଷାକୁ ଶେଷ କରିଛି ହିନ୍ଦୀ : ଷ୍ଟାଲିନ

ଚେନ୍ନଇ,୨୭।୨(ଏଜେନ୍ସି): ଜାତୀୟ ଶିକ୍ଷା ନୀତି(ଏନଇପି)ଆଧାରରେ ଭାଷାକୁ ନେଇ ବିଗତ କିଛି ଦିନ ହେଲା ତାମିଲନାଡୁ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା ବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ବର୍ଷିଛନ୍ତି। ଯେଉଁଠି ସଂସ୍କୃତ ଭାଷା ଉତ୍ତର ଭାରତର ୨୫ଟି ଭାଷାକୁ ଶେଷ କରିଦେଇଛି ସେଠାରେ ଏହାକୁ ଆମେ କିଭଳି ଗ୍ରହଣ କରିବୁ ବୋଲି ଷ୍ଟାଲିନ୍ ପ୍ରଶ୍ନ କରିଛନ୍ତି। ସେ ହିନ୍ଦୀ ଭାଷାକୁ ମୁଖ ଘୋଡଣି ବୋଲି କହିବା ସହିତ ସଂସ୍କୃତକୁ ଘୋଡଣି ତଳେ ଲୁଚି ରହିଥିବା ମୁହଁ ଭଳି ବର୍ଣ୍ଣନା କରିଛନ୍ତି। ହିନ୍ଦୀ ଭାଷାର ପ୍ରଚଳନ ଦ୍ୱାରା ବିହାର,ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶ ଆଦି ରାଜ୍ୟର ମୈଥିଲି, ବ୍ରଜଭାଷା, ବୁନ୍ଦେଲଖଣ୍ଡି ଏବଂ ଅବଧି ଭଳି ଅନେକ ଭାଷା ବୁଡ଼ି ଯାଇଛି। ହିନ୍ଦୀ ଏବଂ ସଂସ୍କୃତ ଭାଷା ଦ୍ୱାରା ପ୍ରାୟ ୨୫ଟି ଭାଷା ଲୋପ ପାଇଛି। ଆମେ ବର୍ଷ ବର୍ଷ ଧରି ଦ୍ରାବିଡ଼ ସଂସ୍କୃତି ଓ ପରାମ୍ପରାକୁ ବଞ୍ଚାଇବା ଲାଗି ପ୍ରୟାସ କରିଆସିଛୁ। ଏହାକୁ ଅନ୍ୟ ଭାଷା ଭଳି କଦାଚିତ ନଷ୍ଟ କରିବାକୁ ଦେବୁ ନାହିଁ ବୋଲି ଷ୍ଟାଲିନ କହିଛନ୍ତି।



## ଶେଷ ଦିନରେ ୨୪୬ ଅସ୍ତ୍ର ସମର୍ପଣ କଲା ପ୍ରମୁଖ ମେଇତି ଗୋଷ୍ଠୀ

ଇମ୍ଫାଲ,୨୭।୨(ଏଜେନ୍ସି): ମଣିପୁରର ପ୍ରମୁଖ ମେଇତି ସଂପ୍ରଦାୟ ଗୋଷ୍ଠୀ 'ଆରବାଇ ତେଙ୍ଗୋଲ' ସେନା ନିକଟରେ ୨୪୬ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସମର୍ପଣ କରିଛି। ଏଠାରେ ରାଷ୍ଟ୍ରପତି ଶାସନ ଜାରି ହେବା ପରେ ବିଭିନ୍ନ ସଂପ୍ରଦାୟର ଲୋକମାନଙ୍କୁ ୭ ଦିନ ମଧ୍ୟରେ ଲୁଟ୍ ଅସ୍ତ୍ର କିମ୍ବା ସେମାନଙ୍କ ନିକଟରେ ରହିଥିବା ଅସ୍ତ୍ରଶସ୍ତ୍ରକୁ ଦାଖଲ କରିବାକୁ ରାଜ୍ୟପାଳ ଅଜୟ ଭାଲ୍ଲା ନିର୍ଦ୍ଦେଶ ଦେଇଥିଲେ। ଯଦି ଏହା ନ କରାଯାଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସଙ୍କେତ ଦେଇଥିଲେ। ଅସ୍ତ୍ରଶସ୍ତ୍ର ସମର୍ପଣ ଲାଗି ଅଧିକ ସମୟ ଦେବାକୁ ବହୁ ସଂଗଠନ ଦାବି କରିଥିଲେ ମଧ୍ୟ କେତେକ ଉପଦ୍ରବୀ ଗୋଷ୍ଠୀ ସେମାନଙ୍କ ନିକଟରେ ଥିବା ଅସ୍ତ୍ର ଦାଖଲ କରିଥିଲେ। ତେବେ ଅବଧି ଶେଷ ଦିନରେ 'ଆରବାଇ ତେଙ୍ଗୋଲ' ସଂଗଠନ ପକ୍ଷରୁ ଏହି ସଂଖ୍ୟକ ଅସ୍ତ୍ର ସୁରକ୍ଷାବଳ ନିକଟରେ ଦାଖଲ କରାଯାଇଛି।

## ବୀଭତ୍ସ; ୫ ବର୍ଷୀୟ ଶିଶୁକନ୍ୟାକୁ ଦୁଷ୍କର୍ମ

ଭୋପାଳ, ୨୭।୨ (ଏଜେନ୍ସି):

ମଧ୍ୟପ୍ରଦେଶ ଶିବପୁରୀ ଜିଲ୍ଲାର ଏକ ଗାଁରୁ ବୀଭତ୍ସ ଘଟଣା ସାମ୍ନାକୁ ଆସିଛି। ମଦୁଆ ପଡୋଶୀ ନାବାଳକ (୧୭) ଶିଶୁ (୫) କୁ ଦୁଷ୍କର୍ମ କରିଛି। ଅସହ୍ୟ ଯନ୍ତ୍ରଣା ଦେଇ ଶିଶୁକନ୍ୟାକୁ ଲହୁଲୁହାଣ କରିଦେଇଛି। ଗୁପ୍ତାଙ୍ଗକୁ କାମୁଡି ଶରୀରକୁ କ୍ଷତ ବିକ୍ଷତ କରିଦେଇଛି। ଶିଶୁର ମୁଣ୍ଡକୁ କାନ୍ଥରେ ମାଡ଼ କରିବା ସହିତ ମାଡ଼ ମାରିଛି। ଶରୀରରେ କଟା ଦାଗ ମଧ୍ୟ ରହିଛି। ଶିଶୁକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏବେ କମଲାରାଜ ହସ୍ପିଟାଲର ଆଇସିୟୁରେ ଶିଶୁ ଜୀବନମରଣ ସହ ସଂଘର୍ଷ କରୁଛି। ତା'ର ଶରୀରରେ ୨୮ରୁ ଅଧିକ ଷ୍ଟିଚ୍ ପଡ଼ିଛି। ପୁଲିସ ଏହି ମାମଲାରେ ନାବାଳକକୁ ଗିରଫ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଅଭିଯୁକ୍ତକୁ ଫାଶୀଦଣ୍ଡ ଦେବାକୁ ଦାବି କରୁଛନ୍ତି। ସର୍ବ ସମ୍ମୁଖରେ ଛିଡ଼ା କରି ଅଭିଯୁକ୍ତକୁ ଗୁଳି ମାରିଦେବା ପାଇଁ ପୀଡ଼ିତାଙ୍କ ମାଆ ଦାବି କରିଛନ୍ତି।

ସୂଚନା ଅନୁଯାୟୀ ଏହି ଶିଶୁକନ୍ୟା ଗତ ୨୩ ତାରିଖରେ ଛାତରେ ଖେଳୁଥିବା ସମୟରେ ନିଖୋଜ ହୋଇ ଯାଇଥିଲେ। ଏହାର ୨ ଘଣ୍ଟା ପରେ ପଡୋଶୀଙ୍କ ଛାତରୁ ଶିଶୁକୁ ଗୁରତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେତେବେଳେ ଶିଶୁ ଅଚେତ ଥିଲା। ଶରୀରର ସାରା ରକ୍ତ ଲାଗିଥିଲା। ପୀଡ଼ିତାଙ୍କ ମାଆ କହିଛନ୍ତି ଯେ ଝିଅ ଯନ୍ତ୍ରଣାରେ ଛଟପଟ ହେବା ସତ୍ତ୍ୱେ କାନ୍ଦିବି ପାରୁନି।

## ଆମେରିକାରେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି ଭାରତୀୟ ଛାତ୍ରୀ

**ବାପାଙ୍କୁ ଆଜି ତ୍ୱରିତ ଭିସା ଦେବେ ଆମେରିକୀୟ କର୍ତ୍ତୃପକ୍ଷ**

ନୂଆଦିଲ୍ଲୀ,୨୭।୨(ଏଜେନ୍ସି): କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଶେଷ ବର୍ଷର ଛାତ୍ରୀ ମହାରାଷ୍ଟ୍ରର ନୀଲମ ସିନ୍ଦେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହେବା ପରେ ଏବେ ହସ୍ପିଟାଲରେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ସେ ତାଙ୍କ କାର୍ରେ ଯାଉଥିଲା ବେଳେ ତାଙ୍କୁ ଏକ ଦ୍ରୁତଗାମୀ କାର୍ ପଛପଟୁ ଧକ୍କା ଦେବାରୁ ନୀଲମଙ୍କ ମୁଣ୍ଡ, ଛାତି, ହାତ ଏବଂ ଗୋଡରେ ଗଭୀର କ୍ଷତ ଲାଗିଛି। ଏପରିକି ତାଙ୍କର ଦୁଇ ହାତ ଏବଂ ଦୁଇ ଗୋଡ ଭାଙ୍ଗିଯାଇଛି। ସ୍ଥାନୀୟ ପୁଲିସ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା ବେଳେ ବର୍ତ୍ତମାନ ସେ କୋମା ଅବସ୍ଥାରେ ରହିଛନ୍ତି। ତାଙ୍କୁ ମସ୍ତିଷ୍କ ଅସ୍ତ୍ରୋପଚାର ଜରୁରୀ ହୋଇଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ତୁରନ୍ତ ନୀଲମଙ୍କ ପରିବାରର ଉପସ୍ଥିତି ଲୋଡିଛନ୍ତି। ଝିଅର ଏଭଳି ଖବର ଶୁଣି ନୀଲମଙ୍କ ପରିବାର ଲୋକ ଭାଙ୍ଗିପଡ଼ିଥିଲା ବେଳେ ନୀଲମଙ୍କ ବାପା ଆମେରିକା ଯିବାକୁ ଚାହୁଁଛନ୍ତି। ହେଲେ ଭିସା ମିଳିବା କଷ୍ଟକର ହୋଇପଡ଼ିଛି।



ପୂର୍ବରୁ ଆମେରିକା ଯିବାକୁ ନୀଲମଙ୍କ ବାପା ତାନାଜି ସିନ୍ଦେ ଭିସା ପାଇଁ ଆବେଦନ କରିଥିଲା ବେଳେ ସାକ୍ଷାତକାର ପାଇଁ ଆମେରିକୀୟ କର୍ତ୍ତୃପକ୍ଷ ତାଙ୍କୁ ଆସନ୍ତାବର୍ଷ ସମୟ ଦେଇଥିଲେ। କିନ୍ତୁ ସାଂପ୍ରତିକ ସ୍ଥିତିରେ ତାନାଜିଙ୍କୁ ଭିସା ଦେବାକୁ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆମେରିକୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପରେ ଆସନ୍ତାକାଲି ତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିବା ଜଣାପଡ଼ିଛି।

### ବାବା ଆଖଣ୍ଡଳମଣିଙ୍କ ପୀଠରେ ବିହ୍ୱଳହେଲେ ଭକ୍ତ

# ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଉଠିଲା ମହାଦୀପ






ଭଦ୍ରକ/ଆରଡି, ୨୭ ।୨(ସମିସ)

ପବିତ୍ର ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରା ପାଇଁ ଗତ ବୁଧବାର ଭକ୍ତିମୟ ହୋଇ ଉଠିଥିଲା ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର। ଭକ୍ତମାନଙ୍କର ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ପୀଠ। ଜାଗରଯାତ୍ରା ଦିନ ରୀତିନୀତି ଅନୁଯାୟୀ ଭୋର ୪ଟାରେ ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି ଓ ସକାଳ ନୀତିକାନ୍ତି ସନ୍ଧ୍ୟା ୬ଟା ସୁଦ୍ଧା ସରିବା ପରେ ପ୍ରଥମ, ଦ୍ୱିତୀୟ, ତୃତିୟ, ଚତୁର୍ଥ ଏପରି ଚାରି ପ୍ରହର ଘର୍ଷଣ, ରୁଦ୍ରାଭିଷେକ ଓ ଜଳାଭିଷେକ ନୀତି ରାତ୍ର ୧୨ଟାରେ ସମ୍ପନ୍ନ ହୋଇଥିଲା। ରତ୍ନଭଣ୍ଡାର ଘରୁ ପ୍ରଶାସନିକ ଅଧିକାରୀ ଓ କନିକାରାଜାଙ୍କ ପ୍ରତିନିଧିଙ୍କ ଦ୍ୱାରା ସୁନା ଅଳଙ୍କାର ଅଣାଯିବା ପରେ ସେବାୟତଙ୍କ ଦ୍ୱାରା ସୁନାବେଶ କରାଯାଇଥିଲା। ରାତ୍ର ୧ଟା୩୦ରୁ ୩ଟା ଯାଏଁ ସୁନାବେଶକୁ ସର୍ବସାଧାରଣ ଦର୍ଶନ କରିବା ପରେ ରାତ୍ର ୩ଟା୩୦ରୁ ୪ଟା୩୦ ମଧ୍ୟରେ ଷୋଡ଼ଶ ଉପଚାର ପୂଜାରେ ମହାଦୀପ ପ୍ରତିଷ୍ଠା ଓ ଅଗ୍ନି ସଂଯୋଗ କରାଯାଇଥିଲା। ୪ଟା ୩୦ରେ ଘଣ୍ଟକୀର୍ତ୍ତନ ସହ ଭକ୍ତମାନଙ୍କ ଗହଣରେ ମହାଦୀପକୁ ବେଢ଼ା ପରିକ୍ରମା କରାଯାଇ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ମହାଦୀପ ମନ୍ଦିରଚୂଡ଼ାକୁ ଉଠିଥିଲା। ଏଥିପାଇଁ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ଉଭୟ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗତ ମଙ୍ଗଳବାରଠାରୁ ୩ଦିନ ଧରି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ଏସ୍‌ପି ମାଡକର ସନ୍ଦିପ ସମ୍ପତ, ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ଏଏସପି ହିମାଂଶୁ ଦ୍ୱିବେଦୀଙ୍କ ସହ ବହୁ ବରିଷ୍ଠ ଅଧିକାରୀ ପୀଠରେ ରହି ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଉପରେ ନଜର ରଖିବା ସହ ମନ୍ଦିରରେ ରହି ନୀତିକାନ୍ତିର ସୁପରିଚାଳନା କରିଥିଲେ। ଚଳିତବର୍ଷ ଭକ୍ତମାନଙ୍କ ପାଇଁ ହୋଇଥିବା ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥାକୁ ଭକ୍ତମାନେ ସ୍ୱାଗତ କରିଥିଲେ।

### ଦୁର୍ଲଭ ସୁନାବେଶରେ ଦର୍ଶନ ଦେଲେ ମଣିବାବା

ଅନ୍ୟପଟେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନାକେନ୍ଦ୍ର ଖୋଲାଯାଇ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ପରିଚାଳନାରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ସେହିପରି ସତ୍ୟାସାଇ ସେବା ସଂଗଠନ ଓ ବାବାମଣି ଡିଗ୍ରୀ ମହାବଦ୍ୟାଳୟର ଏନଏସଏସ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୀଠରେ ୩ଦିନ ଧରି ସଫେଇ କରାଯିବା ସହ ଆଗନ୍ତୁକ ଭକ୍ତମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଇଥିଲେ।



## ବିଦ୍ୟୁତ ଆଘାତରେ ୨ ଗୋରୁ ମୃତ; କ୍ଷତିପୂରଣ ଦାବି



ବାସୁଦେବପୁର,୨୭ ।୨(ସମିସ): ନ୍ୟୁଇଣ୍ଡିଆ ସାହିର ମୁନିପଦାର ଗଭୀର ନଳକୂଅ ପାଖକୁ ପାଣି ପିଇବାକୁ ଯାଇ ଦୁଇଟି ଗୋରୁ ପ୍ରାଣ ହରାଇଛନ୍ତି। ପୌରପାଳିକାର ୱାର୍ଡ ନମ୍ବର ୧୨ ଓ ୧୩ ନମ୍ବର ମଧ୍ୟସ୍ଥଳୀରେ ମୁନିପଦା ଅବସ୍ଥିତ। କୈଳାସଚନ୍ଦ୍ର ଦାସ ଗୋ-ପାଳନ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କର ଏକ ଜର୍ସି ଗାଈ ଆଜି ବୁଲିବାକୁ ଯାଇଥିଲା। ଏହି ଗାଈ ସହ ପାଖରେ ଗୋଟିଏ ଗୋରୁ ଚରୁଥିଲା। ଶୋଷ ମେଣ୍ଟାଇବାକୁ ମୁନିପଦା ନଳକୂଅ ପାଖକୁ ଯାଇଥିଲେ। ସେଠାରେ ପାଣି ବିଦ୍ୟୁତ ଦ୍ୱାରା ଚାର୍ଜ ହୋଇ ଥିଲା। ଫଳରେ ଶୋଷ ମେଣ୍ଟାଇବାକୁ ଯାଇ ଟଳି ପଡ଼ିଥିଲେ ୨ଟି ଗୋରୁ। ଗୋଟିଏ କୈଳାସଚନ୍ଦ୍ର ଦାସ ଓ ଅନ୍ୟଟି ଶ୍ରୀକାନ୍ତ ସେଠୀଙ୍କ ବୋଲି ଜଣାଯାଇଛି। ଗୋରୁ ଦୁଇଟିର ମୃତ୍ୟୁ ନେଇ ସମ୍ପୃକ୍ତ ମାଲିକଙ୍କ ପକ୍ଷରୁ କ୍ଷତିପୂରଣ ଦାବି କରାଯାଇଛି।

### ● ହରି-ହରଙ୍କ ମିଳନ

## ମହାଦେବଙ୍କ ପୀଠରେ ଅହୋରାତ୍ର ସଂକୀର୍ତ୍ତନ



ବାରିକପୁର,୨୭ ।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାଢୋ ବିଶ୍ୱେଶ୍ୱର ମହାଦେବଙ୍କ ପୀଠରେ ବାର୍ଷିକ ଜାଗରଯାତ୍ରା ସହ ଅହୋରାତ୍ର ନାମ ସଂକୀର୍ତ୍ତନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାବା ବିଶ୍ୱେଶ୍ୱରଙ୍କ ପୀଠରେ ଜାଗର ମହାଦୀପ ଉଠିବା ସହିତ ରାତ୍ରଭରି ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଗ୍ରାମରେ ଗୋଟିଏ ଦିନରେ ହରିହରଙ୍କ ଅପୂର୍ବ ମିଳନ ହୋଇଥାଏ। ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମବାସୀ ଏହି ନିଆରା ପରମ୍ପରାକୁ ଅକ୍ଷୁଣ୍ଣ ରଖିଛନ୍ତି। ସବୁବର୍ଷ ଭଳି ଚଳିତବର୍ଷ ଅଜୟ କୁମାର ନାୟକ ନାମ ସଂକୀର୍ତ୍ତନ ପାଇଁ ମୁଖ୍ୟ ଘଟ ସ୍ଥାପନା କରିଥିଲେ। ଅନୁରୂପ ଭାବେ ବିଶ୍ୱେଶ୍ୱରଙ୍କ ପୂଜା ପାଇଁ ପୂର୍ଣ୍ଣଚନ୍ଦ୍ର ସାମଲ ଓ ଯଶୋବନ୍ତ ବିନ୍ଧାଣୀଙ୍କ ଦ୍ୱାରା ଘଟ ଉତ୍ତୋଳନ ହୋଇଥିଲା। ପୂଜକ ନୃସିଂହ ତ୍ରିପାଠୀ ଓ ମହେନ୍ଦ୍ର ଦାସ ବୈଦିକ ରୀତିନୀତି ଅନୁଯାୟୀ ହରିହରଙ୍କ ପୂଜାର୍ଚ୍ଚନା କରିଥିଲେ। ଗୋଧୂଳି ବେଳାରେ ହରିନାମ ଆରମ୍ଭ ହୋଇ ସୂର୍ଯ୍ୟୋଦରେ ଶେଷ ହୋଇଥିବା ବେଳେ ଏଥିରେ ଆଖପାଖ ଅଞ୍ଚଳର ଗୌରଭକ୍ତମାନେ ଯୋଗ ଦେଇ ନାମ ପରିବେଷଣ କରିଥିଲେ। ନଗର କୀର୍ତ୍ତନ ସହିତ ହରିହରଙ୍କ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ଏଥିରେ ସମସ୍ତ ଗ୍ରାମବାସୀ ଯୋଗ ଦେଇଥିଲେ।

## ଦୋବଲ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଦୋବଲ, ୨୭ ।୨(ସମିସ): ଦୋବଲ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସୋଧ ଗ୍ରାମର ଧରମ ପଡ଼ିଆ ନିକଟ ସରକାରୀ ଜମିରେ ଏହାର ଶିଳାନ୍ୟାସ କରିଛନ୍ତି ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସରପଞ୍ଚ ଅଶୋକ କୁମାର ପଣ୍ଡା, ସମିତିସଭ୍ୟା ରୁନିଲତା ସାହୁ, ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଆଡିସିନାଲ ତହସିଲଦାର ସାଇ ସିଲୋନା ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ୩୩ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ତେବେ ୬ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବ୍ଲକ ପକ୍ଷରୁ କୁହାଯାଇଛି। ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଦୋବଲ ପଞ୍ଚାୟତକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ମୁସ୍ତଫାପୁର ନୂଆ ପଞ୍ଚାୟତର ରୂପ ନେଇଥିଲା। ଅବଶିଷ୍ଟ ଅଞ୍ଚଳକୁ ନେଇ ଦୋବଲର ନିଜସ୍ୱ ପଞ୍ଚାୟତ କାର୍ଯ୍ୟାଳୟ ନଥିବାରୁ ପୂର୍ବ ସରକାରଙ୍କ ସମୟରେ ସୋଧ ଗାଁର ଧରମ ପଡ଼ିଆ ପାଖରେ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିଲା। ଏହାମଧ୍ୟରେ ବହୁ ବାଦବିବାଦ, ବାଧାବିଘ୍ନ ସତ୍ତ୍ୱେ ବର୍ତ୍ତମାନ ସରପଞ୍ଚ ଏବଂ ବିଧାୟକଙ୍କ ପ୍ରଚେଷ୍ଟାରେ ଶୁକ୍ରବାର କାର୍ଯ୍ୟାଳୟ ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ବିଧାୟକ-ମନ୍ତ୍ରୀଙ୍କ ଏହି ଗସ୍ତବେଳେ ଦୋବଲରେ ନିର୍ମିତ କଲ୍ୟାଣ ମଣ୍ଡପକୁ ମଧ୍ୟ ଲୋକାର୍ପଣ କରାଯାଇଛି। ଏହାସହ ୫ଟି ପଞ୍ଚାୟତର ମହିଳା ମହାସଂଘ କାର୍ଯ୍ୟାଳୟ, ୩ଟି ସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ।

## ନାହୋ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବନ୍ତ/ଆଗରପଡ଼ା, ୨୭ ।୨(ସମିସ): ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ନାହୋ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଧରିତ୍ରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ରୋହିତ ଜେନା, ମୁଖ୍ୟବକ୍ତା ପ୍ରାକ୍ତନ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ସମ୍ମାନିତଅତିଥି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା, ସିଆରସିସି ସନ୍ତୋଷ ମଲିକ, ପ୍ରାକ୍ତନ ସିଆରସିସି ସୁଧୀର ରାଉତ, ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ଶିକ୍ଷାବିତ ନିରଞ୍ଜନ ବିଶ୍ୱାଳ, ଅଭିମନ୍ୟୁ ପ୍ରଧାନ, ସୁଦର୍ଶନ ବିଶ୍ୱାଳ, ଶେଷଦେବ ନାୟକ, ପ୍ରଦୀପ ବିଶ୍ୱାଳ, ଶିକ୍ଷକ ନେତା ପର୍ଶୁରାମ ନାୟକ, ନରେନ୍ଦ୍ର ସାମଲ, ପ୍ରଧାନଶିକ୍ଷକ ଶରତ ନାୟକ, ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ପହି, ପରିଚାଳନା କମିଟି ସଭାପତି ସୁଧାକର ଦାସ, ସରପଞ୍ଚ ହିରେନ୍ଦ୍ର ଖିଲାର, ସମିତିସଭ୍ୟା ଜେମାମଣୀ ସେଠି, ନାଏବ ସରପଞ୍ଚ ପଦ୍ମାଳୟା ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କରୁଣାକର ନାୟକ ଅତିଥି ପରିଚୟ ପ୍ରଦାନ, ଶିକ୍ଷକ ପ୍ରକାଶଚନ୍ଦ୍ର ଜେନା ବାର୍ଷିକ ବିବରଣୀ ପଠନ, ଶିକ୍ଷୟିତ୍ରୀ ସୁକାନ୍ତି ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

### ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଅସନ୍ତୋଷ

## ପୋଷ୍ଟକାର୍ଡ ଅଭିଯାନରେ ଆନ୍ଦୋଳନ ଚେତାବନୀ

ଭଦ୍ରକ,୨୭ ।୨(ସମିସ): ଜାତୀୟ ସ୍ୱାସ୍ଥ୍ୟ ମିଶନରେ କର୍ମଚାରୀମାନଙ୍କ ଚାକିରିକୁ ସ୍ଥାୟୀ କରିବା, ନିଃଶୁଳ୍କ ସ୍ୱାସ୍ଥ୍ୟବୀମା ପ୍ରଦାନ କରିବା ଭଳି ୨ଟି ମୁଖ୍ୟ ଓ ଦୀର୍ଘ ଦିନର ଦାବି ପୂରଣ ପାଇଁ ଆଜି ସ୍ୱାସ୍ଥ୍ୟ ମିଶନ୍ ପରିଚାଳନା କର୍ମଚାରୀ ସଂଘ, ଭଦ୍ରକଶାଖା ପକ୍ଷରୁ ଆଭାସୀ ମାଧ୍ୟମରେ ଏକ ବୈଠକ ସଭାପତି ଜିତେନ୍ଦ୍ର ନାରାୟଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାରଠାରୁ ପୋଷ୍ଟକାର୍ଡ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଓ ବିଜେପି ସଭାପତିଙ୍କୁ ମୁଖ୍ୟ ୨ଟି ଦାବି ଜଣାଇବାକୁ ସ୍ଥିର କରାଯାଇଛି। ଯଦି ୨ଟି ମୁଖ୍ୟ ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ଓ କାର୍ଯ୍ୟ ବନ୍ଦ କରାଯିବ ବୋଲି ସ୍ଥିର ହୋଇଛି।

ସ୍ୱଳ୍ପ ଦରମାରେ ଦୀର୍ଘ ୨୦ବର୍ଷ ଧରି ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ କର୍ମଚାରୀମାନେ ସରକାରଙ୍କ ସ୍ୱାସ୍ଥ୍ୟଭିତ୍ତିକ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ସୁଚାରୁରୂପେ ତୁଲାଇବା ସଂଗେ କେମିତି ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟସେବାର ଲାଭ ଉଠାଇପାରିବେ ସେଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

ଓଡ଼ିଶାରେ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରି ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିକଳ୍ପନା କରାଯାଇ ସରକାରଙ୍କ ଦ୍ୱାରା ଅଧିସୂଚିତ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ନିଯୁକ୍ତି ଦିଆଯାଇଥିଲା। ରାଜ୍ୟ ସରକାର ଏନଏଚଏମ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ କୌଣସି ନୀତି ଅବଲମ୍ବନ ନ କରି ସ୍ୱାସ୍ଥ୍ୟମିଶନ ପରିଚାଳନା କର୍ମଚାରୀଙ୍କୁ ଅଣଦେଖା କରିଆସୁଛନ୍ତି ବୋଲି ଆଜି ଆଭାସୀ ବୈଠକରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଏନଏଚଏମରେ କାର୍ଯ୍ୟରତ କର୍ମଚାରୀମାନଙ୍କ ବୟସ ୪୦ଉପରେ। ପରିବାର ପ୍ରତିପୋଷଣର ଦାୟିତ୍ୱ ମଧ୍ୟ ଅଛି। ଅତୀତରେ ଭଦ୍ରକ ଶାଖା ତରଫରୁ ଉପରୋକ୍ତ ଦାବି ସମ୍ବନ୍ଧରେ ଜିଲାପାଳଙ୍କଠୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ଓ ମିଶନ୍ ନିର୍ଦ୍ଦେଶିକାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା; କିନ୍ତୁ କୌଣସି ସୁଫଳ ମିଳି ନ ଥିବାରୁ ଏଥର ଏକ ନିଆରା ଢଙ୍ଗରେ ପୋଷ୍ଟକାର୍ଡ ମାଧ୍ୟମରେ ଦାବି ଜଣାଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଂଘର ସଭାପତି ଜିତେନ୍ଦ୍ର ନାରାୟଣ ବିଶ୍ୱାଳ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟାଳୟରେ ଥିବା ସମସ୍ତ ଜିଲ୍ଲା ସ୍ୱାସ୍ଥ୍ୟ ପରିଚାଳନା କର୍ମଚାରୀ ଏବଂ ୭ଟି ବ୍ଲକରୁ ପ୍ରାୟ ୫୦ରୁ ଅଧିକ ଏନ୍‌ଏଚ୍‌ଏମ୍ କର୍ମଚାରୀ ଭାଗ ନେଇଥିଲେ।

### ଜସ୍‌ନେ ଦସ୍ତାରବନ୍ଦୀ ଉତ୍ସବ

## ମଦ୍ରାସା ଜାମିଆ ସାଦିକିଆର ବାର୍ଷିକ ଉତ୍ସବ



ଭଦ୍ରକ, ୨୭ ।୨(ସମିସ): ଭଦ୍ରକ ଆର୍‌ଏମ୍‌ସି ରୋଡସ୍ଥିତ ଗୌସିଆ ନଗରଠାରେ ମଦ୍ରାସା ଜାମିଆ ସାଦିକିଆ ହବିବିୟାର ୩ୟ ବାର୍ଷିକ ଉତ୍ସବରେ "ଜସନେ ଦସ୍ତାରବନ୍ଦୀ ଉତ୍ସବ' ପାଳିତ ହୋଇଯାଇଛି। ଏହି ଦସ୍ତାରବନ୍ଦୀରେ ଉକ୍ତ ମଦ୍ରାସାର ଛାତ୍ର ହାଫିଜେ-କୁରାନରୁ ଉତ୍ତୀର୍ଣ୍ଣ ହୋଇଥିବା ସୋରସ୍ଥିତ ପଠାନ ମହଲ୍ଲା ନିବାସୀ ହାଫିଜ ଜାଫର ଖାନଙ୍କୁ ସାର୍ଟିଫିକେଟ ସହ ମୁଣ୍ଡରେ ପଗଡି, ଉତ୍ତରୀୟ ସହ ପୁଷ୍ପତୋଡ଼ା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ରାତି ୮ଟାରେ ଲଙ୍ଗର (ପ୍ରସାଦ ବଣ୍ଟନ) କରାଯାଇଥିଲା। ରାତି ୯ ଟାରେ ଏକ ଧର୍ମସଭାରେ କମିଟିର ସମ୍ପାଦକ ମୌଲାନା ମହମ୍ମଦ ଗୋଲାମ ସାଦିକ ହବିବିଙ୍କ ସଭାପତିତ୍ୱରେ ଏବଂ ହାଫିଜ୍ ଓ କାରୀ ବୋଗଦାଦ ହୋସେନଙ୍କ ସଞ୍ଚାଳନରେ ନୀତିବାଣୀ ପରିବେଷଣ କରାଯାଇଥିଲା।

ଏହି ଧର୍ମସଭାରେ ବରେଲିରୁ ମୌଲାନା କାରୀ ଜିକରୁଲ୍ଲା ସାହେବ, ଜଳେଶ୍ୱରରୁ ମୁଫତି ଇସ୍ରାଫିଲ ରଜ଼ା ଆଲିମି, କବି ମୈକସ ଜିଆଲ (କଲିକତା), କବି ଜମାଲୀ ସାହେବ (ଝାଡ଼ଖଣ୍ଡ), କବି ସହେଜାଦ ଆଲାମ (ସମ୍ବଲପୁର) ପ୍ରମୁଖ ଯୋଗଦାନ କରି ଇସଲାମ ଧର୍ମର ନୀତିବାଣୀ ଓ ଛାତ୍ରଙ୍କ ଉପରେ ଆଲୋକପାତ କରିଥିଲେ। ଏହି ଦସ୍ତାରବନ୍ଦୀ ଉତ୍ସବରେ ମୁଲ୍ଲା ମହମ୍ମଦ ଶହେବାଜ, ଆଲେ ରସୁଲ, ବସିର ଅହେମଦ, ମହମ୍ମଦ ଅଝର, ଅବଦୁଲ ଦୟାନ, ଶେଖ ସଫିକ, ଶିରାଜ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଷ ଓ ମହିଳାମାନେ ଉପସ୍ଥିତ ରହିଥିଲେ। ଧର୍ମସଭା ଅର୍ଦ୍ଧରାତ୍ରୀ ପର୍ଯ୍ୟନ୍ତ ଚାଲିଥିଲା।

### ହରି-ହରଙ୍କ ସମନ୍ୱୟ ପୀଠ ଆରଡ଼ି ଧାମ୍; ଏକ ପାବନକ୍ଷେତ୍ର

# ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ସଂକୀର୍ତ୍ତନ ମହୋତ୍ସବ

ଭଦ୍ରକ, ୨୭।୨(ସମିସ)




ମହାଶିବରାତ୍ରୀ ଜାଗର ପର୍ବ ଉପଲକ୍ଷେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ପକ୍ଷରୁ ହରିହର ମହୋତ୍ସବ ଆୟୋଜନ କରାଯାଇଥିଲା। ପୂର୍ବାହ୍ଣ ୧୧ରୁ ୨ ଘଣ୍ଟା ଧରି ଆରଡ଼ି ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସମିତିର ସଂକୀର୍ତ୍ତନ ଆବାହକ ସୁରେନ୍ଦ୍ରପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ସଂକୀର୍ତ୍ତନ ସେବା ପରିବେଷଣ କରାଯାଇଥିଲା। ଅପରାହ୍ଣ ୩ରୁ ୧ ଘଣ୍ଟା ସଂକୀର୍ତ୍ତନ କଳାକାରଙ୍କ ଦ୍ୱାରା ସହ ପରିଚାଳକ ସୁଦର୍ଶନ ପଣ୍ଡା ଓ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁଙ୍କ ନେତୃତ୍ୱରେ ବାବା ଆଖଣ୍ଡଳମଣି ମନ୍ଦିର ପରିକ୍ରମା ସହ 'ଦିବ୍ୟ ଚେତନା ଅଭିଯାନ' ସମର୍ପଣ କରିଥିଲେ। ଅପରାହ୍ଣ ୪ଟାରେ ମଣିବାବାଙ୍କ ମନ୍ଦିର ନିକଟସ୍ଥ ଅସ୍ଥାୟୀ ମଣ୍ଡପରେ ଏକ ଆଧ୍ୟାମିକ ସଭା ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବାବାମଣିଙ୍କୁ ସ୍ମରଣ ପୂର୍ବକ ସମିତିର ଆଭିମୁଖ୍ୟ ଉପସ୍ଥାପନ ପରେ ସୁଭଦ୍ରା ଶାଖାର ସେବିକା ପୁଷ୍ପଲତା ପଣ୍ଡା ଭଜନ ପରିବେଷଣ କରିଥିଲେ। ହରିହରଙ୍କ ସମନ୍ୱୟ ପୀଠ ଏହି ଆରଡ଼ି ଧାମ ଏକ ଅତି ପାବନ କ୍ଷେତ୍ର ଭାବରେ ପରିଚିତ। ସଦାଶିବ ଏକ ମଙ୍ଗଳପ୍ରଦ ଅଧୀଶ୍ୱର ଓ ହରିରୂପୀ ଶ୍ରୀଜଗନ୍ନାଥ ରକ୍ଷାକର୍ତ୍ତା ଓ ପାଳନକର୍ତ୍ତା ଭାବରେ ପରିଚିତ। ସେଥିପାଇଁ ଶାସ୍ତ୍ରମାନଙ୍କରେ କୁହାଯାଇଛି। 'ଧାନ, ମାନ, ଜ୍ଞାନ ପାଇବାକୁ ଇଚ୍ଛା ଥିଲେ ସଦାଶିବଙ୍କୁ ଆରାଧନା କର ଏବଂ ସମସ୍ତ ପ୍ରକାର ପାପ-ଆପଦ ବିପଦରୁ ରକ୍ଷା ପାଇବାକୁ ହେଲେ ଶ୍ରୀଜଗନ୍ନାଥଙ୍କୁ ଆରାଧନା କରିବା ବିଧେୟ ବୋଲି ବକ୍ତାଗଣ ମତ ପ୍ରକାଶ କରିଥିଲେ। ଏହି ସଭାରେ ପ୍ରବାଚିକା ବିଶ୍ୱମୈତ୍ରୀ ନାୟକ, ଲଳିତ ମୋହନ ମିଶ୍ର, ବାବୁଲାଲ ଦାସ, କବିତା ସାହୁ, ରତିକାନ୍ତ ନାୟକ, ଗୋଲକବିହାରୀ ପଣ୍ଡା, ନିଗମାନନ୍ଦ ପଣ୍ଡା ସହଯୋଗ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ନିଳାମ୍ବର ସେଠୀଙ୍କ ତତ୍ତ୍ୱାବଧାନରେ ଶିଶୁ କଳାକାର ନୃତ୍ୟ ପରିବେଷଣ କରିଥିଲେ। ପ୍ରଶାନ୍ତ ଦେ, ଲକ୍ଷ୍ମୀଧର ଖଟୁଆ, ଅନ୍ନପୂର୍ଣ୍ଣା ଦେବୀ ଯୋଗଦାନ କରିଥିଲେ। ଜିଲ୍ଲାର ପ୍ରଶାସନିକ ଅଧିକାରୀ, ମନ୍ଦିର ଟ୍ରଷ୍ଟିର କର୍ମକର୍ତ୍ତା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ସମିତି ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି।

## ମଦନପୁରରେ ଅଭାବନୀୟ ଘଟଣା

### ନାବାଳିକା ପ୍ରେମରେ ପଡ଼ି ଜେଲ୍‌ରେ ପୁଅ

# ମା'ଙ୍କ ଆତ୍ମହତ୍ୟା ଉଦ୍ୟମ

**ଆନନ୍ଦପୁର, ୨୭।୨ (ସମିସ)**

ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଦନପୁର ଗ୍ରାମର ଏକ ପରିବାରରେ ଅଭାବନୀୟ କାଣ୍ଡ ଘଟିଯାଇଛି। ଜଣେ ନାବାଳିକା ଝିଅ ସହ ପ୍ରେମ ସମ୍ପର୍କରେ ଛନ୍ଦି ହୋଇ ବିବାହ କରିଥିବା ଜଣେ ଯୁବକ ବର୍ତ୍ତମାନ ଜେଲ୍‌ରେ। ଏଭଳି ପରିସ୍ଥିତିର ମୁକାବିଲା କରି ନ ପାରି ମା' ଦିନରାତି ଚିନ୍ତା କରିବା ସହ ମାନସିକ ଭାରସାମ୍ୟ ହରାଇ ଶେଷରେ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁସାରେ, ମଦନପୁରର ପ୍ରହ୍ଲାଦ ପଲେଇଙ୍କ ପୁଅ ଶଙ୍କର୍ଷଣ ଯାଜପୁର ଜିଲ୍ଲାର ଟୁରା ତରାଇଲୋ ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଇ ବିବାହ କରିଥିଲେ। ପୁଅଝିଅ ପରସ୍ପରକୁ ଭଲ ପାଇ ବିବାହ କରିଥିଲେ ମଧ୍ୟ ଝିଅ ଘର ଲୋକେ ଏହାକୁ ଅସ୍ୱୀକାର କରିଥିଲେ। ଫଳରେ ଝିଅର ବାପା ଟମକା



ଥାନାରେ ଅଭିଯୋଗ କରି ଝିଅକୁ ଘରକୁ ଆଣିଆସିଥିଲେ। ଝିଅ ନାବାଳିକା ହୋଇଥିବାରୁ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ଜାମିନବିହୀନ ଏହି ମାମଲାରେ ପୁଅ ଶଙ୍କର୍ଷଣ ବର୍ତ୍ତମାନ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ରହିଛି। ତାକୁ ମୁକୁଳାଇବାକୁ ଚେଷ୍ଟା କରି ମଧ୍ୟ ଗରିବ ପରିବାର ଏଥିରେ ବିଫଳ ହୋଇ ନିରାଶରେ ପଡ଼ି ରହିଛନ୍ତି। ଏପଟେ ଚିନ୍ତାରେ ଆତ୍ମହରା ହୋଇ ଆଜି ପୁଅର ମା' ଜେମାମଣି ପଲେଇ ବିଷ ପିଇ ଏକ ଚରମ ପଦକ୍ଷେପ ନେଇ ଜୀବନ ମରଣ ସହ ଲଢ଼ୁଛନ୍ତି। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ପ୍ରଥମେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ଏଠାରେ ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସ ଯୋଗେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରିଥିବା ଜଣାଯାଇଛି।

## ଗାୟତ୍ରୀ ମନ୍ଦିରରୁ ଚୋରି



**ଆନନ୍ଦପୁର, ୨୭।୨ (ସମିସ):** ଆନନ୍ଦପୁର ରିଂ ରୋଡସ୍ଥିତ ଗାୟତ୍ରୀ ମନ୍ଦିରରୁ ରାତିରେ କିଛି ଦୁର୍ବୃତ୍ତ ଚୋରି କରି ନେଇଥିବା ଦେଖିବାକୁ ମିଳିଛି। ସବୁଦିନ ଭଳି ଗାୟତ୍ରୀ ମାତାଙ୍କ ନିତିକାନ୍ତି ସରିବା ପରେ କବାଟ ଦିଆଯାଇଥିଲା। ରାତିରେ କିଛି ଦୁର୍ବୃତ୍ତ ମନ୍ଦିର ଫାଙ୍କ ଦେଇ ଚଢି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ସେଠାରେ ଏମ୍ପ୍ଲିଫାୟର, କାନ୍ଥଘଣ୍ଟା, ମାଇକ୍ରୋଫୋନ, ପେନଡ୍ରାଇଭ, ଦୁଇ ଖଣ୍ଡ ପାଟଶାଢ଼ି, ସହ ଗାୟତ୍ରୀ ମାତାଙ୍କ ବାସନ କୁସନ ଚୋରି କରି ନେଇଥିବା ଜଣାପଡିଛି। ସକାଳୁ ଜଣେ ଭକ୍ତ ମନ୍ଦିର ସଫା କରିବାକୁ ଆସିଥିବା ବେଳେ ଦେଖିଥିଲେ କି ମନ୍ଦିରରୁ ବିଭିନ୍ନ ସାମଗ୍ରୀ ସବୁ ଚୋରି ହୋଇଯାଇଛି। ଏନେଇ ମନ୍ଦିର ପରିଚାଳନା କମିଟିର ସଭାପତି ଦୁର୍ଗାଚରଣ ଦଳେଇଙ୍କୁ ଚୋରି ସମ୍ବନ୍ଧରେ ଅବଗତ କରାଯାଇଥିଲା ବେଳେ ଥାନାରେ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନଥିବା ଜଣାପଡ଼ିଛି।

## ବିଜେଡି ଯୁବନେତାଙ୍କ ପରଲୋକ

**ଆନନ୍ଦପୁର, ୨୭।୨(ସମିସ):** ଆନନ୍ଦପୁର ପୋରାଞ୍ଚଳ ୧୫ ନଂ ଓାର୍ଡ ଘସିପୁରାର ବେଣୁଧର ସାହୁ (୫୨) ଙ୍କ ଘସିପୁରାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଆଜକୁ କିଛିଦିନ ହେବ ବୃକକ୍ ସଂକ୍ରମିତ ଜନିତ ରୋଗରେ ଆକ୍ରାନ୍ତ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ହଠାତ୍ ସେ ଅସୁସ୍ଥ ହୋଇପଡିବା ପରେ ତାଙ୍କର ମୃତ୍ୟୁ ହୋଇଯାଇଛି।



ନିକଟରେ ପତ୍ନୀ, ଏକମାତ୍ର ପୁଅ ସଚିନ୍ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ବିଜେଡିର ଜଣେ ଦୃଢ଼ ସଂଗଠକ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଆନନ୍ଦପୁର ଓ ଘସିପୁରା ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ବାଇକ୍-ଅଟୋ ଧକ୍କା; ଦୁଇ ଆହତ

**ରାମଚନ୍ଦ୍ରପୁର / ବେଲବାହାଲି, ୨୭।୨ (ସମିସ):** ଘଷିପୁରା ବ୍ଲକ୍ ସାଇଁକୁଳ ଫାଣ୍ଡି ଅନ୍ତର୍ଗତ ସାଇଁକୁଳ ନେହରୁ ଉଚ୍ଚବିଦ୍ୟାଳୟ ସମ୍ମୁଖରେ ବାଇକ୍ ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ



ଜଣେ ଗୁରୁତର ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବରପଦା ନାଇକସାହିର ରାଜେଶ ନାଇକ (୧୮) ଏବଂ ଉମେଶ ନାଇକ (୨୩) ଗୁରୁବାର ସଂଧ୍ୟାରେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ସାମନା ପଟରୁ ଆସୁଥିବା ଅଟୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉମେଶ ନାଇକ, ରାଜେଶ୍ ନାଇକ କଚାଡ଼ି ହୋଇ ପଡ଼ିଥିଲେ। ସଂଗେ ସଂଗେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରମେଶ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପଠାଇଛନ୍ତି। ଅଟୋ ଚାଳକ ସୁସ୍ଥ ଥିବା ଜଣାପଡ଼ିଛି।

## ଦୁଇ ବାଇକ୍ ଧକ୍କା; ୨ ଗୁରୁତର

**ବୈଶିଙ୍ଗା,୨୭।୨(ସମିସ):** ବୈଶିଙ୍ଗା ଥାନା ଅଧୀନ ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଗୁରୁବାର ରାତି ସାଢେ ୯ଟାରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ବୈଶିଙ୍ଗା ଥାନା ଅଧୀନ ଖଣ୍ଡଦେଉଳା ଗ୍ରାମର କରୁଣାକର ପରିଡାଙ୍କ ପୁଅ କିଶୋର ପରିଡା (୪୩) ନୂଆଗାଁ ସ୍ଥିତ ସାପ୍ତାହିକ ହାଟ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଅପର ପାଶ୍ୱର୍ରୁ ଏକ ବାଇକ ଯୋଗେ ବାଲେଶ୍ୱର ଜିଲ୍ଲା ଅଙ୍ଗାରଗଡିଆ ଗ୍ରାମର ପ୍ରଭାକର ଦାସଙ୍କ ପୁଅ ନରେଶ ଦାସଙ୍କ ସହ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଫଳରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ସମବାୟ ସମିତିରୁ ଧାନ ଚୋରି ଅଭିଯୋଗ



**ରାମଚନ୍ଦ୍ରପୁର, ୨୭।୨(ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ଅଳତି ସମବାୟ ସମିତିରେ ଧାନ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ସ୍ଥାନୀୟ ରାଇତଳା ଗ୍ରାମର ଯୁଧିଷ୍ଠିର ବାରିକ। ଯୁଧିଷ୍ଠିରଙ୍କ କହିବା କଥା, ସେ ସକାଳେ ଆନୁମାନିକ ୪୫ କ୍ୱିଣ୍ଟାଲ ବାବଦରେ ୯୧ ପ୍ୟାକେଟ ଧାନ ଅଖାବସ୍ତା କରି ଅଳତି ସମବାୟ ସମିତିକୁ ନେଇଥିଲେ। ସେ ରଶ୍ମିରଞ୍ଜନ ସାହୁ ନାମକ ଜଣେ କର୍ମଚାରୀଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ଧାନବସ୍ତା ଓଜନ କରିବା ସମୟରେ ମଣ୍ଡିରୁ ୮୮ଟି ପାକେଟ ଧାନ ବାହାରିଥିଲା। ଗଛିତ ଧାନରୁ ତିନି ପ୍ୟାକେଟ କମ ବାହାରିବାରୁ ଚାଷୀ ଜଣକ ଏଥିନେଇ ସମିତି କର୍ମଚାରୀଙ୍କୁ କହିବା ସହ ରାମଚନ୍ଦ୍ରପୁର ଥାନାରେ ଏକ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ସମିତି କର୍ମଚାରୀଙ୍କୁ ଥାନାକୁ ଡକାଇ ପଚରାଉଚରା କରିବା ସହ ମଣ୍ଡିର ସିସିଟିଭି ଯାଞ୍ଚ କରିଥିଲା। ତେବେ, ଧାନ ଚୋରି ହୋଇଥିବାନେଇ କୌଣସି ଫୁଟେଜ ମିଳି ନଥିବା ସମିତି ସଭାପତି କହିଛନ୍ତି।

## ରଣ ସୁଝି ନ ପାରିବାରୁ ଆତ୍ମହତ୍ୟା କଲେ ସନାତନ

**ବୈଶିଙ୍ଗା, ୨୭।୨(ସମିସ):** ବୈଶିଙ୍ଗା ଥାନା ଅଧୀନ ଅଙ୍ଗାରୁଆ ଗ୍ରାମର ଜନୈକ ବୃଦ୍ଧ ଋଣ ବୋଝ ସମ୍ଭାଳି ନପାରି ଗଛରେ ଦୌଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ଜଣକ ହେଲେ ଅଙ୍ଗରୁଆ ଗ୍ରାମର ସ୍ୱର୍ଗତ ବୁଦ୍ଧିଆ ସିଂଙ୍କ ପୁଅ ସନାତନ ସିଂ। ସୂଚନା ଅନୁଯାଇ ସନାତନ କିଛିଦିନ ପୂର୍ବରୁ ଏକ ଘରୋଇ ଋଣ ପ୍ରଦାନକାରୀ ସଂସ୍ଥାରୁ ଏସଏଚଜି ଗ୍ରୁପ ଜରିଆରେ କିଛି ଟଙ୍କା ଋଣ ସୂତ୍ରରେ ନେଇଥିଲେ। ପରେ ଉକ୍ତ ଋଣ ଟଙ୍କାକୁ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଧାରସୂତ୍ରରେ ଦେଇଥିଲେ; ହେଲେ ଦିନ ପରେ ଦିନ ଗଡି ଚାଲିଥିଲେ ବି ତାଙ୍କ ସମ୍ପର୍କୀୟ ଋଣ ଟଙ୍କା ଫେରାଉ ନ ଥିଲେ। ଯେଉଁଥିପାଇଁ ସନାତନ ବି ଋଣ ଟଙ୍କା ପରିଶୋଧ କରିପାରୁ ନ ଥିଲେ। ଅନ୍ୟପଟେ ଋଣ ଦେଇଥିବା ସଂସ୍ଥାର କର୍ମଚାରୀ ବାରମ୍ବାର ଆସି ସନାତନଙ୍କ ଘରେ ପହଞ୍ଚି ପାଟିତୁଣ୍ଡ କରିବା ସହିତ ଧମକଚମକ ମଧ୍ୟ ଦେଉଥିଲେ। ଏହାକୁ ନେଇ ସନାତନ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଗତ ସୋମବାର ଝଗଡା ମଧ୍ୟ ହୋଇଥିଲା। ସନାତନ ମଧ୍ୟ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ବୁଧବାର ଭୋରୁ ସନାତନ ଶୌଚ ହେବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ପରେ ବିଲକୁ ଶୌଚ ହେବାକୁ ଯାଇଥିବା ଗ୍ରାମବାସୀ ସନାତନଙ୍କ ଝୁଲନ୍ତା ମୃତଦେହ ଦେଖି ତାଙ୍କ ପରିବାର ଏବଂ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବୈଶିଙ୍ଗା ଥାନା ଏସଆଇ ଦେବାଶିଷ ମଣ୍ଡଳ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର ପୂର୍ବକ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଜନାର୍ଦ୍ଦନପୁର-ପାଟଣାରେ ଅଷ୍ଟପ୍ରହର ନାମଯଜ୍ଞ

**ରାମଚନ୍ଦ୍ରପୁର,୨୭।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଜନାର୍ଦ୍ଦନପୁରପାଟଣା ଗ୍ରାମର ହରିହର ପୀଠରେ ତିନି ଦିନ ଧରି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ତରଫରୁ ଉକ୍ତ ପୀଠରେ କୁଞ୍ଜ ପ୍ରସ୍ତୁତ କରାଯାଇ ଗ୍ରାମ ପୁଷ୍କରିଣୀରେ କଳସ ପୂଜନ କରାଯାଇଥିଲା। ମଣ୍ଡପରେ ସ୍ଥାପନ କରାଯିବା ପରେ ଶୁଭଧିବାସ ଆରମ୍ଭ ହୋଇଥିଲା। ଦୁଇ ଦିନ ଅହୋରାତ୍ର ନାମ ସଂକୀର୍ତ୍ତନ ପରେ ଗୁରୁବାର ଉଦ୍‌ଯାପନୀ ଅବସରରେ ସଂକୀର୍ତ୍ତନମଣ୍ଡଳୀ ଏବଂ ଶ୍ରଦ୍ଧାଳୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ଡିଗିରିଆ, ନଛିପୁରା, ଅଳତି, ନହଙ୍ଗି, ପୁରୁଣାବାନ୍ଧଗୋଡା, ବିଲାବନ୍ଧ, ଖଡିକାଶୁଳବାହାଳୀ, ବେଲସୁନ୍ଦରୀ ଆଦି ୧୦ଟି ସଂକୀର୍ତ୍ତନମଣ୍ଡଳୀ



ଏଥିରେ ଅଂଶଗ୍ରହଣ କରିଥିଲେ। ଖୋଳ କରତାଳ ସହ ଉଦଣ୍ଡ ନଦୀଆ କୀର୍ତ୍ତନ ତାଳରେ ରାଧାକୃଷ୍ଣ ପ୍ରେମରେ ବିଭୋର ହୋଇଥିଲେ। ନଗର ସଂକୀର୍ତ୍ତନର ଆକର୍ଷଣ ସାଜିଥିଲେ ମହିଳା ସଂକୀର୍ତ୍ତନ ଦଳ। ଜ.ପାଟଣା ଏବଂ ନହଙ୍ଗି ଦୁଇ ଗ୍ରାମ ନଗର ପରିକ୍ରମା ପରେ ସଂଧ୍ୟାରେ ଶ୍ରଦ୍ଧାଳୁ ଅଜୟ ରାଉତ ଦଧି ହାଣ୍ଡି ଭାଙ୍ଗି ଅଷ୍ଟପ୍ରହର ନାମଯଜ୍ଞ ସମାପନ କରିଥିଲେ। ପ୍ରତିବର୍ଷ ମହା ଶିବରାତ୍ରୀ ଜାଗର ଅବସରରେ ଶ୍ରଦ୍ଧା ଏବଂ ନିଷ୍ଠାର ସହ ଏହି ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଆସୁଛି। ଗ୍ରାମର ହୃଷୀକେଶ ରାଉତ, ତ୍ରିଲୋଚନ ରାଉତ, ଜଗବନ୍ଧୁ ବଳ, ବୈଲୋଚନ ସ୍ୱାଇଁ, ଶଶିଭୂଷଣ ରାଉତ, ଘନଶ୍ୟାମ ବୋଇତେଇ, ବନମାଳି ରାଉତ, ଗୋବିନ୍ଦ ରାଉତ, ଭାଗୀରଥି ରାଉତ, ସୁରେଶ ରାଉତ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ମଙ୍ଗଳପୁରରେ ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

**ବେଲବାହାଲି, ୨୭।୨ (ସମିସ):** ଆନନ୍ଦପୁର ବ୍ଲକ ମଙ୍ଗଳପୁର ଗ୍ରାମର କୀର୍ତ୍ତନପ୍ରେମୀ ତଥା ଧର୍ମପ୍ରାଣ ବ୍ୟକ୍ତି ବିନୋଦ ବିହାରୀ ବେହେରାଙ୍କ (୭୦) ପରଲୋକ ହୋଇଯାଇଛି। ଏନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ପ୍ରଥମେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନଆସିବାରୁ ଗୁରୁବାର ସନ୍ଧ୍ୟାରେ ତାଙ୍କ ଦେହାନ୍ତ ହୋଇଛି। ସ୍ୱର୍ଗତ ବିନୋଦ ବିହାରୀ ବେହେରା ବିଭିନ୍ନ କୀର୍ତ୍ତନମଣ୍ଡଳୀରେ ଏବଂ ଅଷ୍ଟପ୍ରହରୀରେ ନିୟୋଜିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁବାନ୍ଧବ,



ପ୍ରିୟଜନ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମସ୍ଥିତ କୁସେଇ ନଦୀକୂଳରେ ଅନ୍ତିମ ସତ୍କାର କରାଯାଇଛି।

## ବିଜେପି କୃଷକ ମୋର୍ଚ୍ଚା ସଭାପତିଙ୍କ ବିଭିନ୍ନ ଯୋଜନା ସମୀକ୍ଷା

**କରଞ୍ଜିଆ,୨୭।୨(ସମିସ):** ଗୁରୁବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା, କରଞ୍ଜିଆ ଓ ଶୁକ୍ରୁଳି ବ୍ଲକର କୃଷି ଅଧିକାରୀଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିବା ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ କରଂଜିଆ କୃଷି ଜିଲ୍ଲା ଅଧିକାରୀ ରବିନ୍ଦ୍ର କୁମାର ସାହୁ, ଠାକୁରମୁଣ୍ଡା ବ୍ଲକ କୃଷି ଅଧିକାରୀ କ୍ଷିରୋଦ ଚାନ୍ଦ, ବାରିହାଲ କିସ୍କୁଙ୍କ ସମେତ ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ ଏବଂ କରଞ୍ଜିଆ ଉଦ୍ୟାନ କୃଷି ଅଧିକାରିଣୀ ଲକ୍ଷ୍ମୀପ୍ରିୟା ନାଏକ ଉପସ୍ଥିତ ଥିଲେ। ଓଡିଶାକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବା ପାଇଁ ବିଜେପି ସରକାର ଚାଷୀଙ୍କୁ ଆଳୁ, ମୁଗ, ବିରି, ସୋରିଷ, ମଶୁର, ଶୋଲା, ମଟର ଓ ସୂର୍ଯ୍ୟମୁଖୀ ବିହନ ମାଗଣାରେ ଯୋଗାଇ ଦେଉଛନ୍ତି। ଏଥିସହିତ ସାର ଓ କୀଟନାଶକ ମଧ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି। ଏହି ସବୁ ଜିନିଷ ସଠିକ ଚାଷୀ ମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହାର ତଦାରଖ କରିଥିଲେ। ଏପରିକି ସେ କୁଳିପଶି ଓ ନୂଆଗାଁର ଚାଷୀଙ୍କ ଜମିକୁ ଯାଇ ଆଳୁ ଫସଲ ବୁଲି ଦେଖିଲେ। କରଂଜିଆ ବ୍ଲକରେ ଚଳିତ ବର୍ଷ ୨୮୧ ଜଣ ଚାଷୀ ଏକ ଶହ ଏକର ଜମିରେ ଆଳୁ ଚାଷ କରି ସଫଳତା ପାଇଥିବା ସେ କହିଛନ୍ତି। ତାଙ୍କ ସହିତ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ବିଜେପି କୃଷକ ଜିଲ୍ଲା ସଭାପତି ମଦନ ମହାନ୍ତ, ବିଜେପି ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବିମଳ କୁମାର ସେନାପତି, ଜିଲ୍ଲା କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଖଡ଼ମବେଡା-ଡାକଚୋଟି ଓ ନୂଆଗାଁ ରାସ୍ତା ଅଧପନ୍ତରିଆ

# ଧୂଳିଧୂସରରେ ଜନଜୀବନ ଅସ୍ତବ୍ୟସ୍ତ; ଚାଷଜମି ପ୍ରଭାବିତ








**ବିଶୋଇ,୨୭।୨ (ସମିସ) :** ମୟୂରଭଞ୍ଜ ଜିଲ୍ଲା ବିଶୋଇ ଦେଇଯାଇଥିବା ୪୯ ନଂ ଜାତୀୟ ରାଜପଥ ସ୍ଥିତ ଖଡ଼ମବେଡା-ଡାକଚୋଟି ଏବଂ ନୂଆଗାଁ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ଏହି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଅଧାରୁ ବନ୍ଦ ହୋଇ ରହିଥିବାରୁ ରାସ୍ତାର ଧୂଳିଧୂସରରେ ଲୋକେ ଅଣନିଃଶ୍ୱାସୀ ହୋଇପଡିଲେଣି। ରାସ୍ତାରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ପୂର୍ବରୁ ସ୍ଥାନୀୟ ଖଡ଼ମବେଡା ପଞ୍ଚାୟତର ଜନପ୍ରତିନିଧି ଓ ଗ୍ରାମବାସୀ ଗତ ୧୭ ତାରିଖରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ। ଗୁରୁବାର ପୁଣି ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା ସମେତ ବିଶୋଇ ଅଞ୍ଚଳର ବହୁ ଜନ ପ୍ରତିନିଧି, ବୁଦ୍ଧିଜୀବୀ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

- ଏନ୍‌ଏଚ୍‌ଏଆଇ ପିଡିଙ୍କୁ ଦାବିପତ୍ର ଦେଲେ ପ୍ରାକ୍ତନ ସାଂସଦ ଓ ଜନ ପ୍ରତିନିଧି
- ପ୍ରଶସ୍ତୀକରଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଦାବି

ସୂଚନାଥାଉକି, ବିଶୋଇ ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥରେ ପ୍ରଶସ୍ତିକରଣ କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ଏହି ରାଜପଥର ଖଡ଼ମବେଡା ପଞ୍ଚାୟତ ଅଫିସ କାର୍ଯ୍ୟାଳୟରୁ ଡାକଚୋଟି ପ୍ରାୟ ଦେଢ଼ କିମି ରାସ୍ତା ଏବଂ ନୂଆଗାଁଠାରେ ହାତୀ ଗୋଳାପଲ ପାଇଁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ସ୍ଥଗିତ ଥିଲା। ଏହି ଦୁଇ ସ୍ଥାନରେ ଅଣଓସାରିଆ ରାସ୍ତାରେ ଅବସ୍ଥା ଶୋଚନୀୟ ଆଶ୍ୱସ୍ତି ମିଳିଥିଲା; ମାତ୍ର ଏହି ରାସ୍ତା ପ୍ରଶସ୍ତିକରଣ ଆରମ୍ଭର କିଛି ମାସ ଦ୍ରୁତଗତିରେ ଆରମ୍ଭ ହୋଇଥିଲା ବେଳେ ଏବେ ରାସ୍ତା ନିର୍ମାଣ ହାତକୁ ନେଇଥିବା ଘରୋଇ ଠିକା ସଂସ୍ଥା କାମ ଛାଡି ପଳାଇଛି। ରାସ୍ତାରେ ବଡ଼ ବଡ଼ ଖାଲ ସାଙ୍ଗକୁ ମାଟି ପକାଯାଇଥିବା ହେତୁ ଦୈନିକ ଶତାଧିକ ଯାନ ଚଳାଚଳ ଯୋଗୁ ରାସ୍ତା ୨୪ ଘଣ୍ଟା ତମାମ ଧୂଳି ଧୂଆଁରେ ଆଚ୍ଛାଦିତ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ନିରୀହ ଜୀବନ ମଧ୍ୟ ଚାଲିଯିବା ମଧ୍ୟ ନଜିର ରହିଛି। ଗତ ୮ ମାସ ପୂର୍ବରୁ ଏହି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇ ରାସ୍ତାର ଗୋଟିଏ ପାଶ୍ୱର୍ ଖୋଳାଯାଇ ମାଟି ପକାଯାଇଛି। ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ନେଇ ପ୍ରଥମେ ସ୍ଥାନୀୟ ଲୋକଙ୍କୁ ହୋଇ ରହୁଛି। ଫଳରେ ଏହି ରାସ୍ତା ଦେଇ ଯାତ୍ରା କରୁଥିବା ଗାଡି ଚାଳକ ସମେତ ବସ୍ ଯାତ୍ରୀ, ବାଇକ ଆରୋହୀ ସମେତ ରାସ୍ତା କଡ଼ରେ ଅବସ୍ଥିତ ଗ୍ରାମବାସୀ ପ୍ରଭାବିତ ହୋଉଛନ୍ତି। ବିଶେଷକରି ଏକ ପ୍ରାଥମିକ ବିଦ୍ୟାଳୟ ଉକ୍ତ ରାସ୍ତା କଡରେ ଥିବା ହେତୁ ବିଦ୍ୟାଳୟର ଶିଶୁମାନେ ଧୂଳି, ଧୂଆଁ ପ୍ରଦୂଷଣରେ ପ୍ରଭାବିତ ହୋଉଛନ୍ତି। ସେହିପରି ଖଡ଼ମବେଡା ପଞ୍ଚାୟତ କାର୍ଯ୍ୟାଳୟ ଏହି ରାସ୍ତା କଡରେ ଥିବାହେତୁ ସବୁ ସମୟରେ ଧୂଳି ଯୋଗୁ ଉକ୍ତ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଶତାଧିକ ପଞ୍ଚାୟତବାସୀ ପ୍ରଭାବିତ ହୋଉଛି। ସେହିପରି ରାସ୍ତା କଡ଼ରେ ଅନେକ ଆଦିବାସୀ ଲୋକଙ୍କ ଚାଷ ଜମି ମଧ୍ୟ ରହିଛି। ତାହା ମଧ୍ୟ ଧୂଳିରେ ଆଚ୍ଛାଦିନ ହୋଇରହୁଛି। ପ୍ରଦୂଷଣମୁକ୍ତ ଧନଜୀବନ ସହିତ ପ୍ରଦୂଷଣରୁ ପ୍ରଭାବରୁ ସତର୍କତା ଅବଲମ୍ବନ ପାଇଁ ସମ୍ବିଧାନ ଧାରା- ୧୮ରେ କୋଠର ନିୟମ ଥିବା ବେଳେ ଏହି ସ୍ଥାନରେ ବିଭାଗୀୟ କର୍ତ୍ତୃପକ୍ଷ ଉଲଘଂନ କରୁଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ୪୯ ନଂ ରାଜପଥ ଦେଇ କୌଣସି ଉଚ୍ଚ ସ୍ତରୀୟ ନେତା ମନ୍ତ୍ରୀ କିମ୍ବା ବିଭାଗୀୟ ଅଧିକାରୀ ଗସ୍ତ ଥିଲେ ରାସ୍ତାର ଖାଲୁଆ ସ୍ଥାନରେ ମାଟି ପ୍ୟାଚ ପକାଯାଉଛି; ମାତ୍ର ପରବର୍ତ୍ତୀ ସମୟରେ ଏହି ମାଟି ଉପରେ ଯାନବାହନ ଚଳାଚଳ କଲେ ଧୂଆଁରେ ଲୋକେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏନ.ଏଚ.ଆଇ ପିଡ଼ି ସମେତ ଜିଲ୍ଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରିଣ ବୋର୍ଡ, ସାଂସଦ ଓ ସାରସକଣା ବିଧାୟକଙ୍କୁ ଉକ୍ତ ଦାବିପତ୍ର ପ୍ରେରଣ କରାଯାଇଛି। ଆଗାମୀ ଦିନରେ ଏଥିପ୍ରତି ପ୍ରଶାସନ ଓ ଜନ ପ୍ରତିନିଧି ଦୃଷ୍ଟି ନଦେଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।





## ବ୍ୟାକ୍ ବ୍ଲାଉଜ୍ ଡିଜାଇନ୍

**ପାରମ୍ପରିକ ପରିଧାନରେ ବ୍ଲାଉଜ୍‌ର ବିକଳ୍ପ ନାହିଁ। ଶାଢ଼ି ପରିଧାନର ସୁନ୍ଦରତା ବ୍ଲାଉଜର ଫିଟିଙ୍ଗ୍ ଓ ଡିଜାଇନ ଉପରେ ନିର୍ଭର କରିଥାଏ। ତେଣୁ ଏଥ୍ନିକ୍ ଆଉଟ୍‌ଫିଟ୍‌ରେ ନିଜକୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ବ୍ଲାଉଜ୍‌ର ବ୍ୟାକ୍ ଡିଜାଇନ୍ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ତେଣୁ ବ୍ଲାଉଜ୍‌ର ପଛଭାଗକୁ ସୁନ୍ଦର କରିବା ପାଇଁ କେତେକ ଡିଜାଇନ ରହିଛି, ଜାଣିବା ସେ ବିଷୟରେ...**

**ୟୁ- କଟ୍ –** ସବୁଠୁ ସରଳ ଏବଂ ସୁନ୍ଦର ଡିଜାଇନ ଭାବେ ୟୁ- କଟ୍ ଜଣାଯାଏ। ଏହା ସବୁଠୁ ସାଧାରଣ ଡିଜାଇନ। ଅଧିକାଂଶ ବ୍ଲାଉଜ୍‌ରେ ଏ ପ୍ରକାର ଡିଜାଇନ୍ ଦେଖିବାକୁ ମିଳିଥାଏ। ଏହି ଡିଜାଇନ୍ ବ୍ଲାଉଜ୍‌ରେ ଅଧିକ ଭାରି କାମ ହୋଇ ନଥାଏ। ଏହା ଦେଖିବାକୁ ହାଲୁକା ଓ ଆକର୍ଷଣୀୟ ଦେଖାଯାଏ।

**ଡୋରି ବ୍ଲାଉଜ୍–** ସାଧାରଣତଃ ପର୍ବପର୍ବାଣି, ପାର୍ଟି ଫଙ୍କସନ୍ ତଥା ବିଶେଷ ଦିନଗୁଡ଼ିକରେ ଭଲ ଡିଜାଇନର୍ ବ୍ଲାଉଜ୍ ପିନ୍ଧିବାକୁ ଚାହୁଁଥିଲେ ଏହି ଡିଜାଇନ କରିପାରିବେ। ଡିପ୍ ନେକ୍ ଡୋରି ବ୍ଲାଉଜ୍ ବର୍ତ୍ତମାନ ସମୟରେ ଟ୍ରେଣ୍ଡରେ ରହିଛି। ଏ ପ୍ରକାର ବ୍ଲାଉଜ୍‌ରେ ବେକ ବଡ଼ ରହିଥାଏ। ତେଣୁ ଏହାକୁ ଡୋରିରେ ବନ୍ଧା ଯାଇଥାଏ। ଚାହିଁଲେ କ୍ରିସ୍‌କ୍ରସ୍ ଡୋରି ଡିଜାଇନ କରି ପିନ୍ଧିପାରିବେ। ଏଥିରେ ବିଭିନ୍ନ ଡିଜାଇନ୍ ଡୋରି ଲଗାଇପାରିବେ।

**ଭି - କଟ୍ –** ଏଥ୍ନିକ୍ ଆଉଟ୍‌ଫିଟ୍‌ରେ ଏକ ବୋଲ୍ଡ ଲୁକ୍ ପାଇବାକୁ ଚାହୁଁଥିଲେ, ଭି- କଟ୍ ବ୍ଲାଉଜ୍ ବାଛିପାରିବେ। ଏହି ଡିଜାଇନରେ ପଛପାଖ ଲୋ – କଟ୍ ରହିଥାଏ। ଯାହା ଭି -ଡିଜାଇନ ଭଳି ଦେଖାଯାଏ। ଯାହା ବ୍ଲାଉଜ୍‌କୁ ଆକର୍ଷଣୀୟ ଲୁକ୍ ଦେବା ସହ ସୁନ୍ଦର କରିଥାଏ।

**ବନ୍ଦ -ବଟନ୍ ବ୍ଲାଉଜ୍ –** ନିଜକୁ ଏକ ପରିମାର୍ଜିତ ଢଙ୍ଗରେ ଉପସ୍ଥାପନା କରିବାକୁ ଚାହୁଁଥିଲେ, ବନ୍ଦ ବଟନ୍ ଡିଜାଇନ କରିପାରିବେ। ସାଧାରଣତଃ ଅଫିସକୁ ଏହି ଡିଜାଇନର ବ୍ଲାଉଜ୍ ଖୁବ୍ ସୁନ୍ଦର ମାନିଥାଏ। ତେବେ କଟନ ଶାଢ଼ିରେ ଏ ପ୍ରକାର ବ୍ଲାଉଜ୍ ଭଲ ମାନିଥାଏ।

**ସ୍ୱିଟହାର୍ଟ –** ସ୍ୱିଟ୍‌ହାର୍ଟ ଡିଜାଇନ ବିଶେଷ କରି ବିବାହିତ ମହିଳାଙ୍କ ମଧ୍ୟରେ ଲୋକପ୍ରିୟ ହୋଇ ରହିଛି। ଏଥିରେ ବ୍ଲାଉଜ୍‌ର ପଛପାର୍ଶ୍ୱରେ ହାର୍ଟ ସେପ୍ ଡିଜାଇନ କରାଯାଇଥାଏ। ଏହା ବିଭିନ୍ନ ପ୍ରକାର ଶାରୀରିକ ଗଠନକୁ ଖୁବ୍ ସୁନ୍ଦର ମାନିଥାଏ।

## କାଶ୍ମୀରର ପ୍ରଥମ ମହିଳା ଟ୍ରକ୍ ଡ୍ରାଇଭର୍



**ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି। ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ସଂଘର୍ଷ ଓ ସମର୍ପଣରୁ ସେମାନେ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି। ପୁରୁଷ ପ୍ରଧାନ ସମାଜରେ ନିଜର ଦକ୍ଷତା, ବଳରେ ସେମାନେ ନୂଆ କାହାଣୀ ଲେଖୁଛନ୍ତି। ସେମିତି ଜଣେ ମହିଳା ହେଉଛନ୍ତି, ରାବିୟା ୟାସିନ୍। ଯେ କି ନିଜର ଆଗ୍ରହ ତଥା ଦୃଢ଼ ମନୋବଳ ଯୋଗୁଁ ଟ୍ରକ୍ ଭଳି ଏକ ଭାରୀଯାନ ଚଳାଇବାରେ ସକ୍ଷମ ହୋଇଛନ୍ତି। ଯାହା ତାଙ୍କୁ କାଶ୍ମୀରର ପ୍ରଥମ ମହିଳା ଟ୍ରକ୍ ଡ୍ରାଇଭରର ଗୌରବ ଆଣିଦେଇଛି।**

ରାବିୟା ୟାସିନ ପୁଲୱାମା ଜିଲ୍ଲା ବଖେରବାନ୍ ଗ୍ରାମରେ ରୁହନ୍ତି। ସେ ଛଅ ବର୍ଷ ତଳେ, ଇମ୍‌ତିୟାଜ୍ ଅହମଦ ମୀର୍‌ଙ୍କୁ ବିବାହ କରିଥିଲେ। ଯେ କି ଜଣେ ଟ୍ରକ୍ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ବିବାହ ପରେ ରାବିୟା ନିଜ ସ୍ୱାମୀଙ୍କ ସହ ଟ୍ରକ୍‌ରେ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିଲେ। ଦୀର୍ଘ ଯାତ୍ରା ସମୟରେ ସେ ରାଜପଥରେ ଉଡୁଥିବା ଧୂଳି ଓ ବଡ଼ ବଡ଼ ଗାଡ଼ି ମଧ୍ୟରେ ତାଙ୍କ ସ୍ୱାମୀଙ୍କୁ ଟ୍ରକ୍ ଚଳାଇବାର ଦେଖୁଥିଲେ। ଏଥି ସହିତ ସେ କିଛି ନିଆରା ଅନୁଭୂତି ସାଉଁଟି ଥିଲେ। ଧୀରେ ଧୀରେ ତାଙ୍କ ମନରେ ମଧ୍ୟ ଟ୍ରକ୍ ଚାଳନା ପାଇଁ ଉତ୍ସାହ ବଢ଼ିଥିଲା। ଫଳରେ ସେ ନିଜ ସ୍ୱାମୀଙ୍କୁ ଟ୍ରକ୍ ଚାଳନା ଶିଖିବା ପାଇଁ କହିଥିଲେ। ଏହା ଶୁଣି ଇମ୍‌ତିଆଜ୍ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ରାବିୟାଙ୍କ ସାହସ, ଆଗ୍ରହ ଦେଖି ସେ ତାଙ୍କୁ ଟ୍ରକ୍ ଚାଳନା ଦିଗରେ ତାଲିମ୍ ଦେଇଥିଲେ। ଅବଶ୍ୟ ଆରମ୍ଭରେ ଭାରୀ ଓଜନର ଟ୍ରକ୍ ସମ୍ଭାଳିବା ତାଙ୍କ ପାଇଁ ଖୁବ୍ କଠିନ ଥିଲା। କିନ୍ତୁ ଆତ୍ମବିଶ୍ୱାସ ଥିଲେ, ଯେ କୌଣସି କାର୍ଯ୍ୟ ସମ୍ଭବ ହୋଇପାରେ ବୋଲି ସେ ପ୍ରମାଣିତ କରି ଦେଖାଇଥିଲେ।

**ଭାରତର ବିଭିନ୍ନ ସ୍ଥାନକୁ ଯାତ୍ରା –** ପାଖାପାଖି ଏକ ବର୍ଷ କଠିନ ପରିଶ୍ରମ ଓ ଅଭ୍ୟାସ ପରେ ରାବିୟା ଦୃଢ଼ତାର ସହିତ ଟ୍ରକ୍ ଷ୍ଟିୟରିଙ୍ଗ୍ ଧରିବାରେ ସକ୍ଷମ ହୋଇଥିଲେ। ଏହା ପରେ ଜାତୀୟ ରାଜପଥରେ ଟ୍ରକ୍ ଚାଳନା କରିବା ପରେ ତାଙ୍କ ଆତ୍ମବିଶ୍ୱାସ ବଢ଼ିଥିଲା। ଏବେ ରାବିୟା ନିଜ ସ୍ୱାମୀଙ୍କ ସହ ମିଶି ଭାରତର ବିଭିନ୍ନ ରାଜ୍ୟକୁ ଟ୍ରକ୍ ଚଳାଇ ଯାଉଛନ୍ତି। ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ମହାରାଷ୍ଟ୍ର ଭଳି ବିଭିନ୍ନ ରାଜ୍ୟକୁ ସେ ଟ୍ରକ୍ ଚାଳନା କରିଛନ୍ତି। ସମାଜର ପୁରୁଣା ଚିନ୍ତାଧାରକୁ ଦୂର କରି, ବର୍ତ୍ତମାନ ସମୟରେ ମହିଳାମାନେ କୌଣସି କ୍ଷେତ୍ରରେ କମ୍ ନୁହଁନ୍ତି ବୋଲି ସେ ତାଙ୍କ କାର୍ଯ୍ୟରେ ପ୍ରମାଣିତ କରିଛନ୍ତି।

**ଲୋକେ ଥଟ୍ଟା କରୁଥିଲେ-** ରାବିୟାଙ୍କ କହିବାନୁଯାୟୀ, ପ୍ରଥମେ ଲୋକମାନେ ତାଙ୍କ ଟ୍ରକ୍ ଚାଳନାକୁ ନେଇ ଥଟ୍ଟା ପରିହାସ କରୁଥିଲେ। କିନ୍ତୁ ଏବେ ସେହି ଲୋକମାନେ ତାଙ୍କୁ ଦେଖି ପ୍ରେରିତ ହେଉଛନ୍ତି। ସେହିପରି ସେ ଜାତୀୟ ରାଜପଥରେ ଟ୍ରକ୍ ନେଇ ଯାଉଥିବାବେଳେ, ଅନ୍ୟ ମହିଳାମାନେ ତାଙ୍କୁ ଅନେକ କଥା ପଚାରନ୍ତି। କେବଳ ସେତିକି ନୁହେଁ, ରାବିୟା ସାମାଜିକ ଗଣମାଧ୍ୟମରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ସେ ରାବିୟା ଭ୍ଲଗ୍ସ -୭୮୬ ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି, ସେଥିରେ ସେ ନିଜର ଯାତ୍ରା, କଠିନ ପରିସ୍ଥିତି ସାଙ୍ଗକୁ ନିଜ ସଫଳତାର କାହାଣୀ ସେୟାର କରିଥାନ୍ତି। ଦର୍ଶକମାନେ ତାଙ୍କ ଭିଡିଓ ଦେଖିବା ସହ ତାଙ୍କ କାର୍ଯ୍ୟକୁ ପ୍ରୋତ୍ସାହିତ କରିଥାନ୍ତି।

**ପରିବାରରୁ ପ୍ରୋତ୍ସାହନ –** ସାହିପଡ଼ିଶା ଲୋକମାନେ ରାବିୟାଙ୍କ କାର୍ଯ୍ୟକୁ ନେଇ ଥଟ୍ଟା, ମଜା କରୁଥିବାବେଳେ, ତାଙ୍କ ପରିବାର ଲୋକେ ତାଙ୍କର ପୂର୍ଣ୍ଣ ରୂପେ ସମର୍ଥନ କରୁଥିଲେ। ବିଶେଷ କରି ତାଙ୍କ ସ୍ୱାମୀ ଓ ଶାଶୂଘରେ ଲୋକେ ଏ ଦିଗରେ ତାଙ୍କୁ ପ୍ରୋତ୍ସାହନ ଦେଇଥିଲେ। ରାବିୟାଙ୍କ କହିବାନୁଯାୟୀ, ମହିଳାମାନେ କେବଳ ନିର୍ଦ୍ଦିଷ୍ଟ କର୍ମ ପରିସରରେ ସୀମିତ ନୁହଁନ୍ତି, ସେମାନେ ସବୁ କ୍ଷେତ୍ରରେ ସଫଳତା ପାଇପାରିବେ। ଏଥିପାଇଁ କେବଳ ସେମାନଙ୍କୁ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ।

## ସୋପ୍ ନେଲ୍ ଟ୍ରେଣ୍ଡ

**ସମୟ ସହିତ ମହିଳାଙ୍କ ମେକ୍‌ଅପ୍ ଟ୍ରେଣ୍ଡରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। କେବଳ ଲିପଷ୍ଟିକ୍ ଆଇ ମେକ୍‌ଅପ୍, କି ବ୍ଲସର ନୁହେଁ, ନେଲ୍‌ଆର୍ଟ ମଧ୍ୟ ମହିଳାଙ୍କ ହାତର ସୁନ୍ଦରତା ବଢ଼ାଇଥାଏ। ସାଧାରଣତଃ ମହିଳାମାନେ ନଖରେ ଫ୍ରେଞ୍ଚ ତଥା ଭିନ୍ନ ରଙ୍ଗର ନେଲ୍‌ଆର୍ଟ କରିଥାନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ସୋପ୍ ନେଲ୍ ଟ୍ରେଣ୍ଡରେ ରହିଛି।**



### ସୋପ୍ ନେଲ୍ କ'ଣ ?

ଯେଉଁ ମହିଳାମାନେ ନ୍ୟୁଡ୍ ନେଲ୍ ପେଣ୍ଟ ପସନ୍ଦ କରନ୍ତି, ସେମାନଙ୍କ ପାଇଁ ଏହା ଖୁବ୍ ଉପଯୋଗୀ। ଏହି ନେଲ୍ ଟ୍ରେଣ୍ଡରେ ଉଜ୍ଜ୍ୱଳ, ପରିଷ୍କାର ତଥା ନ୍ୟୁଡ୍ ମେନିକ୍ୟୁୟର୍ ସାମିଲ ରହିଥାଏ। ଯାହା ନଖକୁ ପରିଷ୍କାର କରି ସେଥିରେ ଚମକ ଆଣିଥାଏ। ଏହି ସୋପ୍ ନେଲ୍‌ରେ ଧଳା, ହାଲୁକା ଗୋଲାପୀ, ତଥା ହାଲୁକା ବାଦାମୀ ରଙ୍ଗ ବ୍ୟବହାର କରାଯାଇଥାଏ।

### ସୋପ୍ ନେଲ ପ୍ରକ୍ରିୟା ?

ଏହି ଆର୍ଟ କରିବାକୁ ହେଲେ ପ୍ରଥମେ ଏକ ଭଲ ବେସ୍ ଚୟନ କରିବାକୁ ପଡ଼ିଥାଏ। ଯେପରି ମେକ୍‌ଅପ୍ କରିବା ପୂର୍ବରୁ ବେସ୍ ନିଆଯାଏ, ଠିକ୍ ସେହିପରି ନଖକୁ ଗୋଟିଏ ଭଲ ବେଶ୍ ଦେବାକୁ ହୋଇଥାଏ। ଏଥିପାଇଁ ସର୍ବ ପ୍ରଥମେ ନଖରେ ନେଲ୍ ଅଏଲ୍ ଲଗାଇ ନଖକୁ ସଫା କରନ୍ତୁ। ଏହାପରେ ବଫର୍ ସାହାଯ୍ୟରେ ନଖକୁ ଘଷନ୍ତୁ। ଏହାପରେ ନଖ ଉପରେ ହାଲୁକା ରଙ୍ଗର ନେଲ୍‌ପଲିସ୍ ଲଗାନ୍ତୁ। ଏହାପରେ ନଖ ଉପରେ ଗ୍ଲସି ପାରଦର୍ଶୀ ନେଲ୍ ପେଣ୍ଟ ଲଗାନ୍ତୁ।

## ପିଲ୍ ଅଫ୍ ମାସ୍କ

**ବିଶେଷ କରି ଗରମଦିନେ ତ୍ୱଚା ଅଧିକ ଚିପ୍‌ଚିପା ହୋଇଯାଏ। ଫଳରେ ବିଭିନ୍ନ ପ୍ରକାର ତ୍ୱଚାଜନିତ ସମସ୍ୟା ଉପୁଜିଥାଏ। ତେଣୁ ତ୍ୱଚାରେ ଏସବୁ ସମସ୍ୟା ଦୂର କରିବାକୁ ଚାହୁଁଥିଲେ, ପିଲ୍ ଅଫ୍ ମାସ୍କ ବ୍ୟବହାର କରିପାରିବେ। କିନ୍ତୁ ବଜାରରେ ମିଳୁଥିବା ପିଲ୍ ଅଫ୍ ମାସ୍କରେ ଅଧିକ ରାସାୟନିକ ପଦାର୍ଥ ରହିଥାଏ। ତେଣୁ ଚାହିଁଲେ, ଘରେ ଥିବା ସାମଗ୍ରୀକୁ ଉପଯୋଗ କରି ଏହି ମାସ୍କ ପ୍ରସ୍ତୁତ କରିପାରିବେ।**



### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ପାତ୍ରରେ ଅଳ୍ପ ଗ୍ରୀନ୍- ଟି, ମହୁ, ଡାଲଚିନି ଗୁଣ୍ଡ, ଏବଂ ରୋଜ୍‌ମେରୀ ତେଲ ମିଶାନ୍ତୁ। ଏହାପରେ ଏଥିରେ ଅଳ୍ପ କଞ୍ଚା କ୍ଷୀର ଦେଇ ଗ୍ରାଇଣ୍ଡିଙ୍ଗ୍ କରି ଏକ ଚିକ୍କଣ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ତ୍ୱଚାରେ ଲଗାଇ ତାହା ଉପରେ ଏକ ଟିସୁ ପେପର୍ ଦେଇ ଦିଅନ୍ତୁ। ଏହାକୁ ତ୍ୱଚାରେ ୧୫ ମିନିଟ୍ ରଖି କାଢ଼ି ଦିଅନ୍ତୁ। ଏହାପରେ ତ୍ୱଚାକୁ ସଫା କରି ଏକ ଭଲ ମଏଶ୍ଚରାଇଜର୍ ଲଗାନ୍ତୁ।

### ପିଲ୍ ଅଫ୍ ମାସ୍କର ଫାଇଦା

ଡିପ୍ କ୍ଲିଂଜିଙ୍ଗ୍ – ପିଲ୍ ଅଫ୍ ମାସ୍କ ତ୍ୱଚାକୁ ଡିପ୍ କ୍ଲିଂଜିଙ୍ଗ୍ କରିବାରେ ସହାୟକ ହୋଇଥାଏ। ଏହା ତ୍ୱଚାରେ ଥିବା ମଇଳା, ତେଲିଆପଣକୁ ଦୂର କରି ଗଭୀରରୁ ସଫା କରିଥାଏ। ଏହା ତ୍ୱଚାରେ ଏକ ପ୍ରାକୃତିକ ଚମକ ଆଣିଥାଏ।

ତ୍ୱଚାରେ ପରିବର୍ତ୍ତନ – ପିଲ୍ ଅଫ୍ ମାସ୍କର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ତ୍ୱଚା ନରମ ଓ ଚିକ୍କଣ ଅନୁଭୂତ ହୋଇଥାଏ। ଚର୍ମକୁଞ୍ଚନ ତଥା ବୟସ ଛାପ ସମସ୍ୟା ଦୂର ହୋଇଥାଏ। ଏହା ଉଭୟ ବ୍ଲାକ୍‌ହେଡ୍‌ସ ଏବଂ ୱାଇଟ୍ ହେଡ୍‌ସ ଦୂର କରିଥାଏ।

### ତ୍ୱଚାକୁ ରଖେ ହାଇଡ୍ରେଟ୍

ପିଲ୍ ଅଫ୍ ମାସ୍କ ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ। ଏଥି ସହ ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ତ୍ୱଚାକୁ ଟାଇଟ୍ କରିବାରେ ସହାୟକ ହୋଇଥାଏ। ସେହିପରି ଏହି ମାସ୍କ ତ୍ୱଚାକୁ ଥଣ୍ଡା ଓ ଆରାମ ଦେଇଥାଏ। ଏହା ଦ୍ୱାରା ଚାପ ଦୂର ହୋଇଥାଏ। ଏପରିକି ତ୍ୱଚାରେ ଥିବା ଛୋଟ କେଶ ହଟାଇବାରେ ମଧ୍ୟ ସାହାଯ୍ୟ କରିଥାଏ।

## ଶରୀର ଅନୁଯାୟୀ ଶାଢ଼ି

**ପାରମ୍ପରିକ ପରିଧାନ ଭାବେ ଶାଢ଼ି ମହିଳାଙ୍କ ପ୍ରିୟ। ପର୍ବପର୍ବାଣି, ପାର୍ଟି, ଫଙ୍କସନ୍ ତଥା ବିଶେଷ ଦିନଗୁଡ଼ିକରେ ଶାଢ଼ି ପିନ୍ଧିବାକୁ ମହିଳାମାନେ ବେଶୀ ପସନ୍ଦ କରିଥାନ୍ତି। ଏହା ପାରମ୍ପରିକ ସାଙ୍ଗକୁ ଏକ କ୍ଲାସି ଲୁକ୍ ଦେଇଥାଏ। ହେଲେ କିଛି ଶାଢ଼ି ରହିଛି, ଯାହା ସମସ୍ତଙ୍କୁ ମାନି ନଥାଏ। ତେଣୁ ଶାଢ଼ିରେ ସୁନ୍ଦର ଓ ଆକର୍ଷଣୀୟ ଦିଶିବାକୁ ଚାହୁଁଥିଲେ, ଶରୀରର ଆକାର ତଥା ଗଠନ ଅନୁଯାୟୀ ଶାଢ଼ି କିଣିବା ଆବଶ୍ୟକ। ଜାଣିବା ସେ ବିଷୟରେ...**



**ପତଳା -** ସାଧାରଣତଃ ପତଳା ମହିଳାଙ୍କୁ ବେଶ୍ ଭାବିଚିନ୍ତି ଶାଢ଼ି ଚୟନ କରିବାକୁ ପଡ଼ିଥାଏ। କାରଣ ଅନେକ ଶାଢ଼ି ଫ୍ୟାବ୍ରିକ୍ ରହିଛି, ଯାହା ସେମାନଙ୍କୁ ଅଧିକ ପତଳା ଦେଖାଇଥାଏ। ତେଣୁ ପତଳା ମହିଳାମାନେ କଟନ୍, ସିଲ୍କ ଅଥବା, ଅର୍ଗାଞ୍ଜା ଶାଢ଼ି ପିନ୍ଧିପାରିବେ। ଏଥିସହ ବନାରସି, କାଞ୍ଜିବରମ ଶାଢ଼ି ମଧ୍ୟ ଭଲ ମାନିଥାଏ। ଏ ପ୍ରକାର ଶାଢ଼ି ସେମାନଙ୍କ ଶରୀରକୁ ସାମାନ୍ୟ ମୋଟା ଦେଖାଇବାରେ ସାହାଯ୍ୟ କରିଥାଏ। ପତଳା ସହ ଅଧିକ ଡେଙ୍ଗା ହୋଇଥିଲେ, ଭାରି ବର୍ଡର କାମ ଥିବା ଶାଢ଼ି ପିନ୍ଧିଲେ ବେଶୀ ଭଲ ମାନିଥାଏ। ଉଚ୍ଚତା କମ୍ ଥିଲେ ବୋଲ୍ଡ ପ୍ରିଣ୍ଟ ଶାଢ଼ି ପିନ୍ଧିପାରିବେ।

**ପ୍ଲସ୍ ସାଇଜ୍ –** ଶରୀର ଆକାର ମୋଟା ଥିଲେ, ସିଫନ୍, ସାଟିନ୍, ଟସର ସିଲ୍କ, ଲେନିନ୍ ସିଲ୍କ ଫାବ୍ରିକ୍‌ର ଶାଢ଼ି ପିନ୍ଧିପାରିବେ। ଏହା ମୋଟା ଶରୀରକୁ ପତଳା ଦେଖାଇବା ସହ ଏକ ବାଲାନ୍ସ ଲୁକ୍ ଦେଇଥାଏ। ଏଥି ସହ ଶାଢ଼ି କିଣିବାବେଳେ ଗାଢ଼ ରଙ୍ଗ ଦେଖି ଚୟନ କରନ୍ତୁ। ମୋଟା ମହିଳାମାନେ ବିଶେଷ କରି କଟନ ଓ ଅର୍ଗାଞ୍ଜା ଶାଢ଼ି ପିନ୍ଧିବାରୁ ଦୂରେଇ ରହିବା ଉଚିତ୍। କେବଳ ସେତିକି ନୁହେଁ, ନିଜକୁ ପତଳା ଦେଖାଇବାକୁ ଚାହୁଁଥିଲେ, ବ୍ଲାଉଜ୍ ଡିଜାଇନ୍ ଉପରେ ମଧ୍ୟ ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ଫୁଲ୍ ସ୍ଲିଭ୍ସ ବ୍ଲାଉଜ୍ ସିଲ୍କ ଓ ହ୍ୟାଣ୍ଡଲୁମ୍ ଶାଢ଼ିକୁ ବେଶୀ ସୁନ୍ଦର ମାନିଥାଏ।

**ପିୟର୍ ସେପ୍ –** ଶରୀରର ତଳ ଭାଗ ମୋଟା ଥାଇ ଉପରଭାଗ ପତଳା ଥିଲେ, ଏହାକୁ ପିୟର୍ ସେପ୍ ବଡି କୁହାଯାଏ। ତେଣୁ ଏ ପ୍ରକାର ଶାରୀରିକ ଗଠନ ଥିବା ମହିଳାମାନେ ଶାଢ଼ିରେ ନିଜକୁ ଏକ ଭଲ ଲୁକ୍ ଦେବାକୁ ଚାହୁଁଥିଲେ, ସିଫନ୍ ଓ ଜର୍ଜେଟ୍ ଶାଢ଼ି କିଣିପାରିବେ। ଏଥିସହ ଚାହିଁଲେ ଶାଢ଼ି ପଣତକୁ ନ ଭାଙ୍ଗି ଗୋଟିଏ ପରସ୍ତ କରି ପକାଇପାରିବେ। ଏଥିରୁ ଷ୍ଟାଇଲିଶ୍ ସାଙ୍ଗକୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ବର୍ତ୍ତମାନ ସମୟରେ ପେଷ୍ଟାଲ୍ ରଙ୍ଗ ଶାଢ଼ିର ବେଶ୍ ଚାହିଦା ରହିଛି। ଚାହିଁଲେ ଏହି ପେଷ୍ଟାଲ ରଙ୍ଗ ଶାଢ଼ି ମଧ୍ୟ ପିନ୍ଧିପାରିବେ।

**ଏପ୍ପଲ ସେପ୍ -** ଏ ପ୍ରକାର ଶାରୀରିକ ଗଠନ ଥିବା ମହିଳାଙ୍କୁ ଏମ୍ବ୍ରୋଡେରି ସିଲ୍କ, ସିଫନ୍ ଓ ଜର୍ଜେଟ୍ ଶାଢ଼ି ଭଲ ମାନିଥାଏ। ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିଥାଏ। କିନ୍ତୁ ନେଟ୍ ଶାଢ଼ି ପିନ୍ଧିବାରୁ ଦୂରେଇ ରହିବା ଭଲ। କାରଣ ଏହା ପେଟରେ ଥିବା ଚର୍ବିକୁ ହାଇଲାଇଟ୍ କରି ଅଧିକ ମୋଟା ଦେଖାଇଥାଏ। ତେଣୁ ନିଜକୁ ଏକ ପରଫେକ୍ଟ ଲୁକ୍ ଦେବାକୁ ଚାହୁଁଥିଲେ, ଲମ୍ବା ବ୍ଲାଉଜ୍ ପିନ୍ଧିପାରିବେ।

## ପାଳଙ୍ଗ ଖେଚୁଡ଼ି



ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଅରୁଆ ଚାଉଳ - ୨୦୦ ଗ୍ରାମ୍, ଗ୍ରୀନ୍ ମଟର୍ - ଏକ କପ୍, କଟା ପିଆଜ - ଏକ କପ୍, ସିଝା ମିଠା ମକା - ଏକ କପ୍, କଟା - ଟମାଟୋ ଏକ କପ୍, ଅଦା ରସୁଣ କଟା - ଏକ ଚାମଚ, ହଳଦିଗୁଣ୍ଡ - ଏକ ଚାମଚ, ଲଙ୍କା ଗୁଣ୍ଡ - ଏକ ଚାମଚ, ଜିରା - ଅଧା ଚମଚା, ଧନିଆ ଗୁଣ୍ଡ - ଏକ ଚାମଚ, ଗରମ ମସଲା - ଏକ ଚାମଚ, ଗାଜର - ଅଧା କପ୍, ପାଳଙ୍ଗ ଶାଗ - ଦୁଇ ବିଡ଼ା, ଶୁଖିଲା ଲଙ୍କା - ଦୁଇ ଗୋଟି, ଲୁଣ - ସ୍ୱାଦ ଅନୁସାରେ, ଘିଅ - ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲା ଲଗେଇ ହାଣ୍ଡି ବସାନ୍ତୁ। ସେଥିରେ ପାଣି ଦେଇ ଫୁଟାନ୍ତୁ। ପାଣି ଫୁଟିଗଲା ପରେ ଅରୁଆ ଚାଉଳ ଧୋଇ ସେଥିରେ ଦିଅନ୍ତୁ। ଚାଉଳ ଦର ସିଝା ହୋଇଯିବା ପରେ ଏହାକୁ କାଢ଼ି ଛାଣି ଦିଅନ୍ତୁ। ଏହାପରେ ଶାଗକୁ ବାଛି ଭଲ ଭାବେ ଧୋଇ ଗ୍ରାଇଣ୍ଡିଙ୍ଗ୍ କରି ରଖନ୍ତୁ। ଏହାପରେ ଏକ ଚୁଲାରେ କଡ଼େଇ ବସାଇ ଏକ ଚାମଚ ଘିଅ ଦିଅନ୍ତୁ। ଘିଅ ତରଳି ଯିବାପରେ ସେଥିରେ ଅଳ୍ପ ଜିରା ଦେଇ କଟା ରସୁଣ ପକାଇ ଭାଜନ୍ତୁ। ପରେ କଟା ପିଆଜ, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଧନିଆ ଗୁଣ୍ଡ, ଗରମ ମସଲା ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ କଟା ଟମାଟୋ, ଗ୍ରୀନ୍ ମଟର, ଗାଜର ଓ ମିଠା ମକା ଦେଇ ପିଠାଖଡ଼ିକା ସାହାଯ୍ୟରେ ଏପାଖସେପାଖ କରି ବାଟି ରଖିଥିବା ପାଳଙ୍ଗ ଶାଗ ଘୋଳକୁ ଦେଇ ଦିଅନ୍ତୁ। ଏହାପରେ ସେଥିରେ ଦର ସିଝା ଭାତ ପକେଇ ଘାଣ୍ଟି ଦିଅନ୍ତୁ। ସେଥିରେ ଏକ କପ୍ ପାଣି ଦେଇ ୧୦ ମିନିଟ୍ ଘୋଡାଇ ଦିଅନ୍ତୁ। ଏହାପରେ ଢାଙ୍କୁଣୀ ଖୋଲି ଏକ ପ୍ଲେଟ୍‌କୁ କାଢ଼ି ତେଲ ଶୁଖିଲା ଲଙ୍କା ଛୁଙ୍କ ଦେଇ ପରଷନ୍ତୁ 'ପାଳଙ୍ଗ ଖେଚୁଡ଼ି'।

ରଣଜୀ ଟ୍ରଫି ଫାଇନାଲ

# କେରଳର ଲଢୁଆ ଜବାବ



**ନାଗପୁର,୨୭ ।୨(ଏଜେନ୍ସି):** ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ଚାଲିଥିବା କେରଳ ବିପକ୍ଷ ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ବିଦର୍ଭ ପ୍ରଥମ ଇନିଂସରେ ୧୨୩.୧ ଓଭରରେ ୩୭୯ ରନକରି ଅଲଆଉଟ ହୋଇଛି । ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି କେରଳ ଗୁରୁବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩୯ ଓଭରରେ ୩ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଛି । କେରଳ ୭ ୱିକେଟ ବାକି ରଖି ଏବେ ୨୪୮ ରନ ପଛରେ ପଡିଛି । ଷ୍ଟମ୍ପ ଅପସାରଣ ବେଳକୁ ଆଦିତ୍ୟ ସରୱାତେ ୬୬ ରନର ଅର୍ଦ୍ଧଶତକୀୟ ପାଳି ଓ ଅଧିନାୟକ ସଚିନ ବେବି ୭ ରନକରି ଅପରାଜିତ ରହିଛନ୍ତି । ଆରମ୍ଭରୁ କେରଳ ଓପନର ରୋହନ କୁନୁମାଲଙ୍କୁ ହରାଇଥିଲା । ଖାତା ଖୋଲିବା ପୂର୍ବରୁ ରୋହନ ଦର୍ଶନ ନାଲକଣ୍ଡେଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ । ଏହାପରେ ଅକ୍ଷୟ ଚନ୍ଦ୍ରନ ୧୪ ରନକରି କରିଥିବା ବେଳେ ବୋଲ୍ଡ ହୋଇ ନାଲକଣ୍ଡେଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ସେହିପରି ଅମହମ୍ମଦ ଇମ୍ରାନ ୩୭ କରିଥିବା ବେଳେ ୟଶ ଠାକୁରଙ୍କ ବଲ୍‌ରେ ମିଡ୍ ୱିକେଟରେ ବଦଳ ଫିଲ୍ଡର ଏଆର ମୋଖାଡେଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ । ବିଦର୍ଭ ତରଫରୁ ନାଲକଣ୍ଡେ ୨ ଓ ୟଶ ଗୋଟିଏ ୱିକେ ନେଇଥିଲେ ।

### ୧୫୩ ରନର ଶତକୀୟ ପାଳି ଖେଳିଲେ ମାଲେୱାର

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୫୪/୪ରୁ ଖେଳ ଆରମ୍ଭ କରି ବିଦର୍ଭ ଅଲଆଉଟ ହୋଇଥିଲା । ଶତକ ହାସଲ କରିଥିବା ୨୧ ବର୍ଷୀୟ ଓଭରନାଇଟ୍ ବ୍ୟାଟର ଡାନିସ ମାଲେୱାର ୧୩୮ ରୁ ଖେଳ ଆରମ୍ଭ କରି ୧୫୩ ରନକରି ଆଉଟ ହୋଇଥିଲେ । ସେହିପରି ୫ ରନରୁ ଖେଳ ଆରମ୍ଭ କରି ୟଶ ଠାକୁର ୨୫ ରନକରି ଆଉଟ ହୋଇଥିଲେ । ଏହାପରେ ଅନ୍ୟ ବ୍ୟାଟରମାନେ ସେତେଟା ଭଲ ପ୍ରଦର୍ଶନ କରି ନଥିଲେ । ବୋଲିଂରେ କେରଳ ପାଇଁ ଏମ୍‌ଡି ନିଧିଶ ଓ ଏଡେନ ଆପଲ ଟମ୍ ୩ଟି ଲେଖାଏ, ନେଦୁମାନକୁଝି ବାସିଲ ୨ ୱିକେଟ ନେଇଥିଲେ ।

ମହିଳା ପ୍ରିମିୟର ଲିଗ୍

# ଆର୍‌ସିବିର ୩ୟ ପରାଜୟ

**ବେଙ୍ଗାଲୁରୁ, ୨୭ ।୨ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚଳିତ ୩ୟ ସଂସ୍କରଣରେ ୩ୟ ପରାଜୟବରଣ କରିଛି । ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ଗୁଜରାଟ ଜ୍ୟାଣ୍ଟ୍‌ସ ୬ ୱିକେଟ୍‌ରେ ବେଙ୍ଗାଲୁରୁକୁ ପରାସ୍ତ କରିଛି । ବେଙ୍ଗାଲୁରୁ ପକ୍ଷରୁ ଧାର୍ଯ୍ୟ ୧୨୬ ରନର ଲକ୍ଷ୍ୟକୁ ପିଛା କରି ଗୁଜରାଟ ୧୬.୩ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଅଧିନାୟିକା ଆସଲେ ଗାର୍ଡନର ୩୧ ବଲରେ ୫୮ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେଥ୍ ମୁନୀ ୧୭, ଫୋଏବ ଲିଚଫିଲ୍ଡ ୩୦ ରନ କରିଥିଲେ । ବୋଲିଂରେ ବେଙ୍ଗାଲୁରୁ ପାଇଁ ରେଣୁକା ସିଂ ଓ ଜର୍ଜିଆ ୱେରହାମ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ଚଳିତ ସଂସ୍କରଣରେ ୫ମ ମ୍ୟାଚରୁ ଆର୍‌ସିବିର ଏହା ୩ୟ ପରାଜୟ। ଅପରପକ୍ଷରେ ଗୁଜରାଟ ୫ମ ମ୍ୟାଚରୁ ୨ୟ ବିଜୟ ସହ ୪ ପଏଣ୍ଟ ଅର୍ଜନ କରିଛି । ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବେଙ୍ଗାଲୁରୁ ପାୱାର ପ୍ଲେ ମଧ୍ୟରେ ୨୫ ରନ ମଧ୍ୟରେ ଅଧିନାୟିକା ସ୍ମୃତି ମନ୍ଧାନା (୧୦ ରନ), ଡାନିଏଲ୍ ୱାଟ୍ (୪ ରନ) ଓ ନିର୍ଭରଯୋଗ୍ୟ ଏଲିସେ ପେରୀ (୦) ୱିକେଟ୍ ହରାଇଥିଲା । ତେବେ ମଧ୍ୟକ୍ରମରେ କନିକା ଆହୁଜା ୩୩, ରାଘବୀ ବିଷ୍ଟ ୨୨ ଓ ଜର୍ଜିଆ ୱେରହାମ୍ ଅପରାଜିତ ୨୦ ରନର ପାଳି ଖେଳିବାରୁ ଦଳ ୭ ୱିକେଟ୍‌ରେ ୧୨୫ ରନ କରିଥିଲା । ବୋଲିଂରେ ଗୁଜରାଟ ପାଇଁ ଡେଣ୍ଡ୍ରା ଡଟ୍ଟିନ ଓ ତନୁଜା କନୱର ୨ଟି ଲେଖାଏ ୱିକେଟ୍ ନେଇଥିଲେ । ଡବ୍ଲ୍ୟୁପିଏଲ୍ ଇତିହାସରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁର ଏହା ଯୁଗ୍ମ ସର୍ବନିମ୍ନ ସ୍କୋରର ଅଲୋଡ଼ା ରେକର୍ଡ ସହ ସମକକ୍ଷ ହୋଇଛି । ଗତବର୍ଷ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଆର୍‌ସିବି ୯ ୱିକେଟ୍‌ରେ ୧୨୫ ରନ କରିଥିଲା । ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ଚାମ୍ପିଅନ୍ସ ଟ୍ରଫିରେ ବର୍ଷା ବାଧକ

# ବିନା ବିଜୟରେ 'ଚାମ୍ପିଅନ' ପାକିସ୍ତାନ ବିଦା

**ରାୱଲପିଣ୍ଡି,୨୭।୨(ଏଜେନ୍ସି):** ଭାରତଠାରୁ ପରାଜିତ ହେବା ପରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିଅନ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଥିଲା । କିନ୍ତୁ ଆଶା ରଖିଥିଲା ଏଠାରେ ଆଜି ହେବାକୁ ଥିବା ବାଂଲାଦେଶ ବିପକ୍ଷ ଶେଷ ମୁକାବିଲା ଉପରେ । ଏହି ମ୍ୟାଚ୍ ଜିତି ଆତ୍ମସନ୍ତୋଷ ଲାଭ କରିବା ଆଶା ରଖିଥିଲା । କିନ୍ତୁ ଅନବରତ ବର୍ଷା ଯୋଗୁଁ ଏହି ମ୍ୟାଚ୍ ବାତିଲ କରାଯାଇଥିଲା । ଯାହା ଫଳରେ ଦୀର୍ଘ ୨୯ ବର୍ଷ ପରେ ପାକିସ୍ତାନ ଯେ କୌଣସି ପ୍ରକାର ଆଇସିସି ଇଭେଣ୍ଟରେ ଗୋଟିଏ ହେଲେ ବିଜୟ ହାସଲ କରି ନ ପାରି ପ୍ରତିଯୋଗିତାରୁ ବିଦାୟ ନେଇଛି । ପୂର୍ବରୁ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନ ୬୦ ରନ୍‌ରେ ନ୍ୟୁଜିଲାଣ୍ଡ ଓ ୬ ୱିକେଟରେ ଭାରତ ନିକଟରୁ ପରାଜିତ ହୋଇଥିଲା । ଏହା ଫଳରେ ଗ୍ରୁପ୍-ଏ' ପଏଣ୍ଟ ତାଲିକାରେ ପାକିସ୍ତାନ ୪ଟି ଦଳ ମଧ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରି ନିରାଶ ସୃଷ୍ଟି କରିଛି । ଏହି ଗ୍ରୁପ୍‌ରେ ୩ଟି ମ୍ୟାଚ୍ ମଧ୍ୟରୁ ୨ଟି ଲେଖାଏଁ ବିଜୟ ସହ ନ୍ୟୁଜିଲାଣ୍ଡ ଓ ଭାରତ ଗ୍ରୁପ୍‌ର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ମାର୍ଚ୍ଚ ୨ ତାରିଖ ରବିବାର ଗ୍ରୁପ୍-ଏ'ର ଶୀର୍ଷସ୍ଥାନ ହାସଲ ଲାଗି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ ।

ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ-ବାଂଲାଦେଶ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ କରିବାକୁ ପଡ଼ିଛି । ପୂର୍ବରୁ ସମାନ ଭେନ୍ୟୁରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫେବୃଆରୀ ୨୫ରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା ।



### ପାକିସ୍ତାନକୁ ୨.୩ କୋଟି ଟଙ୍କା ପୁରସ୍କାର

ପାକିସ୍ତାନ ଗ୍ରୁପ୍-ଏ'ରେ ଚତୁର୍ଥ ତଥା ଟୁର୍ଣ୍ଣାମେଣ୍ଟରେ ୮ମ ସ୍ଥାନ ଅଧିକାର କରିଥିବାରୁ ଚାମ୍ପିଅନ୍ସ ଟ୍ରଫି ନିୟମ ଅନୁଯାୟୀ ୧, ୪୦,୦୦୦ ଡଲାର ପାଇବ । ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବାରୁ ଦଳକୁ ମଧ୍ୟ ୧,୨୫,୦୦୦ ଡଲାର ମିଳିବ । ଏହି ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନକୁ ୨ ଲକ୍ଷ ୬୫,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ପାଖାପାଖି ୨.୩ (୨୨,୭୦,୭୪୨) କୋଟି ଟଙ୍କା ପୁରସ୍କାର ପାଇବ ବୋଲି ଜଣାଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬.୯ ନିୟୁତ ଡଲାର ପୁରସ୍କାର ଦିଆଯିବ । ଏହା ମଧ୍ୟରୁ ଚାମ୍ପିଅନ୍ ଦଳକୁ ୨.୨୪ ଡଲାର ଓ ରନର୍ସ ଅପ୍ ଦଳକୁ ୧.୧୨ ନିୟୁତ ଡଲାର ପୁରସ୍କାର ମିଳିବ । ସେମିଫାଇନାଲରେ ପରାଜିତ ଦଳକୁ ୫, ୬୦,୦୦୦, ୭ମ ଓ ୮ମ ସ୍ଥାନ ଅଧିକାର କରିଥିବା ଦଳକୁ ୧,୪୦,୦୦୦ ଡଲାର ଅର୍ଥ ଦିଆଯିବ । ଏହା ବ୍ୟତୀତ ସମସ୍ତ ଦଳକୁ ଅଂଶଗ୍ରହଣ ଲାଗି ଅଧିକ ୧,୨୫,୦୦୦ ଡଲାର ଦିଆଯିବ ।

### ଅଷ୍ଟ୍ରେଲିଆ-ଆଫଗାନ ମୁକାବିଲା ଆଜି

**ଲାହୋର :** ରାୱଲପିଣ୍ଡିରେ ବର୍ଷା ଯୋଗୁଁ ୨ଟି ମ୍ୟାଚ୍ ବାତିଲ ହୋଇଥିଲାବେଳେ ଆସନ୍ତାକାଲି ଏହି ଗ୍ରୁପ୍‌ରେ ଅଷ୍ଟ୍ରେଲିଆ ସହ ଆଫଗାନିସ୍ତାନର ମୁକାବିଲା ହେବ । ଉଭୟ ଦଳ ସେମିଫାଇନାଲ ଆଶା ନେଇ ମୁକାବିଲା କରିବେ । ଏହି ଗ୍ରୁପ୍‌ରେ ୨ଟି ଲେଖାଏଁ ମ୍ୟାଚ୍ ଶେଷ ହେବା ପରେ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ଦୁଇଟି ସ୍ଥାନରେ ଅଛନ୍ତି । ଇଂଲଣ୍ଡକୁ ଏକ ରୋମାଞ୍ଚକ ମୁକାବିଲାରେ ପରାସ୍ତ କରିଥିବା ଆଫଗାନିସ୍ତାନର ପଏଣ୍ଟ ସଂଖ୍ୟା ୨ ରହିଛି । ଏହାର ଅର୍ଥ ଆସନ୍ତାକାଲି ମୁକାବିଲାରେ ସେମିଫାଇନାଲ ଯିବାକୁ ଅଷ୍ଟ୍ରେଲିଆ ଲାଗି ଏହି ମ୍ୟାଚ୍ ଜିତିବା କିମ୍ବା ବାତିଲ ହେବା ଆବଶ୍ୟକ । ଅନ୍ୟପକ୍ଷରେ ଆଫଗାନିସ୍ତାନ ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ । ଭାରତରେ ଖେଳାଯାଇଥିବା ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଦ୍ୱିଶତକ ବଳରେ ଅଷ୍ଟ୍ରେଲିଆ ଆଫଗାନିସ୍ତାନ ନିକଟରୁ ବିଜୟ ଛଡ଼ାଇଆଣିଥିଲା । ଏହି ପରାଜୟର ପ୍ରତିଶୋଧ ନେବା ଲାଗି ଆଫଗାନିସ୍ତାନ ପ୍ରସ୍ତୁତି ଜୋର କରିଛି । ଗ୍ରୁପ୍‌ର ଶେଷ ଲିଗ୍ ମ୍ୟାଚ୍ ମାର୍ଚ୍ଚ ୧ ତାରିଖ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ । ଏହା ପରେ ଗ୍ରୁପ୍‌ରେ କେଉଁ ଦୁଇଦଳ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିସେମିଫାଇନାଲ ଖେଳିବେ ତାହା ଚୂଡାନ୍ତ ହେବ ।



### ଆହତ ରୋହିତ ଶର୍ମା ଅଭ୍ୟାସ କଲେନି

**ଦୁବାଇ :** ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ହୋଇଛି । ଏଥିଲାଗି ସେ ଭାରତର ନେଟ୍ ପ୍ରାକ୍ଟିସ୍‌ରେ ଅଂଶଗ୍ରହଣ କରିନାହାନ୍ତି । ଏବେ ଯେତିକି ପରିମାଣରେ ତାଙ୍କ ଆଘାତ ସମସ୍ୟା ରହିଛି, ସେଥିରେ ନେଟ୍ ପ୍ରାକ୍ଟିସ୍ କଲେ ସମସ୍ୟା ବଢ଼ିବାର ଆଶଙ୍କା ରହିଛି । ଏଣୁ ସେ ଭାରତୀୟ ଦଳର ନେଟ୍ ପ୍ରାକ୍ଟିସ୍‌ରେ ଅଂଶଗ୍ରହଣ ନ କରି ସାଥି ଖେଳାଳିଙ୍କ ଅଭ୍ୟାସ ଦେଖିଥିଲେ । ତାଙ୍କ ଓପନିଂ ପାର୍ଟନର ଶୁବମନ ଗିଲ୍ ମଧ୍ୟ ଅଭ୍ୟାସ କରି ନ ଥିଲେ । ଆଘାତ ସମସ୍ୟା ଗୁରୁତର ହେବ ବୋଲି ଉଭୟ ଖେଳାଳି ଅଭ୍ୟାସ କରି ନ ଥିଲେ । ଅନ୍ୟପକ୍ଷରେ ଭାରତ ସେମିଫାଇନାଲରେ ପ୍ରବେଶ କରିସାରିଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯିବାକୁ ଚିନ୍ତା କରାଯାଉଛି । ଖେଳ ଆହୁରି ଦୁଇ ଦିନ ବାକି ଅଛି । ଏହା ମଧ୍ୟରେ ସେ ଓ ଗିଲ ପୂରା ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି । ପାକିସ୍ତାନ ବିପକ୍ଷ ମ୍ୟାଚ୍ ଆରମ୍ଭ ହେବା ପରେ ରୋହିତ ଅସହଜ ମନେ କରିବାରୁ ପଡ଼ିଆ ଛାଡ଼ି ଚାଲିଯାଇଥିଲେ । ଏହା ପରେ ମ୍ୟାଚ୍‌ର ଶେଷ ଭାଗରେ ପଡ଼ିଆକୁ ଆସିଥିଲେ ଓ ବ୍ୟାଟିଂ ମଧ୍ୟ କରିଥିଲେ । ଏହା ସତ୍ତ୍ୱେ ତାଙ୍କ ଆହତ ସମସ୍ୟା ବଢ଼ିଯାଇଥିଲା । ଏବେ ସେ ବିଶ୍ରାମ ନେଇଛନ୍ତି । ମ୍ୟାଚ୍ ପୂର୍ବଦିନ ଅର୍ଥାତ୍ ଶନିବାର ରୋହିତ ଓ ଗିଲ୍‌ଙ୍କ ଫିଟ୍‌ନେସ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିବ ।

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

### ଗଗନେନ୍ଦୁ ଭାରତୀୟ ଦଳର ଉପମୁଖ୍ୟ



**ଭୁବନେଶ୍ୱର, ୨୭ ।୨ (ସମିସ):** ଜର୍ମାନୀର ରାଇନ-ରୁର୍‌ଠାରେ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅନୁଷ୍ଠିତ ହେବ । ଯେଉଁଥିରେ ସାରା ବିଶ୍ୱର ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ୧୮ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ । ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସଙ୍କୁ ଭାରତୀୟ ଦଳର ଉପମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି । ଗୁରୁବାର ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏଥିପୂର୍ବରୁ ଗଗନେନ୍ଦୁ ୨୦୨୩ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ । ଏଥିରେ ଭାରତୀୟ ଦଳ ରେକର୍ଡ ୨୬ ପଦକ ଜିତିଥିଲା । ସେହିଭଳି ଏହି କ୍ରୀଡ଼ାର ୨୦୧୭ ଓ ୨୦୧୯ ସଂସ୍କରଣରେ ମଧ୍ୟ ସେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ଯଥାକ୍ରମେ ମୁଖ୍ୟ ଓ ଉପମୁଖ୍ୟ ଭାବେ ଗସ୍ତ କରିଥିଲେ । ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଲାଗି ଗଗନେନ୍ଦୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଏସିଆ କପ୍ କ୍ରିକେଟ ସେପ୍ଟେମ୍ବରରେ

**ଦୁବାଇ,୨୭।୨(ଏଜେନ୍ସି):** ଚଳିତବର୍ଷ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତା ସେପ୍ଟେମ୍ବର ମାସରେ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ ଅଧିକାର ଭାରତକୁ ମିଳିଥିଲା । କିନ୍ତୁ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଭାରତ ଆୟୋଜକ ପାକିସ୍ତାନ ନ ଯିବାରୁ ନୂଆ ନିୟମ ହୋଇଛି । ଯେଉଁ ଦେଶ ଆୟୋଜନ ଅଧିକାର ପାଇବ ନିଜ ଦେଶରେ ମ୍ୟାଚ୍ ଆୟୋଜନ କରିବ ନାହିଁ । କୌଣସି ଏକ ନିରପେକ୍ଷ ଦେଶରେ ମ୍ୟାଚ୍ ଆୟୋଜନ କରିବାକୁ ପାକିସ୍ତାନର ଦାବିକୁ ଏସୀୟ କ୍ରିକେଟ କାଉନ୍ସିଲ ମାନିନେଇଛି । ଏହା ଫଳରେ ଏସିଆ କପ୍ ଆୟୋଜନ ଅଧିକାର ଭାରତ ପାଇଥିଲେ ମଧ୍ୟ ନିରପେକ୍ଷ ଦେଶ ୟୁଏଇ କିମ୍ବା ଶ୍ରୀଲଙ୍କାରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଭାରତ କିନ୍ତୁ ଆୟୋଜକ ହେବ । ସେପ୍ଟେମ୍ବର ଦ୍ୱିତୀୟ କିମ୍ବା ଚତୁର୍ଥ ସପ୍ତାହରେ ଏହା ଖେଳାଯିବ । ଭାରତ, ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନ, ୟୁଏଇ, ଓମାନ ଓ ହଂକଂ ଟି-୨୦ ଫର୍ମାଟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବେ । ଏସିଆର ଉଦୀୟମାନ ଦେଶ ନେପାଳ ଏଥର ଏସିଆ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନାହିଁ ।

● ୨୩ ବର୍ଷରୁ କମ୍ ମହିଳା ଦିନିକିଆ

### ଅଲିପ୍ସାଙ୍କୁ ଓଡ଼ିଶାର ନେତୃତ୍ୱ

**ଭୁବନେଶ୍ୱର,୨୭।୨(ସମିସ):** ବିସିସିଆଇ ଦ୍ୱାରା ଆୟୋଜିତ ୨୩ ବର୍ଷରୁ କମ୍ ଦିନିକିଆ ମହିଳା କ୍ରିକେଟ ପ୍ରତିଯୋଗିତା ପୁଡୁଚେରୀରେ ମାର୍ଚ୍ଚ ୫ରୁ ୧୩ ତାରିଖଯାଏ ଖେଳାଯିବ । ଅଲିପ୍ସା ବିଶ୍ୱାଳଙ୍କୁ ୧୬ଜଣିଆ ଓଡ଼ିଶା ଦଳର ନେତୃତ୍ୱ ଦିଆଯାଇଛି । ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ତନ୍ମୟୀ ବେହେରା, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ଜୋୟେସ ନାୟକ,ତନ୍ୱି ରଞ୍ଜନା, ଅଙ୍କିତା ଗିରି, ଜିଏମ୍ ଅଳକାନନ୍ଦା, କୁସୁମ ତିରିଆ, ଜ୍ୟୋତି କେ. ପ୍ରସାଦ, ସ୍ୱର୍ଣ୍ଣଲତା ନାୟକ, ଭବାନୀ ଧଡା, ସୋନାଲି ହେମ୍ବ୍ରମ୍, ନମ୍ରତା ସ୍ୱାଇଁ, ପ୍ରିୟଙ୍କା ବର୍ମା, କଲାଂଶୀ ଧ୍ରିତିୟା, ସୂର୍ଯ୍ୟସ୍ନାତା ସ୍ୱାଇଁ । ଏହି ଗ୍ରୁପ୍‌ରେ ଓଡ଼ିଶା ତାହାର ପ୍ରଥମ ମ୍ୟାଚ ମେଘାଳୟ ସହ ମାର୍ଚ୍ଚ ୫ରେ, ଦ୍ୱିତୀୟ ମ୍ୟାଚ୍ ସୌରାଷ୍ଟ୍ର ସହ ମାର୍ଚ୍ଚ ୭ରେ, ହରିୟାଣା ସହ ମାର୍ଚ୍ଚ ୯ରେ, କେରଳ ସହ ମାର୍ଚ୍ଚ ୧୧ରେ ଓ ପଞ୍ଜାବ ସହ ମାର୍ଚ୍ଚ ୧୩ରେ ଖେଳିବ ।

■ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ୍

### ରକ୍‌ଷ୍ଟାରକୁ ଜିତାଇଲେ ସଲ୍‌ମନ, ଟୁକୁନା



**ଭୁବନେଶ୍ୱର, ୨୭ ।୨ (ସମିସ):** ତମାଣ୍ଡୋ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୭ମ ସଂସ୍କରଣରେ ଗୁରୁବାର ଅନୁଷ୍ଠିତ ମୁକାବିଲାରେ ୟୁବି ରକ୍‌ଷ୍ଟାର୍ (ପାତ୍ରପଡ଼ା) ବିଜୟୀ ହୋଇଛି । ଏହି ମ୍ୟାଚରେ ସେକ୍ ସଲମନ ଓ ଟୁକୁନା ସାହୁଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ରକ୍‌ଷ୍ଟାର୍ ୪ ୱିକେଟରେ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବକୁ ପରାସ୍ତ କରିଛି । ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ତମାଣ୍ଡୋ ୧୫.୫ ଓଭରରେ ୧୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ରାହୁଲ ୨୭ ଓ ସୟଦ ଜାକି ୧୫ ରନ କରିଥିଲେ । ରକ୍‌ଷ୍ଟାର ପକ୍ଷରୁ ସଲମନ ୧୨ ରନରେ ୪ଟି ଓ ଜୀବନ ଜେନା ୩୩ ରନରେ ୩ଟି ୱିକେଟ୍ ନେଇଥିଲେ । ଜବାବରେ ଟୁକୁନାଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ରକ୍‌ଷ୍ଟାର ୧୩ ଓଭରରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ଟୁକୁନା ୧୩ ଚୌକା ଓ ଗୋଟିଏ ଛକା ବଳରେ ୩୪ ବଲରେ ୬୯ ରନ କରିଥିଲେ । ସଲମନ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ବିଜେଡିର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଶୁକ୍ରବାର କନିକା ୱାରିୟର୍ସ (ରାଜକନିକା) ଓ ତମାଣ୍ଡୋ ମଧ୍ୟରେ ଅନ୍ୟ ଏକ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

● ସେକ୍ରେଟାରିଏଟ୍ କପ୍ କ୍ରିକେଟ୍

### ଓପିଟିସିଏଲ୍ ବିଜୟୀ

**ଭୁବନେଶ୍ୱର,୨୭।୨(ସମିସ):** କିଟ୍‌କୁ ୭ ୱିକେଟରେ ହରାଇ ଓପିଟିସିଏଲ୍ ଗୁରୁବାର ଅନୁଷ୍ଠିତ ସେକ୍ରେଟାରିଏଟ୍ କପ୍ ମ୍ୟାଚ୍‌ରେ ବିଜୟୀ ହୋଇଛି । ଏହି ମ୍ୟାଚ୍‌ରେ କିଟ୍ ପ୍ରଦତ୍ତ ୯୧ ରନ୍‌ର ବିଜୟ ଲକ୍ଷ୍ୟକୁ ଓପିଟିସିଏଲ୍ ୧୦.୧ ଓଭରରେ କୌଣସି ୱିକେଟ ନ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା । ଦଳ ପକ୍ଷରୁ ଓପନର ଅଭୟ ମଲିକ ୫୧ ଓ ସମ୍ବିତ ହରିଚନ୍ଦନ ୨୫ ରନ୍ କରିଥିଲେ । ପୂର୍ବରୁ ନିରଞ୍ଜନ ଗୌଡ଼ ୬ ରନ୍‌ରେ ୪ଟି ଓ ସେକ୍ ସଲମନ ୬ ରନ୍‌ରେ ୨ଟି ୱିକେଟ ନେବା ଫଳରେ କିଟ୍ ମାତ୍ର ୯୦ ରନ୍ କରିବାକୁ ସମର୍ଥ ହୋଇଥିଲା । ଅମ୍ପାୟାର ପ୍ରଦୀପ୍ତ ମିଶ୍ର ଓ ସୁମନ ମହାରଣା ଖେଳ ପରିଚାଳନା କରିଥିଲେ । ସମ୍ବିତ ଘଡେଇ ସ୍କୋରର ଦାୟିତ୍ୱ ତୁଲାଇଥିଲେ ।

### କବାଡି ଖେଳାଳିଙ୍କ ବିରୋଧରେ ବକ୍ସର ପତ୍ନୀଙ୍କ ଯୌତୁକ ନିର୍ଯାତନା ଅଭିଯୋଗ

**ହିସାର,୨୭ ।୨(ଏଜେନ୍ସି):** ଆଉ ଏକ କ୍ରୀଡ଼ା ଦମ୍ପତିଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି । ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ବିଜେତା କବାଡି ଖେଳାଳି ଦୀପକ ହୁଡାଙ୍କ ବରୋଧରେ ଯୌତୁକା ନର୍ଯାତନା ଅଭିଯୋଗ ଆଣିଛନ୍ତି ଅର୍ଜୁନ ପୁରସ୍କାର ବିଜୟିନୀ ତଥା ପୂର୍ବତନ ବିଶ୍ୱ ବକ୍ସିଂ ଚାମ୍ପିଅନ ସାୱିଟି ବୁରା । ଦୀପକ ଓ ତାଙ୍କ ପରିବାର ତାଙ୍କୁ ଯୌତୁକ ନିର୍ଯ୍ୟାତନ ଦେଉଛନ୍ତି ବୋଲି ବୁରା ଥାନାରେ ଅଭିଯୋଗ କରିଛନ୍ତି । ୨୦୨୨ରେ ଦୁଇ କ୍ରୀଡ଼ାବିତ ବିବାହ କରିଥିଲେ । ଦୀପକଙ୍କ ବିରୋଧରେ ବୁରା ହରିୟାଣାର ହିସାର ଥାନାରେ ମାମଲା ରୁଜୁ କରିଛନ୍ତି । ଦୀପକଙ୍କୁ ନୋଟିସ ଦିଆଯାଇଥିଲେ ମଧ୍ୟ ସେ ହାଜର ହୋଇ ନାହାନ୍ତି ବୋଲି ଥାନା ତରଫରୁ କୁହାଯାଇଛି । ତେବେ ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ଥିଲି ବୋଲି ଦୀପକ ସଫେଇ ଦେଇଛନ୍ତି । କିନ୍ତୁ ସେ ପତ୍ନୀ ବୁରାଙ୍କ ବିରୋଧରେ କୌଣସି ନକାରାତ୍ମ ମନ୍ତବ୍ୟ ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଏକ ବିଳାଶପୂର୍ଣ୍ଣ କାର୍ ସହ ଅର୍ଥ ଦୀପକଙ୍କ ପରିବାର ତରଫରୁ ଦାବି କରାଯାଇଛି । ଏପରିକି ସେ ତାଙ୍କୁ ବାଡାଇଛନ୍ତି ବୋଲି ବୁରା ତାଙ୍କ ଏଫ୍‌ଆଇଆରରେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖଥାଉ କି, ଦୀପକ ୨୦୧୬ ସାଉଥ୍ ଏସିଆନ ଗେମ୍ସ ଓ ୨୦୧୪ ଏସିଆନ ଗେମ୍ସରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେ ମଧ୍ୟ ପ୍ରୋ କବାଡି ଲିଗ୍‌ରେ ଅଂଶଗ୍ରହଣ କରିଛନ୍ତି । ସେହିପରି ବୁରା ୨୦୨୩ ନୂଆଦିଲ୍ଲୀ ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିତିଥିଲେ । ସେ ମଧ୍ୟ ଏସିଆନ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ ।

### ଯୁବା ବାସ୍କେଟବଲ୍ ଆଜିଠାରୁ



**ଭୁବନେଶ୍ୱର,୨୭।୨(ସମିସ):** ସହିଦ ନଗରର ସନ୍‌ସାଇନ୍ ଯୁବ ସଂଗଠନ ଆନୁକୂଲ୍ୟରେ ଫେବୃଆରୀ ୨୮ରୁ ମାର୍ଚ୍ଚ ୨ ତାରିଖଯାଏ ଆୟୋଜିତ ହେବ ଯୁବା ବାସ୍କେଟବଲ ଓପନ ଚାମ୍ପିଅନସିପ୍ । ଇମ୍ପା ବାସ୍କେଟବଲ କୋର୍ଟରେ ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୬ଟି ରାଜ୍ୟ ଯଥା ମହାରାଷ୍ଟ୍ର, ଛତିଶଗଡ଼, ଝାଡଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ଓଡ଼ିଶାରୁ ୧୨ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସଂଗଠନର ଉପଦେଷ୍ଟା ସରୋଜ ପାତ୍ର ଗୁରୁବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାଶ, ଅନୁଷ୍ଠାନର ସଭାପତି ବିଶ୍ୱଜିତ୍ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର ଓ କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରବିବାର ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ଜାତୀୟସ୍ତରର ବାସ୍କେଟବଲ ଖେଳାଳି ସମ୍ ସ୍ଥିତପ୍ରଜ୍ଞ, ପାରାଜାଭେଲିନ୍ ଖେଳାଳି କମଳାକାନ୍ତ, କରାଟେକା ଅନ୍ୱେଷା ସୁବୁଦ୍ଧି ଓ କନିଷ୍ଠ ବାସ୍କେଟବଲ ଖେଳାଳି ବାଦଲ ନାୟକଙ୍କୁ ସୂଚନା ଦିଆଯିବ ବୋଲି ସମ୍ପାଦକ ଚକ୍ର ସୂଚନା ଦେଇଛନ୍ତି । ଗୁରୁବାର ସାମ୍ବାଦିକ ସମ୍ମିଳନୀ ଅବସରରରେ ଟ୍ରଫି ଓ ଜର୍ସି ଉନ୍ମୋଚିତ ହୋଇଥିଲା ।

■ ଇଣ୍ଡିଆନ ସୁପର ଲିଗ୍

### କର ବା ମର ସ୍ଥିତିରେ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର,୨୭ ।୨(ସମିସ):** ଚଳିତ ଇଣ୍ଡିଆନ ସୁପର ଲିଗ(ଆଇଏସଏଲ୍)ର ୧୧ତମ ସଂସ୍କରଣରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ମହମ୍ମଡାନ ସ୍ପୋର୍ଟିଂ କ୍ଲବ ପରସ୍ପରକୁ ଭେଟିବେ । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି କର ବା ମର ସ୍ଥିତିରେ ପଡିଛି । କୋଲକାତାରେ ଅନୁଷ୍ଠିତ ଗତ ମ୍ୟାଚ୍ ଓଡ଼ିଶା ୦-୧ ଗୋଲରେ ଘରୋଇ ମୋହନ ବାଗାନ ସୁପର ଜାଏଣ୍ଟସଠାରୁ ପରାସ୍ତ ହୋଇଥିଲା । ଫଳରେ ଏବେ ପ୍ଲେ- ଅଫ୍‌ରେ ସ୍ଥାନ ପାଇବାକୁ ହେଲେ ଓଡ଼ିଶାକୁ ଏହି ମ୍ୟାଚ୍‌ରେ ବିଜୟୀ ହୋବ ଅପରିହାର୍ଯ୍ୟ ହୋଇପଡିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରନ୍ତୁ ନାହିଁ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମର ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ଦାନ ଧର୍ମ କରିବେ।

## ଆଜିର ଇତିହାସ

- ୧୮୮୪-ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପରଲୋକ।
- ୧୯୨୨-ମିଶରକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଘୋଷଣା କରାଗଲା।
- ୧୯୩୬- କମଳା ନେହରୁଙ୍କ ଦେହାନ୍ତ।
- ୧୯୬୩- ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦେହାନ୍ତ।
- ୨୦୧୩- ପୋପ୍ ବେନ୍‌ଡିକ୍ଟ ୧୬ ନିଜ ପଦରୁ ଇସ୍ତଫା ଦେଲେ।

# ସ୍ୱପ୍ନରେ କାହିଁକି ଦିଶେ ପରିଚିତଙ୍କ ମୁହଁ



ସାଧାରଣତଃ ସ୍ୱପ୍ନରେ ଆମେ ଯାହା ଦେଖୁ, ତାହା ବାସ୍ତବ ଦୁନିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ତେବେ ଜଣେ ସ୍ୱପ୍ନରେ ସେହି ଲୋକ ଓ ସ୍ଥାନ ଦେଖିଥାନ୍ତି, ଯାହା ସହିତ ଜଣେ ପୂର୍ବରୁ ପରିଚିତ ଥାନ୍ତି। ଏମିତି କାହିଁକି ହୁଏ, ସ୍ୱପ୍ନ କିଭଳି ଓ କେମିତି ଆସେ, ସେକଥା ଅନେକ ଜାଣି ନାହାନ୍ତି। ସ୍ୱପ୍ନର ବାଖ୍ୟା ଏବଂ କାରଣକୁ ବୁଝାଇବା ପାଇଁ ମନୋବିଜ୍ଞାନ ଏବଂ ସ୍ନାୟୁ ବିଜ୍ଞାନ ପକ୍ଷରୁ ଅନେକ ଅଧ୍ୟୟନ କରାଯାଇଛି। ଏହି ଅଧ୍ୟୟନଗୁଡ଼ିକରେ ସ୍ୱପ୍ନର ଉତ୍ପତ୍ତି, ତାହାର ସ୍ୱରୂପ ଏବଂ ଏଥିରେ ଚିହ୍ନାପରିଚିତଙ୍କ ମୁହଁ କାହିଁକି ଦିଶେ, ଏ ସବୁକୁ ଗବେଷଣା ମାଧ୍ୟମରେ ବୁଝିବାକୁ ପ୍ରୟାସ କରାଯାଇଥିଲା। ତେବେ ଶୋଇବା ପରେ ହିଁ ଜଣେ ସ୍ୱପ୍ନ ଦେଖିଥାଏ। କାରଣ ଏହି ସମୟରେ ମସ୍ତିଷ୍କ ସବୁଠୁ ଅଧିକ ସକ୍ରିୟ ଥାଏ। ମଣିଷ ଯେତେବେଳେ ନିଦରେ ଥାଏ, ମସ୍ତିଷ୍କ ସେହି ବିଚାର, ଭାବନାକୁ ପୁନଃବ୍ୟବସ୍ଥିତ କରିଥାଏ, ଯାହାକୁ ଜଣେ ଉପଭୋଗ କରିସାରିଛି କିମ୍ବା ଯାହା ବାବଦରେ ଜଣେ ସଚେତନ ଅବସ୍ଥାରେ ଥିବାବେଳେ ଭାବିଥାଏ। ସରଳ ଭାଷାରେ କହିଲେ, ଏହି ପ୍ରକ୍ରିୟା ସମୟରେ ମସ୍ତିଷ୍କ ଦିନ ତମାମର କାର୍ଯ୍ୟକଳାପ ଏବଂ ଅଭିଜ୍ଞତାକୁ ଏକତ୍ର କରି ତାକୁ ବୁଝିବାକୁ ଚେଷ୍ଟା କରେ। ମନୋବିଜ୍ଞାନ ଅନୁସାରେ, ସ୍ୱପ୍ନ ଅବଚେତନ ମନର ବିଚାର, ଇଚ୍ଛା ଏବଂ ଚିନ୍ତାକୁ ଦର୍ଶାଏ। ସେହିପରି ସ୍ୱପ୍ନ ଅବ୍ୟକ୍ତ ଇଚ୍ଛା ଓ ଭାବନାର ପ୍ରତିବିମ୍ବ ହୋଇଥାଏ ବୋଲି ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ସିଗମଣ୍ଡ ଫ୍ରାୟଡ କହିଛନ୍ତି। ସେ ବିଶ୍ୱାସ କରୁଥିଲେ ଯେ, ସ୍ୱପ୍ନ ମାଧ୍ୟମରେ ଲୁକ୍କାୟିତ ଇଚ୍ଛାକୁ ଉପଭୋଗ କରି ହୁଏ। ଅନ୍ୟପକ୍ଷରେ ସ୍ୱପ୍ନରେ ଚିହ୍ନାପରିଚିତ ମୁହଁକୁ ଦେଖିବାର ବି ଠୋସ୍ କାରଣ ଅଛି। ମୁଖ୍ୟତଃ ଏହି ମୁହଁ ସହ ଲୋକଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭାବପ୍ରବଣତା ଯୋଡ଼ି ହୋଇ ରହିଛି। ଅର୍ଥାତ୍ ଯେତେବେଳେ କୌଣସି ବିଶେଷ ବ୍ୟକ୍ତିଙ୍କ ସହିତ ସମୟ ଅତିବାହିତ କରାଯାଏ, ତା' ଚେହେରା ମସ୍ତିଷ୍କ ଭିତରେ ଛାପି ହୋଇଯାଏ। ତେଣୁ ସ୍ୱପ୍ନରେ ସେହି ମୁହଁକୁ ଦେଖିବାର ଅର୍ଥ ହେଉଛି, ଜଣେ ତା'ର ଅବଚେତନ ମନରେ ବି ସେହି ଲୋକ କଥା ଭାବୁଛି। ଅବଶ୍ୟ ଏହି ସଂଯୋଗ ଯେକୌଣସି ପ୍ରକାରର ହୋଇପାରେ। ଏହାକୁ ନେଇ ପ୍ରେମ, ଭୟ, କ୍ରୋଧ, ଘୃଣା କିଛି ବି ସ୍ୱପ୍ନ ଜଣେ ଦେଖିପାରନ୍ତି। ତେବେ ଜଣେ ଜାଗ୍ରତ ଅବସ୍ଥାରେ ଅନ୍ୟ ଜଣକୁ ନେଇ କ'ଣ ସବୁ ଚିନ୍ତା କରିଥାଏ, ତାହା ଏହି କଥା ଉପରେ ନିର୍ଭର କରିଥାଏ।

# ଜାତୀୟ ବିଜ୍ଞାନ ଦିବସ



ଭାରତରେ ପ୍ରତିବର୍ଷ ଫେବୃୟାରୀ ୨୮ ତାରିଖକୁ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳନ କରାଯାଏ। ବୈଜ୍ଞାନିକମାନଙ୍କ ସମାଜ ପ୍ରତି ଅବଦାନକୁ ସ୍ୱୀକୃତି ଦେବା ସହିତ ବିଜ୍ଞାନ ଶିକ୍ଷାକୁ ଆଗକୁ ନେବା ଏହି ଦିବସର ଲକ୍ଷ୍ୟ। ମୁଖ୍ୟତଃ ରମଣ ଇଫେକ୍ଟ ବା ରମଣ ପ୍ରଭାବର ଆବିଷ୍କାରକୁ ମନେପକାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ଆମ ଦେଶର ମହାନ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣ ୧୯୨୮ ମସିହା ଫେବୃଆରୀ ୨୮ ତାରିଖ ଦିନ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଆବିଷ୍କାର କରିଥିଲେ। ଏହା ଆଲୋକ ବିଚ୍ଛୁରଣ ଉପରେ ପର୍ଯ୍ୟବସିତ ଥିଲା ଏବଂ ଏହି ଆବିଷ୍କାରକୁ ତାଙ୍କ ନାମାନୁସାରେ 'ରମଣ ପ୍ରଭାବ' କୁହାଯାଉଛି। ଏହି କୃତିତ୍ୱ ପାଇଁ ତାଙ୍କୁ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ନୋବେଲ ପାଇବାରେ ସେ ଥିଲେ ଏସିଆ ମହାଦେଶର ପ୍ରଥମ ବୈଜ୍ଞାନିକ। ଏଣୁ ତାଙ୍କ ସମ୍ମାନରେ ଫେବୃଆରୀ ୨୮ ତାରିଖକୁ ଆମ ଦେଶରେ 'ଜାତୀୟ ବିଜ୍ଞାନ ଦିବସ' ରୂପେ ପାଳନ କରାଯାଉଛି। ଆଜି ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଗମନାଗମନ, ସୂଚନା ପ୍ରଯୁକ୍ତି ପ୍ରତିଟି କ୍ଷେତ୍ରରେ ବିଜ୍ଞାନର ବ୍ୟବହାର ବଢ଼ି ଚାଲିଛି। ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱ ବିଷୟରେ ଜାଣିବାକୁ ଏବଂ ଜଣେଇବାକୁ ଏହି ଦିବସର ପରିକଳ୍ପନା। ଏହାବାଦ୍ ଭାରତୀୟ ବୈଜ୍ଞାନିକଙ୍କ ସଫଳତା ଓ ସମାଜକୁ ସେମାନଙ୍କ ଅବଦାନକୁ ସ୍ୱୀକୃତି ଲାଗି ବିଜ୍ଞାନ ଦିବସ ଏକ ବିଶେଷ ଅବସର। ଦେଶରେ ବିଜ୍ଞାନର ପ୍ରଚାର ଓ ପ୍ରସାର କରି ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ତଥା କୁସଂସ୍କାର ଦୂର କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପଢ଼ା ପ୍ରତି ଆକୃଷ୍ଟ କରିବା ହେଉଛି ଏହାର ଅନ୍ୟତମ ଲକ୍ଷ୍ୟ। ଏହିଦିନ ସ୍କୁଲ, କଲେଜ ଓ ବିଜ୍ଞାନ ଅନୁଷ୍ଠାନଗୁଡ଼ିକରେ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଆଲୋଚନା, କୁଇଜ୍ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ୧୯୮୭ ମସିହାରେ ପ୍ରଥମ ବିଜ୍ଞାନ ଦିବସ ପାଳିତ ହୋଇଥିଲା। ଯାହାର ମୂଳ ଲକ୍ଷ୍ୟ ହେଉଛି ବିଜ୍ଞାନର ପ୍ରଚାରପ୍ରସାର। ସି .ଭି.ରମଣ, ସତ୍ୟେନ୍ଦ୍ରନାଥ ବୋଷ, ଜଗଦୀଶ ଚନ୍ଦ୍ର ବୋଷ ଓ ମେଘନାଦ ଶାହା ଭାରତୀୟ ବିଜ୍ଞାନକୁ ମାର୍ଗ ଦେଖାଇଛନ୍ତି। ବିଶ୍ୱ ବିଜ୍ଞାନ ଦରବାରରେ ଭାରତକୁ ପ୍ରତିଷ୍ଠିତ କରିବାରେ ସେମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ମହାକାଶ ବିଜ୍ଞାନ ଦୌଡ଼ରେ ସୁପର୍‌ପାୱାରଙ୍କ ସମକକ୍ଷ ହେବା ଲାଗି ଏବେ ଭାରତ ଅଗ୍ରସର ହୋଇଛି। ବିଜ୍ଞାନର ବିକାଶ ଦେଶର ବିକାଶକୁ ତ୍ୱରାନ୍ୱିତ କରିଛି।

# 'ଲାଲ୍ ସିଂହ ଚଡ୍ଡା' ପରେ ଅବସାଦରେ ଥିଲେ ଅମିର୍



ବଲିଉଡ୍‌ର ମିଷ୍ଟର୍ ପରଫେକ୍ଟନିଷ୍ଟ ଅମିର୍ ଖାନ୍ ନିକଟରେ 'ଲାଲ୍ ସିଂହ ଚଡ୍ଡା' ଓ 'ଠଗସ୍ ଅଫ୍ ହିନ୍ଦୁସ୍ତାନ'ର ଅସଫଳତାକୁ ନେଇ ଆଲୋଚନା କରିଥିଲେ। ଏହି ଦୁଇଟି ଫିଲ୍ମ ଫ୍ଲପ୍ ହେବା ପରେ ସେ ଦୁଇ, ତିନି ସପ୍ତାହ ପର୍ଯ୍ୟନ୍ତ କାନ୍ଦିବା ସହ ଅବସାଦକୁ ଚାଲିଯାଇଥିଲେ ବୋଲି କହିଛନ୍ତି। ଅମିର୍ କହିଛନ୍ତି ଯେ, 'ଠଗସ୍ ଅଫ୍ ହିନ୍ଦୁସ୍ତାନ'ର କାହାଣୀ ଏତେ ଦୁର୍ବଳ ନ ଥିଲା। କିନ୍ତୁ ଆମେ ପରଦା ଉପରେ ଯାହା ଦେଖାଇବାକୁ ଚାହୁଁଥିଲୁ ତାହା କରିପାରି ନ ଥିଲୁ। ଫିଲ୍ମ ନିର୍ମାଣ ଏକ କଷ୍ଟକର କାମ। ବେଳେବେଳେ ଆମେ ଯାହା କରିବାକୁ ଚାହୁଁ, ତାହା କରିପାରି ନ ଥାଉ। ଏହାର ଅର୍ଥ ନୁହେଁ ଆମେ କାମ ଜାଣିନାହୁଁ, ଆମକୁ ଆମ ଭୁଲ୍‌ରୁ ଶିଖିବା ଉଚିତ। ଏହା ଫ୍ଲପ୍ ହେବା ପରେ ମୁଁ ବହୁତ ଦୁଃଖୀ ହୋଇ ଯାଇଥିଲି।' ସେହିପରି 'ଲାଲ୍ ସିଂହ ଚଡ୍ଡା'କୁ ନେଇ ଅମିର୍ କହିଛନ୍ତି, 'ଏହି ଫିଲ୍ମଟି ପୂରାପୂରି ମୁଖ୍ୟ ଅଭିନେତାଙ୍କ ଉପରେ ନିର୍ଭର କରୁଥିଲା। ଟମ୍ ହ୍ୟାଙ୍କସ୍ ଯେପରି କରିଥିଲେ, ହୁଏତ ମୁଁ ସେମିତି କରିପାରିଲି ନାହିଁ। ମୋ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ ନ କଲେ ମୁଁ ଅବସାଦ ଦେଇ ଗତି କରେ। ୨-୩ ସପ୍ତାହ ଯାଏଁ କାନ୍ଦୁଥାଏ, ଠିକ୍‌ରେ କାମ କରିପାରେ ନାହିଁ। ଏହାପରେ ମୁଁ ପୁଣି ଭଲ ଲାଗିଲେ ପୂରା ଟିମ୍‌କୁ ଡାକି ଫିଲ୍ମ ଫ୍ଲପ୍ ହେବାର କାରଣଗୁଡ଼ିକ ସମ୍ପର୍କରେ ଆଲୋଚନା କରେ। ବୁଝିବାକୁ ଚେଷ୍ଟା କରେ କୋଉଠି ଭୁଲ୍ ରହିଲା'। 'ଲାଲ୍ ସିଂହ ଚଡ୍ଡା' ପରେ ଅମିର୍ ପରଦାରୁ ଗାଏବ ଅଛନ୍ତି। ତେବେ 'ସିତାରେ ଜମିନ୍ ପର' ଫିଲ୍ମରୁ ପୁଣି ଥରେ ସେ ପରଦାକୁ ଫେରିବେ ବୋଲି ଚର୍ଚ୍ଚା ହେଉଛି।




## ସକାଳର ସ୍ୱାସ୍ଥ୍ୟ

# କରୋନାର ନୂଆ ପ୍ରଜାତି
# ଏଚ୍‌କେୟୁ୫-ସିଓଭି-୨



ଚୀନ୍ ବୈଜ୍ଞାନିକମାନେ ଏବେ ମହାମାରୀ କରୋନା ଭୂତାଣୁର ଏକ ନୂତନ ପ୍ରଜାତିକୁ ଚିହ୍ନଟ କରିଛନ୍ତି। ଏହି ଭୂତାଣୁ ବାଦୁଡ଼ିଠାରୁ ମଣିଷଙ୍କ ଶରୀରରେ ବ୍ୟାପିପାରେ। ଏହି ନୂତନ ଭୂତାଣୁର ନାଁ ହେଉଛି ଏଚ୍‌କେୟୁ୫-ସିଓଭି-୨। ଏହି ଭୂତାଣୁର ସଂକ୍ରମଣ କରୋନା ଭୂତାଣୁ ସହିତ ସମାନ ହୋଇଥିବାରୁ ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଚିନ୍ତିତ ରହିଛନ୍ତି।

ଚୀନ୍‌ର 'ବ୍ୟାଟ୍ ଓମ୍ୟାନ୍' ଭାବେ ଜଣାଶୁଣା ଭାଇରୋଲୋଜିଷ୍ଟ ସି ଝେଙ୍ଗ୍‌ଲି ବାଦୁଡ଼ି ଶରୀରରେ ଏହି ଭୂତାଣୁକୁ ଚିହ୍ନଟ କରିଛନ୍ତି। ଏହି ଏଚ୍‌କେୟୁ୫-ସିଓଭି-୨ ମର୍ସ ଭୂତାଣୁ ପ୍ରଜାତି ସହିତ ଜଡ଼ିତ। ଭୂତାଣୁଟି ଏସିଇ୨ ରିସେପ୍ଟର ଜରିଆରେ ମନୁଷ୍ୟ କୋଷରେ ପ୍ରବେଶ କରି ସଂକ୍ରମିତ କରିପାରେ। ଏଚ୍‌କେୟୁ-୫-ସିଓଭି-୨ ଏବଂ ସାରସ-କୋଭ୍-୨ ଉଭୟ ବିଟା-କରୋନା ଭୂତାଣୁ (ବିଟା-କୋଭ) ଗୋଟିଏ ପ୍ରଜାତିର। ତେବେ ଆଶ୍ୱାସନାର ବିଷୟ, ଏଚ୍‌କେୟୁ-୫ କୋଭିଡ୍-୧୯ ପରି ଏହା ଏତେ ବିପଜ୍ଜନକ ନୁହେଁ। ଏହାର ସଂକ୍ରମଣର ତୀବ୍ରତା କୋଭିଡ୍-୨ ଭଳି ମାରାତ୍ମକ ନୁହେଁ।

**ଲକ୍ଷଣ:** ଏହି ଭୂତାଣୁ ସଂକ୍ରମଣର ଲକ୍ଷଣ ସାଧାରଣତଃ ଥଣ୍ଡା ଏବଂ କୋଭିଡ୍-୧୯ ସହିତ ସମାନ। ଯାହାକି ଜ୍ୱର ସହ ନିଃଶ୍ୱାସ ନେବାରେ କଠିନତା, ଦେହ ଥରିବା, ଭୋକ ନ ଲାଗିବା, ତରଳଝାଡ଼ା, ବାନ୍ତି, ଛିଙ୍କ, କାଶ, ଥକ୍କାପଣ,ଦେହ ଦରଜ ଆଦି ଲକ୍ଷଣ ଦେଖାଯାଇପାରେ।

**କିପରି ବ୍ୟାପେ:** ଯଦି ଜଣେ ବ୍ୟକ୍ତି ସିଧାସଳଖ ବାଦୁଡ଼ି କିମ୍ବା ସେମାନଙ୍କ ଶରୀରର ତରଳ ପଦାର୍ଥ ଯଥା- ମଳ, ମୂତ୍ର କିମ୍ବା ଲାଳ ସଂସ୍ପର୍ଶରେ ଆସନ୍ତି, ଏହି ରୋଗରେ ସଂକ୍ରମିତ ହେବାର ଆଶଙ୍କା ଥାଏ। ଦ୍ୱିତୀୟତଃ ଏହି ଭୂତାଣୁ ମନୁଷ୍ୟଙ୍କଠାରେ ବ୍ୟାପିବା ପୂର୍ବରୁ କୌଣସି ସ୍ତନ୍ୟପାୟୀ ପ୍ରାଣୀଙ୍କଠାରୁ ମନୁଷ୍ୟଙ୍କୁ ସଂକ୍ରମିତ କରିପାରେ।

**ସତର୍କତା ହିଁ ମୂଳମନ୍ତ୍ର:** ବାଦୁଡ଼ି ତଥା ବନ୍ୟଜୀବଙ୍କ ସଂସ୍ପର୍ଶରେ ସିଧାସଳଖ ନ ଆସିବା ଭଲ। ଜନଗହଳିସ୍ଥାନରେ ମାସ୍କ ପିନ୍ଧନ୍ତୁ, ସାବୁନରେ ହାତକୁ ସଫା ଓ ସ୍ୱଚ୍ଛ ରଖନ୍ତୁ। ଅନ୍ୟମାନଙ୍କଠାରୁ ଯଥେଷ୍ଟ ଦୂରତା ବଜାୟ ରଖିବା ନିହାତି ଆବଶ୍ୟକ। ଦୁଗ୍ଧଜାତୀୟ ଖାଦ୍ୟକୁ ଭଲ ଭାବେ ଫୁଟାଇ ଖାଇପାରିବେ। ଯେହେତୁ ଏହି ଭୂତାଣୁ ଏବେ ସମ୍ପୂର୍ଣ୍ଣ ରୂପେ ନୂଆ, ତେଣୁ ଏହା ପାଇଁ ଟିକା ବିଷୟରେ କିଛି ଜଣାପଡ଼ିନାହିଁ। ତେ ସଦ୍ୟ ଗବେଷଣା ଅନୁଯାୟୀ ମୋନୋକ୍ଲୋନାଲ୍ ଆଣ୍ଟିବଡି ଏବଂ ଆଣ୍ଟିଭାଇରାଲ ଔଷଧ ଏହି ଭୂତାଣୁକୁ ନିପାତ କରିବାରେ ସାହାଯ୍ୟ କରିବ।

# ନବଜାତଙ୍କ ଜଣ୍ଡିସ୍



**ସଦ୍ୟଜାତ ଶିଶୁଙ୍କୁ ଜଣ୍ଡିସ ହେବା ସାଧାରଣ କଥା। ଜନ୍ମପରେ ମା'ଠାରୁ ଯେଉଁ ରକ୍ତ ଆସିଥାଏ ତାହା ଧୀରେ ଧୀରେ ନବଜାତ ଶିଶୁଙ୍କ ଶରୀରରେ ନଷ୍ଟ ହୋଇଯାଏ ଏବଂ ସେମାନଙ୍କ ଶରୀରରେ ନୂଆ ରକ୍ତ ସୃଷ୍ଟି ହୁଏ। ସେଥିପାଇଁ ଏହି ସମୟରେ ନବଜାତ ଶିଶୁଙ୍କଠାରେ ଜଣ୍ଡିସ୍ ଦେଖାଯାଏ। ଜନ୍ମର ତିନିଦିନରୁ ଆରମ୍ଭ ହୋଇ ଏହା ୧୫ ଦିନରେ ଶେଷ ହୋଇଯାଏ। ଜଣ୍ଡିସ୍ ଆକ୍ରାନ୍ତ ନବଜାତଙ୍କ ଆଖି ତୃତୀୟ ଦିନରୁ ହଳଦିଆ ଦେଖାଯିବା ଆରମ୍ଭ କରେ। କିନ୍ତୁ ବେଳେ ବେଳେ ଯେଉଁ ନବଜାତ ଶିଶୁଙ୍କୁ ଜଣ୍ଡିସ ଅଧିକ ହୋଇଯାଏ, ତାହା ମସ୍ତିଷ୍କକୁ ପ୍ରଭାବିତ କରେ। ତେଣୁ ଧ୍ୟାନ ଦେବା ଉଚିତ, ନବଜାତ ଶିଶୁଙ୍କ ବିଲିରୁବିନି ସର୍ବଦା ୧୮ ତଳକୁ ରହିବା ଦରକାର।**

ନବଜାତ ଶିଶୁଙ୍କୁ ବିଭିନ୍ନ କାରଣରୁ ଜଣ୍ଡିସ୍ ହୋଇଥାଏ। ଯେଉଁ ମହିଳାମାନଙ୍କ ଆର୍‌ଏଚ୍ ନେଗେଟିଭ କିନ୍ତୁ ନବଜାତଶିଶୁଟିର ଆରଏଚ୍ ପଜିଟିଭ ଥାଏ ଏହାକୁ ଆରଏଚ୍ ଇନ୍‌କମ୍ପାଟିବିଲିଟି କୁହାଯାଏ। ସେମାନଙ୍କ ପ୍ରଥମ ପିଲାଙ୍କୁ ଜଣ୍ଡିସ୍ ହୁଏନାହିଁ। କିନ୍ତୁ ପରବର୍ତ୍ତୀ ସନ୍ତାନମାନଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରେ। ତେଣୁ ମହିଳାମାନେ ବିବାହ ପୂର୍ବରୁ ଆର୍‌ଏଚ୍ ପରୀକ୍ଷା କରାଇନେବା ନିହାତି ଆବଶ୍ୟକ। ଯଦି ଆରଏଚ୍ ନେଗେଟିଭ୍ ଥାଏ, ଆଣ୍ଟି ଡି ଇଞ୍ଜେକସନ୍ ଦିଆଯିବା ଜରୁରି ବୋଲି ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ନୀଳମାଧବ ଜେନା କୁହନ୍ତି। ତାଙ୍କ ମତରେ ପ୍ରଥମ ଗର୍ଭ ସମୟରେ ମହିଳାଙ୍କୁ ଏହି ଇଞ୍ଜେକସନ ଦେବା ଦ୍ୱାରା ଏହା ପରବର୍ତ୍ତୀ ନବଜାତ ଶିଶୁଙ୍କ ପାଇଁ ସମସ୍ୟା ହୁଏନି। ତେବେ ଜଣ୍ଡିସ୍ ବିପଜ୍ଜନକ ହୋଇଥିଲେ ମଧ୍ୟ, ଏହା ୧-୨ ସପ୍ତାହ ମଧ୍ୟରେ ଆପେ ଆପେ ଭଲ ହୋଇଯାଏ। ଶରୀରରେ ବିଲିରୁବିନ ସ୍ତର ଅତ୍ୟଧିକ ବୃଦ୍ଧି ପାଇଲେ, ଏହା ନବଜାତ ଶିଶୁର ମସ୍ତିଷ୍କକୁ କ୍ଷତି ପହଞ୍ଚାଇପାରେ। ମାନସିକ ବିକାଶରେ ବାଧା ସୃଷ୍ଟି କରିପାରେ। ଦୀର୍ଘ ସମୟ ଧରି ଜଣ୍ଡିସ ରହିଲେ, ଏହା ଯକୃତ୍‌କୁ ମଧ୍ୟ ପ୍ରଭାବିତ କରିପାରେ। ତେଣୁ ନବଜାତ ଶିଶୁର ଜଣ୍ଡିସ୍ (ଚର୍ମ କିମ୍ବା ଆଖି ହଳଦିଆ ପଡ଼ିବା) ର ଲକ୍ଷଣ ଦେଖାଗଲେ, ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

# ମେନ୍‌ଷ୍ଟ୍ରୁଆଲ୍ କପ୍ ବ୍ୟବହାର କରୁଥିଲେ...

**ମାସିକ ଧର୍ମ ମହିଳାମାନଙ୍କର ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା। ଏହି ସମୟରେ ମହିଳାଙ୍କୁ ଅଧିକ ସ୍ୱଚ୍ଛତା ଓ ପରିଷ୍କାର ରହିବାକୁ ହୁଏ। ସାଧାରଣତଃ ମହିଳାମାନେ ଋତୁସ୍ରାବ ସମୟରେ ପ୍ୟାଡ୍ ବ୍ୟବହାର କରିଥାନ୍ତି, ହେଲେ ଆଜିକାଲି କିଛିଜଣ ମେନ୍‌ଷ୍ଟ୍ରୁଆଲ କପ୍ ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହି କପ୍ ବ୍ୟବହାର ସମୟରେ ବିଶେଷ ଦିଗ ପ୍ରତି ସଚେତନ ନ ରହିଲେ, ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ଆକ୍ରାନ୍ତ ହୋଇପାରନ୍ତି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।**



ସିଲିକନ୍ ଓ ରବରରୁ ନିର୍ମିତ ମେନ୍‌ଷ୍ଟ୍ରୁଆଲ କପ୍ ଛୋଟ ଏବଂ ସମ୍ପ୍ରସାରିତ ଥାଏ। ମହିଳାମାନେ ଋତୁସ୍ରାବ ସମୟରେ ଏହାକୁ ଯୌନାଙ୍ଗରେ ଲଗାଇଥାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କପ୍ କିଣିବା ପୂର୍ବରୁ କେଉଁ ଆକାରର କପ୍ ଆପଣଙ୍କ ପାଇଁ ଉପଯୁକ୍ତ, ତାହା ଜାଣିବା ଆବଶ୍ୟକ। କାରଣ ଏହାର ବ୍ୟବହାରରେ ତ୍ରୁଟି ହେଲେ, ଏହା ଗର୍ଭାଶୟକୁ ସଂକ୍ରମିତ କରିପାରେ। ଏହି କପ୍‌କୁ ୮ରୁ ୧୦ ଘଣ୍ଟା ବ୍ୟବହାର କରାଯାଇପାରେ। ତେବେ ସଂକ୍ରମଣ ରୋକିବାକୁ କପ୍ ଏବଂ ଏହାର ରିମ୍‌କୁ ପ୍ରତି ଛଅ ଘଣ୍ଟାରେ ଥରେ ନଖଉଷୁମ ପାଣିରେ ସଫା କରନ୍ତୁ। ସେହିପରି କପ୍ ବ୍ୟବହାର ପୂର୍ବରୁ ହାତକୁ ହ୍ୟାଣ୍ଡୱାଶ୍‌ରେ ସଫା ରଖିବା ଆବଶ୍ୟକ। ବିଶେଷ କଥା ହେଉଛି, ମେନ୍‌ଷ୍ଟ୍ରୁଆଲ କପ୍ ମହିଳାଙ୍କ ଯୌନାଙ୍ଗ ଅନୁସାରେ ଡିଜାଇନ୍ କରାଯାଇଥାଏ, ତେଣୁ ବ୍ୟବହାର ସମୟରେ ଏହାକୁ ଅଧିକ ଚାପିବା ଦେବା ଦ୍ୱାରା ଏହା ପରିସ୍ରା ନଳୀକୁ ମଧ୍ୟ ପ୍ରଭାବିତ କରିପାରେ। ତେଣୁ କପ୍‌କୁ ଲଗାଇବା ଏବଂ କାଢ଼ିବା ସମୟରେ ସତର୍କ ରହିବା ଜରୁରି। କପ୍ ଲଗାଇବା ପରେ ଯଦି ପରିସ୍ରାଘର ଜଳାପୋଡ଼ା, କୁଣ୍ଡାଇ କିମ୍ବା ଅନ୍ୟ ପ୍ରକାର ସମସ୍ୟା ସୃଷ୍ଟି ହେଉଛି, ତେବେ ଏହା ବ୍ୟବହାର ନ କରିବା ଭଲ। ଅନ୍ୟପକ୍ଷରେ ରବର କିମ୍ବା ସିଲିକନ୍‌ରେ ପ୍ରାୟତଃ ଲୋକଙ୍କୁ ଏଲାର୍ଜିର ଆଶଙ୍କା ଥାଏ। ତେଣୁ ଏହି କପ୍ ବ୍ୟବହାର ପୂର୍ବରୁ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।